بِسْمِ اللّٰهِ الرَّحْمٰنِ الرَّحِيْمِ    نَحْمَدُهٗ وَنُصَلِّيْ عَلٰى رَسُوْلِهِ الْكَرِيْمِ    وَعَلٰى عَبْدِهِ الْمَسِيْحِ الْمَوْعُوْدِ

وَلَقَدْ نَصَرَكُمُ اللّٰهُ بِبَدْرٍ وَّاَنْتُمْ اَذِلَّةٌ

ସୀରତୁନ ନବୀ[ସଅ] ସଂଖ୍ୟା


ବର୍ଷ 6

ବାର୍ଷିକ ଦେୟ 575 ଟଙ୍କା


ସାପ୍ତାହିକ    କାଦିୟାନ

# ବଦର

The Weekly

**BADAR** Qadian

**ODIA**


ସଂଖ୍ୟା 39 - 40

ସମ୍ପାଦକ
**କମରୁଲ ହକ୍ ଖାନ**

ସହ ସମ୍ପାଦକ
**ମକସୁଦ ଅଲି ଖାନ**
(ଏଚ୍. ଏ., ଏମ୍. ଏ)


Postal Reg. No. GDP/40/2020-22 •30 ସେପ୍ଟେମ୍ବର - 7 ଅକ୍ଟୋବର 2021 •30 ତବୁକ - 7 ଇଖା 1400 ହିଜ୍ରି ଶମସୀ •22 - 29 ସଫର 1443 ହିଜ୍ରି କମରୀ


مُحَمَّد ﷺ

**ମସଜିଦ ନବୱିର ଏକ ମନୋରମ ଦୃଶ୍ୟ**



## ସମସ୍ତ ଅବତାରବାଦର ପ୍ରଚଳିତ ବ୍ୟବସ୍ଥା ମଧ୍ୟରେ ସର୍ବୋଚ୍ଚ ସ୍ତରର ଅବତାର




ଯୁଗାବତାର ପୁଣ୍ୟଶ୍ଳୋକ ହଜରତ ମସିହ ମଉଦ[ଅସ] କହିଛନ୍ତି :

"ଆମେମାନେ ଯେତେବେଳେ ନ୍ୟାୟପୂର୍ଣ୍ଣ ଦୃଷ୍ଟିରେ ଦେଖିଥାଉଁ,ସେତେବେଳେ ସକଳ ଅବତାରବାଦର ବ୍ୟବସ୍ଥା ମଧ୍ଯରେ ସର୍ବୋଚ୍ଚ ମାନ୍ୟତାସମ୍ପନ୍ନ ଉଦାରଚେତା, ନିର୍ଭୀକ ଓ ଜୀବିତ ନବୀ ତଥା ଈଶ୍ୱରଙ୍କ ସର୍ବୋତ୍କୃଷ୍ଟ ପ୍ରିୟତମ ଅବତାର କେବଳ ଜଣେ ପୁରୁଷଙ୍କୁ ହିଁ ଆମେ ଜାଣିଥାଉଁ । ଅର୍ଥାତ ସେହି ନବୀ ଶିରୋମଣି, ବାର୍ତ୍ତାବହମାନଙ୍କ ଗୌରବ, ସମସ୍ତ ଐଶି ପ୍ରେରିତ ଦୂତମାନଙ୍କ ମସ୍ତକର ମୁକୁଟ, ଯାହାଙ୍କ ନାମ ମୁହମ୍ମଦ ମୁସ୍ତଫା ଓ ଅହମଦ ମୁଜତବା[ସଅ] । ଯାହାଙ୍କ ଛତ୍ରଛାୟା ତଳେ ଦଶ ଦିନ ଚାଲିଲେ ସେହି ଆଲୋକ ମିଳେ, ଯାହା ଏଥି ପୂର୍ବରୁ ହଜାର ହଜାର ବର୍ଷ ପର୍ଯ୍ୟନ୍ତ ମିଳିପାରି ନଥିଲା ।"

(ସିରାଜେ ମୁନୀର, ରୁହାନି ଖଜାୟିନ, ଗ୍ରନ୍ଥ ଖଣ୍ଡ 12, ପୃଷ୍ଠା 82)

## ଯାହାଙ୍କୁ ପରମେଶ୍ୱର ମହୀୟାନ ବୋଲି କହିଛନ୍ତି, ସେ କେଉଁ ଧରଣର ଉତ୍କୃଷ୍ଟ ମହିମାର ଅଧିକାରୀ ହୋଇଥିବେ !



ହଜରତ ଖଲିଫତୁଲ ମସିହ ପ୍ରଥମ[ରଅ] କହିଛନ୍ତି :

"ରସୁଲୁଲ୍ଲାହ[ସଅ] କେଉଁ ସ୍ତରର ମାନବ ଥିଲେ ? ରସୁଲୁଲ୍ଲାହ[ସଅ]ଙ୍କ ପଦମର୍ଯ୍ୟାଦାର ଆକଳନ କରିବାକୁ ହେଲେ ଏହି ଆୟତମାନକୁ ଦୃଷ୍ଟି ସମ୍ମୁଖରେ ରଖିବା ଉଚିତ । (1) **ଇନ୍ନକା ଲଅଲା ଖୁଲୁକିନ ଅଜିମ** (ଅଲ କଲମ :5) ଏବଂ ଦ୍ୱିତୀୟରେ କହୁଛନ୍ତି, (2) **ୱକାନା ଫଜଲୁଲ୍ଲାହି ଆଲୈକା ଅଜିମା** (ଅନ ନିସା :114) ଅଲ୍ଲାହତାଲା ହଜରତ ମୁହମ୍ମଦ ରସୁଲୁଲ୍ଲାହ[ସଅ]ଙ୍କର ଜୀବନ ଚରିତକୁ ମହୀୟାନ କହିଛନ୍ତି ଏବଂ ତାହାଙ୍କ ଉପରେ ଯେଉଁ କରୁଣା ହୋଇଛି, ତାହାକୁ ମଧ ମହାନ ବୋଲି କହିଛନ୍ତି । ଏବେ ଚିନ୍ତା କର ଯେ ଯାହାଙ୍କୁ ପରମେଶ୍ୱର ମହୀୟାନ ବୋଲି କହିଛନ୍ତି, ସେ କେଉଁ ଧରଣର ଉତ୍କୃଷ୍ଟ ମହିମାର ଅଧିକାରୀ ହୋଇଥିବେ ! ସୁତରାଂ ଯେଉଁ ରସୁଲ ସେପରି ଶ୍ରେଷ୍ଠତ୍ୱ ଅର୍ଜନ କରିଛନ୍ତି, ତାହାଙ୍କ ବ୍ୟତୀତ ଆମର ଆଉ କାହାକୁ ପଥ ପ୍ରଦର୍ଶକ କରିବାରେ ମାନସିକତା କାହିଁକି ରଖିବା !"

(ଖୁତବାତେ ନୁର, ପୃଷ୍ଠା 464, ଖୁତବା ଜୁମା 25 ମାର୍ଚ୍ଚ 1910)

## ସେ ମୋର ଜୀବନ, ମୋର ହୃଦୟର ସ୍ପନ୍ଦନ, ମୋର ଚିର ଇପସିତ



ହଜରତ ଖଲିଫତୁଲ ମସିହ ଦ୍ୱିତୀୟ[ରଅ] କହିଛନ୍ତି :

"ସେ କାହୁଁ ଜାଣିବ ଯେ ମୁହମ୍ମଦ[ସଅ]ଙ୍କର ପ୍ରେମ ମୋ ଅନ୍ତର ଭିତରେ କିପରି ଭେଦ କରିଯାଇଛି । ସେ ମୋର ଜୀବନ, ମୋର ହୃଦୟର ସ୍ପନ୍ଦନ, ମୋର ଚିର ଇପସିତ, ମୋର ପ୍ରିୟତମ, ତାଙ୍କରି ଦାସତ୍ୱ ମୋ ପାଇଁ ସମ୍ମାନର ବିଷୟ ଏବଂ ତାଙ୍କର ତୋଷାମଦ କରିବାକୁ ମୁଁ ରାଜ ସିଂହାସନ ଠାରୁ ଅଧିକ ଭବ୍ୟ ମନେ କରେ । ତାଙ୍କ ଗୃହ ଅଗଣାରେ ଝାଡୁ ଲଗାଇବା ତୁଳନାରେ ସପ୍ତ ଭୂଖଣ୍ଡର ସାମ୍ରାଜ୍ୟ ଅତି ତୁଚ୍ଛ ହୋଇଯାଏ । ସେ ଈଶ୍ୱରଙ୍କର ଯେବେ ଏତେ ବେଶୀ ପ୍ରିୟ ଭାଜନ, ତେଣୁ ମୁଁ କାହିଁକ ତାଙ୍କୁ ଭଲ ପାଇବି ନାହିଁ? ସେ ପରମେଶ୍ୱରଙ୍କର ଯେ ଏତେ ନିକଟତର, ତା'ହେଲେ ମୁଁ କାହିଁକି ତାହାଙ୍କ ସାମିପ୍ୟର ସନ୍ଧାନ କରିବି ନାହିଁ ? "

(ଅନୱାରୁଲ ଉଲୁମ, ଗ୍ରନ୍ଥଖଣ୍ଡ 2, ପୃଷ୍ଠା 503)

## ସୂଚୀପତ୍ର


| କ୍ର | ସୂଚୀପତ୍ର | ପୃ |
|---|---|---|
| ୧ | ସମ୍ପାଦକୀୟ | ୧ |
| ୨ | ପବିତ୍ର କୁର୍‌ଆନ୍‌ରେ ବର୍ଣ୍ଣିତ ମୁହମ୍ମଦ ସ:ଆ:ସଙ୍କ ପଦମର୍ଯ୍ୟାଦା | ୨ |
| ୩ | ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କର ମୂଲ୍ୟବାନ ଉପଦେଶ | ୩ |
| ୪ | ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ପବିତ୍ର ବାଣୀ | ୪ |
| ୫ | ସିରତୁନ୍ ନବୀ ଉପଲକ୍ଷେ ହଜୁର ଅନଓ୍ୱର ଅ:ବ:ଅଙ୍କ ଖୁତ୍‌ବା ଜୁମା ପ୍ରଦତ ୨୦ ଅକ୍ଟୋବର ୨୦୧୭ | ୫ |
| ୬ | ହଜ୍‌ରତ୍ ମୁହମ୍ମଦ ସ:ଆ:ସ ଜଣେ ମନୋବିଜ୍ଞାନୀ ଭାବରେ | ୧୦ |
| ୭ | ଏକଶ୍ୱରବାଦ ସମ୍ବନ୍ଧରେ ମୁହମ୍ମଦ ସ:ଆ:ସଙ୍କ ଶିକ୍ଷା | ୧୩ |
| ୮ | ହଜ୍‌ରତ୍ ମୁହମ୍ମଦ ସ୍ୱଲଲ୍ଲାହୁ ଆଲୈହେ ଓ୍ୱ ସଲ୍ଲମ୍‌ଙ୍କ ଦୟା ଓ କ୍ଷମାର ମହାନ ଆଦର୍ଶ | ୧୫ |


ସମ୍ପାଦକୀୟ



لا إله إلا الله محمد رسول الله

# ହଜରତ ମସିହ ମଉଦ[ଅସ]ଙ୍କର ଅର୍ଥ ପୁରସ୍କାର ଭିର୍ତିକ ଆହ୍ୱାନ

**‘ହର୍ ମୁଖାଲିଫ୍ କୋ ମୁକାବିଲ୍ ପେ ବୁଲାୟା ହମ୍‌ନେ’**
**‘ବିରୋଧି ମୋହର ନ ଆସନ୍ତି କେହି**
**ମୁକାବିଲା ପାଇଁ ଡାକୁଅଛୁ ଭାଇ’**

إنّ السّموم لشرّ ما في العالم ◆ شرّ السّموم عداوة الصّلحاء

**ରୋମ ସମ୍ରାଟ କହିଥିଲେ ଯେ ଯଦି ମୋତେ ସୁଯୋଗ ମିଳନ୍ତା ତା’ହେଲେ ମୁଁ ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କ ପାଦ ଧୁଅନ୍ତି, ଯଦି କେହି ଏହା ପ୍ରମାଣିତ କରିଦେବେ ଯେ ଯୀଶୁ ମସିହଙ୍କ ପାଇଁ କୌଣସି ସାମାନ୍ୟ ଜାଗିରଦାର ମଧ୍ୟ ଏପରି କହିଥାଏ, ତେବେ ସେହି ବ୍ୟକ୍ତି ପାଇଁ ଏକ ହଜାର ଟଙ୍କାର ନଗଦ ପୁରସ୍କାର ଘୋଷଣା**

ହଜ୍‌ରତ୍ ମସିହ ମଉଦ ଆ:ସଙ୍କର ଏହି ବୈପ୍ଳବିକ ଆହ୍ୱାନ ଆମେ ତାଙ୍କ ପୁସ୍ତକ ‘ନୂର ଉଲ୍ କୁର୍‌ଆନ୍ ନଂ ୨, ରୁହାନୀ ଖଜାୟୀନ୍ ଗ୍ରନ୍ଥ ୯ ରୁ ଉପସ୍ଥାପନ କରୁଛୁ ହଜ୍‌ରତ୍ ମସିହ୍ ମଉଦ ଆ:ସ ପବିତ୍ର କୁର୍‌ଆନ୍‌ର ଉତ୍କର୍ଷତାକୁ ପ୍ରକାଶ କରିବା ଉଦ୍ଦେଶ୍ୟରେ “ନୂର ଉଲ୍ କୁର୍‌ଆନ୍ ନାମକ ଏକ ପତ୍ରିକା ଜାରି କରିଥିଲେ କିନ୍ତୁ ଅତ୍ୟଧିକ କାର୍ଯ୍ୟ ବ୍ୟସ୍ତତା ଯୋଗୁଁ ଏହାର କେବଳ ଦୁଇଟ ସଂଖ୍ୟା ହିଁ ବାହାରି ପରିଥିଲା । ସେହି ଦ୍ୱିତୀୟ ସଂଖ୍ୟାରେ ଫତେଗଡ଼ ଜିଲ୍ଲା ଗୁରଦାସପୁର ନିବାସୀ ପାଦ୍ରୀ ଫତାଃ ମସିହଙ୍କ ଦ୍ୱାରା ସେ ସମସ୍ତ ଅଭିଯୋଗର ଉତର ଦେଇଥିଲେ, ଯାହାକୁ ସେ ଦୁଇ ଭୁବନର ମଉଡ଼ମଣୀ ନବୀ ଶ୍ରେଷ୍ଠ ହଜ୍‌ରତ୍ ମୁହମ୍ମଦ ସ:ଆ:ସ ତଥା ତାଙ୍କ ପବିତ୍ର ଧର୍ମପତ୍ନୀମାନଙ୍କ ଉପରେ ଲଗାଇଥିଲେ ।

ତେବେ ଏଠାରେ ଆମେ ପାଦ୍ରୀ ଫତାଃ ମସହିର ସେହି ଅଭିଯୋଗ ଓ ତାହାର ଉତର ଉଲ୍ଲେଖ କରୁଛୁ, ଯାହା ଉପରେ ହଜ୍‌ରତ୍ ମସିହ୍ ମଉଦ ଆ:ସ ଫତା ମସିହକୁ ଏକ ହଜାର ଟଙ୍କାର ଅର୍ଥରାଶି ପୁରସ୍କାର ମୂଳକ ଅତ୍ୟନ୍ତ ବୈପ୍ଳବିକ ଘୋଷଣା କରିଥିଲେ । ପାଦ୍ରୀ ଫତା ମସିହ ବିଶ୍ୱାସକାରୀମାନଙ୍କ ଜନନୀ ହଜ୍‌ରତ୍ ଆଇଶା ର:ଅଙ୍କ ସହିତ ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କ ବିବାହ ଉପରେ ଏକ ଗୁରୁତର ଅଭିଯୋଗ ଆଣି କହିଥିଲା ଯେ ମହାଭାଗ ୯ ବର୍ଷର ଅଳ୍ପ ବୟସ୍କା ତରୁଣୀକୁ ବିବାହ କଲେ ଯାହାକି ଶାସ୍ତ୍ରୀୟ ନିୟମ ବିରୋଧି । ଏହି କାର୍ଯ୍ୟ ବିବାହ ନୁହେଁ ବରଂ ଏହା ଏକ ବ୍ୟଭିଚାର । ଯଦି ଏହି କର୍ମ ଶାସ୍ତ୍ରୀୟ ନୀତି ବିରୁଦ୍ଧ ତେବେ ପାଦ୍ରୀ ଫତେ ମସିହ କୁର୍‌ଆନ୍ ନହେଲେ ମଧ୍ୟ ଅନ୍ତତଃ ପକ୍ଷେ ତୌରାତ୍ କିମ୍ବା ଇଂଜିଲ୍‌ରୁ କୌଣସି ଦୃଷ୍ଟାନ୍ତ ଦେବା ଉଚିତ ଥିଲା, ଯଦ୍ୱାରା ଜଣାପଡ଼ି ଯାଇଥା’ନ୍ତା ଯେ ନଅ ବର୍ଷର ଝିଅକୁ ବିବାହ କରିବା ପ୍ରକୃତରେ ଶାସ୍ତ୍ରୀୟ ବିଧାନ ଅନୁସାରେ ବେଆଇନ୍ । କିନ୍ତୁ ଏହି ଦୃଷ୍ଟାନ୍ତ କୌଣସି ଐଶିପୁସ୍ତକରୁ ଦେଲେ ନାହିଁ, ବରଂ ଅଂଗ୍ରେଜି ସରକାରଙ୍କର ଦେଲେ । ଯେଉଁଥିରେ ସରକାରଙ୍କର ନିୟମ ଅଛି ଯେ ବିବାହ ବୟସ ୧୮ ବର୍ଷ । ଏହିପରି ଉଦାହରଣ ଦେଇ ପାଦ୍ରୀ ପଚାରୁଛି ଯେ ଯଦି ମୁହମ୍ମଦ ସ:ଆ:ସ ଅଂଗ୍ରେଜ ସରକାର ଅଧିନସ୍ଥ ହୋଇ ରହିଥାଆନ୍ତେ ତା’ହେଲେ ଏହି ସରକାର ତାଙ୍କ ସହିତ କିପରି ବ୍ୟବହାର ଦେଖାଇ ଥା’ନ୍ତେ ?

ପାଦ୍ରୀ ମସିହ ଦୁଷ୍ଟାମି କରି ଏକ କର୍ମ ବିଧିକୁ ଶାସ୍ତ୍ରୀୟ ନୀତି ବିରୁଦ୍ଧ ବତାଇ ଅନ୍ୟଠାରୁ ଦୃଷ୍ଟାନ୍ତ ଦେଖାଉଛି । ଏହି ପାଦ୍ରୀ ଏପରି କ୍ରୁର ଓ ଭ୍ରଷ୍ଟ କାହିଁକି ହୋଇଯାଆନ୍ତି ଯେ ନିର୍ବିକାର ହୋଇ ପବିତ୍ରଙ୍କୁ ପବିତ୍ର କହିବା ଏବଂ କୋଟି କୋଟି ମନୁଷ୍ୟର ପଥ ପ୍ରଦଶର୍କ ତଥା ବିଶ୍ୱ ବନ୍ଦିତ ଗୁରୁଙ୍କ ଉପରେ ଏପରି କୁତ୍ସିତ ଆରୋପ ଲଗାଇବା ବେଳେ ହୃଦୟ ଥରି ଉଠେ ନାହିଁ । ଏପରି ନିର୍ଲଜ ଓ ଅସଭ୍ୟ ହେବା ତାଙ୍କ ପକ୍ଷେ ଶୋଭା ପାଉଛି । ସେମାନଙ୍କର ଏହି ନିର୍ବିକାର ପଣିଆ କାହିଁକି ହୁଏ, ସେ ସମ୍ବନ୍ଧରେ ଆମେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କର କେତେକ ବକ୍ତବ୍ୟ ଏଠାରେ ଉଲ୍ଲେଖ କରୁଛୁ । ସେ ମହାଶୟ କହିଛନ୍ତି:

ମନେ ରଖିବାକୁ ହେବ ଯେ ପାଦ୍ରୀଗଣ ଅପଦସ୍ତ, ଘୃଣା ଓ ଗାଳିଗୁଲଜ କରିବାରେ ଏକ ନମ୍ବରରେ ଅଛନ୍ତି । ଆମ ନିକଟରେ ଏପରି ପାଦ୍ରୀମାନଙ୍କର ପୁସ୍ତକର ଏକ ଭଣ୍ଡାର ରହିଛି, ଯେଉଁମାନେ ନିଜର ବାକ୍ୟଗୁଡ଼ିକୁ ସହସ୍ରାଧିକ ଗାଳି ମନ୍ଦରେ ଭରି ଦେଇଛନ୍ତି ।

***(ନୂର ଉଲ୍ କୁର୍‌ଆନ୍ ସଂଖ୍ୟା-୨, ରୁହାନୀ ଖଜାଇନ୍, ଗ୍ରନ୍ଥ ଖଣ୍ଡ-୯, ପୃ-୩୭୫)***

ପାଦ୍ରୀଗଣ ବିଶେଷ କରି ପବିତ୍ର କୁର୍‌ଆନ୍ ପ୍ରତି, ପୂଣ୍ୟଶ୍ଳୋକ ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କ ଦିବ୍ୟ ଜୀବନ ଚରିତ ପ୍ରତି ଅତି ହିଂସ୍ର ପରାୟଣ ହୋଇ କାହିଁକି ଆକ୍ରମଣ କରନ୍ତି, ସେଥିପ୍ରତି ଆଲୋକପାତ କରି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଏହିପରି କହିଛନ୍ତି:

“ଅସଲ କଥା ହେଉଛି ଯେ, ଖ୍ରୀଷ୍ଟିଆନ୍‌ମାନେ ପବିତ୍ର କୁର୍‌ଆନ୍ ଉପରେ ଅତ୍ୟଧିକ ଅସନ୍ତୁଷ୍ଟ ହୋଇ ପଡ଼ିଛନ୍ତି । ସେମାନଙ୍କର ଅସନ୍ତୋଷ ହେବାର କାରଣ ହେଉଛି, ପବିତ୍ର କୁର୍‌ଆନ୍ ଖ୍ରୀଷ୍ଟ ଧର୍ମର ସମସ୍ତ ଭୂଲ ସିଦ୍ଧାନ୍ତକୁ ଖଣ୍ଡନ କରି ଦେଇଛନ୍ତି । ଜଣେ ମନୁଷ୍ୟ ରୂପୀ ଈଶ୍ୱରକୁ ଅସିଦ୍ଧ କରି ଦେଖାଇ ଦେଇଛନ୍ତି । କୃଶବିଦ୍ଧ ଜନିତ ସିଦ୍ଧାନ୍ତକୁ ଖଣ୍ଡ ଖଣ୍ଡ କରି ଭଙ୍ଗ କରିଛନ୍ତି । ବାଇବେଲ୍‌ର ସେହି ଶିକ୍ଷା ଯାହାକୁ ନେଇ ସେମାନେ ଗର୍ବ କରୁଥିଲେ ସେ ସବୁ ଅତ୍ୟନ୍ତ ଅପାରଗ ଓ ସ୍ଥାଣୁ ହୋଇ ଯାଇଛି ବୋଲି ବଳିଷ୍ଠ ପ୍ରମାଣ ସହିତ ଦେଖାଇ ଦେଇଛନ୍ତି । ଏପରି ସ୍ଥଳେ ଖ୍ରୀଷ୍ଟିୟାନମାନେ ସ୍ୱାର୍ଥରେ ଅନ୍ଧ ହୋଇ ଗଭୀର ଆବେଗ ପ୍ରକାଶ କରିବା ସ୍ୱାଭାବିକ । ତେଣୁ ଯାହା କିଛି ମିଥ୍ୟା ରଚନା କଲେ ବି ତାହା କିଂଚିତ ମାତ୍ର ।

***(ଚଶ୍‌ମାଏ ମସିହ, ରୁହାନୀ ଖଜାଇନ୍, ଗ୍ରନ୍ଥ ଖଣ୍ଡ-୨୦, ପୃ-୩୪୩)***

ପୂଣ୍ୟଶ୍ଳୋକ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହିଛନ୍ତି:

“ପାଦ୍ରୀମାନଙ୍କ..... ଛାତି ଉପରେ ଇସ୍‌ଲାମ୍ ହିଁ ପଥର । ନଚେତ ବାକି ସବୁ ସମ୍ପ୍ରଦାୟ ତ ସେମାନଙ୍କ ନିକଟରେ ପୁରୁଷତ୍ୱ ହୀନ । ହିନ୍ଦୁ ମଧ୍ୟ ଖ୍ରୀଷ୍ଟିଆନ୍ ହୋଇ ଇସ୍‌ଲାମ୍‌କୁ ପାଦଦଳିତ କରିବା ସକାଶେ ବହି ଲେଖୁଛନ୍ତି । ରାମଚନ୍ଦ୍ର ଓ ଠାକରୁ ଦାସ ଇସଲାମ୍‌ର ବିରୁଦ୍ଧାଚରଣ କରି ନିଜର ସବୁ ଜୋର ଲଗାଇ ପୁସ୍ତକ ଲେଖିଛନ୍ତି । କଥା ହେଉଛି, ସେମାନଙ୍କ ବିବେକ କହୁଛି ଯେ ସେମାନଙ୍କ ବିନାଶ ଇସ୍‌ଲାମ୍‌ରୁ ହିଁ ହେବ । ସ୍ୱାଭାବିକ ରୂପେ ସେହି ଡ଼ର ତାହାର ହିଁ ପଡ଼େ, ଯାହା ଦ୍ୱାରା ବିନାଶ ହୋଇଥାଏ । ଏକ କୁକୁଡ଼ା ଛୁଆ ବିରାଡ଼ିକୁ ଦେଖିଲା ମାତ୍ରେ ହିଁ ଚିତ୍କାର କରେ । ସେହିପରି ବିଭିନ୍ନ ସମ୍ପ୍ରଦାୟର ଅନୁଗାମୀ ସାଧାରଣ ଭାବେ ଏବଂ ପାଦ୍ରୀ ବିଶେଷ ରୂପେ ଯେଉଁମାନେ ଇସ୍‌ଲାମ୍ ବିରୁଦ୍ଧରେ ଜୋର ଲଗାଉଛନ୍ତି, ଏହା ଏଥିଯୋଗୁଁ ଯେ ସେମାନଙ୍କର ବିଶ୍ୱାସ ରହିଛି ବରଂ ସେମାନଙ୍କ ହୃଦୟ କହୁଛି ଯେ ଇସ୍‌ଲାମ୍ ହିଁ ଏକମାତ୍ର ଧର୍ମ ଯାହା ଅସତ୍ୟର ଆବିଳତାକୁ ପେଷି ଗୁଣ୍ଡ କରିଦେବେ ।”

***(ମଲ୍‌ଫୁଜାତ, ପ୍ରଥମ ଖଣ୍ଡ, ପୃଷ୍ଠା ୧୧୦, କାଦିୟାନ୍ ମୁଦ୍ରିତ ୨୦୦୩)***

ଅନ୍ୟ ଏକ କାରଣ ହେଉଛି, ଏହି ଯେଉଁ ଗାଉଁଲି ଓ ଇସ୍‌ଲାମ୍ ଧର୍ମ ପରିତ୍ୟାଗ କରି ମୁର୍ତଦ ହୋଇଯାଇଥିବା ପାଦ୍ରୀ ମନପ୍ରାଣ ଲଗାଇ ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କ ଉପରେ ଆକ୍ରମଣ କରୁଛନ୍ତି, ସେହି ଗାଉଁଲି ପାଦ୍ରୀଙ୍କ ସମ୍ବନ୍ଧରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହିଛନ୍ତି ଯେ ଏହି ଧର୍ମତ୍ୟାଗୀଗଣ: “ଗୀର୍ଜାମାନଙ୍କରେ ଭୋକ ମେଂଟାଇବା ପାଇଁ ଏକତ୍ରିତ ହେଲେ ଏବଂ ଏହି ସବୁକିଛି ସେମାନଙ୍କର ଧନର ଲାଳସା ଓ ଧର୍ମ ଯାଜକଙ୍କ ଆଗରେ ଦୋଷ ସ୍ୱୀକାର କରିବା ଉପରେ ଦୃଷ୍ଟି ପକାଇବା ଦ୍ୱାରା ପ୍ରକାଶ ହୋଇଗଲା । ପୁଣି ସେମାନେ ଏହା ଆରମ୍ଭ କରିଦେଲେ ଯେ ବିଶ୍ୱ କଲ୍ୟାଣକାରୀ ମୁହମ୍ମଦଙ୍କର ସପକ୍ଷରେ କଠୋର ଭତ୍ସନା ମୂଳକ ନୂଆ ନୂଆ ବାକ୍ୟ ବ୍ୟବହାର କରି ପାଦ୍ରୀମାନଙ୍କୁ ଖୁସି କରିଦେବେ ଏବଂ ଯାବତୀୟ ପ୍ରକାର ନିନ୍ଦା ଓ କୁତ୍ସା ରଟନା କରିବା ଏବଂ ନିତ୍ୟ ନୂତନ ଅଭିଯୋଗ ତିଆରି କରିବା ଦ୍ୱାରା ସେମାନଙ୍କୁ ଦେଖାଇବେ ଯେ ସେମାନେ ଇସଲାମ ପ୍ରତି ଘୃଣା ଭାବ ତଥା ଖ୍ରୀଷ୍ଟ ଧର୍ମରେ ଅତି ନିଷ୍ଠା ଭାବ ରଖିଛନ୍ତି । ଏହା ଦ୍ୱାରା ସେହି ଅଶାଳୀନ କଥା ଦ୍ୱାରା ସେମାନଙ୍କର ମନ ଲୋଭେଇ ଭଦ୍ର ବ୍ୟକ୍ତିମାନଙ୍କରେ ଗଣା ହେବେ ଏବଂ ସେମାନଙ୍କ ମାଧ୍ୟମରେ ନିଜର ସ୍ୱାର୍ଥ ହାସଲ କରିବେ । ***(ନୁରୁଲ୍ ହକ୍, ପ୍ରଥମ ଖଣ୍ଡ, ରୁହାନୀ ଖଜାଇନ୍, ଗ୍ରନ୍ଥ ଖଣ୍ଡ-୮, ପୃ-୪୭)***

*ଅବଶିଷ୍ଟାଂଶ ପୃଷ୍ଠା- ୧୯ ରେ ଦେଖନ୍ତୁ......*

**ଅଲ୍ଲାଃ ବାସ୍ତବରେ ଏହି ନବୀଙ୍କ ପ୍ରତି ନିଜର ଆଶୀର୍ବାଦ ଅବତୀର୍ଣ୍ଣ କରୁଛନ୍ତି ଏବଂ ତାହାଙ୍କ ଦେବଦୂତ ମଧ୍ୟ (ତାହାଙ୍କ ସକାଶେ ପ୍ରାର୍ଥନା କରୁଛନ୍ତି, ତେଣୁ) ହେ ବିଶ୍ୱାସକାରୀମାନେ ! ତୁମେମାନେ ମଧ୍ୟ ଏହି ନବୀଙ୍କ ପ୍ରତି (ଅଲ୍ଲାଃଙ୍କ) ଆର୍ଶିବାଦ ଭିକ୍ଷାକର (ଅର୍ଥାତ ଦରୁଦ୍ ଶରିଫ୍ ପାଠ କର); ଓ ତାହାଙ୍କ ପାଇଁ ପ୍ରାର୍ଥନା କର ଓ ମନଯୋଗପୂର୍ବକ ତାହାଙ୍କ ପାଇଁ ଶାନ୍ତି ଭିକ୍ଷା କର ।**

ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସଙ୍କ ଆଜ୍ଞାପାଳନ କରିବା ଦ୍ୱାରା ସ୍ୱାଲେହ, ଶହିଦ୍, ସଦ୍ଦିକ୍ ଏବଂ ନବୀଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ହେବ ।

وَمَنْ يُّطِعِ اللّٰهَ وَالرَّسُوْلَ فَاُولٰٓئِكَ مَعَ الَّذِيْنَ اَنْعَمَ اللّٰهُ عَلَيْهِمْ مِّنَ النَّبِيّٖنَ وَالصِّدِّيْقِيْنَ وَالشُّهَدَآءِ وَالصّٰلِحِيْنَ ۚ وَحَسُنَ اُولٰٓئِكَ رَفِيْقًا ۝ (النساء:70)

ଅନୁବାଦ: ଏବଂ ଯେ କେହି ଅଲ୍ଲାଃ ଓ ରସୁଲଙ୍କର ଆଜ୍ଞାପାଳନ କରିବ ସେ ସେହି ଲୋକମାନଙ୍କ ମଧ୍ୟରେ ଅର୍ନ୍ତଭୁକ୍ତ ହେବ ଯେଉଁମାନଙ୍କୁ ଅଲ୍ଲାଃ ପୁରସ୍କୃତ କରିଛନ୍ତି ଅର୍ଥାତ ନବୀ ସିଦ୍ଦିକ, ଶହୀଦ ଓ ସ୍ୱାଲେହଙ୍କ ମଧ୍ୟରେ ଏବଂ ଏ ଲୋକମାନେ ହିଁ (ଅତି) ଉତମ ମିତ୍ର । (ଅନ୍‌ନିସା:୭୦)

ହଜ୍‌ରତ୍ ଖଲିଫତୁଲ୍ ମସିହ ଚତୁର୍ଥ ରହେମୁଲ୍ଲାଃ ତାଲା ଉକ୍ତ ଆୟତକୁ ବ୍ୟାଖ୍ୟା କରି କହିଛନ୍ତି:-

ଏହି ଆୟତରେ ଅନେକ କଥା ଧ୍ୟାନଯୋଗ୍ୟ ରହିଛି । ପ୍ରଥମତଃ **ଅର୍‌ରସୁଲ୍** ର ଅର୍ଥ ହେଉଛି ହଜ୍‌ରତ୍ ମୁହମ୍ମଦ ସ:ଆ:ସ ଅର୍ଥାତ ଇଏ ହେଉଛନ୍ତି ସ୍ୱତନ୍ତ୍ର ରସୁଲ୍ (ଅର୍ଥାତ ଈଶ୍ୱରଙ୍କ ସ୍ୱତନ୍ତ୍ର ବାର୍ତାବହ)

ଦ୍ୱିତୀୟତଃ ଯଦି ତୁମେ ଏହି ରସୁଲ୍‌ଙ୍କ ଆଜ୍ଞାପାଳନ କରିବ ତା'ହେଲେ ତୁମେ ସେହି ଲୋକମାନଙ୍କ ମଧ୍ୟରେ ପରିଗଣିତ ହେବ ଯେଉଁମାନଙ୍କ ମଧ୍ୟରେ ନବୀ, ସିଦ୍ଦିକ, ଶହୀଦ୍ ଏବଂ ସ୍ୱାଲେହ ମଧ୍ୟ ସାମିଲ ଅଛନ୍ତି । ଏହାର ଅର୍ଥ ହେଉଛି ଏହା କି ଆଁ ହଜ୍‌ରତ୍ ସ:ଆ:ସଙ୍କ ଅନୁସରଣକାରୀଙ୍କ ମଧ୍ୟରେ ନବୀ ମଧ୍ୟ ଆସି ପାରନ୍ତି । ଅର୍ଥାତ ଯେଉଁ ବ୍ୟକ୍ତି ଏହି ରସୁଲଙ୍କ ଆଜ୍ଞାପାଳନ କରି ଅନୁସରଣ କରୁଥିବ ।

ଏଠାରେ ଆରବୀ ଶଦ୍ଦ **ମାଆ** ର ଅର୍ଥ କିଛି ଓ୍ୱଲେମାମାନଙ୍କ ତରଫରୁ ଏହା କରାଯାଇଥାଏ ଯେ ସେମାନେ ତାଙ୍କ ସହିତ ଥିବେ, ସେମାନଙ୍କ ମଧ୍ୟରେ ପରିଗଣିତ ହେବେ ନାହିଁ । ଏହାର ସମର୍ଥନରେ ସେମାନେ କହୁଛନ୍ତି ଯେ ଅଲ୍ଲାଃ ତାଲା **ହସୁନା ଉଲାଇକା ରଫିକା** କହିଛନ୍ତି । ଅର୍ଥାତ ସେମାନେ ଅତିଉତମ ମିତ୍ର ହେବେ, ନବୀମାନଙ୍କ ସହିତ ରହିବେ କିନ୍ତୁ ନିଜେ ନବୀ ହେବେନାହିଁ । ଏହି ଆୟତର ଏପରି ଅର୍ଥ କରିବା ଦ୍ୱାରା ଆଁ ହଜ୍‌ରତ୍ ସ:ଆ:ସଙ୍କର ଭିଷଣ ଅପମାନ ହୋଇଥାଏ । କାରଣ ଏପରି କ୍ଷେତ୍ରରେ ଏହି ଆୟତର ଅର୍ଥ ଏପରି ହେବ ଯେ ଆଁ ହଜ୍‌ରତ୍ ସ:ଆ:ସଙ୍କ ଆଜ୍ଞାପାଳନକାରୀ ନବୀମାନଙ୍କ ସହିତ ରହିବେ କିନ୍ତୁ ନିଜେ ନବୀ ହେବେ ନାହିଁ । ସେମାନେ ସଦ୍ଦକ୍‌ମାନଙ୍କ ସାଥିରେ ରହିବେ କିନ୍ତୁ ନିଜେ ସିଦ୍ଦିକ୍ ହେବେନାହିଁ । ସେମାନେ ଶହୀଦମାନଙ୍କ ସାଥିରେ ରହିବେ କିନ୍ତୁ ନିଜେ ଶହୀଦ୍ ହେବେନାହିଁ । ସେମାନେ ସ୍ୱାଲେହମାନଙ୍କ ସହିତ ରହୁଥିବେ କିନ୍ତୁ ସ୍ୱାଲେହ୍ ହେବେ ନାହିଁ । ପବିତ୍ର କୁର୍‌ଆନ୍‌ର ଅନେକ ଆୟତରେ **ମାଆ** ଶଦ୍ଦଟି **ମିନ୍** ଅର୍ଥରେ ବ୍ୟବହୃତ ହୋଇଅଛି । ଉଦାହରଣ ସ୍ୱରୁପ ଦେଖନ୍ତୁ ଆଲେ ଇମ୍‌ରାନ୍‌ର ଆୟତ ନଂ- ୧୯୪, ନିସା:୧୪୭ ଏବଂ ଅଲ୍‌ହିଜ୍‌ର୍:୩୨

ଏତଦ୍‌ବ୍ୟତୀତ ଏଠାରେ **ମାଆଲ୍ଲଜିନା ଅନ୍‌ଅମଲ୍ଲାହୁ ଆଲୈହିମ୍** ପରେ **ମିନନ୍ ନବୀୟିନା** କୁହାଯାଇଅଛି । ଏହି **ମିନ୍** କୁ ବୟାନିୟା କୁହାଯାଏ ଅର୍ଥାତ- ସେମାନଙ୍କ ସହିତ ମାନେ ସେମାନଙ୍କ ମଧ୍ୟରେ ।

**ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କ ଅନୁସରଣରେ ଈଶ୍ୱର ପ୍ରେମ ପ୍ରାପ୍ତ ହୋଇଥାଏ**

قُلْ اِنْ كُنْتُمْ تُحِبُّوْنَ اللّٰهَ فَاتَّبِعُوْنِيْ يُحْبِبْكُمُ اللّٰهُ وَيَغْفِرْ لَكُمْ ذُنُوْبَكُمْ ۚ وَاللّٰهُ غَفُوْرٌ رَّحِيْمٌ ۝ (آل عمران:32)

ଅନୁବାଦ:- ତୁମ୍ଭେ କୁହ, "(ହେ ଲୋକମାନେ!) ଯଦି ତୁମେମାନେ ଅଲ୍ଲାଃଙ୍କୁ ପ୍ରେମ କରୁଥାଅ ତେବେ ଆମ୍ଭକୁ ଅନୁସରଣ କର; ତାହା ହେଲେ ଅଲ୍ଲାଃ ତୁମମାନଙ୍କୁ ପ୍ରେମ କରିବେ ଏବଂ ତୁମମାନଙ୍କର ଦୋଷ କ୍ଷମା କରିବେ;" ଏବଂ ଅଲ୍ଲାଃ ଅତ୍ୟନ୍ତ କ୍ଷମାଶୀଳ (ଓ) ସଦା କରୁଣାମୟ । ***(ଆଲେ ଇମ୍‌ରାନ୍:୩୨)***

**ଈଶ୍ୱରଙ୍କ ନିକଟତର ହେବାର ମାଧ୍ୟମ**

يٰٓاَيُّهَا الَّذِيْنَ اٰمَنُوا اتَّقُوا اللّٰهَ وَابْتَغُوْٓا اِلَيْهِ الْوَسِيْلَةَ وَجَاهِدُوْا فِيْ سَبِيْلِهٖ لَعَلَّكُمْ تُفْلِحُوْنَ ۝ (المائدہ:36)

ଅନୁବାଦ:- ହେ ବିଶ୍ୱାସକାରୀମାନେ ! ଅଲ୍ଲାଃଙ୍କୁ ଭୟ କର ଏବଂ ତାଙ୍କର ସାନ୍ନିଧ ଲାଭ କରିବାକୁ ଉପାୟ ଅନ୍ୱେଷଣ କର ଓ ତାହାଙ୍କ ପଥରେ ପ୍ରବଳ ଉଦ୍ୟମ କର ଯେପରି ତୁମେମାନେ ସଫଳ ହେବ ।

ହଜ୍‌ରତ୍ ଖଲିଫତୁଲ୍ ମସିହ୍ ରାବେ (ଚତୁର୍ଥ) ରହେମହୁଲ୍ଲାହୁ ତାଲା ଉକ୍ତ ଆୟତର ବ୍ୟାଖ୍ୟାରେ କହିଛନ୍ତି:- ଏହି ଆୟତର "ଓ୍ୱସିଲା" ଶଦ୍ଦର ଅର୍ଥ ହେଉଛି ସ୍ୱୟଂ ରସୁଲୁଲ୍ଲାଃ ସ:ଆ:ସ । ଏବେ ଯେ ପର୍ଯ୍ୟନ୍ତ ରସୁଲୁଲ୍ଲାଃ ସ:ଆ:ସଙ୍କ ଓ୍ୱସିଲା (ଅର୍ଥାତ ମାଧ୍ୟମ)କୁ ଗ୍ରହଣ କରାନଯାଇଛି ସେ ପର୍ଯ୍ୟନ୍ତ ଅଲ୍ଲାଃଙ୍କ ସହିତ ପ୍ରତ୍ୟକ୍ଷ ସମ୍ପର୍କ ପ୍ରତିଷ୍ଠା ହୋଇପାରିବ ନାହିଁ । ଅଜାନ୍ ପରେ ଯେଉଁ ଦୁଆ କରାଯାଉଛି ସେଥିରେ ମଧ୍ୟ ଏହି ଓ୍ୱସିଲା (ମାଧ୍ୟମ) ଶଦ୍ଦ ବ୍ୟବହାର କରାଯାଇଅଛି ଓ ତାହା ଉକ୍ତ ବିଷୟକୁ ସମର୍ଥନ କରୁଅଛି । ***(ଅଲ୍‌ମାଇଦା: ୩୬)***

**ମୁହମ୍ମଦ ସ:ଆ:ସଙ୍କ ଅସ୍ତିତ୍ୱ ଜାତି ପାଇଁ ଏକ ତାବିଜ୍ (କବଚ)**

وَمَا كَانَ اللّٰهُ لِيُعَذِّبَهُمْ وَاَنْتَ فِيْهِمْ ۚ وَمَا كَانَ اللّٰهُ مُعَذِّبَهُمْ وَهُمْ يَسْتَغْفِرُوْنَ ۝ (انفال:34)

ଅନୁବାଦ:- ଏବଂ ତୁମ୍ଭେ ସେମାନଙ୍କ ମଧ୍ୟରେ ଥିଲା ବେଳେ ଅଲ୍ଲାଃ ସେମାନଙ୍କୁ ଶାସ୍ତି ପ୍ରଦାନ କରିପାରି ନଥାନ୍ତେ କି ସେମାନେ କ୍ଷମା ପ୍ରାର୍ଥନା କରୁଥିବା ବେଳେ ଅଲ୍ଲାଃ ସେମାନଙ୍କୁ ଶାସ୍ତି ପ୍ରଦାନ କରିପାରିନଥାଆନ୍ତେ । ***(ଅନ୍‌ଫାଲ୍: ୩୪)***

**ମୁହମ୍ମଦ ସ:ଆ:ସଙ୍କ ମୃତମାନଙ୍କୁ ଜୀବନ ଦାନ କରିବାର ଅର୍ଥ**

يٰٓاَيُّهَا الَّذِيْنَ اٰمَنُوا اسْتَجِيْبُوْا لِلّٰهِ وَلِلرَّسُوْلِ اِذَا دَعَاكُمْ لِمَا يُحْيِيْكُمْ ۚ وَاعْلَمُوْٓا اَنَّ اللّٰهَ يَحُوْلُ بَيْنَ الْمَرْءِ وَقَلْبِهٖ وَاَنَّهٗٓ اِلَيْهِ تُحْشَرُوْنَ ۝ (انفال:25)

ଅନୁବାଦ:- ହେ ବିଶ୍ୱାସକାରୀମାନେ ! ତୁମେମାନେ ଅଲ୍ଲାଃ ଓ ତାହାଙ୍କ ରସୁଲ୍‌ଙ୍କ କଥା ଶୁଣ ଯେତେବେଳେ କି ସେ ତୁମମାନଙ୍କୁ (ଆଧ୍ୟାତ୍ମିକ) ଜୀବନ ଦାନ କରିବାକୁ ଡ଼ାକନ୍ତି ଏବଂ ମନେରଖ ଯେ ଅଲ୍ଲାଃ ମନୁଷ୍ୟର ହୃଦୟ ଅପେକ୍ଷା ତାହାର ଅଧିକ ନିକଟବର୍ତୀ; ଏବଂ ତୁମମାନଙ୍କୁ ଜୀବିତ କରି ତାହାଙ୍କ ନିକଟକୁ ଫେରାଇ ନିଆଯିବ । ***(ଅନ୍‌ଫାଲ୍:୨୫)***

ହଜ୍‌ରତ୍ ଖଲିଫତୁଲ୍ ମସିହ୍ ରାବେ (ଚତୁର୍ଥ) ରହେମୁଲ୍ଲାହ୍ ତାଲା ଉକ୍ତ ଆୟତର ବ୍ୟାଖ୍ୟାରେ କହିଛନ୍ତି:-

ଏହି ଆୟତରେ ମୃତମାନଙ୍କର ଜୀବିତ ହେବାର ସ୍ପଷ୍ଟ ବର୍ଣ୍ଣନା ରହିଛି, ଭୂଲରେ ଖ୍ରୀଷ୍ଟିଆନ୍‌ମାନେ ହଜ୍‌ରତ୍ ଇସାଙ୍କ ଦ୍ୱାରା ମୃତମାନଙ୍କୁ ଜୀବନ ଦାନ ମିଳିବା ବିଷୟକୁ ସତସତକିଆ ମୃତମାନଙ୍କୁ ଜୀବନ ଦାନ କରିବାର ଭାବୁଛନ୍ତି । ଅତଃ ଯେବେ ଆଁ ହଜ୍‌ରତ୍ ସ:ଆ:ସ ଆଧ୍ୟାତ୍ମିକ ରୂପେ ମୃତ ଅବସ୍ଥାରେ ଥିବା ଲୋକମାନଙ୍କୁ ନିଜ ଆଡ଼କୁ ଡ଼ାକିଲେ ଯେ ଆସ ମୁଁ ତୁମମାନଙ୍କୁ ଜୀବନ ଦାନ କରିବି । ଏଠାରେ ଏକଥା ସ୍ପଷ୍ଟ ହୋଇଗଲା ଯେ ସେମାନେ କବର ଭିତରେ ପଡ଼ି ରହିଥିବା ମୃତକ ନଥିଲେ ବରଂ ଆରବର ଆଧ୍ୟାତ୍ମିକ ମୃତକ ଥିଲେ ।

**ଅଲ୍ଲାଃ ଏବଂ ତାହାଙ୍କ ଫରିସ୍ତା (ଦେବଦୂତ)ମାନେ ନବୀ ସ:ଆ:ସଙ୍କ ଉପରେ ଦରୁଦ୍ ପ୍ରେରଣ କରୁଛନ୍ତି । ବିଶ୍ୱାସକାରୀମାନଙ୍କୁ ମହାଭାଗ ସ:ଆ:ସଙ୍କ ଉପରେ ଦରୁଦ୍ ପ୍ରେରଣ କରିବାକୁ ନିର୍ଦ୍ଦେଶ**

اِنَّ اللّٰهَ وَمَلٰٓئِكَتَهٗ يُصَلُّوْنَ عَلَى النَّبِيِّ ۚ يٰٓاَيُّهَا الَّذِيْنَ اٰمَنُوْا صَلُّوْا عَلَيْهِ وَسَلِّمُوْا تَسْلِيْمًا (احزاب:57)

ଅନୁବାଦ:- ଅଲ୍ଲାଃ ବାସ୍ତବରେ ଏହି ନବୀଙ୍କ ପ୍ରତି ନିଜର ଆଶୀର୍ବାଦ ଅବତୀର୍ଣ୍ଣ କରୁଛନ୍ତି ଏବଂ ତାହାଙ୍କ ଦେବଦୂତ ମଧ୍ୟ (ତାହାଙ୍କ ସକାଶେ ପ୍ରାର୍ଥନା କରୁଛନ୍ତି, ତେଣୁ) ହେ ବିଶ୍ୱାସକାରୀମାନେ ! ତୁମେମାନେ ମଧ୍ୟ ଏହି ନବୀଙ୍କ ପ୍ରତି (ଅଲ୍ଲାଃଙ୍କ) ଆଶୀର୍ବାଦ ଭିକ୍ଷା କର (ଅର୍ଥାତ ଦରୁଦ୍ ଶରିଫ୍ ପାଠ କର); ଓ ତାହାଙ୍କ ପାଇଁ ପ୍ରାର୍ଥନା କର ଓ ମନୋଯୋଗପୂର୍ବକ ତାହାଙ୍କ ପାଇଁ ଶାନ୍ତି ଭିକ୍ଷା କର । ***(ଅହ୍‌ଜାବ୍:୫୭)***

ହଜ୍‌ରତ୍ ଅକ୍‌ଦସ୍ ମସିହ୍ ମଉଦ୍ ଆ:ସ ଏହି ଆୟତ ସମ୍ବନ୍ଧରେ କହିଛନ୍ତି;-

"ଏହି ଆୟତରୁ ପ୍ରକାଶ ହେଉଅଛି ଯେ ରସୁଲେ୍ ଅକ୍‌ରମ୍ ସ:ଆ:ସଙ୍କ କର୍ମ ଏପରି ଥିଲା ଯେ ଅଲ୍ଲାଃ ତାଲା ତାଙ୍କ ପ୍ରଶଂସା ପାଇଁ ତଥା ତାଙ୍କ ବିଶେଷ ଗୁଣକୁ ବର୍ଣ୍ଣନା କରିବା ପାଇଁ କୌଣସି ବିଶେଷ ଶଦ୍ଦର ପ୍ରୟୋଗ କରିନାହାନ୍ତି । ଶଦ୍ଦ ତ ମିଳିପାରିଥାନ୍ତା କିନ୍ତୁ ନିଜେ ବ୍ୟବହାର କରି ନାହାନ୍ତି ଅର୍ଥାତ ମହାଭାଗ ସ:ଆ:ସଙ୍କ ସତକର୍ମର ସଂଜ୍ଞା ଓ ପ୍ରଶଂସାର ଉର୍ଦ୍ଧ୍ୱରେ ତାହା ଥିଲା । ଏହି ପ୍ରକାରର ଆୟତ ଅନ୍ୟ କୌଣସି ନବୀଙ୍କ ସମ୍ମାନରେ ଉପସ୍ଥାପନ କରିନାହାନ୍ତି । ମହାଭାଗ ସ:ଆ:ସଙ୍କ ଆତ୍ମାରେ ସେହି ଆନ୍ତରିକତା ଓ ନିର୍ମଳତା ଭରି ରହିଥିଲା ଏବଂ ଆପଣ ସ:ଆ:ସଙ୍କ କର୍ମ ଈଶ୍ୱରଙ୍କ ଦୃଷ୍ଟିରେ ଏତେମାତ୍ରାରେ ପସନ୍ଦ ଥିଲା ଯେ ଅଲ୍ଲାଃ ତାଲା ସବୁ ବେଳ ପାଇଁ ଏ ନିର୍ଦ୍ଦେଶ ଦେଲେ ଯେ ଆସନ୍ତାକୁ ଲୋକମାନେ କୃତଜ୍ଞତା ଜ୍ଞାପନ କରିବା ନିମନ୍ତେ ଦରୁଦ୍ ପ୍ରେରଣ କରିବେ ।" ***(ମଲ୍‌ଫୁଜାତ୍ ଖଣ୍ଡ-୧, ପୃ-୩୨, ମୁଦ୍ରଣ ୨୦୧୮ କାଦିଆନ୍)***

# ନିଜ ସମ୍ପ୍ରଦାୟର ଲୋକମାନଙ୍କୁ ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କର ମୂଲ୍ୟବାନ ଉପଦେଶ

✡ سَمِعْتُ رَسُوْلَ اللّٰہِ صَلَّی اللّٰہُ عَلَیْہِ وَسَلَّمَ یَقُوْلُ: اَفْضَلُ الذِّکْرِ: لَآ اِلٰہَ اِلَّا اللّٰہُ وَاَفْضَلُ الدُّعَاءِ: اَلْحَمْدُ لِلّٰہِ۔ (ترمذی، کتاب الدعوات، باب دعوۃ المسلم مستجابۃ)

ଅନୁବାଦ: ହଜ୍‌ରତ୍ ଜାବିର୍ ର:ଅ ବର୍ଣ୍ଣନା କରୁଛନ୍ତି ଯେ ମୁଁ ମହାଭାଗ ସ:ଆ:ସଙ୍କୁ ଏହା କହିବାର ଶୁଣିଛି ଯେ ସର୍ବୋତମ ଜପ/ସ୍ମରଣ ହେଉଛି କଲମା-ଏ-ତୌହିଦ୍ ଅର୍ଥାତ ଏ କଥାକୁ ସ୍ୱୀକାର କରିବା ଯେ ଅଲ୍ଲାଃଙ୍କ ବ୍ୟତୀତ ଅନ୍ୟ କୌଣସି ଦେବତା ନାହାନ୍ତି ଏବଂ ସର୍ବୋତମ ଦୁଆ (ପ୍ରାର୍ଥନା) ହେଉଛି ଅଲ୍‌ହମ୍‌ଦୁଲିଲ୍ଲାଃ ।

✡ قَالَ لِیْ رَسُوْلُ اللّٰہِ صَلَّی اللّٰہُ عَلَیْہِ وَسَلَّمَ: اَلَا اَدُلُّکَ عَلٰی کَنْزٍ مِنْ کُنُوْزِ الْجَنَّۃِ؟ فَقُلْتُ بَلٰی یَا رَسُوْلَ اللّٰہِ! قَالَ: لَا حَوْلَ وَلَا قُوَّۃَ اِلَّا بِاللّٰہِ۔

ଅନୁବାଦ: ହଜ୍‌ରତ୍ ଅବୁ ମୁସା ଅଶ୍‌ଅରୀ ର:ଅ ବର୍ଣ୍ଣନା କରୁଛନ୍ତି ଯେ ମହାଭାଗ ସ:ଆ:ସ କହିଲେ: କ'ଣ ମୁଁ ତୁମକୁ ବୈକୁଣ୍ଠର ଭଣ୍ଡାରଗୁଡ଼ିକ ମଧ୍ୟରୁ ଗୋଟିଏ ଭଣ୍ଡାର ବିଷୟରେ ବତାଇବି ନାହିଁ? ମୁଁ ଅନୁରୋଧ କଲି ହେ ଅଲ୍ଲାଃଙ୍କ ରସୁଲ୍ ସ:ଆ:ସ ! ମତେ ନିଶ୍ଚିତ ରୂପେ ବତାନ୍ତୁ । ମହାଭାଗ ସ:ଆ:ସ କହିଲେ: **ଲା ହୌଲ୍** ପାଠ କର । ଅର୍ଥାତ ସର୍ବଶକ୍ତିମାନ ଅଲ୍ଲାଃଙ୍କ ସାହାଯ୍ୟ ବିନା ନା ମୋ ନିକଟରେ ମନ୍ଦ କାର୍ଯ୍ୟରୁ ବଂଚି ରହିବାର ଶକ୍ତି ଅଛି ଓ ନା ପୂଣ୍ୟକର୍ମ କରିବାର ସାମର୍ଥ୍ୟ ଅଛି ।

✡ عَنْ سَلْمَانَ الْفَارِسِیِّ رَضِیَ اللّٰہُ عَنْہُ عَنِ النَّبِیِّ صَلَّی اللّٰہُ عَلَیْہِ وَسَلَّمَ قَالَ: اِنَّ اللّٰہَ حَیِیٌّ کَرِیْمٌ یَسْتَحْیِیْ اِذَا رَفَعَ الرَّجُلُ اِلَیْہِ یَدَیْہِ اَنْ یَّرُدَّھُمَا صِفْرًا خَائِبَیْنِ۔ (ترمذی، کتاب الدعوات)

ଅନୁବାଦ: ହଜ୍‌ରତ୍ ସଲ୍‌ମାନ୍ ଫାର୍‌ସି ର:ଅ ବର୍ଣ୍ଣନା କରୁଛନ୍ତି ଯେ ମହାଭାଗ ସ:ଆ:ସ କହିଲେ: ଅଲ୍ଲାଃ ତାଲା ବହୁତ ଲଜ୍ଜାଶୀଳ, ଦୟାଳୁ ଏବଂ ବହୁତ ଉଦାର ଅଟନ୍ତି । ଯେତେବେଳେ ଭକ୍ତ ତାହାଙ୍କ ଆଗରେ ନିଜର ଦୁଇ ହାତକୁ ଉଠାଇଥାଏ, ସେତେବେଳେ ସେ ତାକୁ ଖାଲି ଏବଂ ଅସଫଳ କରି ଫେରାଇବାକୁ ଲଜ୍ଜା ଅନୁଭବ କରେ । ଅର୍ଥାତ ସହୃଦୟରୁ ମଗାଯାଇଥିବା ପ୍ରାର୍ଥନାକୁ ସେ ରଦ୍ଦ କରେନାହିଁ ବରଂ କୁବୁଲ୍ (ଅର୍ଥାତ ଗ୍ରହଣ) କରିଥାଏ ।

✡ عَنْ اَبِیْ ھُرَیْرَۃَ رَضِیَ اللّٰہُ عَنْہُ قَالَ: قَالَ رَسُوْلُ اللّٰہِ صَلَّی اللّٰہُ عَلَیْہِ وَسَلَّمَ: مَنْ سَرَّہٗ اَنْ یَّسْتَجِیْبَ اللّٰہُ لَہٗ عِنْدَ الشَّدَائِدِ وَالْکُرَبِ فَلْیُکْثِرِ الدُّعَاءَ فِی الرَّخَاءِ۔ (ترمذی، ابواب الدعوات، باب دعوۃ المسلم مستجابۃ)

ଅନୁବାଦ: ହଜ୍‌ରତ୍ ଅବୁ ହୁରୈରାଃ ର:ଅ ବର୍ଣ୍ଣନା କରୁଛନ୍ତି ଯେ ମହାଭାଗ ସ:ଆ:ସ କହିଲେ ଯେଉଁ ବ୍ୟକ୍ତି ଏହା ଚାହୁଁଛି କି ଅସୁବିଧା ସମୟରେ ଅଲ୍ଲାଃ ତାଲା ତା' ଦୁଆ (ପ୍ରାର୍ଥନା)ଗୁଡ଼ିକୁ ଗ୍ରହଣ କରିବେ, ତେବେ ତାକୁ ଦରକାର ଯେ ସେ ସୁବିଧା ଓ ଆରାମ ସମୟରେ ଅତ୍ୟଧିକ ଦୁଆ କରୁ ।

✡ عَنْ اَبِیْ ھُرَیْرَۃَ رَضِیَ اللّٰہُ عَنْہُ اَنَّ رَسُوْلَ اللّٰہِ صَلَّی اللّٰہُ عَلَیْہِ وَسَلَّمَ قَالَ: مَا مِنْ اَحَدٍ یُّسَلِّمُ عَلَیَّ اِلَّا رَدَّ اللّٰہُ عَلَیَّ رُوْحِیْ اَرُدُّ عَلَیْہِ السَّلَامَ۔

ଅନୁବାଦ:- ହଜ୍‌ରତ୍ ଅବୁ ହୁରୈରାଃ ର:ଅ ବର୍ଣ୍ଣନା କରିଛନ୍ତି ଯେ ମହାଭାଗ ସ:ଆ:ସ କହିଲେ: ଯିଏ ମୋ ଉପରେ **ସଲାମ୍** ପ୍ରେରଣ କରିବ ତା'ର ଉତର ଦେବା ପାଇଁ ଅଲ୍ଲାଃ ତାଲା ମୋ ଆତ୍ମାକୁ ଫେରାଇ ଦେବେ ଯଦ୍ୱାରା ମୁଁ ତା ସଲାମ୍‌ର ଉତର ଦେଇପାରିବି । (ଅର୍ଥାତ ମୁହମ୍ମଦ ସ:ଆ:ସଙ୍କ ଉପରେ ସଲାମ୍ ପ୍ରେରଣ କରିଥିବା ବ୍ୟକ୍ତିଙ୍କୁ ଏହି ଦରୁଦ୍‌ର ପୁରସ୍କାର ଏପରି ମିଳିବ ଯେପରି ସ୍ୱୟଂ ହଜୁର ସ:ଆ:ସ ସଲାମ୍ ଏବଂ ଦରୁଦ୍‌ର ଉତର ଦେଉଛନ୍ତି)

✡ عَنْ اَبِیْ ھُرَیْرَۃَ رَضِیَ اللّٰہُ عَنْہُ قَالَ قَالَ رَسُوْلُ اللّٰہِ صَلَّی اللّٰہُ عَلَیْہِ وَسَلَّمَ اِنَّمَا یُبْعَثُ النَّاسُ عَلٰی نِیَّاتِھِمْ۔ (ابن ماجہ، ابواب الزھد باب النیۃ)

ଅନୁବାଦ: ହଜ୍‌ରତ୍ ହବୁ ହୁରୈରାଃ ର:ଅ ବର୍ଣ୍ଣନା କରିଛନ୍ତି ଯେ ମହାଭାଗ ସ:ଆ:ସ କହିଲେ:- ଲୋକମାନଙ୍କର ହଶର୍ (ହିସାବ ନିକାସ) ତାଙ୍କ ନିୟତ ମୁତାବକ ହେବ । (ଅର୍ଥାତ ଲୋକମାନେ ନିଜ ନିଜର ନିୟତ ଅନୁସାରେ ଫଳ ପାଇବେ)

✡ عَنْ جَرِیْرِ بْنِ عَبْدِ اللّٰہِ رَضِیَ اللّٰہُ عَنْہُ قَالَ کُنَّا جُلُوْسًا عِنْدَ النَّبِیِّ صَلَّی اللّٰہُ عَلَیْہِ وَسَلَّمَ اِذَا نَظَرَ اِلَی الْقَمَرِ لَیْلَۃَ الْبَدْرِ فَقَالَ اِنَّکُمْ سَتَرَوْنَ رَبَّکُمْ کَمَا تَرَوْنَ ھٰذَا الْقَمَرَ لَا تُضَامُّوْنَ فِیْ رُؤْیَتِہٖ فَاِنِ اسْتَطَعْتُمْ اَلَّا تُغْلَبُوْا عَلٰی صَلٰوۃٍ قَبْلَ طُلُوْعِ الشَّمْسِ وَصَلٰوۃٍ قَبْلَ غُرُوْبِ الشَّمْسِ فَافْعَلُوْا۔ (بخاری، کتاب التوحید والرد علی الجھمیۃ وغیرھم، باب قول اللہ وجوہ یومئذ ناضرۃ الی ربھا ناظرۃ)

ଅନୁବାଦ: ହଜ୍‌ରତ୍ ଜରିର୍ ବିନ୍ ଅବ୍‌ଦୁଲ୍ଲାଃ ର:ଅ ବର୍ଣ୍ଣନା କରିଛନ୍ତି ଯେ ଆମେ ମହାଭାଗ ସ:ଆ:ସଙ୍କ ସେବାରେ ଉପସ୍ଥିତ ଥିଲୁଁ, ରାତି ସମୟ ଥିଲା । ଆପଣ ସ:ଆ:ସ ଚତୁର୍ଦ୍ଦଶ ଦିନର ଚନ୍ଦ୍ର (ଅର୍ଥାତ ପୂର୍ଣ୍ଣିମା ଚାନ୍ଦ) ଆଡ଼କୁ ଚାହିଁ କହିଲେ ତୁମେ ନିଜର ପ୍ରଭୁଙ୍କୁ ଏହିପରି ବିନା କୌଣସି ବାଧା ଓ ପ୍ରତିବନ୍ଧକରେ ଦେଖିବ ଯେଉଁପରି ତୁମେ ଏହି ପୂର୍ଣ୍ଣିମା ଚାନ୍ଦକୁ ଦେଖୁଅଛ । ଯଦି ତୁମେମାନେ ଏହି ସୌଭାଗ୍ୟକୁ ପ୍ରାପ୍ତ କରିବା ପାଇଁ ଚେଷ୍ଟା କରିବାକୁ ଚାହୁଁଅଛ ତା'ହେଲେ ଫଜର ଏବଂ ଅସର୍ ନମାଜ ସଠିକ୍ ସମୟରେ ପଢ଼ିବାକୁ ଅବହେଳା କରନାହିଁ । (ଅର୍ଥାତ ସଠିକ ସମୟରେ ପଢ଼ନ୍ତୁ)

✡ عَنْ اَبِیْ ھُرَیْرَۃَ رَضِیَ اللّٰہُ عَنْہُ قَالَ قَالَ رَسُوْلُ اللّٰہِ صَلَّی اللّٰہُ عَلَیْہِ وَسَلَّمَ مَنْ لَّا یَشْکُرِ النَّاسَ لَا یَشْکُرِ اللّٰہَ۔ (ترمذی، باب ما جاء فی الشکر لمن احسن الیک)

ଅନୁବାଦ:- ହଜ୍‌ରତ୍ ଅବୁ ହୁରୈରାଃ ର:ଅ ବର୍ଣ୍ଣନା କରୁଛନ୍ତି ଯେ ମହାଭାଗ ସ:ଆ:ସ କହିଲେ: ଯେଉଁ ବ୍ୟକ୍ତି ଲୋକମାନଙ୍କର କୃତଜ୍ଞତା ଜ୍ଞାପନ କରୁନାହିଁ, ସେ ଅଲ୍ଲାଃଙ୍କର ବି କୃତଜ୍ଞତା ଜ୍ଞାପନ କରୁନାହିଁ । ଅର୍ଥାତ କୌଣସି ବ୍ୟକ୍ତିର ଦୟା ହେତୁ ଯଦି କାହାକୁ କିଛି ସୁଖ ସାମଗ୍ରୀ ବା ଭଲ ଜିନିଷ ମିଳେ, ତେବେ ଯେଉଁଠି ତା' ପାଇଁ ଅଲ୍ଲାଃ ତାଲାଙ୍କୁ ଧନ୍ୟବାଦ ଅର୍ପଣ କରିବା ଜରୁରୀ, ସେଠାରେ ସେହି ଉପକାରୀ ବ୍ୟକ୍ତିଙ୍କୁ ଧନ୍ୟବାଦ ଅର୍ପଣ କରିବା ବି ଜରୁରୀ ଅଟେ ।

✡ عَنْ اَبِیْ ھُرَیْرَۃَ رَضِیَ اللّٰہُ عَنْہُ قَالَ: قَالَ النَّبِیُّ صَلَّی اللّٰہُ عَلَیْہِ وَسَلَّمَ کُلُّ اَمْرٍ ذِیْ بَالٍ لَا یُبْدَاُ فِیْہِ بِسْمِ اللّٰہِ الرَّحْمٰنِ الرَّحِیْمِ فَھُوَ اَقْطَعُ

ଅନୁବାଦ:- ହଜ୍‌ରତ୍ ଅବୁ ହୁରୈରାଃ ର:ଅ ବର୍ଣ୍ଣନା କରୁଛନ୍ତି ଯେ ମହାଭାଗ ସ:ଆ:ସ କହିଲେ: ପ୍ରତ୍ୟେକ କାର୍ଯ୍ୟ ଯାହା **ବିସ୍‌ମିଲ୍ଲାହିର୍ ରହ୍‌ମା ନିର୍‌ରହିମ୍** ନ କହି ଆରମ୍ଭ କରାଯାଏ, ତାହା ତ୍ରୁଟି ପୂର୍ଣ୍ଣ ହୋଇଥାଏ ଏବଂ ବର୍‌କତ୍‌ରୁ ବଂଚିତ ହୋଇଥାଏ ।

✡ عَنْ اَبِیْ مُوْسَی الْاَشْعَرِیِّ رَضِیَ اللّٰہُ عَنْہُ عَنِ النَّبِیِّ صَلَّی اللّٰہُ عَلَیْہِ وَسَلَّمَ قَالَ: مَثَلُ الَّذِیْ یَذْکُرُ رَبَّہٗ وَالَّذِیْ لَا یَذْکُرُہٗ مَثَلُ الْحَیِّ وَالْمَیِّتِ۔ وَرَوَاہُ مُسْلِمٌ فَقَالَ مَثَلُ الْبَیْتِ الَّذِیْ یُذْکَرُ اللّٰہُ فِیْہِ وَالْبَیْتِ الَّذِیْ لَا یُذْکَرُ اللّٰہُ فِیْہِ مَثَلُ الْحَیِّ وَالْمَیِّتِ۔ (بخاری، کتاب الدعوات، باب فضل ذکر اللہ تعالٰی)

ଅନୁବାଦ:- ହଜ୍‌ରତ୍ ଅବୁ ମୁସା ଅଶ୍‌ଅରୀ ର:ଅ ବର୍ଣ୍ଣନା କରୁଛନ୍ତି ଯେ ମହାଭାଗ ସ:ଆ:ସ କହିଲେ: ଅଲ୍ଲାଃଙ୍କୁ ସ୍ମରଣ କରୁଥିବା ବ୍ୟକ୍ତି ଓ ଅଲ୍ଲାଃଙ୍କୁ ସ୍ମରରଣ ନ କରୁଥିବା ବ୍ୟକ୍ତିର ଉଦାହରଣ ଜୀବନ୍ତ ଓ ମୃତମାନଙ୍କ ପରି । ଅର୍ଥାତ ଯିଏ ଅଲ୍ଲାଃଙ୍କୁ ସ୍ମରଣ କରୁଥାଏ ସେ ଜୀବିତ ଓ ଯିଏ କରୁନାହିଁ ସେ ହେଉଛି ମୃତ ।

ମୁସ୍‌ଲିମ୍‌ର ରିୱାୟତ ଅଛି ଯେ, ହଜରତ ମୁହମ୍ମଦ ସ:ଆ:ସ କହିଲେ: ଏପରି ଘର ଯେଉଁ ଘରେ ଅଲ୍ଲାଃଙ୍କୁ ସ୍ମରଣ କରାଯାଉଥାଏ ଏବଂ ଘର, ଯେଉଁ ଘରେ ଅଲ୍ଲାଃଙ୍କ ସ୍ମରଣ କରାଯାଏ ନାହିଁ, ତାହାର ଉଦାହରଣ ହେଉଛି ଜୀବିତ ଓ ମୃତମାନଙ୍କ ସଦୃଶ ।

**ମୁହମ୍ମଦ ସ:ଆ:ସ ସାରା ଜଗତକୁ ଅନ୍ଧକାର ମଧ୍ୟରେ ପାଇଲେ ଏବଂ ପୁଣି ମହାଭାଗ ସ:ଆ:ସଙ୍କ ପ୍ରକାଶ ହେବାରେ ସେହି ଅନ୍ଧକାର ଆଲୋକରେ ବଦଳିଗଲା ।**

**ଯେଉଁ କୌମ୍ (ସମ୍ପ୍ରଦାୟ)ରେ ମହାଭାଗ ସ:ଆ:ସ ଆବିର୍ଭୁତ ହୋଇଥିଲେ, ଯେ ପର୍ଯ୍ୟନ୍ତ ସେହି ସମଗ୍ର କୌମ୍ (ଜାତି) ଶିର୍କର ବସ୍ତ୍ରକୁ ବାହାର କରି ତୌହିଦ୍ (ଏକେଶ୍ୱରବାଦ)ର ଜାମାକୁ ନ ପିନ୍ଧିଥିଲେ ସେ ପର୍ଯ୍ୟନ୍ତ ମହାଭାଗ ସ:ଆ:ସଙ୍କର ଦେହାନ୍ତ ହୋଇନଥିଲା ।**

# ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ପବିତ୍ର ବାଣୀ

## ସୟଦନା ୱ ମୌଲାନା ମୁହମ୍ମଦ ମୁସ୍ତଫା ସ:ଆ:ସ ହେଉଛନ୍ତି ଖାତମୁନ୍ ନବୀୟିନ୍ (ନବୀ ଶ୍ରେଷ୍ଠ) ଏବଂ ଖୈରୁଲ୍ ମୁର୍‌ସିଲିନ୍

"ଆମ ଧର୍ମର ସାରାଂଶ ଏବଂ ମୂଳ ବିଷୟ ହେଉଛି **ଲା ଇଲାହା ଇଲ୍ଲଲ୍ଲାହୁ ମୁହମ୍ମଦୁର୍ ରସୁଲୁଲ୍ଲାହ୍ ।** ଆମର ଯେଉଁ ବିଶ୍ୱାସ ଓ ଆସ୍ଥା, ଯାହାକୁ ଆମେ ଏହି ସାଂସାରିକ ଜୀବନରେ ଧରି ରଖିଛୁ, ଯାହା ସହିତ ଆମେ ଅଲ୍ଲାଃଙ୍କ କୃପା ଓ ସାମର୍ଥ୍ୟ ଦ୍ୱାରା ଏହି ଜଗତରକୁ ବିଦାୟ ନେବୁ, ତାହା ହେଉଛି ଏହା କି ହଜ୍‌ରତ୍ ସୟଦନା ୱ ମୌଲାନା ମୁହମ୍ମଦ ମୁସ୍ତଫା ସ:ଆ:ସ ହେଉଛନ୍ତି ଖାତ୍‌ମୁନ୍ ନବିୟିନ୍ (ଶ୍ରେଷ୍ଠ ନବୀ) ଏବଂ ଖୈରୁଲ୍ ମୁର୍‌ସଲିନ୍ ।"

*(ଅଜାଲାଏ ଅଓହାମ୍, ଭାଗ-୧, ରୁହାନୀ ଖଜାଇନ୍, ଖଣ୍ଡ-୩, ପୃ-୧୬୯)*

## ଉଚ୍ଚସ୍ତରର ମର୍ଯ୍ୟାଦା ପୁରୁଷ, ଜୀବନ୍ତ ଏବଂ ସର୍ବଶକ୍ତିମାନ ଈଶ୍ୱରଙ୍କ ପ୍ରିୟ ନବୀ

"ଯେତେବେଳେ ଆମେ ନ୍ୟାୟିକ ଦୃଷ୍ଟିକୋଣରୁ ଦେଖିଥାଉଁ ସେତେବେଳେ ନବୁଓ୍ୱତ (ଅର୍ଥାତ ଅବତାରବାଦ)ର ସମସ୍ତ ଶୃଙ୍ଖଳା ମଧ୍ୟରୁ ଉଚ୍ଚ ସ୍ତରର ମର୍ଯ୍ୟାଦା ପୁରୁଷ ନବୀ ଏବଂ ଜୀବନ୍ତ ନବୀ ଏବଂ ଈଶ୍ୱରଙ୍କର ଉଚ୍ଚସ୍ତରର ପ୍ରିୟ ନବୀ ଭାବରେ ଆମେ କେବଳ ଜଣେ ପୁରୁଷଙ୍କୁ ହିଁ ଜାଣିଛୁ ଅର୍ଥାତ ସେହି ନବୀମାନଙ୍କ ସର୍ଦାର, ରସୁଲ୍‌ମାନଙ୍କ ଗୌରବ, ସମସ୍ତ ରସୁଲ୍‌ମାନଙ୍କ ମଉଡ଼ମଣି, ଯାହାଙ୍କ ନାମ ହେଉଛି ମୁହମ୍ମଦ ମୁସ୍ତଫା ଓ ଅହ୍‌ମଦ୍ ମୁଜ୍‌ତବା ସ୍ୱଲଲ୍ଲାହୁ ଆଲୈହେ ୱ ସଲ୍ଲମ । ଯାହାଙ୍କ ଛାୟା ତଳେ (କେବଳ) ଦଶ ଦିନ ପରିଚାଳିତ ହେଲେ ଏପରି ଆଲୋକ ମିଳିଥାଏ ଯାହା ତାଙ୍କ ପୂର୍ବରୁ ହଜାର ହଜାର ବର୍ଷ ପର୍ଯ୍ୟନ୍ତ ମିଳିପାରୁନଥିଲା ।" *(ସିରାଜେ ମୁନୀର୍, ରୁହାନୀ ଖଜାଇନ୍, ଖଣ୍ଡ-୧୨, ପୃ-୮୨)*

## ଅନନ୍ତ ଆଧ୍ୟାତ୍ମିକ ଜୀବନଧାରୀ ଏବଂ ଗୌରବ ଓ ପବିତ୍ରତାର ସିଂହାସନରେ ବିରାଜମାନ ନବୀ ସ:ଆ:ସ

"ହେ ପୃଥିବୀ ପୃଷ୍ଠରେ ବାସ କରୁଥିବା ଲୋକମାନେ ! ହେ ପୂର୍ବ ଓ ପାଶ୍ଚାତ୍ୟରେ ବାସ କରୁଥିବା ସମସ୍ତ ମାନ ଆତ୍ମା ସମୂହ ! ମୁଁ ବହୁତ ଦୃଢ଼ତାର ସହିତ ତୁମମାନଙ୍କୁ ଏଥିପ୍ରତି ଆମନ୍ତ୍ରଣ କରୁଅଛି ଯେ ଏବେ ଏ ପୃଥିବୀରେ ଏକମାତ୍ର ପ୍ରକୃତ ଧର୍ମ ହେଉଛି ଇସ୍‌ଲାମ୍ ଏବଂ ପ୍ରକୃତ ଈଶ୍ୱର ହେଉଛନ୍ତି ସେହି ଈଶ୍ୱର ଯାହାଙ୍କ ସମ୍ବନ୍ଧରେ ପବିତ୍ର କୁର୍‌ଆନ୍ ବର୍ଣ୍ଣନା କରିଅଛି ଏବଂ ଅନନ୍ତକାଳ ପାଇଁ ଆଧ୍ୟାତ୍ମିକ ଜୀବନଧାରୀ ନବୀ ଏବଂ ଗୌରବ ଓ ପବିତ୍ରତାର ସିଂହାସନରେ ବିରାଜମାନ ନବୀ ହେଉଛନ୍ତି ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ୍ୱଲଲ୍ଲାହୁ ଆଲୈହେ ୱ ସଲ୍ଲମ । ଯାହାଙ୍କ ଆଧ୍ୟାତ୍ମିକ ଜୀବନ ଓ ପବିତ୍ର ଗୌରବର ପ୍ରମାଣ ଆମକୁ ଏହା ମିଳିଛି ଯେ ତାହାଙ୍କ ଅନୁସରଣ ଓ ତାହାଙ୍କୁ ଭଲ ପାଇବା ଦ୍ୱାରା ଆମେ ରୁହୁଲ୍ କୁଦୁସ୍ (ପବିତ୍ର ଆତ୍ମା) ଓ ଈଶ୍ୱରଙ୍କ ସହିତ ବାର୍ତାଳାପ କରୁଅଛୁ ଏବଂ ଆକାଶୀୟ ଚିହ୍ନ / ନିଦର୍ଶନର ପୁରସ୍କାର ପାଉଅଛୁ ।"

*(ତର୍‌ୟାକୁଲ୍ କୁଲୁବ୍, ରୁହାନୀ ଖଜାଇନ୍, ଖଣ୍ଡ-୧୫, ପୃ-୧୪୧)*

## ସାରା ଜଗତକୁ ମାର୍ଗଦର୍ଶନ କରୁଥିବା ନବୀ

"ଆମ୍ଭ ନବୀ କରିମ୍ ସ:ଆ:ସ ସାରା ଜଗତର ଲୋକମାନଙ୍କୁ ଆଧ୍ୟାତ୍ମିକ ତାଲିମ୍ ଦେବା ପାଇଁ ଆସିଥିଲେ । ଅତଏବ ଏହି ବିଶେଷ ଗୁଣ ହଜୁର ଆ:ସଙ୍କଠାରେ ସମ୍ପୂର୍ଣ୍ଣ ସିଦ୍ଧତାର ସହିତ ଥିଲା । ଏହା ହେଉଛି ସେହି ପଦମର୍ଯ୍ୟାଦା ଯାହା ସପକ୍ଷରେ ପବିତ୍ର କୁର୍‌ଆନ୍ ଅନେକ ସ୍ଥାନରେ ହଜୁର (ସ:ଆ:ସ)ଙ୍କ ପାଇଁ ସାକ୍ଷ୍ୟ ଦେଇଅଛି । ଅଲ୍ଲାଃଙ୍କ ବିଶେଷ ଗୁଣ ଏବଂ ସମାନ ଭାବରେ ଆଁ ହଜ୍‌ରତ୍ ସ:ଆ:ସଙ୍କ ବିଶେଷଗୁଣ ସମ୍ବନ୍ଧରେ ଉଲ୍ଲେଖ ରହିଛି । **ମା ଅର୍‌ସଲ୍‌ନାକା ଇଲ୍ଲା ରହ୍‌ମଲ୍ ଲିଲ୍ ଆଲମୀନ୍ (ଅମ୍ବିୟା:୧୦୮)** ପୁଣି ସେହିପରି ଅଲ୍ଲାଃ ଆଦେଶ ଦେଇଛନ୍ତି:- **କୁଲ୍ ୟା ଅୟୋହନ୍ ନାସୁ ଇନ୍ନି ରସୁଲୁଲ୍ଲାହି ଇଲୈକୁମ୍ ଜମିଆ (ଆରାଫ୍:୧୫୯)** ପବିତ୍ର କୁର୍‌ଆନ୍‌ର ଅନ୍ୟାନ୍ୟ ସ୍ଥାନ ଉପରେ ଚିନ୍ତା କଲେ ଏହା ସ୍ପଷ୍ଟ ହେଉଛି ଯେ ଆଁ ହଜ୍‌ରତ୍ ସ:ଆ:ସଙ୍କୁ ଅଲ୍ଲାଃ ତାଲା ଉମ୍ମି (ଅର୍ଥାତ ନିରକ୍ଷର) କହିଛନ୍ତି । ଏହା ଏଥିପାଇଁ ଯେ ଅଲ୍ଲାଃଙ୍କ ବ୍ୟତୀତ ଆପଣ ସ:ଆ:ସଙ୍କର କେହି ଶିକ୍ଷକ ନଥିଲେ । ...... ପବିତ୍ର କୁର୍‌ଆନକୁ ଦେଖି ଆଶ୍ଚର୍ଯ୍ୟ ଲାଗୁଛି ଯେ ସେହି ଉମ୍ମି (ନିରକ୍ଷର) ନା କେବଳ ପୁସ୍ତକ (ଅର୍ଥାତ ପବିତ୍ର କୁର୍‌ଆନ୍) ଓ ଜ୍ଞାନ ଶିଖାଇଲେ ବରଂ ଆତ୍ମଶୁଦ୍ଧି କରିବାର ଉପାୟଗୁଡ଼ିକ ବତାଇଲେ । ଏପରି କି **ଅୟଦହୁମ୍ ବିରୁହିମ୍ ମିନ୍‌ହୁ (ଅଲ୍‌ମୁଜାବଲାଃ:୨୩)** ର ସ୍ତର ପର୍ଯ୍ୟନ୍ତ ପହଂଚାଇ ଦେଲେ । ଦେଖ ଓ ଗଭୀର ଅନୁଶୀଳନ କରି ଦେଖ ଯେ ପବିତ୍ର କୁର୍‌ଆନ୍ ପ୍ରତ୍ୟେକ ସନ୍ଧାନକାରୀଙ୍କୁ ନିଜର ଗନ୍ତବ୍ୟସ୍ଥଳରେ ପହଂଚାଇଥାଏ ଏବଂ ସମସ୍ତ ସତ୍ୟ ଓ ଧାର୍ମିକତାର ଶୋଷକୁ ମେଂଟାଇଥାଏ । କିନ୍ତୁ ଟିକିଏ ଚିନ୍ତା କରି ଦେଖନ୍ତୁ ଯେ ଏହି ଜ୍ଞାନର ନଦୀ, ସତ୍ୟ ଏବଂ ଆଲୋକର ଝରଣା କାହା ଉପରେ ଅବତୀର୍ଣ୍ଣ ହୋଇଅଛି ? ସେହି ମୁହମ୍ମଦ ରସୁଲୁଲ୍ଲାଃ ସ:ଆ:ସଙ୍କ ଉପରେ ଯିଏ ଗୋଟିଏ ପଟେ ନିରକ୍ଷର ବୋଲାଇଥାନ୍ତି ଓ ଅନ୍ୟପଟେ ଏପରି ସିଦ୍ଧତା ଓ ସତ୍‌ଜ୍ଞାନ ତାହାଙ୍କ ମୁହଁରୁ ବାହାରୁଛି ଯେ ବିଶ୍ୱ ଇତିହାସରେ ତାହାର ଦୃଷ୍ଟାନ୍ତ ମିଳେନାହିଁ । *(ମଲ୍‌ଫୁଜାତ୍, ଖଣ୍ଡ-୧, ପୃ-୧୦୪, ମୁଦ୍ରଣ ୨୦୧୮ କାଦିଆନ୍)*

## ସମଗ୍ର ଜଗତକୁ ଅନ୍ଧକାରରୁ ଆଲୋକକୁ ଆଣିଥିବା ଏବଂ ଏକେଶ୍ୱରବାଦର ଜାମା ପିନ୍ଧାଇଥିବା ନବୀ ସ:ଆ:ସ

"ଆମ ନବୀ ସ:ଆ:ସ ସତ୍ୟର ଅଭିବ୍ୟକ୍ତି ପାଇଁ ଜଣେ ମହାନ୍ ସଂସ୍କାରକ ଥିଲେ । ଯିଏ ହଜି ଯାଇଥିବା ସତ୍ୟକୁ ପୂନର୍ବାର ଏ ଦୁନିଆକୁ ଫେରାଇ ଆଣିଲେ । ଏହି ଗୌରବ ପ୍ରାପ୍ତ କରିବାରେ ଆମ୍ଭ ନବୀ ସ:ଆ:ସଙ୍କ ସହିତ ଅନ୍ୟ କୌଣସି ନବୀ ଅଂଶୀଦାର ନୁହନ୍ତି ଯେ ଆପଣ ସ:ଆ:ସ ସାରା ଜଗତକୁ ଗୋଟିଏ ଅନ୍ଧକାର ଭିତରେ ପାଇଲେ ଓ ପୁଣି ମହାଭାଗ ସ:ଆ:ସଙ୍କ ପ୍ରକାଶ ହେବାର ସେହି ଅନ୍ଧକାର ଆଲୋକରେ ପରିବର୍ତନ ହୋଇଗଲା । ଯେଉଁ ଜାତିରେ ମହାଭାଗ ସ:ଆ:ସ ଆବିର୍ଭୂତ ହୋଇଥିଲେ, ଯେ ପର୍ଯ୍ୟନ୍ତ ସେହି ସମଗ୍ର ଜାତିଟି ଶିର୍କରୁ (ଅର୍ଥାତ ଅନେକଶ୍ୱରବାଦର) ବସ୍ତ୍ରକୁ ଫିଙ୍ଗି ଦେଇ ତୌହିଦ୍ (ଅର୍ଥାତ ଏକେଶ୍ୱରବାଦ)ର ଜାମା ନ ପିନ୍ଧିଥିଲେ, ସେ ପର୍ଯ୍ୟନ୍ତ ମହାଭାଗ ସ:ଆ:ସଙ୍କର ଦେହାନ୍ତ ହୋଇନଥିଲା । କେବଳ ଏତିକି ନୁହେଁ ବରଂ ସେହି ଲୋକମାନେ ଇମାନ୍ (ଅର୍ଥାତ ବିଶ୍ୱାସର) ସର୍ବୋଚ୍ଚ ସ୍ତରରେ ପହଂଚିଗଲେ ଏବଂ ସେମାନଙ୍କଠାରୁ ଆନ୍ତରିକତା, ବିଶ୍ୱସ୍ତତା ଏବଂ ନିଶ୍ଚିତାର ଏପରି କାମ ସବୁ ପ୍ରକାଶ ହେଲା ଯେ ତାହାର ଦୃଷ୍ଟାନ୍ତ ପୃଥିବୀର କୌଣସି ଭାଗରେ ମିଳେନାହିଁ । ଏହି ସଫଳତା ଏବଂ ଏତେମାତ୍ରାରେ ସଫଳତା କେବଳ ଆଁ ହଜ୍‌ରତ୍ ସ:ଆ:ସଙ୍କ ବ୍ୟତୀତ ଅନ୍ୟ କୌଣସି ନବୀଙ୍କ ଭାଗ୍ୟରେ ନଥିଲା । ଆଁ ହଜ୍‌ରତ୍ ସ:ଆ:ସ ଏପରି ଯୁଗରେ ଆବିର୍ଭାବ ହେଲେ ଯେଉଁ ଯୁଗଟି ଅତ୍ୟନ୍ତ ଅନ୍ଧକାର ମଧ୍ୟରେ ପଡ଼ି ରହିଥିଲା ଏବଂ ସ୍ୱଭାବିକ ଭାବରେ ଜଣେ ମହାନ୍ ସୁଧାରକଙ୍କ ଆବଶ୍ୟକ କରୁଥିଲା । ପୁଣି ମହାଭାଗ ସ:ଆ:ସ ଏପରି ସମୟରେ ଏ ସଂସାରରୁ ବିଦାୟ ନେଲେ ଯେବେ ଲକ୍ଷ ଲକ୍ଷ ଲୋକେ ଶିର୍କ ଏବଂ ପିତୁଳା ପୁଜାକୁ ତ୍ୟାଗ କରି ଏକେଶ୍ୱରବାଦ ଓ ସତମାର୍ଗକୁ ଗ୍ରହଣ କରିସାରିଥିଲେ । ବାସ୍ତବିକ ରୂପେ ଏପରି ପୂର୍ଣ୍ଣ ସୁଧାର ମହାଭାଗ ସ:ଆ:ସଙ୍କ ସହିତ ବିଶେଷ ଭାବରେ ଜଡ଼ିତ ଥିଲା ଯେ ଆପଣ ସ:ଆ:ସ ଏପରି ଏକ ହିଂସ୍ର ଚରିତ୍ର ସମ୍ପନ୍ନ ଏବଂ ପାଶବିକ ଜାତିର ଲୋକଙ୍କୁ ମଣିଷ ପଣିଆ ଶିଖାଇଲେ ବା ଅନ୍ୟ ଶବ୍ଦରେ ଏହା କୁହାଯାଇପାରିବ ଯେ ପଶୁମାନଙ୍କୁ ମଣିଷ ବନାଇଲେ ଓ ପୁଣି ମଣିଷଙ୍କୁ ଶିକ୍ଷିତ ମଣିଷ ବନାଇଲେ ଏବଂ ପୁଣି ଶିକ୍ଷିତ ମଣିଷରୁ ଈଶ୍ୱର ମଣିଷ ବନାଇଲେ ଓ ସେମାନଙ୍କଠାରେ ଆଧ୍ୟାତ୍ମିକତା ଭରି ଦେଲେ ଏବଂ ପ୍ରକୃତ ଈଶ୍ୱରଙ୍କ ସହିତ ସେମାନଙ୍କର ସମ୍ପର୍କ ଯୋଡ଼ିଦେଲେ । ସେମାନେ ଈଶ୍ୱରଙ୍କ ମାର୍ଗରେ ଛେଳିମାନଙ୍କ ପରି ଜେଭ (ହତ୍ୟା) ହେଲେ ଏବଂ ପିମ୍ପୁଡ଼ିନମାନଙ୍କ ପରି ପାଦ ତଳେ ଦଳି ହୋଇଗଲେ କିନ୍ତୁ ଇମାନକୁ ହାତଛଡା କଲେନାହିଁ ବରଂ ପ୍ରତ୍ୟେକ ବିପଦ ଆପଦରେ ଆଗକୁ ପାଦ ବଢ଼ାଇଲେ । ଅତଃ ନିଃସନ୍ଦେହ ଆମ ନବୀ ସ:ଆ:ସ ଆଧ୍ୟାତ୍ମିକତା ପ୍ରତିଷ୍ଠା କରିବା କ୍ଷେତ୍ରରେ ଦ୍ୱିତୀୟ ଆଦମ୍ ଥିଲେ । ବରଂ ପ୍ରକୃତ ଆଦମ୍ ସେ ହିଁ ଥିଲେ ଯାହାଙ୍କ ମାଧ୍ୟମରେ ସମସ୍ତ ମାନବୀୟ ଗୁଣ ସିଦ୍ଧତାର ପହଂଚିଗଲା ଏବଂ ସମସ୍ତ ପୂଣ୍ୟ ଶକ୍ତି ନିଜ ନିଜର କାମରେ ଲାଗି ପଡ଼ିଲେ ଏବଂ ମାନ ପ୍ରକୃତିର କୌଣସି ଶାଖା ନିଷ୍ଫଳ ରିହଲା ନାହିଁ । ଖତ୍‌ମେ ନବୁଓ୍ୱତ୍ ନା କେବଳ ଆପଣ ସ:ଆ:ସଙ୍କ ଉପରେ ଶେଷ ଯୁଗ ଯୋଗୁଁ ପ୍ରକାଶ ହେଲା ବରଂ ଏଥିଯୋଗୁଁ ମଧ୍ୟ ନବୁଓ୍ୱତ୍‌ର ସମସ୍ତ ସିଦ୍ଧତା ଆପଣ ସ:ଆ:ସଙ୍କଠାରେ ଶେଷ ହୋଇଯାଇଛି । ଯେହେତୁ ମହାଭାଗ ସ:ଆ:ସ ଈଶ୍ୱରୀୟ ଗୁଣର ପୂର୍ଣ୍ଣ ପ୍ରତିରୂପ ଥିଲେ ତେଣୁ ତାଙ୍କର ଶରିୟତ୍ (ଧର୍ମ ବିଧାନ) ଗୌରବମୟ ଏବଂ ସୌନ୍ଦର୍ଯ୍ୟମୟ ଉଭୟ ଗୁଣରେ ପରିପୂର୍ଣ୍ଣ ଥିଲା । ତାଙ୍କର ଦୁଇଟି ନାମ ଯଥା **ମୁହମ୍ମଦ** ଏବଂ **ଅହ୍‌ମଦ୍** ସ:ଆ:ସ ଏହି କାରଣ ଯୋଗୁଁ ରହିଛି । ମହାଭାଗଙ୍କ ନବୁଓ୍ୱତ୍‌ର କୌଣସି ଅଂଶ ସର୍ବସାଧାରଣଙ୍କ ପାଇଁ ବଂଚିତ ନୁହେଁ ବରଂ ତାହା ପ୍ରାରମ୍ଭରୁ ସମଗ୍ର ବିଶ୍ୱ ପାଇଁ ଉଦ୍ଦିଷ୍ଟ ।

*(ଲେକ୍‌ଚର୍ ସିଆଲ୍‌କୋଟ, ରୁହାନୀ ଖଜାଇନ୍, ଖଣ୍ଡ-୨୦, ପୃ-୨୦୬)*

ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କ ଜୀବନ ଚରିତ ସମ୍ବନ୍ଧରେ ହଜ୍‌ରତ୍ ଆଇଶା ର:ଅଙ୍କ ଏହି ସୁବର୍ଣ୍ଣ ଅକ୍ଷରରେ ଲେଖା ଯାଇଥିବା ବିବୃତି ଅର୍ଥାତ "କାନା ଖୁଲୁକୁହୁଲ୍ କୁର୍‌ଆନ୍"

ଗୋଟିଏ ଫଳାଫଳ ସେ ସମୟରେ କାଏମ୍ ହେବ ଯେବେ ଆଁ ହଜ୍‌ରତ୍ ସ:ଆ:ସଙ୍କ ପ୍ରକୃତ ଆଜ୍ଞାବହତା ସ୍ୱୀକାର କରାଯିବ ଅନ୍ୟଥା ଲା ଇଲାହା ଇଲ୍‌ଲ୍ଲାହୁ ର ସ୍ଲୋଗାନ ବି ଫମ୍ପା ଏବଂ ମୁହମ୍ମଦୁର୍ ରସୁଲୁଲ୍ଲାଃର ସ୍ଲୋଗନ ମଧ୍ୟ ଫମ୍ପା ସାବ୍ୟସ୍ତ ହେବ ।

ଅଲ୍ଲାଃ ତାଲା ଏ କଥା କହିଥିଲେ: କୁଲ୍ ଇନ୍‌କୁନ୍‌ତୁମ୍ ତୁହିବ୍‌ବୁନଲ୍ଲାହା ଫତ୍‌ତବିଉନି ୟୁହ୍‌ବିବ୍‌କୁମୁଲ୍ଲାଃ ଅର୍ଥାତ (କହିଦିଅ) ଯଦି ତୁମେ ଅଲ୍ଲାଃ ତାଲାଙ୍କୁ ପ୍ରେମ କରୁଥାଅ ତେବେ ଆମ୍ଭକୁ ଅନୁସରଣ କର ।

ଏବେ ଏହି ଅଲ୍ଲାଃଙ୍କ ପ୍ରେମ ପରିବର୍ତ୍ତେ ଓ ରସୁଲୁଲ୍ଲାଃ ସ:ଆ:ସଙ୍କ ଆଜ୍ଞା ପାଳନ କରିବା ପରିବର୍ତ୍ତେ ସାଂସାରିକ ପ୍ରେମକୁ ଅଗ୍ରାଧିକାର ଦିଆଯାଉଅଛି କ'ଣ ଏହା ହେଉଛି ଆଁ ହଜ୍‌ରତ୍ ସ:ଆ:ସଙ୍କ ସତ୍‌ଅନୁସରଣ ?

ମୁଁ ସତ୍ୟ କହୁଅଛି ଯେ, କୌଣସି ବ୍ୟକ୍ତି ସେ ପର୍ଯ୍ୟନ୍ତ ପ୍ରକୃତ ପୂଣ୍ୟକୁ ଓ ଈଶ୍ୱରଙ୍କ ପ୍ରସନ୍ନତାକୁ ପାଇପାରିବ ନାହିଁ ଯେପର୍ଯ୍ୟନ୍ତ ସେ ରସୁଲୁଲ୍ଲାଃ ସ:ଆ:ସଙ୍କ ଆଜ୍ଞାବହତାରେ ହଜି ନ ଯାଇଛି ।

## ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କ ମହାନ୍ ସ୍ଥାନ ଓ ପଦମର୍ଯ୍ୟାଦାର ଅତ୍ୟନ୍ତ ଅନ୍ତର୍ନିହିତ ବିଶ୍ୱାସବର୍ଦ୍ଧକ ବର୍ଣ୍ଣନା

**ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କ ସ୍ଥାନ ଓ ପଦମର୍ଯ୍ୟାଦା ଏବଂ ମହାଭାଗ ସ:ଆ:ସଙ୍କ ସୁନ୍ଦର୍ ଆଦର୍ଶ ଉପରେ ଆଧାରିତ ହଜୁର ଅନଓ୍ୱର ଅ:ବ:ଅଙ୍କ ଏହି ଖୁତ୍‌ବା ଜୁମା ପ୍ରଦତ ୨୦ ଅକ୍ଟୋବର ୨୦୧୭ ସିରତୁନ୍ ନବୀ ଉପଲକ୍ଷେ ଏହି ସଂଖ୍ୟାରେ ପାଠକ ପାଠିକାଙ୍କ ପାଇଁ ଉପସ୍ଥାପନ କରାଯାଉଅଛି ।**

ତଶ୍‌ହୁଦ୍ ତଉଜ୍ ଏବଂ ସୁରଃ ଫାତିହା ଆବୃତି କରିବାପରେ ହଜୁର ଅନଓ୍ୱର ଅ:ବ:ଅ କହିଲେ: ଆଜି ଆମେ ଦେଖୁଅଛେ ଯେ ସବୁଠାରୁ ଅଧିକା ବିଭ୍ରାଟ ମୁସଲମାନ ଦେଶଗୁଡ଼ିକରେ ଦେଖିବାକୁ ମିଳୁଅଛି । ଏପରି କି ମୁସଲମାନମାନେ ପରସ୍ପରର ମୁଣ୍ଡ କାଟିବାରେ ମାତିଛନ୍ତି । ଜଣେ **ଲା ଇଲାହା ଇଲ୍ଲଲ୍ଲାହୁ** ପାଠ କରୁଥିବା ବ୍ୟକ୍ତି ସେହି ସମାନ **ଲା ଇଲାହା ଇଲ୍ଲଲ୍ଲାହୁ** ପାଠ କରୁଥିବା ଅନ୍ୟ ଜଣେ ବ୍ୟକ୍ତିକୁ ହତ୍ୟା କରୁଅଛି । ତାହାର ଅଧିକାର ଓ ହକ୍‌କୁ ଆତ୍ମସାତ କରୁଅଛି । କୌଣସି ପ୍ରକାରେ ତାକୁ କ୍ଷତି ପହଂଚାଇବା ପାଇଁ ଚେଷ୍ଟା କରୁଛି । କ'ଣ ଏହା ପବିତ୍ର କୁର୍‌ଆନ୍‌ର ଶିକ୍ଷା ଯାହା ଉପରେ ଏହି ଲୋକମାନେ ପରିଚାଳିତ ହେଉଛନ୍ତି ? କ'ଣ ଏହା ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କ କାର୍ଯ୍ୟନମୁନା ଥିଲା, ଯାହା ଉପରେ ଏହି ଲୋକମାନେ ପରିଚାଳିତ ହେଉଛନ୍ତି ? ଆଜିକାଲି ଆମେ ଚାରିଆଡ଼େ ସାଂସାରିକତାର ପ୍ରାଧାନ୍ୟକୁ ଦେଖୁଅଛେ । ଯଦି ଧର୍ମ ବିଷୟରେ କିଏ କିଛି କହୁଛି ଓ ତା'ହେଲେ ସେ ତା' ରାଜନୀତିକୁ ଚମକାଇବା ପାଇଁ କହୁଛି ଏବଂ ଏହି ଧର୍ମ ଆଢୁଆଳରେ ନିଜର ସରକାରକୁ କାଏମ୍ କରିବା ପାଇଁ ବା ବଂଚାଇବା ପାଇଁ ଧର୍ମକୁ ବ୍ୟବହାର କରୁଛି ।

ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କ ଆଦର୍ଶ ସମ୍ବନ୍ଦରେ ହଜ୍‌ରତ୍ ଆଇଶା ର:ଅଙ୍କ ଏହି ବୟାନ୍ ସ୍ୱର୍ଣ୍ଣିମ ଅକ୍ଷରରେ ଲେଖାଯିବା ଯୋଗ୍ୟ ବର୍ଣ୍ଣନା ଅଟେ ଅର୍ଥାତ **"କାନା ଖୁଲୁକୁହୁଲ୍ କୁର୍‌ଆନ୍"** ***(ମସ୍‌ନଦ୍ ଇମାମ୍ ଅହ୍‌ମଦ୍ ବିନ୍ ହମ୍ବଲ୍, ଖଣ୍ଡ-୮, ପୃ-୩୦୫, ହଦିସ୍ ୨୫୮୧୬ ମସ୍‌ନଦ୍ ଆଇଶା ର:ଅ.....ବେରୁତ ୧୯୯୮)***

ଅର୍ଥାତ ଯଦି ମୁହମ୍ମଦ ସ:ଆ:ସଙ୍କ ଜୀବନୀ ଓ ଜୀବନଚର୍ଯ୍ୟା ବିଷୟରେ ଜାଣିବାକୁ ଚାହୁଁଛନ୍ତି ତା'ହେଲେ ପବିତ୍ର କୁର୍‌ଆନ୍ ହେଉଛି ମହାଭାଗ ସ:ଆ:ସଙ୍କ ଜୀବନୀର ସବିଶେଷ ବିବରଣୀ, ତାହାକୁ ପଢ଼ ଏବଂ ଏହି ଆଦର୍ଶ ସେ ଏଥିଯୋଗୁଁ ପ୍ରତିଷ୍ଠା କରିଛନ୍ତି ଯେ ତାଙ୍କୁ ମାନୁଥିବା ମୋମିନ୍ (ବିଶ୍ୱାସକାରୀ)ମାନେ ତାହା ଉପରେ ପରିଚାଳିତ ହେବେ । କେବଳ ସ୍ଲୋଗାନ୍ ଦେବା ପାଇଁ ନୁହେଁ । ଅଲ୍ଲାଃ ତାଲା ମଧ୍ୟ ଏହା ହିଁ କହିଛନ୍ତି ଯେ, ମୋ ସହିତ ପ୍ରକୃତ ସମ୍ବନ୍ଧ କେବଳ **ଲା ଇଲାହା ଇଲ୍ଲଲ୍ଲାହୁ** କହିବା ଦ୍ୱାରା ପ୍ରତିଷ୍ଠା ହେବ ନାହିଁ ବରଂ ଯଦି ମୋ ପ୍ରେମ ପାଇବାକୁ ଚାହୁଁଛ ତା'ହେଲେ ମୋ ପ୍ରିୟ ରସୁଲଙ୍କୁ ଅନୁସରଣ କର । ତାହାଙ୍କ କାର୍ଯ୍ୟଶୈଳୀ/ଆଦର୍ଶକୁ ଆପଣାଇଲେ ତୁମେ ମୋର ପ୍ରିୟ ହୋଇଯିବ । ତୁମକୁ ସେହି ସ୍ଥାନ ମିଳିଯିବ ଯାହା ଅଲ୍ଲାଃ ତାଲାଙ୍କ ନିକଟତର ହେବାର ସ୍ଥାନ । ନଚେତ ତୁମର ସ୍ଲୋଗାନ୍ ସବୁ ଫମ୍ପା ସ୍ଲୋଗାନ୍ । ସୁତରାଂ ଅଲ୍ଲାଃ ତାଲା କହୁଛନ୍ତି:- **କୁଲ୍ ଇନ୍‌କୁନ୍‌ତୁମ୍ ତୁହିବ୍‌ବୁନଲ୍ଲାହା ଫତ୍‌ତବିଉନି ୟୁହ୍‌ବିବ୍‌କୁମୁଲ୍ଲାହୁ ଓ୍ୱ ୟଗ୍‌ଫିର୍‌ଲକୁମ୍ ଜୁନୁବକୁମ୍ ଓ୍ୱଲ୍ଲାହୁ ଗଫୁରୁର୍ ରହିମ୍** ***(ଆଲେ ଇମ୍‌ରାନ୍:୩୨)*** ଅର୍ଥାତ:- ତୁମ୍ଭେ କୁହ, "(ହେ ଲୋକମାନେ!) ଯଦି ତୁମେମାନେ ଅଲ୍ଲାଃଙ୍କୁ ପ୍ରେମ କରୁଥାଅ ତେବେ ଆମ୍ଭକୁ ଅନୁସରଣ କର; ତା'ହେଲେ ଅଲ୍ଲାଃ ତୁମମାନଙ୍କୁ ପ୍ରେମ କରିବେ ଏବଂ ତୁମମାନଙ୍କର ଦୋଷ କ୍ଷମା କରିବେ" ଏବଂ ଅଲ୍ଲାଃ ଅତ୍ୟନ୍ତ କ୍ଷମାଶୀଳ (ଓ) ସଦା କରୁଣାମୟ ।

କ'ଣ ଅଲ୍ଲାଃ ତାଲା ଯାହାକୁ ପ୍ରେମ କରନ୍ତି, ତା'ର ଏପରି ଅବସ୍ଥା ହୁଏ, ଯେପରି ଅବସ୍ଥା ଆଜିକାଲି ମୁସଲମାନମାନଙ୍କର ରହିଛି ? ଯେଉଁ ଓ୍ୱଲେମାମାନଙ୍କୁ ସାଧାରଣ ମୁସଲମାନମାନେ ଅଲ୍ଲାଃ ତାଲାଙ୍କ ପ୍ରିୟ ବୋଲି ଭାବୁଛନ୍ତି, ଅଲ୍ଲାଃଙ୍କ ନିକଟତର ବୋଲି ଭାବୁଛନ୍ତି, ସେହି ଓ୍ୱଲେମାମାନେ ଏ ଦୁନିଆରେ ସବୁଠାରୁ ଅଧିକା ଫସାଦ / ବିଭ୍ରାଟ ସୃଷ୍ଟି କରୁଛନ୍ତି । ପାକିସ୍ତାନରେ କିଛି ବିଶ୍ଳେଷକ ଏବଂ ସ୍ତମ୍ଭକାର ଖବର କାଗଜରେ ଏକଥା ଲେଖିବାକୁ ଲାଗିଗଲେଣି ଏବଂ ଅନ୍ୟ ମିଡ଼ିଆରେ ଏ କଥା କହିବାକୁ ଲାଗିଲେଣି ଯେ ଆଜି ମୁସଲମାନମାନଙ୍କର ଏଭଳି ଅବସ୍ଥା ସେମାନଙ୍କର ତଥା କଥିତ ଓ୍ୱଲେମାମାନେ ଏପରି କରିଦେଇଛନ୍ତି । ତେଣୁ ବର୍ତମାନ ମୁସଲମାନ ଓ୍ୱଲେମାମାନଙ୍କର ଅବସ୍ଥା ଏହା ଆବଶ୍ୟକ କରୁଅଛି ଯେ କେହି ଜଣେ ପବିତ୍ର କୁର୍‌ଆନ୍ ଏବଂ ସୁନ୍ନତର ବାସ୍ତବିକତାକୁ ବତାଇବା ବାଲା ହେବା ଉଚିତ ଏବଂ ଅଲ୍ଲାଃ ତାଲା ନିଜ ପ୍ରତିଶୃତି ମୁତାବକ ସେହି ବ୍ୟକ୍ତଙ୍କୁ ପ୍ରେରଣ କରିସାରିଛନ୍ତି । କିନ୍ତୁ ଓ୍ୱଲେମାମାନେ ନା' ତ' ନିଜେ ତାଙ୍କର କଥାକୁ ଶୁଣିବାକୁ ଚାହୁଁଛନ୍ତି ନା ଲୋକମାନଙ୍କୁ ଶୁଣିବାକୁ ଦେଉଛନ୍ତି । ବରଂ ଅଲ୍ଲାଃ ତାଲାଙ୍କ ତରଫରୁ ଆସିଥିବା ବ୍ୟକ୍ତି ବିରୋଧରେ କୁଫର୍ (ଅର୍ଥାତ ଅବିଶ୍ୱାସକାରୀ)ର ଫତ୍‌ଓ୍ୱା ଦେଇ ଏକ ପ୍ରକାରର ଭୟ ଓ ଆତଙ୍କ ସୃଷ୍ଟି କରୁଛନ୍ତି ।

ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଉପରେ ଏହି ଆପତି ଅଭିଯୋଗ ପ୍ରତିଦିନ ଲଗାଯାଉଅଛି ଯେ ଆପଣ ଆ:ସ ନଉଜୁବିଲ୍ଲାଃ (ଈଶ୍ୱରଙ୍କ ସରଣ) ସାଂସାରିକ ଇଚ୍ଛାକୁ ପୂରଣ କରିବା ପାଇଁ ଓ ନିଜର ସମ୍ମାନ ପାଇଁ ଏହି ଜମାତ୍ ପ୍ରତିଷ୍ଠା କରିଛନ୍ତି

ସେ ଯାହା ହେଉ ଆମେ ଏହା ଜାଣିଛନ୍ତି ଯେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କ ସଚ୍ଚା ପ୍ରେମୀ ଥିଲେ ଏବଂ ମହାଭାଗ ସ:ଆ:ସଙ୍କ ଶରିୟତ୍‌କୁ ସମର୍ଥନ ଏବଂ ତାହାର ପ୍ରଚାର ପ୍ରସାରକୁ ସମ୍ପୁର୍ଣ୍ଣ କରିବା ପାଇଁ ହିଁ ଅଲ୍ଲାଃ ତାଲା ତାଙ୍କୁ ପ୍ରେରଣ କରିଥିଲେ । ପବିତ୍ର କୁର୍‌ଆନ୍‌ର ଜ୍ଞାନ ଓ ତତ୍ୱକୁ ବୁଝିବାର ରାସ୍ତା ତାଙ୍କ ମାଧ୍ୟମରେ ଆମକୁ ପ୍ରାପ୍ତ ହେଲା । ସେ ପ୍ରତ୍ୟେକ ଅବସରରେ ପବିତ୍ର କୁର୍‌ଆନ୍‌ର ଶିକ୍ଷାର ଆଲୋକରେ ଆମର ମାର୍ଗଦର୍ଶନ କରିଛନ୍ତି । ସୁତରାଂ ଏହି ଆୟତ **କୁଲ୍ ଇନ୍‌କୁନ୍‌ତୁମ୍ ତୁହିବ୍‌ବୁନଲ୍ଲାହା ଫତ୍‌ତବିଉନି ୟୁହ୍‌ବିବ୍‌କୁମୁଲ୍ଲାଃ** କୁ ଭିନ୍ନ ଭିନ୍ନ ଅବସରରେ ଭିନ୍ନ ଭିନ୍ନ ପାର୍ଶ୍ୱରୁ ଓ ଭିନ୍ନ ଭିନ୍ନ ଅର୍ଥରେ ଉପସ୍ଥାପନ କରିଛନ୍ତି । ଏହା ହେଉଛି ସେହି ମାର୍ଗଦର୍ଶନ ଯାହା ଅଲ୍ଲାଃ ତାଲାଙ୍କ ନିକଟତର ଓ ତାହାଙ୍କ ପ୍ରିୟତମ କରାଇ ବିଭ୍ରାଟ ଓ ବିଶୃଙ୍ଖଳା ପରିସ୍ଥିତିରୁ ବାହାର କରାଇ ପାରିବ । ଏତଦ୍‌ବ୍ୟତିତ ମୁସଲମାନମାନଙ୍କ ପାଇଁ ନିଜର ସମ୍ମାନକୁ ବଜାୟ ରଖିବା ନିମନ୍ତେ, ନିଜ ନିଜର ଦେଶଗୁଡ଼ିକରେ ଶାନ୍ତି ପ୍ରତିଷ୍ଠା କରିବା ନିମନ୍ତେ ଇସ୍‌ଲାମ୍‌ର ଗୌରବକୁ ଦୁନିଆ ଉପରେ ପ୍ରକାଶ କରିବା ନିମନ୍ତେ ଅନ୍ୟ କୌଣସି ଉପାୟ ହିଁ ନାହିଁ । ଉତମ ଓ ପୂଣ୍ୟ ଫଳାପଳ ସେତେବେଳେ ସ୍ଥାପନ ହେବ ଯେତେବେଳେ ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କର ପ୍ରକୃତ ଅନୁସରଣ କରାଯିବ ନଚେତ

**ଲା ଇଲାହା ଇଲ୍ଲଲ୍ଲାହୁ** ର ସ୍ଲୋଗାନ୍ ମଧ ଫମ୍ପା ଏବଂ **ମୁହମ୍ମଦୁର୍ ରସୁଲୁଲ୍ଲାଃ** ର ସ୍ଲୋଗାନ୍ ବି ଫମ୍ପା ସାବ୍ୟସ୍ତ ହେବ ।

ବର୍ତମାନ ମୁଁ ଏହି ଆୟତର ବ୍ୟାଖ୍ୟାରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଉଦ୍ଧୃତ ଉପସ୍ଥାପନ କରିବି ।

"ମୁସଲମାନମାନଙ୍କ ମଧ୍ୟରେ ଆଭ୍ୟନ୍ତରୀଣ ବିଭେଦ ସୃଷ୍ଟି ହେବାର କାରଣ ହେଉଛି ସେମାନଙ୍କର ଏହି ସାଂସାରିକ ପ୍ରେମ । କାରଣ ଯଦି ଅଲ୍ଲାଃ ତାଲାଙ୍କ ପ୍ରିତିଭାଜନ ଲାଭ କରିବାକୁ ପ୍ରାଥମିକତା ଦିଆଯାଇଥାନ୍ତା ତା'ହେଲେ ସେମାନେ ସହଜରେ ବୁଝିପାରିଥାନ୍ତେ ଯେ ଅମୁକ ଫିର୍କାର ସିଦ୍ଧାନ୍ତ ଅଧିକ ସ୍ୱଷ୍ଟ ଓ ସ୍ୱଚ୍ଛ । ଫଳତଃ ସେମାନେ ତାହାକୁ ଗ୍ରହଣ କରି ଏକ ହୋଇଯାଇଥା'ନ୍ତେ । ଏବେ ଯେହେତୁ ଏହି ସାଂସାରିକ ପ୍ରେମ ହେତୁ ଏପରି ଅସୁବିଧା ସୃଷ୍ଟି ହେଉଅଛି, ତେଣୁ ଏମିତି ଲୋକମାନଙ୍କୁ କିପରି ମୁସଲମାନ କୁହାଯାଇପାରିବ । ଯେବେକି ସେମାନଙ୍କର ଆଚରଣ ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କ ଆଚରଣ ଅନୁରୁପ ନୁହେଁ । ଅଲ୍ଲାଃ ତାଲା ତ' ଏହା କହିଥିଲେ **କୁଲ୍ ଇନ୍‌କୁନ୍‌ତୁମ୍ ତୁହିବ୍‌ବୁନଲ୍ଲାହା ଫତତ୍‌ବିଉନି ୟୁହ୍‌ବିବ୍‌କୁମୁଲ୍ଲାହୁ** ଅର୍ଥାତ (କହିଦିଅ) ଯଦି ତୁମେ ଅଲ୍ଲାଃ ତାଲାଙ୍କୁ ପ୍ରେମ କରୁଥାଅ ତେବେ ଆମ୍ଭକୁ ଅନୁସରଣ କର ତାହା ହେଲେ ଅଲ୍ଲାଃ ତାଲା ତୁମକୁ ଠିକ୍ ରଖିବେ ।" ପୁଣି ଆପଣ ଆ:ସ କହୁଛନ୍ତି "ଏବେ ସେହି ହୁବ୍‌ବୁଲ୍ଲାହା (ଅଲ୍ଲାଃଙ୍କୁ ଭଲ ପାଇବା) ପରିବର୍ତେ ଓ ରସୁଲୁଲ୍ଲାଃ ସ:ଆ:ସଙ୍କୁ ଅନୁସରଣ କରିବା ପରିବର୍ତେ ହୁବ୍‌ବୁଦ୍ ଦୁନ୍‌ୟା (ଅର୍ଥାତ ସାଂସାରିକ ମାୟା ମୋହରେ ମଜ୍ଜିଯିବା)କୁ ପ୍ରାଥମିକତା ଦିଆଯାଉଅଛି । କ'ଣ ଏହା ହେଉଛି ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କ ଅନୁସରଣ ? କ'ଣ ହଜ୍‌ରତ୍ ମୁହମ୍ମଦ ସ:ଆ:ସ ସଂସାରପ୍ରେମୀ ଥିଲେ ? କ'ଣ (ନଉଜୁବିଲ୍ଲାଃ)ସେ ସୁଧ ନେଉଥିଲେ ? ଏବଂ ନିଜ କର୍ତବ୍ୟ ଓ ଅଲ୍ଲାଃଙ୍କ ଆଦେଶ ପାଳନ କରିବାରେ ଅବହେଳା କରୁଥିଲେ ? କ'ଣ ମହାଭାଗ ସ:ଆ:ସ ଠାରେ ମାଆଜଲ୍ଲାଃ କପଟତା ଥିଲା ? କ'ଣ ଆପଣ ସ:ଆ:ସ ଏ ସଂସାରକୁ ଧର୍ମ ଉପରେ ଅଗ୍ରାଧିକାର ଦେଉଥିଲେ ? ଚିନ୍ତା କର । ପ୍ରକୃତ ଅନୁସରଣ ହେଉଛି ଏହା କି ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କ ପଦାଙ୍କ ଅନୁସରଣ କରି ଚାଲନ୍ତୁ ଏବଂ ପୁଣି ଏହା ଦେଖନ୍ତୁ ଯେ ଅଲ୍ଲାଃ ତାଲା କଭଳି ତା'ର କୃପା ବର୍ଷଣ କରୁଛନ୍ତି" ।

***(ମଲ୍‌ଫୁଜାତ୍ ଖଣ୍ଡ-୮, ପୃ-୩୪୮-୩୪୯, ଏଡ଼ିଶନ୍ ୧୯୮୫)***

କିନ୍ତୁ ଆଜିକାଲି ମୁସଲମାନମାନଙ୍କର ଯେଉଁ ଅବସ୍ଥା ରହିଛି, ପୁଣି ଅଲ୍ଲାଃ ତାଲା ତାଙ୍କ ସହିତ ଯେଉଁଭଳି ବ୍ୟବହାର କରୁଛନ୍ତି, ତାହା ପ୍ରମାଣିତ କରୁଅଛି ଯେ, ସେମାନଙ୍କର ଅବସ୍ଥା ଅତ୍ୟନ୍ତ ଶୋଚନୀୟ । ଦେଶ ଦେଶ ମଧ୍ୟରେ ଯୁଦ୍ଧ ଚାଲିଛି । ଅନ୍ୟମାନଙ୍କ ନିକଟକୁ ଆମ ମୁସଲମାନ ଦେଶ ଯାଇ ଅନ୍ୟ ଏକ ମୁସଲମାନ ଦେଶ ସହିତ ଯୁଦ୍ଧ କରିବା ନିମନ୍ତେ ଭିକ ମାଗୁଛନ୍ତି । ବିଗତ ଦିନରେ ଆମେରୀକାର ରାଷ୍ଟ୍ରପତି ଇରାନ୍ ବିରୁଦ୍ଧରେ ପୁନଃ ପ୍ରତିବନ୍ଧକ ଲଗାଇବା ପାଇଁ ଘୋଷଣା କଲେ । ଏବେ ତା' ଉପରେ କାମ ଚାଲିଛି । ଏହି ଘୋଷଣା ଯୋଗୁଁ ସାରା ୟୁରୋପ, ୟୁରୋପୀୟ ୟୁନିୟନ୍, ଆନ୍ୟାନ୍ୟ ଦେଶଗୁଡ଼ିକ ତାହାର ବିରୋଧ କରୁଛନ୍ତି । ଏଠି ଇଂଗ୍‌ଲିସ୍ତାନ୍‌ରେ ଜଣେ ଅଂଗ୍ରେଜ୍ ସ୍ତମ୍ଭକାର ଲେଖିଛନ୍ତି ଯେ ଆମେରୀକା ରାଷ୍ଟ୍ରପତିଙ୍କ ଏହି ପଦକ୍ଷେପକୁ ସମଗ୍ର ବିଶ୍ୱ ବିରୋଧ କରୁଛି । କେବଳ ତିନୋଟି ଦେଶ ଏକଥା କହୁଛନ୍ତି ଯେ ଆମେରୀକା ବହୁତ ଭଲ କାମ କରୁଛି । ଗୋଟିଏ ହେଉଛି ଆମେରୀକା ନିଜେ, ଗୋଟିଏ ହେଉଛି ଇସ୍ରାଇଲ୍ ଓ ଅନ୍ୟ ଦେଶଟି ହେଉଛି ସାଉଦି ଆରବ । ଏବେ ସାଉଦି ଆରବ ଗୋଟିଏ ମୁସଲମାନ ଦେଶ ବିରୁଦ୍ଧରେ  ଅନ୍ୟ ଏକ ଅଣମୁସଲିମ୍ ଦେଶକୁ ଯୁଦ୍ଧ କରିବା ପାଇଁ ଅନୁମତି ଦେଉଅଛି । ବରଂ ତାକୁ ସାହାଯ୍ୟ ସମର୍ଥନ କରୁଅଛି । ଏହା ହେଉଛି ମୁସଲମାନମାନଙ୍କ ଅବସ୍ଥା । ଏହାର ନକ୍ସାଟାଣି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହିଛନ୍ତି ଯେ ତୁମମାଙ୍କର ମନ ଆପୋଷରେ ଫାଟି ଫାଟି ଯାଉଛି ତେଣୁ ଏପରି ଅବସ୍ଥାରେ ତୁମେମାନେ ଅଲ୍ଲାଃଙ୍କ କୃପା କିଭଳି ହାସଲ କରିପାରିବ ?

ମଣିଷ ପ୍ରକୃତ ପୂଣ୍ୟକୁ କିପରି ହାସଲ କରିପାରିବ । ଅଲ୍ଲାଃ ତାଲାଙ୍କ ପ୍ରସନ୍ନତା କିପରି ପ୍ରାପ୍ତ କରିପାରିବ ? ଏ ସମ୍ବନ୍ଧରେ ହଜ୍‌ରତ୍ ମସିହ ମଉଦ୍ ଆ:ସ କହିଛନ୍ତି:-

"ମୁଁ ସତ୍ୟ କହୁଅଛି (ଏବଂ ନିଜ ଅଭିଜ୍ଞତାରୁ କହୁଛି) ଯେ କୌଣସି ବ୍ୟକ୍ତି ସେ ପର୍ଯ୍ୟନ୍ତ ପ୍ରକୃତ ପୂଣ୍ୟ ଓ ଅଲ୍ଲାଃଙ୍କ ପ୍ରସନ୍ନତା ଲାଭ କରିପାରିବନାହିଁ ଏବଂ ସେହି ପୁରସ୍କାର, ବିଭୂତି, ଐଶିଜ୍ଞାନ ତଥା ସତ୍‌ଜ୍ଞାନ ଏବଂ କୁଶୁଫ୍‌ର ସୌଭାଗ୍ୟ ପାଇ ପାରିବ ନାହିଁ ଯାହା ସର୍ବୋଚ୍ଚ ସ୍ତରର ପବିତ୍ରତା ଯୋଗୁଁ ହାସଲ ହୋଇଥାଏ" (ସର୍ବୋଚ୍ଚ ସ୍ତରର ପବିତ୍ରତାକୁ ମଣିଷ ପ୍ରାପ୍ତ କଲେ ଅଲ୍ଲାଃ ତାଲାଙ୍କ ପୁରସ୍କାର ଓ ବିଭୂତି ମିଳିଥାଏ, କୁଶୁଫ୍ ହୋଇଥାଏ ଏବଂ ଅଲ୍ଲାଃ ତାଲାଙ୍କ ସହିତ ବାର୍ତାଳାପ ହୋଇଥାଏ) ପୁଣି କହିଲେ "ଯେ ପର୍ଯ୍ୟନ୍ତ ସେ ରସୁଲୁଲ୍ଲାଃ ସ:ଆ:ସଙ୍କ ଅନୁସରଣ କରିବାରେ ହଜି ନ ଯାଇଛି (ଅର୍ଥାତ ମଗ୍ନ ନ ହୋଇଛି) । ଏହାର ପ୍ରମାଣ ଖୁଦ୍ ଅଲ୍ଲାଃ ତାଲାଙ୍କ ବାଣୀରେ ମିଳୁଅଛି । ଅଲ୍ଲାଃ ତାଲା କହିଛନ୍ତି- **କୁଲ୍ ଇନ୍‌କୁନ୍‌ତୁମ୍ ତୁହିବ୍‌ବୁନଲ୍ଲାହା ଫତ୍‌ତବିଉନି ୟୁହ୍‌ବିବ୍‌କୁମୁଲ୍ଲାହୁ** । ଏବଂ ଅଲ୍ଲାଃ ତାଲାଙ୍କ ଏହି ଦାବିର ବ୍ୟବହାରିକ ଏବଂ ଜୀବନ୍ତ ପ୍ରମାଣ ହେଉଛି ମୁଁ ନିଜେ ।" ***(ମଲ୍‌ଫୁଜାତ୍ ଖଣ୍ଡ-୧, ପୃ-୨୦୪, ଏଡ଼ିଶନ୍ ୧୯୮୫, ମୁଦ୍ରଣ- ଇଙ୍ଗିଲ୍‌ସ୍ତାନ) ।*** ଅର୍ଥାତ କହୁଛନ୍ତି ଯେ ଏ ଯୁଗରେ ମୋ ସହିତ ଅଲ୍ଲାଃ ତାଲା କଥା ହେଉଛନ୍ତି । ଏହା ଏଥିପାଇଁ କି ମୁଁ ଆଁ ହଜ୍‌ରତ୍ ସ:ଆ:ସଙ୍କ ଭିତରେ ହଜିଗଲି, ତାଙ୍କର ଅନୁସରଣ କଲି ଫଳତଃ ଅଲ୍ଲାଃ ତାଲା ମୋ ସହିତ ପ୍ରେମପୂର୍ଣ୍ଣ ବ୍ୟବହାର କଲେ ।

ସୁତରାଂ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଉପରେ ଯେଉଁ ଆରୋପ ଲଗାଯାଉଅଛି ଯେ ଆପଣ ଆ:ସ ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କ ପଦମର୍ଯ୍ୟାଦା ହାନି କରିଛନ୍ତି, ଏହା ବିଲ୍‌କୁଲ୍ ମିଥ୍ୟାରୋପ ଅଟେ । ଯେବେ କି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହିଛନ୍ତି ଯେ ଯେଉଁ ସ୍ଥାନ ମୁଁ ପାଇଛି ତାହା ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କୁ ଭଲ ପାଇବା ଯୋଗୁଁ, ତାଙ୍କ ସହିତ ନିବିଡ଼ ପ୍ରେମ ଯୋଗୁଁ ଏବଂ ମହାଭାଗ ସ:ଆ:ସଙ୍କ ପୂର୍ଣ୍ଣ ଅନୁସରଣ କରିବା ଯୋଗୁଁ ପାଇଛି ।

ଏହି ପୂର୍ଣ୍ଣ ଅନୁସରଣ ଯୋଗୁଁ ଅଲ୍ଲାଃ ତାଲା ଯେଉଁ କାମଗୁଡ଼ିକୁ ହଜ୍‌ରତ୍ ମସହ୍ ମଉଦ୍ ଆ:ସଙ୍କୁ ସମ୍ପାଦନ କରିବା ପାଇଁ ଦେଲେ, ସେ ସମ୍ବନ୍ଧରେ ଆପଣ ଆ:ସ କହିଛନ୍ତି:-

"ମତେ ଏଥିପାଇଁ ପ୍ରେରଣ କରାଯାଇଅଛି ଯେ ମୁଁ ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କ ହଜିଯାଇଥିବା ଗୌରବକୁ / ମହାନତାକୁ ପୁନଃ ପ୍ରତିଷ୍ଠା କରିବି ଏବଂ ବିଶ୍ୱକୁ ପବିତ୍ର କୁର୍‌ଆନ୍‌ର ସତ୍ୟତା ଦେଖାଇବି । ଏବେ ଏହି ସବୁ କାର୍ଯ୍ୟ ହେଉଅଛି । କିନ୍ତୁ ଯେଉଁମାନଙ୍କ ଆଖିରେ ପଟି ଲଗାଯାଇଛି, ସେମାନେ ତାହା ଦେଖି ପାରିବେ ନାହିଁ ।"

***(ମଲ୍‌ଫୁଜାତ୍ ଖଣ୍ଡ-୫, ପୃ-୧୪, ଏଡ଼ିଶନ୍ ୧୯୮୫, ମୁଦ୍ରଣ- ଇଙ୍ଗିଲ୍‌ସ୍ତାନ) ।***

ପୁଣି ଆଉ ଏକ ସ୍ଥାନରେ ଉକ୍ତ ଆୟତର ବ୍ୟାଖ୍ୟା କରି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ  କହିଛନ୍ତି:-

"ସେମାନଙ୍କୁ କହିଦିଅ ଯେ ଯଦି ତୁମେ ଅଲ୍ଲାଃଙ୍କ ପ୍ରୀୟ ପାତ୍ର ହେବାକୁ ଚାହୁଁଛ ଓ ତୁମର ସମସ୍ତ ପାପଗୁଡ଼ିକୁ କ୍ଷମା କରିଦିଆଯିବ ବୋଲି ଚାହୁଁଅଛ ତା'ହେଲେ ଏହାର ଗୋଟିଏ ମାତ୍ର ମାର୍ଗ ରହିଛି କି ମୋତେ ଅନୁସରଣ କର ଏବଂ ତୁମେମାନେ ଯେଉଁ ଦାବି କରୁଛ ଯେ ଆମେ ଅଲ୍ଲାଃଙ୍କୁ ପ୍ରେମ କରୁଛୁ, ତାହା ଏପରି କ୍ଷେତ୍ରରେ ସତ୍ୟ ଏବଂ ସଠିକ୍ ପ୍ରମାଣ ହେବ ଯେବେ ତୁମେମାନେ ମତେ ଅନୁସରଣ କରିବ ।" (ଅର୍ଥାତ ଆଁ ହଜ୍‌ରତ୍ ସ:ଆ:ସଙ୍କୁ ଅନୁସରଣ କରିବ) ପୁଣି ଆପଣ ଆ:ସ କହୁଛନ୍ତି:- "ଏହି ଆୟତରୁ ସ୍ୱଷ୍ଟ ଭାବରେ ଜଣାପଡୁଛି ଯେ ମଣିଷ ନିଜର ମନଗଢ଼ା ଉପାୟ ଏବଂ ଶୈଳୀ, ପରିଶ୍ରମ ଏବଂ ଜପତପ ଦ୍ୱାରା ଅଲ୍ଲାଃଙ୍କ ପ୍ରୀୟପାତ୍ର ଏବଂ ଈଶ୍ୱରଙ୍କ ନିକଟତର ହେବାର ହକ୍‌ଦାର ହୋଇପାରିବ ନାହିଁ । ଜଣେ ଯେ ପର୍ଯ୍ୟନ୍ତ ରସୁଲୁଲ୍ଲାଃ ସ:ଆ:ସଙ୍କ ଆଜ୍ଞାରେ ହଜି ନଯାଇଛି ସେ ପର୍ଯ୍ୟନ୍ତ ତା' ଉପରେ ଅଲ୍ଲାଃଙ୍କ ଜ୍ୟୋତି ଓ ଆଶୀର୍ବାଦ ଅବତୀର୍ଣ୍ଣ ହୋଇପାରିବ ନାହିଁ । ଯିଏ ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କ ପ୍ରେମରେ ହଜିଯାଏ ଏବଂ ତାହାଙ୍କ ଆଜ୍ଞାପାଳନ ଓ ଅନୁସରଣରେ ପ୍ରତ୍ୟେକ ପ୍ରକାରର ମୃତ୍ୟୁକୁ ନିଜ ଜୀବନ ଉପରେ ଲଦି ଦିଏ, ତାକୁ ସେହି ବିଶ୍ୱାସର ଜ୍ୟୋତି, ପ୍ରେମ ଓ ସ୍ନେହ ଦିଆଯାଏ ତାହା ଗଏରୁଲ୍ଲାଃ (ଅର୍ଥାତ ଅଲ୍ଲାଃଙ୍କ ବ୍ୟତୀତ ଅନ୍ୟ ସମସ୍ତ କୃତ୍ରିମ ପ୍ରଭୁ)ଠାରୁ ମୁକ୍ତି ପ୍ରଦାନ କରେ ଏବଂ ପାପାରୁ ପରିତ୍ରାଣ ଓ ମୋକ୍ଷ ପାଇବାର କାରଣ ହୋଇଥାଏ । ତାକୁ ସେହି ଦୁନିଆରେ ଏକ ପବିତ୍ର ଜୀବନ ମିଳିଥାଏ ଏବଂ ତାକୁ ଭାବ ପ୍ରବଣତାର ସଂକୀର୍ଣ୍ଣ ଓ ଅନ୍ଧକାର ପୂର୍ଣ୍ଣ କବର ମଧ୍ୟରୁ ବାହାର କରିଦିଆଯାଏ । ନିମ୍ନ ହଦିସ୍‌ଟି ଏଥିପ୍ରତି ଇସାରା କରୁଛି ଯେ **"ଅନଲ୍ ହାଶିରୁଲ୍ ଲଜ୍ଜି ୟୁହ୍‌ଶରୁନ୍ ନାସୁ ଅଲା କଦମି ।** ଅର୍ଥାତ:- ମୁଁ ସେହି ମୁର୍ଦ୍ଦାରମାନଙ୍କୁ ଉଠାଇବାକୁ ଯାଉଛି ଯାହାଙ୍କ ପାଦତଳୁ ଲୋକମାନଙ୍କୁ ଉଠାଯାଇଥାଏ ।" ***(ମଲ୍‌ଫୁଜାତ୍ ଖଣ୍ଡ-୨, ପୃ-୧୮୩, ଏଡ଼ିଶନ୍ ୧୯୮୫, ମୁଦ୍ରଣ- ଇଙ୍ଗିଲ୍‌ସ୍ତାନ) ।*** ଆଧ୍ୟାତ୍ମିକ ରୂପେ ମରିଯାଇଥିବା ଲୋକମାନଙ୍କୁ ଜୀବନ ପ୍ରଦାନ କରିବେ । ମହାଭାଗଙ୍କର ଯେଉଁମାନେ ଅନୁସରଣ କରନ୍ତି ସେମାନେ ଅଲ୍ଲାଃଙ୍କ ପ୍ରୀୟପାତ୍ର ହେବେ ।

ପୁଣି ଏକ ସ୍ଥାନରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହିଛନ୍ତି:- "ମହାନ୍ ସୌଭାଗ୍ୟ ପ୍ରାପ୍ତ କରିବା ପାଇଁ ଅଲ୍ଲାଃ ତାଲା ଗୋଟିଏ ମାର୍ଗ ରଖିଛନ୍ତି ଯେ ରସୁଲୁଲ୍ଲାଃ ସ:ଆ:ସଙ୍କ ଆଜ୍ଞାପାନଳ କରାଯାଉ । ଯେମିତି କି ଏହି ଆୟତରେ ଅଲ୍ଲାଃ ସ୍ୱଷ୍ଟଭାବରେ କହିଛନ୍ତି:- **କୁଲ୍ ଇନ୍ କୁନ୍‌ତୁମ୍ ତୁହିବ୍‌ବୁନଲ୍ଲାହା ଫତ୍‌ତବିଉନି ୟୁହ୍‌ବିବ୍‌କୁମୁଲ୍ଲାହୁ** ଅର୍ଥାତ ଆସ ମୋତ ଅନୁସରଣ କର ଯଦ୍ୱାରା ଅଲ୍ଲାଃ ତୁମକୁ ଭଲ ପାଇବେ । ଏହାର ଅର୍ଥ ନୁହେଁ ଯେ କେବଳ ଏକ ପ୍ରଥା ମୁତାବକ ଉପାସନ କର । ଯଦି ଏହା ହିଁ ପ୍ରକୃତ ଧର୍ମ ତେବେ ନମାଜ କ'ଣ ? ଓ ରୋଜା କ'ଣ ? ନିଜେ ହିଁ ଗୋଟିଏ କଥାରୁ ରୋକିଯିବା ଓ ନିଜେ ପୁଣି କରିନେବା ।" (ପ୍ରଥା ଭାବରେ ନମାଜଗୁଡ଼ିକୁ ପାଠ କରିବାର ନାହିଁ  । ନମାଜ ଏମିତି ପାଠ କର, ଯେମିତି ତାଙ୍କୁ ପାଠ କରିବା କଥା । ନମାଜର ଯେଉଁ ସମୟ ରହିଛି ତାହା ମୁତାବକ ନମାଜ ପାଠ କରିବା ଜରୁରୀ ପୁଣି ଏପରି ଉପାସନା କର ଯେମିତି ଅଲ୍ଲାଃ ତୁମ ସାମନାରେ ଛିଡ଼ା ହୋଇଛନ୍ତି । ନଚେତ ଏହା ସବୁ ତ' ଆନୁଷ୍ଠାନିକ /ଔପଚାରିକ ଉପାସନା ହେବ) । ପୁଣି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହିଲେ:-

"ଇସ୍‌ଲାମ୍ କେବଳ ଏହାର ନାମ ନାହିଁ । ଇସ୍‌ଲାମ୍ ହେଉଛି ଏହା କି ଛାଗଳ ପରି ମୁଣ୍ଡ ରଖିଦେବା । ଯେମିତି ରସୁଲୁଲ୍ଲାଃ ସ:ଆ:ସ କହିଛନ୍ତି ଯେ ମୋର ମରିବା, ମୋର ବଂଚି ରହିବା, ମୋ ନମାଜ ଏବଂ ମୋ ବଳିଦାନ ସବୁକିଛି ଅଲ୍ଲାଃଙ୍କ ପାଇଁ ତେଣୁ ସର୍ବ ପ୍ରଥମେ ମୁଁ ମୋ ବେକକୁ ରଖୁଛି ।"

***(ମଲ୍‌ଫୁଜାତ୍ ଖଣ୍ଡ-୨, ପୃ-୧୮୬, ଏଡ଼ିଶନ୍ ୧୯୮୫, ମୁଦ୍ରଣ- ଇଙ୍ଗିଲ୍‌ସ୍ତାନ) ।***

ତେଣୁ ପ୍ରକୃତ ଆଜ୍ଞାକାରୀ ତଥା ଅନୁସରଣକାରୀ ନିଜ ଉପାସନାର ସ୍ତରକୁ ଉଚ୍ଚ କରିଥାନ୍ତି । ଅତଏବ ଆମମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କୁ ଏହା ଅନୁଶୀଳନ କରିବା ଉଚିତ ଯେ ଏହି ଦୃଷ୍ଟିକୋଣରୁ ଆମ ପାଇଁ ମଧ୍ୟ ଏହା ଜରୁରୀ ନଚେତ ଆଜ୍ଞାବହ ହେବାର ଆମେ ଯେଉଁ ଦାବି କରୁଛେ ତାହା ଫମ୍ପା ଦାବି ହେବ ।

ପୁଣି ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କ ସିଦ୍ଧ ଏକେଶ୍ୱରବାଦୀ ହେବା ସମ୍ବନ୍ଧରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହିଛନ୍ତି ଯେ ଅଲ୍ଲାଃ ତାଲାଙ୍କର ଏହି ବାଣୀ ରହିଛି ଯେ "ହେ ରସୁଲ୍ ! ତୁମେ ସେହି ଲୋକମାନଙ୍କୁ କହିଦିଅ ଯେ ଯଦି ତୁମେମାନେ ଅଲ୍ଲାଃଙ୍କୁ ଭଲ ପାଉଥାଅ ତା'ହେଲେ ମୋତେ ଅନୁସରଣ କର ।" (ଏହା ସେହି ଆୟତର ଅନୁବାଦ) ପୁଣି କହିଲେ "ଅଲ୍ଲାଃ ତାଲା ତୁମକୁ ନିଜର ପ୍ରିୟ କରିନେବେ ।" ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି ଯେ "ଆଁ ହଜ୍‌ରତ୍ ସ:ଆ:ସଙ୍କ ପୂର୍ଣ୍ଣ ଆନୁଗତ୍ୟ ମଣିଷକୁ ଈଶ୍ୱରଙ୍କ ପ୍ରିୟପାତ୍ର କରିଦିଏ । ଏଥିରୁ ଜଣାପଡ଼ିଲା ଯେ ମହାଭାଗ ସ:ଆ:ସ ପୂର୍ଣ୍ଣସିଦ୍ଧ ଏକେଶ୍ୱରବାଦୀ ଆଦର୍ଶ ଥିଲେ ।" ***(ମଲ୍‌ଫୁଜାତ୍ ଖଣ୍ଡ-୮, ପୃ-୧୧୫, ଏଡ଼ିଶନ୍ ୧୯୮୫, ମୁଦ୍ରଣ- ଇଙ୍ଗିଲ୍‌ସ୍ତାନ) ।*** ଅର୍ଥାତ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଏ ଦଲିଲ୍ ଦେଉଛନ୍ତି ଯେ ମହାଭାଗ ସ:ଆ:ସ ପୂର୍ଣ୍ଣ ଏକେଶ୍ୱରବାଦୀ ଥିଲେ । ଏପରି ଉଚ୍ଚ ସ୍ଥାନରେ ପହଂଚିଥିଲେ ଯେଉଁଠି ଅନ୍ୟ କେହି ପହଂଚି ପାରିବେ ନାହିଁ । ତେଣୁ ଉପାସନା ଦୃଷ୍ଟି କୋଣରୁ ମଧ୍ୟ ଅଲ୍ଲାଃ ତାଲା ଆପଣ ସ:ଆ:ସଙ୍କୁ ହିଁ ଆଦର୍ଶ ରୂପେ ଉପସ୍ଥାପନ କଲେ ଯେଉଁଭଳି ଅନ୍ୟ ନୈତିକ ଗୁଣଗୁଡ଼ିକ ପାଇଁ କରିଛନ୍ତି ।

ଗୋଟିଏ ସ୍ଥାନରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହିଛନ୍ତି:-

"ଯେ ପର୍ଯ୍ୟନ୍ତ ମଣିଷ ନବୀ କରିମ୍ ସ:ଆ:ସଙ୍କ ଚରିତ୍ର ଓ କାର୍ଯ୍ୟଶୈଳୀକୁ ନିଜର ମାର୍ଗଦର୍ଶିକା ଭାବରେ ଗ୍ରହଣ ନ କରିଛି ସେ ପର୍ଯ୍ୟନ୍ତ ସେ ଅଲ୍ଲାଃ ତାଲାଙ୍କ ପ୍ରେମକୁ ନିଜ ଭିତରେ ପୂର୍ଣ୍ଣ ରୂପରେ ସୃଷ୍ଟି କରିପାରିବ ନାହିଁ । ସୁତରାଂ ଅଲ୍ଲାଃ ସ୍ୱୟଂ ଏ ସମ୍ବନ୍ଧରେ କହିଛନ୍ତି:- **କୁଲ୍ ଇନ୍ କୁନ୍‌ତୁମ୍ ତୁହିବ୍‌ବୁନଲ୍ଲାହା ଫତ୍‌ତବିଉନି ୟୁହ୍‌ବିବ୍‌କୁମୁଲ୍ଲାହୁ ।** ଅର୍ଥାତ ଈଶ୍ୱରଙ୍କ ପ୍ରୀୟ ହେବାକୁ ହେଲେ ଏହା ଜରୁରୀ ଯେ ରସୁଲୁଲ୍ଲାଃ ସ:ଆ:ସଙ୍କୁ ଅନୁସରଣ କରାଯାଉ । ପ୍ରକୃତ ଅନୁସରଣ ହେଉଛି ଏହା କି ମହାଭାଗ ସ:ଆ:ସଙ୍କ ସୁନ୍ଦର ଚରିତ୍ରକୁ ନିଜ ମଧ୍ୟରେ ସୃଷ୍ଟି କରିବା ।"

***(ମଲ୍‌ଫୁଜାତ୍ ଖଣ୍ଡ-୩, ପୃ-୮୭, ଏଡ଼ିଶନ୍ ୧୯୮୫, ମୁଦ୍ରଣ- ଇଙ୍ଗିଲ୍‌ସ୍ତାନ) ।***

ଅତଏବ ଗୋଟିଏ ହେଉଛି ଉପାସନାର ଗୁଣ । ଆଉ ଗୋଟିଏ ହେଉଛି ଉତମ ଚାରିତ୍ରିକ / ନୈତିକ ଗୁଣ ଏବଂ ପ୍ରକୃତ ଅନୁସରଣ ଓ ଆଜ୍ଞାବହତା ସ୍ୱୀକାର କରିବାର ଅର୍ଥ ହେଉଛି ଏହା କି ପବିତ୍ର କୁର୍‌ଆନ୍‌ରେ ଯେଉଁ ଉତମ ଚରିତ୍ର ବିଷୟରେ ବର୍ଣ୍ଣନା କରାଯାଇଅଛି, ତାହା ସେମାନଙ୍କଠାରେ ସୃଷ୍ଟି କରାଯାଉ । ଯେମିତି କି ପୂର୍ବରୁ ଏହା ବର୍ଣ୍ଣନା ହୋଇସାରିଛି । ହଜ୍‌ରତ୍ ଆଇଶା ର:ଅ କହିଛନ୍ତି ଯେ:- **କାନା ଖୁଲୁକୁହୁଲ୍ କୁର୍‌ଆନ୍** ଅର୍ଥାତ ମହାଭାଗ ସ:ଆ:ସଙ୍କ ଉତମ ଚରିତ୍ରକୁ ଯଦି ଦେଖିବାକୁ ଚାହୁଁଛ ତା'ହେଲେ ପବିତ୍ର କୁର୍‌ଆନ୍ ପାଠ କର । ତାହା ହିଁ ଏହାର ବ୍ୟାଖ୍ୟା । ତେଣୁ ଏହି ଦୃଷ୍ଟିକୋଣରୁ ମଧ୍ୟ ଆମକୁ ପବିତ୍ର କୁର୍‌ଆନ୍ ପଢ଼ିବାର ଆବଶ୍ୟକତା ରହିଛି । ଅନ୍ୟକୁ କହିବା ପୂର୍ବରୁ ଆମେ ଆମ ନିଜର ସମୀକ୍ଷା କରିବା ଉଚିତ ଯେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କୁ ମାନି ଆମେ କେତେ ପରିମାଣରେ ପବିତ୍ର କୁର୍‌ଆନ୍‌କୁ ନିଜର ମାର୍ଗଦର୍ଶିକା କରିଛୁ । ଏହା ହେଉଛି ବୟତର ଏକ ଅଂଶ ମଧ୍ୟ । ଆମେ କେତେ ପରିମାଣରେ ସତ୍ୟକୁ ପ୍ରତିଷ୍ଠା କରିଛୁ ? ଆମେ କେତେ ପରିମାଣରେ ନ୍ୟାୟ ପ୍ରତିଷ୍ଠା କରିଛୁ ? ଆମେ କେତେ ପରିମାଣରେ ଲୋକମାନଙ୍କର ଅଧିକାର ଦେବା ପାଇଁ ଚେଷ୍ଟା କରିଛୁ ?

ପୁଣି ଗୋଟିଏ ସ୍ଥାନରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହିଛନ୍ତି:-

"ପ୍ରତ୍ୟେକ ବ୍ୟକ୍ତି ଆପଣା ଛାଏଁ ଅଲ୍ଲାଃଙ୍କ ସହିତ ସାକ୍ଷାତ କରିବାର ଶକ୍ତି ରଖିନାହିଁ । ସେଥି ସକାଶେ ମାଧ୍ୟମ ଜରୁରୀ ଅଟେ ଏବଂ ସେହି ମାଧ୍ୟମ ହେଉଛି ପବିତ୍ର କୁର୍‌ଆନ୍ ଏବଂ ହଜ୍‌ରତ୍ ମୁହମ୍ମଦ ସ:ଆ:ସ । ସେଥିଯୋଗୁଁ ଯିଏ ମହାଭାଗ ସ:ଆ:ସଙ୍କୁ ପରିତ୍ୟାଗ କରୁଛି ସେ କଦାପି ସଫଳ ହେବ ନାହିଁ । ମଣିଷ ବାସ୍ତବିକ ଏକ ଦାସ ଅର୍ଥାତ ଗୁଲାମ୍ । ଗୁଲାମ୍‌ର କାର୍ଯ୍ୟ ହେଉଛି ଏହା କି ମାଲିକ ତାକୁ ଯାହା ବି ହୁକୁମ୍ / ନିର୍ଦ୍ଦେଶ ଦେବେ, ସେ ତାହା ମାନିବ । ସେହିଭଳି ଯଦି ତୁମେ ଚାହୁଁଛ ଯେ ମୁହମ୍ମଦ ସ:ଆ:ସଙ୍କ ଆର୍ଶୀବାଦ ମିଳୁ ତା'ହେଲେ ଏହା ଜରୁରୀ ଯେ ତୁମେ ତାହାଙ୍କ ଦାସ / ଗୁଲାମ ହୋଇଯାଅ । ପବିତ୍ର କୁର୍‌ଆନ୍‌ରେ ଅଲ୍ଲାଃ ତାଲା କହିଛନ୍ତ:- **କୁଲ୍ ୟା ଇବାଦୀୟଲ୍ ଲଜିନା ଅସ୍‌ରଫୁ ଅଲା ଅନ୍‌ଫୁସିହିମ୍** ***(ଜୁମର:୫୪)*** (ଅର୍ଥାତ କହିଦିଅ ହେ ଆମ୍ଭର ଭକ୍ତମାନେ ! ଯେଉଁମାନେ ନିଜ ପ୍ରତି (ପାପ କରି) ଅତ୍ୟାଚାର କରିଅଛ) ପୁଣି କହିଲେ:- ଏଠାରେ ଭକ୍ତର ଅର୍ଥ ହେଉଛି ଗୁଲାମ୍ ନା କି ସବୁ ଲୋକମାନେ । ରସୁଲେ କରିମ୍ ସ:ଆ:ସଙ୍କ ଦାସ ହେବା ପାଇଁ ଏହା ଜରୁରୀ ଅଟେ ଯେ ମହାଭାଗ ସ:ଆ:ସଙ୍କ ଉପରେ ଦରୁଦ୍ ପ୍ରେରଣ କର ଓ ମହାଭାଗଙ୍କ କୌଣସି ଆଦେଶକୁ ମଧ୍ୟ ଅବମାନନା କରନାହିଁ । ସମସ୍ତ ଆଦେଶକୁ ପାଳନ କର । ଯେମିତି କି ପବିତ୍ର କୁର୍‌ଆନ୍‌ରେ ଏ ନିର୍ଦ୍ଦେଶ ଅଛି **କୁଲ୍ ଇନ୍‌କୁନ୍‌ତୁମ୍ ତୁହିବ୍‌ବୁନଲ୍ଲାହା ଫତ୍‌ତବିଉନି ୟୁହ୍‌ବିବ୍‌କୁମୁଲ୍ଲାହୁ ।** ଅର୍ଥାତ ଯଦି ତୁମେ ଅଲ୍ଲାଃଙ୍କୁ ପ୍ରେମ କରିବାକୁ ଚାହୁଁଛ ତେବେ ଆଁ ହଜ୍‌ରତ୍ ସ:ଆ:ସଙ୍କ ପ୍ରତି ସମ୍ପୂର୍ଣ୍ଣ ଆଜ୍ଞାକାରୀ ହୋଇଯାଅ ଏବଂ ରସୁଲେ କରିମ୍ ସ:ଆ:ସଙ୍କ ମାର୍ଗରେ ବିଲିନ ହୋଇଯାଅ ତେବେ ଯାଇ ଅଲ୍ଲାଃ ତୁମକୁ ପ୍ରେମ କରିବେ ।" ***(ମଲ୍‌ଫୁଜାତ୍ ଖଣ୍ଡ-୫, ପୃ-୩୨୧-୩୨୨, ଏଡ଼ିଶନ୍ ୧୯୮୫, ମୁଦ୍ରଣ- ଇଙ୍ଗିଲ୍‌ସ୍ତାନ) ।***

ଅତଏବ ଏମିତି ଜଣେ ବଡ଼ ପାପୀ ଯିଏ, ଇସ୍ତେଗ୍‌ଫାର୍ କରୁଥିବ ଏବଂ ମହାଭାଗ ସ:ଆ:ସଙ୍କ ଆଜ୍ଞାପାଳନ କରୁଥିବ, ଯଦି ସେ ବାସ୍ତବରେ ନିଜକୁ ପରିବର୍ତନ କରିବାକୁ ଚାହୁଁଥିବ, ତା'ହେଲେ ସେ ବି ଅଲ୍ଲାଃଙ୍କ ପ୍ରୀୟ ପାତ୍ର ହୋଇପାରିବ ।

ପୁଣି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହିଛନ୍ତି ଯେ:- "ଅଲ୍ଲାଃଙ୍କୁ ପ୍ରସନ୍ନ କରିବାର ଏକ ମାତ୍ର ମାର୍ଗ ହେଉଛି ଏହାକି ମୁହମ୍ମଦ ସ:ଆ:ସଙ୍କ ପ୍ରକୃତ ଆଜ୍ଞାପାଳନ କରାଯାଉ । ଏହା ଦେଖିବାକୁ ମିଳେ ଯେ ଲୋକମାନେ କିସମ କିସମର ରୀତିନୀତି ଓ ପ୍ରଥାରେ ଜଡ଼ିତ ରହିଛନ୍ତି । ଯଦି କିଏ ମରିଯାଉଛି ତା'ହେଲେ ଭଳି ଭଳିକା ନୂଆ ନୂଆ ପ୍ରଥା ଓ ରୀତିନୀତି କରାଯାଉଛି । ଯେବେ କି ଆମକୁ ମୃତ ବ୍ୟକ୍ତିଙ୍କ ନିମନ୍ତେ ଦୁଆ କରିବାର ଥିଲା । ଏପରି ରୀତିନୀତି ପାଳନ କରିବାରେ କେବଳ ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କୁ ବିରୋଧ ହିଁ କରାଯାଉନାହିଁ ବରଂ ମହାଭାଗଙ୍କୁ ଅସମ୍ମାନ ମଧ୍ୟ କରାଯାଉଅଛି ।" ହଜୁର ଅନଓ୍ୱର ଅ:ବ:ଅ କହିଲେ:- ଯେଉଁ ସମସ୍ତ ନୂଆ ନୂଆ ପ୍ରଥା ଉଦ୍ଭାବନ କରାଯାଇଅଛି ଏହା ଦ୍ୱାରା ନା କେବଳ ମହାଭାଗ ସ:ଆ:ସଙ୍କ ଆଦେଶାବଳୀର ଉଲ୍ଲଘଂନ କରାଯାଉଅଛି ବରଂ ଗୋଟିଏ ଦୃଷ୍ଟିରୁ ମହାଭାଗଙ୍କ ଅସମ୍ମାନ କରାଯାଉଅଛି ଏବେ ଯେଉଁମାନେ ହତକ ରସୁଲ୍ (ଅର୍ଥାତ ରସୁଲ୍ ସ:ଆ:ସଙ୍କ ଅସମ୍ମାନ ପାଇଁ ଦଣ୍ଡ ବିଧାନର) କାନୁନ ପାସ୍ କରିଛନ୍ତି, ସେମାନେ ସୁବଠାରୁ ଅଧିକା ଏପରି ସମସ୍ତ ବିଦାତ୍ (ନୂଆ ନୂଆ ଉଦ୍ଭାବନ କରାଯାଇଥିବା ରୀତିନୀତି)ରେ ଜଡ଼ିତ ଅଛନ୍ତି । ଏହି ଅସମ୍ମାନ କିପରି କରାଯାଉଅଛି ? ଏ ସମ୍ବନ୍ଧରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି ଯେ "....... ଅର୍ଥାତ ଆଁ ହଜ୍‌ରତ୍ ସ:ଆ:ସଙ୍କୁ ଯଥେଷ୍ଟ ବୋଲି ମଣାଯାଉନାହିଁ । ଯଦି ଯଥେଷ୍ଟ ମଣାଯାଉଥାନ୍ତା ତା'ହେଲେ ନିଜ ତରଫରୁ ପ୍ରଥାମାନ / ରୀତିନୀତି ଉଦ୍ଭାବନ କରିବା କାହିଁକି ଆବଶ୍ୟକ ପଡ଼ନ୍ତା ।"

***(ମଲ୍‌ଫୁଜାତ୍ ଖଣ୍ଡ-୫, ପୃ-୪୪୦, ଏଡ଼ିଶନ୍ ୧୯୮୫, ମୁଦ୍ରଣ- ଇଙ୍ଗିଲ୍‌ସ୍ତାନ) ।***

ଅତଏବ ଯେଉଁ ଲୋକମାନେ ଆମ ବିପକ୍ଷରେ କୁଫର୍ (ଅମାନ୍ୟକାରୀ) ହେବାର ଫତ୍‌ଓ୍ୱା ଦେଉଛନ୍ତି, ସେମାନେ ନିଜ ମନ ଭିତରକୁ ଝାଙ୍କି ଦେଖିବା ଉଚିତ ।

ପୁଣି ଗୋଟିଏ ସ୍ଥାନରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହିଛନ୍ତି:-

"ଯଦି ତୁମେମାନେ ଅଲ୍ଲାଃଙ୍କୁ ଭଲ ପାଉଥାଅ ତା'ହେଲେ ମତେ ଅନୁସରଣ କର । ଏହାର ଫଳାଫଳ ଏହା ହେବ କି ଅଲ୍ଲାଃ ତାଲା ତୁମକୁ ପ୍ରେମ କରିବେ ଓ ତୁମର ପାପଗୁଡ଼ିକୁ କ୍ଷମା କରିବେ । ଅତଏବ ଏବେ ଏହି ଆୟତରୁ ସ୍ପଷ୍ଟ ପ୍ରମାଣିତ ହୁଏ ଯେ ଯେ ପର୍ଯ୍ୟନ୍ତ ମଣିଷ ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କ ପୂର୍ଣ୍ଣ ଆଜ୍ଞାବହତା ସ୍ୱୀକାର ନ କରିଛି ସେ ପର୍ଯ୍ୟନ୍ତ ସେ ଅଲ୍ଲାଃଙ୍କଠାରୁ ଆର୍ଶୀବାଦ ପାଇପାରିବ ନାହିଁ ଏବଂ ସେହି ଜ୍ଞାନ ଓ ଅନ୍ତର୍ଦୃଷ୍ଟି ଯାହା ତାହାର ପାପପୂର୍ଣ୍ଣ ଜୀବନ ଏବଂ ତାହାର ମନ ଭିତରେ ଥିବା ଭୌତିକ ଆବେଗ ର ଅଗ୍ନିକୁ ଶୀତଳ କରିଦିଏ, ତାହା ତାକୁ ପ୍ରଦାନ କରାଯାଏନାହିଁ । ଏପରି ଲୋକମାନେ ଓ୍ୱଲମାଉ ଉମ୍ମତି ବର୍ଗ ମଧ୍ୟରେ ଗଣା ହୋଇଥାନ୍ତି । ***(ମଲ୍‌ଫୁଜାତ୍ ଖଣ୍ଡ-୮, ପୃ-୯୬-୯୭, ଏଡ଼ିଶନ୍ ୧୯୮୫, ମୁଦ୍ରଣ- ଇଙ୍ଗିଲ୍‌ସ୍ତାନ)***

ଯଦି ମନ ଭୌତିକ ଆବେଗକୁ ଶୀତଳ କରିବାକୁ ଚାହୁଁଛନ୍ତି ତେବେ ଆଁ ହଜ୍‌ରତ୍ ସ:ଆ:ସଙ୍କ ପୂର୍ଣ୍ଣ ଅନୁସରଣର ଆବଶ୍ୟକତା ରହିଛି । ଅଲ୍ଲାଃଙ୍କ ପ୍ରକୃତ ଜ୍ଞାନ ଓ ଅନ୍ତଦୃଷ୍ଟି ହାସଲ କରିବାକୁ ଚାହୁଁଛ, ତାହାଙ୍କ ପ୍ରିୟପାତ୍ର ହେବାକୁ ଚାହୁଁଛ, ତା'ହେଲେ ମହାଭାଗ ସ:ଆ:ସଙ୍କୁ ଅନୁସଣ କରିବା ଆବଶ୍ୟକ । ଯେଉଁ ଲୋକମାନେ ଏହା କରୁଛନ୍ତି ସେମାନେ ସେହି ସ୍ଥାନରେ ପହଂଚିଯାଉଛନ୍ତି, ଯାହାଙ୍କ ସମ୍ବନ୍ଧରେ ଆଁ ହଜ୍‌ରତ୍ ସ:ଆ:ସ କହିଛନ୍ତି ଯେ ମୋ ଉମ୍ମତ (ସମ୍ପ୍ରଦାୟ)ର ଓ୍ୱଲେମାଗଣ ବନି ଇସ୍‌ରାଇଲ୍‌ର ଅମ୍ବିଆ (ନବୀ)ମାନଙ୍କ ସଦୃଶ । ***(ଅଲ୍‌ମୌକୁଆତୁଲ୍ କୁବ୍‌ରା ଅଳ୍ ମୁଲ୍ଲା ଅଲୀ କାରୀ, ପୃ-୧୫୯, ହଦିସ୍ ୬୧୪.......କରାଚି)***

କିନ୍ତୁ ଆଜିକାଲିର ଓ୍ୱଲେମାମାନେ ସେଥିରେ ସାମିଲ୍ ନାହାନ୍ତି । ଏମାନେ ସେହି ପଦମର୍ଯ୍ୟାଦା ପାଇବେ ନାହିଁ । କାରଣ ଏମାନେ ତ' ଆଁ ହଜ୍‌ରତ୍ ସ:ଆ:ସଙ୍କ ଦ୍ୱାରା ଜାରି ରହିଥିବା ଆର୍ଶୀବାଦ ଓ ଅନୁଗ୍ରହକୁ ମାନୁନାହାନ୍ତି । ଏମାନେ ବୁଝୁ ହିଁ ନାହାନ୍ତି ଯେ ତାହାଙ୍କଠାରୁ ଅନୁଗ୍ରହ ମିଳିପାରିବ ବୋଲି ।

ପୁଣି ଆଁ ହଜ୍‌ରତ୍ ସ:ଆ:ସଙ୍କ ସ୍ଥାନ ଓ ପଦମର୍ଯ୍ୟାଦା ସମ୍ବନ୍ଧରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି ଯେ:-

"ଆଁ ହଜ୍‌ରତ୍ ସ:ଆ:ସଙ୍କର ସବୁଠାରୁ ବଡ଼ ସ୍ଥାନ (ପଦବୀ) ଏହା ଥିଲା ଯେ ମହାଭାଗ ସ:ଆ:ସ ଅଲ୍ଲାଃଙ୍କ ପ୍ରୀୟ ଥିଲେ । କିନ୍ତୁ ଅଲ୍ଲାଃ ତାଲା ଅନ୍ୟମାନଙ୍କ ପାଇଁ ମଧ ଏହି ସ୍ଥାନରେ ପହଂଚିବାର ମାର୍ଗ ବତାଇଛନ୍ତି । ଯେମିତି ଅଲ୍ଲାଃ ତାଲା କହିଛନ୍ତି:- **କୁଲ୍ ଇନ୍‌କୁନ୍‌ତୁମ୍ ତୁହିବ୍‌ବୁନଲ୍ଲାହା ଫତ୍‌ତବିଉନି ୟୁହ୍‌ବିବ୍‌କୁମୁଲ୍ଲାହୁ** । ଅର୍ଥାତ ସେମାନଙ୍କୁ କହିଦିଅ ଯେ ଯଦି ତୁମେମାନେ ଚାହୁଁଛ ଯେ ତୁମେ ଈଶ୍ୱରଙ୍କ ପ୍ରୀୟପାତ୍ର ହେବ ତା'ହେଲେ ମୋତେ ଅନୁସରଣ କର । (ଏହା ଦ୍ୱାରା) ଅଲ୍ଲାଃ ତୁମକୁ ତାଙ୍କର ପ୍ରିୟ କରିବେ ।" (ଆଁ ହଜ୍‌ରତ୍ ସ:ଆ:ସଙ୍କ ଜରିଆରେ ଅଲ୍ଲାଃ ତାଲା ଏ ଘୋଷଣା କରାଇଛନ୍ତି) । ପୁଣି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହିଲେ "ଏବେ ବିଚାର କରି ଦେଖନ୍ତୁ ଯେ ଆଁ ହଜ୍‌ରତ୍ ସ:ଆ:ସଙ୍କ ସମ୍ପୂର୍ଣ୍ଣ ଆଜ୍ଞାବହତା ସ୍ୱୀକାର କରିବା ଦ୍ୱାରା ଈଶ୍ୱରଙ୍କ ପ୍ରିୟପାତ୍ର ବନାଇ ଦିଏ ତା'ହେଲେ ଆଉ କ'ଣ ଦରକାର ?"

***(ମଲ୍‌ଫୁଜାତ୍ ଖଣ୍ଡ-୮, ପୃ-୬୫, ଏଡ଼ିଶନ୍ ୧୯୮୫, ମୁଦ୍ରଣ- ଇଙ୍ଗିଲ୍‌ସ୍ତାନ)***

ପୁଣି ଏକ ସ୍ଥାନରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହିଛନ୍ତି:-

"ଯେଉଁ ବ୍ୟକ୍ତି ଏହା କହୁଛି ଯେ ଆଁ ହଜ୍‌ରତ୍ ସ:ଆ:ସଙ୍କ ବିନା ଅନୁସରଣରେ ନଜାତ୍ (ପରିତ୍ରାଣ) ହୋଇପାରେ ବୋଲି, ସେ ହେଉଛି ମିଥ୍ୟାବାଦୀ ଅଟେ । ଅଲ୍ଲାଃ ଯେଉଁ କଥା ଆମକୁ ବୁଝାଇଛନ୍ତି ତାହା ଏହାର ସମ୍ପୂର୍ଣ୍ଣ ଓଲଟା । ଖୁଦାତାଲା କହିଛନ୍ତି ଯେ:- **କୁଲ୍ ଇନ୍‌କୁନ୍‌ତୁମ୍ ତୁହିବ୍‌ବୁନଲ୍ଲାହା ଫତ୍‌ତବିଉନି ୟୁହ୍‌ବିବ୍‌କୁମୁଲ୍ଲାହୁ** । ଅର୍ଥାତ ହେ ରସୁଲ୍ ମୁହମ୍ମଦ (ସ:ଆ:ସ) ! ସେମାନଙ୍କୁ କହିଦିଅ ଯେ ଯଦି ତୁମେ ଅଲ୍ଲାଃ ତାଲାଙ୍କୁ ପ୍ରେମ କରୁଥାଅ ତା'ହେଲେ ଆସ ମୋତେ ଅନୁସରଣ କର ଫଳତଃ ତୁମେ ଅଲ୍ଲାଃଙ୍କ ପ୍ରିୟ ହୋଇଯିବ । ଆଁ ହଜ୍‌ରତ୍ ସ:ଆ:ସଙ୍କୁ ଅନୁସରଣ ନ କରି କେହି ବି ମୋକ୍ଷ ପାଇ ପାରିବେ ନାହିଁ । ଯେଉଁ ଲୋକମାନେ ଆଁ ହଜ୍‌ରତ୍ ସ:ଆ:ସଙ୍କ ସହିତ ଘୃଣାଭାବ ରଖିଛନ୍ତି, ସେମାନଙ୍କର କେବେ ବି ମଙ୍ଗଳ ହେବନାହିଁ । ***(ମଲ୍‌ଫୁଜାତ୍ ଖଣ୍ଡ-୮, ପୃ-୪୩୪-୪୩୫, ଏଡ଼ିଶନ୍ ୧୯୮୫, ମୁଦ୍ରଣ- ଇଙ୍ଗିଲ୍‌ସ୍ତାନ) ।***

ଏହା ହେଉଛି ଆମ ବିଶ୍ୱାସର ଅଂଶବିଶେଷ ।

ଆଁ ହଜ୍‌ରତ୍ ସ:ଆ:ସଙ୍କ ପଦମର୍ଯ୍ୟାଦା ସମ୍ବନ୍ଧରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଜଣେ ଇସାଇଙ୍କ ସହିତ ତର୍କ କରୁଥିଲେ । ପ୍ରଶ୍ନ ଉତର ଚାଲିଥିଲା । ସେହି ଇସାଇ ଅର୍ଥାତ ଖ୍ରୀଷ୍ଟିଆନ୍ ଜଣକ ହଜ୍‌ରତ୍ ଇସା ଆ:ସଙ୍କ ପଦମର୍ଯ୍ୟାଦା ସମ୍ବନ୍ଧରେ କହିଲେ ଯେ ହଜ୍‌ରତ୍ ଇସା ଆ:ସ ନିଜ ସମ୍ବନ୍ଧରେ ଏହା କହିଛନ୍ତି ଯେ:- "ମୋ ନିକଟକୁ ଆସ, ତୁମେମାନେ ଯିଏ କ୍ଲାନ୍ତ, ମୁଁ ତୁମକୁ ଆରାମ୍ ଦେବି" ପୁଣି ଏହା (ମଧ ଇସା ଆ:ସ) କହିଛନ୍ତି ଯେ "ମୁଁ ହେଉଛି ଆଲୋକ ଏବଂ ମୁଁ ହେଉଛି ମାର୍ଗ । ମୁଁ ହେଉଛି ଜୀବନ ଏବଂ ସତ୍ୟ" (ଅର୍ଥାତ ମୁଁ ହେଉଛି ଆଲୋକ । ମୁଁ ମାର୍ଗ ପ୍ରଦର୍ଶନକାରୀ, ମୁଁ ଜୀବନ ପ୍ରଦାନ କାରୀ । ମୋ ନିକଟକୁ ଆସ । ପୁଣି ସେହି ଇସାଇ ଜଣକ ପ୍ରଶ୍ନ ପଚାରିଲେ ଯେ) "କ'ଣ ଇସ୍‌ଲାମ୍‌ର ପ୍ରତିଷ୍ଠାତା (ଅର୍ଥାତ ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସ) ଏହି ଶବ୍ଦ ବା ଏପରି ଶବ୍ଦଗୁଡ଼ିକୁ ନିଜ ପାଇଁ କୌଣସି ସ୍ଥାନରେ ଦର୍ଶାଇଛନ୍ତି କି ?" ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଏହାର ଉତରରେ କହିଲେ ଯେ "ପବିତ୍ର କୁର୍‌ଆନ୍‌ରେ ସ୍ପଷ୍ଟ ଭାବରେ କୁହାଯାଇଛି ଯେ, **କୁଲ୍ ଇନ୍‌କୁନ୍‌ତୁମ୍ ତୁହିବ୍‌ବୁନଲ୍ଲାହା ଫତ୍‌ତବିଉନି ୟୁହ୍‌ବିବ୍‌କୁମୁଲ୍ଲାହୁ** । ଅର୍ଥାତ ସେମାନଙ୍କୁ କହିଦିଅ ଯେ ଯଦି ତୁମେ ଅଲ୍ଲାଃଙ୍କୁ ଭଲ ପାଉଥାଅ ତା'ହେଲେ ଆସ ମତେ ଅନୁସରଣ କର ଯଦ୍ୱାରା ଅଲ୍ଲାଃ ତୁମକୁ ଭଲ ପାଇବେ ଓ ତୁମର ପାପକୁ କ୍ଷମା ଦେବେ । ଏ ପ୍ରତିଶୃତି ରହିଛି ଯେ **ମୋତେ ଅନୁସରଣ କରିବାରେ ମଣିଷ ଈଶ୍ୱରଙ୍କ ପ୍ରିୟ ହୋଇଯାଏ** । ଏହା ମସିହ୍‌ଙ୍କ କଥନ ଉପରେ ଅଧିକ ପ୍ରାଧାନ୍ୟ ରଖିଛି କାରଣ ଏହା ଠାରୁ ଅଧିକା ଆଉ କିଛି ମୁକାମ୍ ଅର୍ଥାତ ପଦମର୍ଯ୍ୟାଦା ନାହିଁ ଯେ **ମଣିଷ ଅଲ୍ଲାଃଙ୍କ ପ୍ରିୟ ହୋଇଯାଏ** ।" (ମସିହ୍ ତ' ଏହା କହିଥିଲେ ଯେ ଆଲୋକ ପାଇବ । କିନ୍ତୁ ଅଲ୍ଲାଃ ତାଲା ଏଠାରେ ମୁହମ୍ମଦ ସ:ଆ:ସଙ୍କୁ କହିଲେ ଯେ ଆପଣ ଏ ଘୋଷଣା କରିଦିଅନ୍ତୁ ଯେ ଯିଏ ମତେ ଅନୁସରଣ କରିବ ସେ ଅଲ୍ଲାଃଙ୍କ ପ୍ରିୟ ହୋଇଯିବ ଓ ତାହାର ପାପକୁ ବି କ୍ଷମା କରି ଦିଆଯିବ) ପୁଣି କହିଲେ "ଅତଏବ ଯାହାଙ୍କ ମାର୍ଗରେ ପରିଚାଳିତ ହେବା ମଣିଷକୁ ଅଲ୍ଲାଃଙ୍କ ପ୍ରିୟ ବନାଇ ଦିଏ ତା'ଠାରୁ ଅଧିକା କାହାର ଏ ଅଧିକାର ଅଛି ଯେ ସେ ନିଜକୁ ଆଲୋକ ନାମରେ ନାମିତ କରିବ" । ***(ସିରାଜୁଦ୍ଦିନ୍ ଇସାଇ କେ ଚାର୍ ସୱାଲୋଁ କେ ଜୱାବ୍, ରୁହାନୀ ଖଜାଇନ୍, ଖଣ୍ଡ-୧୨, ପୃ-୩୭୨)***

ଏହା ଏପରି ସମୟ ଥିଲା ଯେତେବେଳେ ଚାରିଆଡ଼େ ଇସାଇ ପାଦ୍ରୀମାନେ ଇସାଇୟତ୍‌ର ପ୍ରଚାର ପ୍ରସାର କରୁଥିଲେ । ହିନ୍ଦୁସ୍ତାନ୍‌ରେ ଲକ୍ଷ ଲକ୍ଷ ମୁସଲମାନ ଇସାଇ ହୋଇସାରିଥିଲେ । ମୁସଲମାନ ଓ୍ୱଲେମା ଏବଂ ଅନ୍ୟ ସମସ୍ତ ଲିଡ଼ରମାନଙ୍କୁ ଏ ସାମର୍ଥ୍ୟ ନଥିଲା ଯେ ସେମାନେ ଇସ୍‌ଲାମ୍‌ର ପ୍ରତିରକ୍ଷା କରିପାରିଥା'ନ୍ତେ ଏବଂ ଆଁ ହଜ୍‌ରତ୍ ସ:ଆ:ସଙ୍କ ସ୍ଥାନ / ପଦମର୍ଯ୍ୟାଦା ଏବଂ ଗୌରବକୁ ଏପରି ଭାବରେ ବର୍ଣ୍ଣନା କରିଥାନ୍ତେ ଯେ ଅଣମୁସଲମାନମାନଙ୍କ ମୁହଁ ବନ୍ଦ ହୋଇଯାଇଥାନ୍ତା । ଏହିଭଳି ସମୟରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ସେମାନଙ୍କର (ଅର୍ଥାତ ଇସାଇମାନଙ୍କର) ମୁକାବିଲା କଲେ । ତାଙ୍କୁ ଅଲ୍ଲାଃ ତାଲା ଇସ୍‌ଲାମ୍ ଏବଂ ଆଁ ହଜ୍‌ରତ୍ ସ:ଆ:ସଙ୍କ ଗୌରବକୁ ପେଶ୍ କରିବା ପାଇଁ ପ୍ରେରଣ କରିଥିଲେ । ପୁଣି ଏ ହିନ୍ଦୁସ୍ତାନର ଇତିହାସ ସାକ୍ଷୀ ଅଛି ଯେ ଇସାଇ ପାଦ୍ରୀମାନଙ୍କର ଇସ୍‌ଲାମ୍ ଉପରେ ଯେଉଁ ଆକ୍ରମଣ ଥିଲା, ତାହାକୁ ଅଲ୍ଲାଃ ତାଲାଙ୍କର ଏହି ପହିଲ୍‌ମାନ୍, ଅଲ୍ଲାଃଙ୍କର ଏହି ଯୋଦ୍ଧା ଯୁକ୍ତି ଯୁକ୍ତ ପ୍ରମାଣ ଦେଇ ରୋକିଲେ । ନା କେବଳ ରୋକିଲେ ବରଂ ସେମାନଙ୍କୁ ହରାଇଲେ । ଏହାର ଅଭିବ୍ୟକ୍ତି ସେ ସମୟର ମୁସଲମାନମାନେ କରିଛନ୍ତି । ଇତିହାସରୁ ଆମକୁ ଏହା ମିଳିଥାଏ । ବରଂ ସେ ସମୟର ଓ୍ୱଲେମାମାନେ, ଯେଉଁମାନେ ଆମର ବିରୋଧି ଥିଲେ, ସେମାନେ ମଧ ଏ କଥାକୁ ସ୍ୱୀକାର କରିଛନ୍ତି । ଅତଏବ କିଛି ବର୍ଷ ପୂର୍ବେ ଡ଼ାଃ ଇସ୍‌ରାର୍ ଅହ୍‌ମଦ୍, ଯାହାଙ୍କର ଦେହାନ୍ତ ହୋଇସାରିଛି, ସେ ମଧ ଏକଥାକୁ ସ୍ୱୀକାର କରିଛନ୍ତି ଯେ ସେ ସମୟରେ ପ୍ରକୃତ ପକ୍ଷେ ଇସ୍‌ଲାମର ପ୍ରତିରକ୍ଷା ହଜ୍‌ରତ୍ ମିର୍ଜା ଗୁଲାମ୍ ଅହ୍‌ମଦ୍ କାଦିଆନି ଆ:ସ ହିଁ କରିଥିଲେ । ସେ ଯାହା ହେଉ ଏହା ଏକ ବାସ୍ତବିକ କଥା ଯେ ଯେଉଁଭଳି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଇସ୍‌ଲାମ୍ ଏବଂ ଆଁ ହଜ୍‌ରତ୍ ସ:ଆ:ସଙ୍କ ପଦମର୍ଯ୍ୟାଦାକୁ ଗୌରବାନ୍ୱିତ କରିଛନ୍ତି, ଅନ୍ୟ କୌଣସି ମୁସଲମାନ ଆଲିମ୍‌ଙ୍କୁ ଏପରି କରିବାର ସୌଭାଗ୍ୟ ହିଁ ମିଳିନାହିଁ ।

ପୁଣି **କୁଲ୍ ଇନ୍‌କୁନ୍‌ତୁମ୍** ବାକ୍ୟରୁ ହଜ୍‌ରତ୍ ଇସା ଆ:ସଙ୍କ ମୃତ୍ୟୁ ହୋଇସାରିଛି ବୋଲି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଏକ ସୁନ୍ଦର ଯୁକ୍ତି ଉପସ୍ଥାପନ କରିଛନ୍ତି । ଆରବରେ ବିଶେଷ ଭାବରେ ଏବେ ବି ହଜ୍‌ରତ୍ ଇସା ଆ:ସଙ୍କୁ ଆକାଶରେ ଜୀବିତ ଥିବା ମଣାଯାଇଥାଏ ଏବଂ ଏହା ସେମାନଙ୍କର ଏକ ବଡ଼ ମୂଖ୍ୟ ଚିନ୍ତାଧାରା । ସେ ଯାହା ହେଉ ଏହି ଚିନ୍ତାଧାରାକୁ ରଦ୍ଦ କରି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ନିମ୍ନଲିଖିତ ଯୁକ୍ତି ଉପସ୍ଥାପନ କରିଛନ୍ତି ।

"ମୋ ନିକଟରେ ମୋମିନ୍ (ଅର୍ଥାତ ବିଶ୍ୱାସକାରୀ) ହେଉଛି ସେ ଯିଏ ମହାଭାଗା ସ:ଆ:ସଙ୍କୁ ଅନୁସରଣ କରିଥାଏ ଏବଂ ସେ ହିଁ କୌଣସି ଏକ ସ୍ଥାନରେ ପହଂଚିଥାଏ । ଯେମିତି କି ସ୍ୱୟଂ ଅଲ୍ଲାଃ ତାଲା କହିଛନ୍ତି:- **କୁଲ୍ ଇନ୍‌କୁନ୍‌ତୁମ୍ ତୁହିବ୍‌ବୁନଲ୍ଲାହା ଫତ୍‌ତବିଉନି ୟୁହ୍‌ବିବ୍‌କୁମୁଲ୍ଲାହୁ** । ଅର୍ଥାତ କହିଦିଅ ଯେ ଯଦି ତୁମେମାନେ ଅଲ୍ଲାଃ ତାଲାଙ୍କୁ ପ୍ରେମ କରୁଥାଅ ତା'ହେଲେ ମୋତେ ଅନୁସରଣ କର ଯଦ୍ୱାରା ଅଲ୍ଲାଃ ତାଲା ତୁମକୁ ତାଙ୍କର ପ୍ରିୟ କରିଦେବେ । ଏବେ ପ୍ରେମ ଓ ଭଲ ପାଇବାର ଆବଶ୍ୟକତା ହେଉଛି ଏହା କି ପ୍ରିୟଙ୍କ କାର୍ଯ୍ୟ ସହିତ ଏକ ବିଶେଷ ସମ୍ପର୍କ ରହୁ ଏବଂ ମୃତ୍ୟୁ ହେଉଛି ମୁହମ୍ମଦଙ୍କ ସୁନ୍ନତ" (ଅର୍ଥାତ ମହାଭାଗ ସ:ଆ:ସଙ୍କର ମୃତ୍ୟୁ ହୋଇସାରିଛି)" ମହାଭାଗ ସ:ଆ:ସ ମରିକରି ଦେଖାଇଦେଲେ । ପୁଣି ଆଉ କିଏ ଅଛି ଯିଏ ଜୀବିତ ରହିବ ବା ଜୀବିତ ରହିବା ପାଇଁ ଇଚ୍ଛା ପୋଷଣ କରିବ ? ବା ଅନ୍ୟ କାହା ପାଇଁ ଜୀବିତ ରହିବାକୁ ମନୋନିବେଶ କରିବ ?" (ଯଦି କିଏ ପ୍ରକୃତରେ ମହାଭାଗ ସ:ଆ:ସଙ୍କୁ ମାନୁଥାଏ ତା'ହେଲେ ସେ ନା' ତ' ଚୀର ଦିନପାଇଁ ଜିଇ ପାରିବ ନା ଏପରି କୌଣସି ଇଚ୍ଛା ପୋଷଣ କରିବ ଓ ନା ସେ ଅନ୍ୟ କାହାର ଜୀବନ୍ତ ରହିବାର ଦୃଷ୍ଟିକୋଣ ଉପରେ ବିଶ୍ୱାସ ରଖିବା ଉଚିତ) ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି ଯେ "ପ୍ରେମର ଆବଶ୍ୟକତା ହେଉଛି ଏହା କି ମହାଭାଗ ସ:ଆ:ସଙ୍କ ପ୍ରେମରେ ଏପରି ହଜିଯାଆନ୍ତୁ ଯେ ନିଜର ଭାବପ୍ରବଣତାକୁ ରୋକି ରଖନ୍ତୁ ଓ ଏହା ଚିନ୍ତା କରନ୍ତୁ ଯେ ମୁଁ କାହା ଉମ୍ମତ (ସମ୍ପ୍ରଦାୟ)ର । ଏପରି କ୍ଷେତ୍ରରେ ଯେଉଁ ବ୍ୟକ୍ତି ହଜ୍‌ରତ୍ ଇସା ଆ:ସଙ୍କ ସମ୍ବନ୍ଧରେ ଏ ବିଶ୍ୱାସ ରଖିଛି ଯେ ସେ ଏ ପର୍ଯ୍ୟନ୍ତ ଜୀବିତ ଅଛନ୍ତି ବୋଲି, ସେହି ବ୍ୟକ୍ତି କିପରି ମହାଭାଗ (ସ:ଆ:ସ)ଙ୍କ ପ୍ରେମୀ ଓ ଆଜ୍ଞାବହ ହେବାର ଦାବି କରିପାରେ ? ତାହା ଏଥିଯୋଗୁଁ କି ସେ ମହାଭାଗ ସ:ଆ:ସଙ୍କ ତୁଳନାରେ ଯୀଶୁ ମସିହ୍‌ଙ୍କୁ ଶ୍ରେଷ୍ଠ ବୋଲି ବିବେଚନା କରୁଅଛି ଓ ମହାଭାଗ ସ:ଆ:ସଙ୍କୁ ମୁର୍ଦ୍ଦା ବିବେଚନା କରୁଛି ଓ ଅପରପକ୍ଷେ ଯିଶୁ ମସିହ୍‌ଙ୍କୁ ଜୀବିତ ଥିବାର ବିଶ୍ୱାସ କରୁଅଛି" । ***(ମଲ୍‌ଫୁଜାତ୍ ଖଣ୍ଡ-୮, ପୃ-୨୨୮-୨୨୯, ଏଡ଼ିଶନ୍ ୧୯୮୫, ମୁଦ୍ରଣ- ଇଙ୍ଗିଲ୍‌ସ୍ତାନ) ।***

ଗୋଟିଏ ପଟେ ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କୁ ଭଲ ପାଇବାର ଓ ତାହାଙ୍କ ଅନୁସରଣ କରିବାର ଦାବି ଅନ୍ୟ ପଟେ ଏକଥା କହୁଛି ଯେ ଯୀଶୁ ମସିହ୍ ଜୀବିତ ଅଛନ୍ତି ଏବଂ ତାଙ୍କୁ ଶ୍ରେଷ୍ଠ ବୋଲି ଅଭିହିତ କରାଯାଉଅଛି । ଅତଃ ଆଜି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ହିଁ ପ୍ରତ୍ୟେକ ଦୃଷ୍ଟିରୁ ଇସ୍‌ଲାମ୍ ଏବଂ ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କର ପ୍ରତିରକ୍ଷା କରିଛନ୍ତି ଏବଂ ମହାଭାଗ ସ:ଆ:ସଙ୍କ ସମ୍ମାନ ଓ ଗୌରବକୁ ଉଚ୍ଚ କରିଛନ୍ତି । ଏହା ହିଁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଆଗମନର ଉଦ୍ଦେଶ୍ୟ ଥିଲା ଓ ଏକଥାକୁ ଓ୍ୱଲେମାମାନେ ସର୍ବଦା ଆପତି କରିଆସୁଛନ୍ତି ।

ମୁହମ୍ମଦ ସ:ଆ:ସ ହିଁ ଜୀବନ୍ତ ନବୀ ଅଟନ୍ତି । ଏହା ବର୍ଣ୍ଣନା କରି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହିଛନ୍ତି-

"ଚିନ୍ତା କରି ଦେଖନ୍ତୁ ଯେବେ ଏହି ଲୋକମାନେ ପବିତ୍ର କୁର୍ଆନ୍ ଏବଂ ସୁନ୍ନତ ବିରୁଦ୍ଧରେ କଥା କହୁଛନ୍ତି ଯେ ହଜ୍‌ରତ୍ ଇସା ଆ:ସ ଆକାଶରେ ଜୀବିତ ବସିଛନ୍ତି, ସେତେବେଳେ ପାଦ୍ରୀମାନଙ୍କୁ ସମାଲୋଚନା କରିବାର ସୁଯୋଗ ମିଳିଯାଉଛି ଫଳତଃ ସେମାନେ ଏକଥା କହୁଛନ୍ତି ଯେ ତୁମର ପୈଗମ୍ବର (ନବୀ) ମରିଗଲେ ଓ ସେ ମାଆଜଲ୍ଲାଃ ସାଂସାରିକ ବ୍ୟକ୍ତି ଥିଲେ" (ଏହି ସବୁ କଥା ଟିଭି ଚ୍ୟାନେଲ୍‌ଗୁଡ଼ିକରେ ଚର୍ଚ୍ଚା କରାଯାଉଅଛି ଯଦ୍ୱାରା ଆରବ ଜଗତରେ ବଡ଼ ଅଶାନ୍ତି ସୃଷ୍ଟି ହେଉଅଛି । ଶେଷରେ ଯେବେ ସେମାନେ ଆମର ଯୁକ୍ତିକୁ ଶୁଣିଲେ, "ହିୱାର" ପ୍ରୋଗ୍ରାମ ଶୁଣିଲେ, ଏମ୍‌ଟିଏରେ ଆରବିକ ପ୍ରୋଗ୍ରାମ ଶୁଣିଲେ ସେତେବେଳେ ବହୁତ ଲୋକେ ଏହାକୁ ପସନ୍ଦ କଲେ ଏବଂ ସେହି ଯୁକ୍ତିଯୁକ୍ତ ପ୍ରମାଣଗୁଡ଼ିକୁ ମାନିନେଲେ । କିନ୍ତୁ ଓ୍ୱଲେମାମାନେ ପୁଣି ମଧ୍ୟ ମାନୁନାହାନ୍ତି) ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି ଯେ, "ଏମାନେ କହୁଛନ୍ତି ଯେ ହଜ୍‌ରତ୍ ଇସା ଜୀବିତ ଅଛନ୍ତି ଓ ଆକାଶୀୟ ଏବଂ ତା' ସହିତ ଆଁ ହଜ୍‌ରତ୍ ସ:ଆ:ସଙ୍କୁ ଅସମ୍ମାନ କରି କହୁଛନ୍ତି ଯେ ମହାଭାଗ ମରିଯାଇଛନ୍ତି । ଏବେ ଚିନ୍ତା କରି କୁହ ଯେ ଯେଉଁ ପୈଗମ୍ବର **ଅଫ୍‌ଜଲୁର୍ ରସୁଲ୍** ଏବଂ **ଖାତମୁଲ୍ ଅମ୍ବିୟା** ଅଟନ୍ତି ତାହାଙ୍କ ଉପରେ ଏପରି ଧାରଣା ରଖି ତାହାଙ୍କ ଶ୍ରେଷ୍ଠତ୍ୱ ଉପରେ ଏମାନେ ଦାଗ ତ' ଲଗାଉ ନାହାନ୍ତି ? ନିଶ୍ଚିତ ରୂପେ ଲଗାଉଛନ୍ତି ଏବଂ ନିଜେ ଆଁ ହଜ୍‌ରତ୍ ସ:ଆ:ସଙ୍କୁ ଅପମାନ କରୁଛନ୍ତି । ମୁଁ ବିଶ୍ୱାସ ରଖିଛି ଯେ ପାଦ୍ରୀମାନଙ୍କ ଜରିଆରେ ଏହି ଲୋକମାନେ ଯେତେ ମାତ୍ରାରେ ଇସ୍‌ଲାମ୍‌ର ଅସମ୍ମାନ କରାଇଛନ୍ତି" (ଅର୍ଥାତ ସେହି ମୁସଲମାନମାନେ ଯେଉଁମାନେ ଏ ଦୃଷ୍ଟିକୋଣ ରଖିଛନ୍ତି ଯେ ହଜ୍‌ରତ୍ ଇସା ଆ:ସ ଜୀବିତ ଅଛନ୍ତି) "ଏବଂ ଆଁ ହଜ୍‌ରତ୍ ସ:ଆ:ସଙ୍କୁ ମୃତ ବିବେଚିତ କରାଯାଉଅଛି । ଫଳସ୍ୱରୁପ ଏହି ଦୁର୍ଭାଗ୍ୟ ସେମାନଙ୍କ ପଛ ଛାଡୁନାହିଁ" (ମୁସଲମାନମାନଙ୍କର ଯେଉଁ ଦୁର୍ଗତି ହେଉଅଛି, ଏହା ସେହି ଚିନ୍ତାଧାରା ଯୋଗୁଁ ହେଉଅଛି) ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି ଯେ "ଗୋଟିଏ ପଟେ ତ' ମୁହଁରେ ଏକଥା କହୁଛନ୍ତି ଯେ ସେ ଶ୍ରେଷ୍ଠ ନବୀ ଅଟନ୍ତି ।" (ଅର୍ଥାତ ଆଁ ହଜ୍‌ରତ୍ ସ:ଆ:ସ ସମସ୍ତ ନବୀମାନଙ୍କଠାରୁ ଶ୍ରେଷ୍ଠତମ) "ଅପର ପକ୍ଷେ ଏକଥାକୁ ମାନୁଛନ୍ତି ଯେ ସେ ୬୩ ବର୍ଷ ବୟସରେ ମରିଗଲେ ଯେବେ କି ଯୀଶୁ ମସିହ୍ ଏ ପର୍ଯ୍ୟନ୍ତ ଜୀବିତ ଅଛନ୍ତି ଓ ମରିନାହାନ୍ତି । ଯେବେ କି ଅଲ୍ଲାଃ ତାଲା ଆଁ ହଜ୍‌ରତ୍ ସ:ଆ:ସଙ୍କୁ ସମ୍ବୋଧନ କରି କହିଛନ୍ତି **ଓ୍ୱ କାନା ଫଜ୍‌ଲୁଲ୍ଲାହି ଆଲୈକା ଅଜିମା"** (ଅର୍ଥାତ ଅଲ୍ଲାଃ ତୁମ୍ଭ ଉପରେ ବହୁତ ବଡ଼ ଅନୁଗ୍ରହ କରିଛନ୍ତି) "ତା'ହେଲେ କ୍'ଣ ଏହି ଐଶିବାଣୀ ଭୁଲ ? ନା ଏହା ସମ୍ପୂର୍ଣ୍ଣ ରୂପେ ଠିକ୍ । ଯେଉଁମାନେ ଆଁ ହଜ୍‌ରତ୍ ସ:ଆ:ସଙ୍କୁ ମୃତ ବୋଲି କହୁଛନ୍ତି, ସେମାନେ ମିଥ୍ୟାବାଦୀ ଅଟନ୍ତି । ଏହାଠାରୁ ବଳି ଅସମ୍ମାନ କରିବାର କଥା ଆଉ କିଛି ହୋଇ ନପାରେ । ପ୍ରକୃତ କଥା ହେଉଛି ଏହା କି ଆଁ ହଜ୍‌ରତ୍ ସ:ଆ:ସଙ୍କ ମଧ୍ୟରେ ଏପରି ବିଶେଷ ଗୁଣ ଓ ଶ୍ରେଷ୍ଠତା ରହିଛି, ଯାହା ଅନ୍ୟ କୌଣସି ନବୀଙ୍କଠାରେ ନାହିଁ । ଯିଏ ଆଁ ହଜ୍‌ରତ୍ ସ:ଆ:ସଙ୍କ ଜୀବନ୍ତ ହେବା କଥା ବର୍ଣ୍ଣନା କରୁନାହିଁ ସେ ମୋ ନିକଟରେ କାଫିର୍ (ଅର୍ଥାତ ଅବିଶ୍ୱାସକାରୀ) ଅଟେ ମୁଁ ଏହା କହିବାକୁ ପସନ୍ଦ କରିଥାଏ, କେଡ଼େ ଦୁଃଖର କଥା ଯେ ଯେଉଁ ନୀବଙ୍କ ସମ୍ପ୍ରଦାୟ ବୋଲାଉଛନ୍ତି, ତାହାଙ୍କୁ ମାଆଜଲ୍ଲାଃ ମୃତ କହୁଛନ୍ତି ଏବଂ ଏପରି ନବୀ ଯାହାଙ୍କ ସମ୍ପ୍ରଦାୟର ପରିଣାମ **ଜୁରିବତ୍ ଆଲୈହିମୁଜ୍ ଜିଲ୍ଲତୁ ଓ୍ୱଲ୍ ମସ୍‌କନାଃ** ଉପରେ ପର୍ଯ୍ୟବେଶିତ, (ଅର୍ଥାତ ସେମାନଙ୍କ ଉପରେ ଅପମାନ ଓ ଦାରିଦ୍ରତା ଥିଲା) ତାକୁ ଜୀବିତ ଥିବାର (ବା ଜୀବନ୍ତ ବୋଲି) କୁହାଯାଇଅଛି ।" ***(ମଲ୍‌ଫୁଜାତ୍ ଖଣ୍ଡ-୫, ପୃ-୨୮-୨୯, ଏଡ଼ିଶନ୍ ୧୯୮୫, ମୁଦ୍ରଣ- ଇଙ୍ଗିଲ୍‌ସ୍ତାନ) ।***

ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କ ପୂର୍ବରୁ ଯେଉଁ ନବୀମାନେ ଆସିଥିଲେ, ସେମାନଙ୍କ ମଧ୍ୟରୁ ଏବେ କେହି ଆସିପାରିବେ ନାହିଁ । ଏବେ ତ' ଇସା ଆ:ସ ବି ଆସିପାରିବେ ନାହିଁ । ସେ ହଜରତ ମୁସା ଆ:ସଙ୍କ କୌମ୍‌ର (ସମ୍ପ୍ରଦାୟର) ନବୀ ଥିଲେ, ଓ ସେ ମୃତ୍ୟୁବରଣ କରିସାରିଛନ୍ତି । ହଜ୍‌ରତ୍ ମୁସା ଆ:ସଙ୍କ ସମ୍ପ୍ରଦାୟରେ ଏବେ କୌଣସି ନବୀ ଆସିପାରିବେ ନାହିଁ । ଏହା କହିବା ପରେ ହଜ୍‌ରତ୍ ମସିହ ମଉଦ୍ ଆ:ସ କହିଲେ ଯେ ଏହି ଅନୁଗ୍ରହ (ପୁରସ୍କାର) କେବଳ ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କ ଜରିଆରେ ଓ ତାହାଙ୍କ ଅନୁସରଣ କରିବା ଦ୍ୱାରା ହିଁ ଜାରି ହୋଇପାରିବ ଏବଂ ହୋଇଅଛି କାରଣ ମହାଭାଗ ସ:ଆ:ସ ହିଁ ହେଉଛନ୍ତି ଜୀବନ୍ତ ନବୀ ।

ସୁତରାଂ ଏ ଯୁଗରେ ଆଁ ହଜ୍‌ରତ୍ ସ:ଆ:ସଙ୍କ ପୂର୍ଣ୍ଣ ଅନୁସରଣକାରୀ ହୋଇଥିବା ଯୋଗୁଁ ଅଲ୍ଲାଃ ତାଲା ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ମସିହ ମଉଦ୍ ଏବଂ ମେହେଦୀ ମାହୁଦ୍ କରି ପ୍ରେରଣ କଲେ । ଯାହାଙ୍କ ସ୍ତର / ପଦମର୍ଯ୍ୟାଦା/ ସ୍ଥିତି ହେଉଛି ଆଁ ହଜ୍‌ରତ୍ ସ:ଆ:ସଙ୍କ ଅଧିନସ୍ଥ ନବୀ ହେବାର ସ୍ଥିତି ଓ ସେ ହେଉଛନ୍ତି ଗୈର୍ ଶରଇ (ଅର୍ଥାତ ଯାହାଙ୍କୁ ଶରିୟତ ଅର୍ଥାତ ଧର୍ମ ବିଧାନ ଦିଆଯାଇନଥିବ) ନବୀ । ଅତଏବ ହଜ୍‌ରତ୍ ମସିହ ମଉଦ୍ ଆ:ସ କହିଲେ ଯେ:-

"ମୁଁ କେବଳ ଈଶ୍ୱରଙ୍କ କୃପାରୁ, ନା ନିଜର କୌଣସି ବିଶେଷ ଗୁଣ ଯୋଗୁଁ, ଏହି ଆର୍ଶୀବାଦରୁ ଉପଯୁକ୍ତ ଅଂଶ ପାଇଛି, ଯାହା ମୋ ପୂର୍ବରୁ ନବୀ, ରସୁଲ୍ ଏବଂ ଈଶ୍ୱରଙ୍କ ମନୋନୀତ ବ୍ୟକ୍ତି ବିଶେଷମାନଙ୍କୁ ଦିଆଯାଇଥିଲା । ଏହି ଆର୍ଶୀବାଦ ପାଇବା ମୋ ପକ୍ଷେ ସମ୍ଭବ ହୋଇନଥାନ୍ତା ଯଦି ମୁଁ ନିଜର ସୟଦ ଓ୍ୱ ମୌଲା ଫଖ୍‌ରୁଲ୍ ଅମ୍ବିୟା ଏବଂ ଖୈରୁଲ୍ ଓ୍ୱରା ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କ ମାର୍ଗକୁ ଅନୁସରଣ ନ କରିଥାନ୍ତି । ଅତଏବ ଯାହା କିଛି ମୁଁ ପାଇଛି ଏହି ଅନୁସରଣ ଯୋଗୁଁ ହିଁ ପାଇଛି । ମୁଁ ମୋର ପ୍ରକୃତ ଓ ସିଦ୍ଧ ଜ୍ଞାନରୁ ଜାଣିପାରିଛି ଯେ କୌଣସି ବ୍ୟକ୍ତି ସେହି ନବୀ ସ:ଆ:ସଙ୍କ ବିନା ଅନୁସରଣରେ ଖୁଦାଙ୍କ ନିକଟରେ ପହଂଚିପାରିବ ନାହିଁ ଓ ନା ସେ ସିଦ୍ଧ ଜ୍ଞାନର ଅଂଶ ହୋଇପାରିବ । ମୁଁ ଏଠାରେ ଏହା ମଧ୍ୟ କହି ରଖେ ଯେ ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କ ପ୍ରକୃତ ଓ ପୂର୍ଣ୍ଣ ଅନୁସରଣ କରିବା ପରେ କେଉଁ ଜିନିଷ ସର୍ବପ୍ରଥମେ ହୃଦୟରେ ଜନ୍ମ ହୋଇଥାଏ । ମନେରଖ ତାହା ହେଉଛି ସ୍ୱଚ୍ଛ ହୃଦୟ । ଅର୍ଥାତ ହୃଦୟ ଭିତରୁ ସାଂସାରୀକ ପ୍ରେମ ବାହାରି ଯାଏ ଏବଂ ହୃଦୟ ଏକ ଅନନ୍ତ ଓ ଅକ୍ଷୟ ଆନନ୍ଦକୁ ଖୋଜିଥାଏ । ପୁଣି ତା ପରେ ଏକ ଶୁଦ୍ଧ ଓ ପୂର୍ଣ୍ଣ ଈଶ୍ୱରୀୟ ପ୍ରେମ ସେହି ସ୍ୱଚ୍ଛ ହୃଦୟ ଯୋଗୁଁ ହିଁ ହାସଲ ହୋଇଥାଏ ।" (ଯେତେବେଳେ ମନ ଭିତରୁ ସାଂସାରୀକ ପ୍ରେମକୁ ବାହାର କରି ଦିଆଯାଏ ସେତେବେଳେ ପୁଣି ଈଶ୍ୱରୀୟ ପ୍ରେମ ପ୍ରାପ୍ତ ହୋଇଥାଏ) "ଏବଂ ଏହି ସମସ୍ତ ଆର୍ଶୀବାଦ ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କ ଅନୁସରଣ କରିବାରେ ଉତରାଧିକାରୀ ରୂପରେ ମିଳିଥାଏ । ଯେମିତି କି ଅଲ୍ଲାଃ ତାଲା ସ୍ୱଂୟ କହିଛନ୍ତି:- **କୁଲ୍ ଇନ୍ କୁନ୍‌ତୁମ୍ ତୁହିବବୁନଲ୍ଲାଃ ଫତ୍‌ତବିଉନି ୟୁହ୍‌ବିବ୍‌କୁମୁଲ୍ଲାହୁ** ଅର୍ଥାତ ସେମାନଙ୍କୁ କହିଦିଅ ଯେ ଯଦି ତୁମେମାନେ ପରମେଶ୍ୱରଙ୍କୁ ପ୍ରେମ କରୁଥାଅ ତେବେ ଆସ ମୋତେ ଅନୁସରଣ କର ଫଳତଃ ପରମେଶ୍ୱର ବି ତୁମକୁ ପ୍ରେମ କରିବେ । ବରଂ ଏକ ପାଖିଆ ପ୍ରେମ କରିବାର ଦାବି ହେଉଛି ସମ୍ପୂର୍ଣ୍ଣ ମିଥ୍ୟା ଓ ପ୍ରଗଲ୍ଭତା । ଯେଉଁଠି ମଣିଷ ପ୍ରକୃତରେ ସର୍ବଶକ୍ତିମାନ ଈଶ୍ୱରଙ୍କୁ ଭଲ ପାଉଥିବ ତା'ହେଲେ ଈଶ୍ୱର ମଧ୍ୟ ତାକୁ ଭଲ ପାଇଥାନ୍ତି । ପୁଣି ଏ ଭୂପୃଷ୍ଠରେ ତା ପାଇଁ ଏକ ଗ୍ରହଣୀୟତାକୁ ପ୍ରଚାର ପ୍ରସାର କରାଯାଇଥାଏ ଏବଂ ହଜାର ହଜାର ଲୋକଙ୍କ ହୃଦୟରେ ତା ପାଇଁ ଏକ ପ୍ରକୃତ ପ୍ରେମକୁ ଜାଗ୍ରତ କରିଦିଆଯାଏ ଏବଂ ଏକ ଆକର୍ଷଣୀୟ ଶକ୍ତି ତାକୁ ମିଳିଥାଏ ଏବଂ ଏକ ଜ୍ୟୋତି / ଆଲୋକ ତାକୁ ଦିଆଯାଏ ଯାହା ସଦା ସର୍ବଦା ତା ସହିତ ରହିଥାଏ ।" (ଅତଏବ ଏଠାରେ ଦେଖନ୍ତୁ ଏବେ ଦୂର ଦୂରାନ୍ତରେ ଆଫ୍ରିକୀୟ ଦେଶଗୁଡ଼ିକରେ ରହୁଥିବା ଲୋକମାନଙ୍କ ହୃଦୟ ମଧ୍ୟରେ ବି ଅଲ୍ଲାଃ ତାଲା ଏହି ପ୍ରେମକୁ ଜାଗ୍ରତ କରିଦେଇଛନ୍ତି, ଯେଉଁଠି ଲକ୍ଷ ଲକ୍ଷ ଲୋକ ଅହେମଦୀୟତ୍‌ରେ ସାମିଲ ହେଉଛନ୍ତି, ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କୁ ସ୍ୱୀକାର କରୁଛନ୍ତି)

ହଜ୍‌ରତ୍ ମସିହ ମଉଦ୍ ଆ:ସ କହୁଛନ୍ତି:- "ଯେବେ ଜଣେ ବ୍ୟକ୍ତି ସତ୍ ହୃଦୟତାର ସହିତ ଈଶ୍ୱରଙ୍କୁ ଭଲ ପାଉଥିବ ଏବଂ ସାରା ସଂସାରର ଊର୍ଦ୍ଧ୍ୱରେ ତାହାଙ୍କୁ ଗ୍ରହଣ କରୁଥିବ ଏବଂ ଈଶ୍ୱରଙ୍କ ବ୍ୟତୀତ ଅନ୍ୟ କାହାର ମହାନତା ଓ ଯଥାର୍ଥତା ତା ହୃଦୟରେ ରହୁ ନଥିବ ବରଂ ସେ ସମସ୍ତଙ୍କୁ ଏକ ମୃତ କୀଟଠାରୁ ମଧ୍ୟ ନ୍ୟୁନ/ ତୁଚ୍ଛ ମଣୁଥିବ, ତେବେ ସର୍ବଶକ୍ତିମାନ ଈଶ୍ୱର ଯିଏ ତା ହୃଦୟକୁ ଦେଖୁଥାନ୍ତି, ସେ ବଡ଼ ଦୀପ୍ତିବାନ ହୋଇ ତା ଉପରେ ଅବତରଣ କରିଥାନ୍ତି, ଯେଉଁଭଳି ଗୋଟିଏ ସ୍ୱଚ୍ଛ ଦର୍ପଣକୁ ସୂର୍ଯ୍ୟ ସମ୍ମୁଖରେ ରଖିବା ଦ୍ୱାରା ସୂର୍ଯ୍ୟର ପ୍ରତିଫଳନ ଏପରି ହୋଇଥାଏ ଯେ ପ୍ରାଧିକରଣ ଏବଂ ରୂପାନ୍ତର ରଙ୍ଗରେ ଆମେ ଏହା କହିପାରିବା ଯେ ସେହି ସୂର୍ଯ୍ୟ ଯିଏ ଆକାଶରେ ବିଦ୍ୟମାନ ସେ ଏହି ଦର୍ପଣରେ ମଧ୍ୟ ଉପସ୍ଥିତ । ଈଶ୍ୱର ଠିକ୍ ଏହିପରି ହୃଦୟରେ ଅବତରଣ କରିଥାନ୍ତି ଏବଂ ତା ହୃଦୟକୁ ନିଜର ସିଂହାସନ/ଆସ୍ଥାନ ବନାଇଥାନ୍ତି । ଏହା ହେଉଛି ସେହି ଉଦ୍ଦେଶ୍ୟ ଯାହା ପାଇଁ ମନୁଷ୍ୟ ସୃଷ୍ଟି ହୋଇଅଛି ।" ***(ହକିକତୁଲ୍ ଓ୍ୱହି, ରୁହାନୀ ଖଜାଇନ୍, ଖଣ୍ଡ-୨୨, ପୃ-୬୪-୬୫)***

ଅତଃ ହଜ୍‌ରତ୍ ମସିହ ମଉଦ୍ ଆ:ସ ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କ ସମ୍ପୂର୍ଣ୍ଣ ପ୍ରେମୀ ଏବଂ ପୂର୍ଣ୍ଣ ଅନୁଗାମୀ ଥିଲେ ସେଥିଯୋଗୁଁ ଈଶ୍ୱର ତାଙ୍କୁ ଭଲ ପାଇଲେ ଏବଂ ମସିହ୍ ମଉଦ୍, ମେହେଦୀ ମାହୁଦ ଏବଂ ତାବେ ନବୀ (ଅର୍ଥାତ ଅଧିନସ୍ଥ ନବୀ) ହେବାର ସୌଭାଗ୍ୟ ପ୍ରଦାନ କଲେ ।

ଅଲ୍ଲାଃ ତାଲା ଆମମାନଙ୍କୁ ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ଉପରେ ବିଶ୍ୱାସ ଆଣିବା ପରେ ତାହାଙ୍କ ଆଦର ସମ୍ମାନ ପାଇଁ ମଧ୍ୟ ସାମର୍ଥ୍ୟ ପ୍ରଦାନ କରନ୍ତୁ ଓ ଆମକୁ ମୁହମ୍ମଦ ସ:ଆ:ସଙ୍କ ସିଦ୍ଧ ଅନୁଗାମୀ ବନାନ୍ତୁ । ଆମ ସମସ୍ତଙ୍କୁ ନିଜ ନିଜର ଶକ୍ତି ଓ ସାମର୍ଥ୍ୟ ମୁତାବକ ଆଁ ହଜ୍‌ରତ୍ ସ:ଆ:ସଙ୍କ ଆଦର୍ଶକୁ ଅନୁସରଣ କରି ଚାଲିବା ପାଇଁ ଏବଂ ତାହାଙ୍କ ଅନୁଗାମୀ ହେବା ପାଇଁ ଶକ୍ତି ପ୍ରଦାନ କରନ୍ତୁ । ଏବଂ ମୁସଲମାନମାନଙ୍କୁ ମଧ୍ୟ ଶକ୍ତି ଦିଅନ୍ତୁ ଯେ ସେମାନେ ମୁହମ୍ମଦ ସ:ଆ:ସଙ୍କ ସେହି ସଚ୍ଚା ପ୍ରେମୀଙ୍କୁ ଚିହ୍ନନ୍ତୁ ଓ ମାନନ୍ତୁ ।

# ହଜ୍‌ରତ୍ ମୁହମ୍ମଦ ସ:ଆ:ସ ଜଣେ ମନୋବିଜ୍ଞାନୀ ଭାବରେ

## (ହଜ୍‌ରତ୍ ମିର୍ଜା ବଶିର୍ ଅହ୍‌ମଦ୍ ସାହେବ୍ ଏମ୍.ଏ ର:ଅ)

### ଅମ୍ବିୟା (ଅର୍ଥାତ ଭବିଷ୍ୟଦ୍‌ବକ୍ତା) ମାନଙ୍କର ଏକ ସ୍ୱତନ୍ତ୍ର ପରିଚୟ

ଏ ଦୁନିଆରେ ଅନେକ ମନୋବିଜ୍ଞାନୀ ହୋଇଛନ୍ତି । ଆଜିକାଲି ଏହି ଜ୍ଞାନ ବିଶେଷ ଭାବରେ ବହୁତ ଉନ୍ନତି କରିସାରିଛି । କିନ୍ତୁ ଯଦି ଚିନ୍ତାକରି ଦେଖାଯାଏ ତା'ହେଲେ ଅଧିକାଂଶ ଏପରି ଲୋକେ ଯେଉଁମାନେ ଏହି ଜ୍ଞାନରେ ନିଜକୁ ପ୍ରବୀଣ ବୋଲାଉଛନ୍ତି, ସେମାନଙ୍କର ଜ୍ଞାନ କେବଳ ପରିଭାଷାର ପରିଚୟ ମଧ୍ୟରେ ସୀମିତ ଏବଂ ପରିଭାଷାମୂଳକ ଜ୍ଞାନର ଉପରକୁ ଉଠି ଯଦି କିଏ ପ୍ରକୃତ ଜ୍ଞାନ ପର୍ଯ୍ୟନ୍ତ ପହଂଚି ବି ଯାଏ, ତା'ହେଲେ ସେ ଉକ୍ତ ବିଦ୍ୟାର ଜ୍ଞାନଭିତିକ ଅଂଶ ମଧରେ ସୀମିତ ରହିଥାଏ ଏବଂ ତାହାର ବ୍ୟବହାରିକ ଅଂଶ, ଯାହା ହେଉଛି ପ୍ରକୃତ ଉଦ୍ଦେଶ୍ୟ, ତାହା ସେହି ବିଶେଷଜ୍ଞମାନଙ୍କ ନିକଟରେ ନଥାଏ ଏବଂ ସେମାନେ କେବଳ ମନୋବିଜ୍ଞାନ ଭିତରେ ସୀମିତ ନୁହନ୍ତି ବରଂ ଦୁନିଆର ଅନେକ ବିଜ୍ଞାନ ଏହିଭଳି ନିରାଶା ଭିତରେ ରହିଛି ଯେ ଲୋକମାନଙ୍କର ବାର୍ତା ପରିଭାଷା ମୂଳକ ଜ୍ଞାନର ସୀମାଠାରୁ ଆଗକୁ ଯାଇନଥାଏ ଏବଂ ଯେଉଁ କ୍ଷେତ୍ରରେ ଏହା ଆଗକୁ ବି ଯାଇଥାଏ ତାହା କେବଳ ଜ୍ଞାନର ପରିଧି ଭିତରେ ସୀମିତ ରହିଥାଏ ଓ ବହୁତ କମ୍ ଲୋକ ଜ୍ଞାନର ବ୍ୟବହାରିକ ସ୍ତର ପର୍ଯ୍ୟନ୍ତ ପହଂଚି ତାହାର ବ୍ୟବହାର କରିଥାନ୍ତି । ଯଦି ଆପଣମାନେ ମନ୍‌ତିକ୍ ଅର୍ଥାତ ତର୍କଜ୍ଞାନକୁ ଦେଖିବେ, ସେହି ଜ୍ଞାନରେ ହଜାର ହଜାର ଓ ଲକ୍ଷ ଲକ୍ଷ ପ୍ରବୀଣ ନଜର ଆସିବେ କିନ୍ତୁ ସେମାନଙ୍କର ଜ୍ଞାନ ପରିଭାଷାମୂଳକ ଜ୍ଞାନରୁ ଆଗକୁ ବଢ଼ିନଥାଏ ଏବଂ ସେମାନଙ୍କର ପ୍ରିୟ ଜୀବନ ସେହି ପରିଭାଷାମୂଳକ ଜ୍ଞାନକୁ ଘୋଷିବାରେ ଶେଷ ହୋଇଯାଇଥାଏ । ଏହି ଜ୍ଞାନର ଯେଉଁ ପ୍ରକୃତ ଉଦ୍ଦେଶ୍ୟ ରହିଛି, ଅର୍ଥାତ ସତ୍ୟାସତ୍ୟକୁ ତନ୍ନ ତନ୍ନ କରି ତାହାର ପ୍ରକୃତ ତଥ୍ୟକୁ ପ୍ରକାଶ କରିବାର ଉଦ୍ଦେଶ୍ୟ ସାଧନ ହେଉ, ସେଥିରୁ ଅଧିକାଂଶ ଲୋକ ବଂଚିତ ରହନ୍ତି ବରଂ ବେଳେବେଳେ ଏହି ମନ୍‌ତିକି ଲୋକମାନେ ନିଜର ପ୍ରମାଣ ପେଶ୍ କରିବାରେ ବହୁତ ଦୁବଳ ଓ ଉପରଠାଉରିଆ ସାବ୍ୟସ୍ତ ହୋଇଥାନ୍ତି । କାରଣ ପରିଭାଷାମୂଳକ ଶବ୍ଦର ଦ୍ୱନ୍ଦ ସେମାନଙ୍କୁ ସତ୍ୟ ନିକଟରେ ପହଂଚିବା ପାଇଁ ପ୍ରତିବନ୍ଧକ ସୃଷ୍ଟି କରିଥାଏ । କିନ୍ତୁ ସାଧାରଣ ଲୋକମାନଙ୍କ ତୁଳନାରେ ଯଦି ଅମ୍ବିୟାମାନଙ୍କ ପରିସ୍ଥିତିକୁ ଦେଖାଯାଏ, ସେତେବେଳେ ଏହି ପାର୍ଥକ୍ୟ ଉଲ୍ଲେଖନୀୟ ଭାବରେ ସ୍ପଷ୍ଟ ହୋଇଥାଏ ଯେ ସେମାନଙ୍କ ସମସ୍ତ ଜ୍ଞାନ ସତ୍ୟ ଉପରେ ଆଧାରିତ ବରଂ ଯଦିଓ ବେଳେବେଳେ ସେମାନେ ବାହ୍ୟ ଶିକ୍ଷାର ଅଭାବରେ ଜ୍ଞାନର ପରିଭାଷାକୁ ଜାଣି ବି ନଥାନ୍ତି କିନ୍ତୁ ସେମାନଙ୍କ ପରିସର ସମ୍ବନ୍ଧିତ ଜ୍ଞାନର ଅସଲ ଉଦ୍ଦେଶ୍ୟ ବା ଅନ୍ୟ ଶବ୍ଦରେ କହିଲେ ସେହି ଜ୍ଞାନର ମୂଳ ବିଷୟକୁ ସେମାନେ ଭଲଭାବରେ ଜାଣିଥାନ୍ତି ଏବଂ ଏହି ଜ୍ଞାନରେ ସେମାନଙ୍କଠାରୁ ଅଧିକା ଜ୍ଞାନୀ ଅନ୍ୟ କେହି ମିଳିପାରିବେ ନାହିଁ ।

### ଅମ୍ବିୟା (ଭବିଷ୍ୟଦ୍‌ବକ୍ତା) ଓ ମନୋବିଜ୍ଞାନ

ମନୋବିଜ୍ଞାନ ହେଉଛି ମଣିଷର ମାନସିକତା ଓ ଭାବପ୍ରବଣତାର ଜ୍ଞାନ । ଏହା ଅମ୍ବିୟାମାନଙ୍କ ନିର୍ଦ୍ଦିଷ୍ଟ ଜ୍ଞାନର ଅଂଶ ବିଶେଷ । କାରଣ ତାଲିମ୍ ଏବଂ ସଂସ୍କାରମୂଳକ କାର୍ଯ୍ୟ ସହିତ ଏହି ଜ୍ଞାନର ବିଶେଷ ସମ୍ପର୍କ ରହିଛି । ବରଂ ପ୍ରକୃତ କଥା ହେଉଛି ଏହା କି ଶରିୟତର ମୂଳଦୁଆର ଅଧିକାଂଶ ଭାଗ ମୁଖ୍ୟତଃ ଏହି ଜ୍ଞାନ ଉପରେ ଆଧାରିତ । କିନ୍ତୁ ପବିତ୍ର କୁର୍‌ଆନ୍ ଆମକୁ ଏ ଶିକ୍ଷା ଦେଇଥାଏ ଓ ପରିସ୍ଥିତି ଏହା ଦର୍ଶାଇଥାଏ ଯେ ଅମ୍ବିୟାମାନଙ୍କର ମଧ୍ୟ ସ୍ତର ରହିଛି । ଜଣେ ନବୀଙ୍କ ଉପରେ ଯେତେମାତ୍ରାରେ ଦାୟିତ୍ୱ ନ୍ୟସ୍ତ କରାଯାଏ, ତା ମୁତାବକ ତାଙ୍କୁ ଈଶ୍ୱରଙ୍କ ତରଫରୁ ସେତେମାତ୍ରାରେ ଶକ୍ତି ଓ ସାମର୍ଥ୍ୟ ପ୍ରଦାନ କରାଯାଇଥାଏ ଓ ଜ୍ଞାନର ଦ୍ୱାର ସେମାନଙ୍କ ପାଇଁ ଖୋଲାଯାଇଥାଏ ।

### ରସୁଲେ୍ କରିମ୍ ସ:ଆ:ସ ଏବଂ ମନୋବିଜ୍ଞାନ

ଯେହେତୁ ଆମ ନବୀ ଶିରୋମଣି ସ:ଆ:ସ ଖାତମୁନ୍ ନବିୟିନ୍ (ନବୀ ଶ୍ରେଷ୍ଠ) ଥିଲେ ଓ ବିଗତ ସମସ୍ତ ଅମ୍ବିୟାମାନଙ୍କ ବିପରୀତ ସମଗ୍ର ସଂସାରର ସଂସ୍କାର ପାଇଁ ଆବିର୍ଭାବ ହୋଇଥିଲେ ଏବଂ ତାଙ୍କର ବାର୍ତା ସମସ୍ତ କଳା ଓ ଗୋରା ଲୋକଙ୍କ ପାଇଁ ଥିଲା ଏବଂ ତାହାଙ୍କ ଶରିୟତ୍ (ଧର୍ମ ବିଧାନ) ପ୍ରତ୍ୟେକ ଜାତି ଓ ପ୍ରତ୍ୟେକ ଯୁଗ ପାଇଁ ପଠାଯାଇଥିଲା ତେଣୁ ସ୍ୱଭାବିକ ରୂପେ ତାହାଙ୍କ ମଧ୍ୟରେ ସେହି ଶକ୍ତିକୁ ଭରି ଦିଆଯାଇଥିଲା ଓ ଏପରି ଜ୍ଞାନ ତାଙ୍କୁ ପ୍ରଦାନ କରାଯାଇଥିଲା, ଯାହା ସେହି ମହାନ କାର୍ଯ୍ୟକୁ ସମ୍ପାଦନ କରିବା ନିମନ୍ତେ ଆବଶ୍ୟକ ଥିଲା । ଏଥିପାଇଁ କୌଣସି ନବୀର ଅପମାନ ହୋଇନଥାଏ ଯେ ଅନ୍ୟ କୌଣସି ନବୀମାନଙ୍କୁ ମଧ୍ୟରୁ କାହାରିକୁ ଏପରି ଜ୍ଞାନ କାହିଁକି ଦିଆଯାଇନାହିଁ ଯାହା ମହାଭାଗ ସ:ଆ:ସଙ୍କୁ ଦିଆଯାଇଅଛି ତଥା କୌଣସି ନବୀ ଏପରି ଶକ୍ତି କାହିଁକି ପାଇନାହାନ୍ତି ଯେପରି ମହାଭାଗ ସ:ଆ:ସ ପାଇଛନ୍ତି । ସେଥିଯୋଗୁଁ ଆପଣ ସ:ଆ:ସ କହିଲେ:- **ଅନା ସୟିଦୁ ୱ୍ଲଦି ଆଦମା ୱ ଲା ଫଖର୍ ।** ଅର୍ଥାତ:- ମୁଁ ହେଉଛି ଆଦମଙ୍କ ସନ୍ତାନମାନଙ୍କର ସର୍ଦ୍ଦାର । କିନ୍ତୁ ଏଥିଯୋଗୁଁ ମୁଁ ମୋ ନିଜ ଭିତରେ କୌଣସି ଗର୍ବ ଓ ଅହଙ୍କାର ଦେଖୁନାହିଁ । ଯେହେତୁ ଆଁ ହଜ୍‌ରତ୍ ସ:ଆ:ସ ଶ୍ରେଷ୍ଠ ନବୀ ଥିଲେ ତେଣୁ ଏହା ଜରୁରୀ ଥିଲା ଯେ ମନୋବିଜ୍ଞାନରେ ମଧ୍ୟ ଆପଣ ସ:ଆ:ସ ସବୁଠାରୁ ପ୍ରଥମ ଓ ସମସ୍ତଙ୍କ ଆଗରେ ରହିବେ । କାରଣ ଏହାକୁ ଜାଣିବା ନବୁଓ୍ୱତର କର୍ତବ୍ୟକୁ ସମ୍ପାଦନ କରିବା ନିମନ୍ତେ ଅତ୍ୟନ୍ତ ଆବଶ୍ୟକ । ଆମେ ଏହା ଅବଲୋକନ କରିଥାଉ ଯେ ବାସ୍ତବରେ ତାହା ସେହିପରି ହିଁ ଥିଲା । ଯେହେତୁ ମୁହମ୍ମଦ ସ:ଆ:ସଙ୍କଠାରୁ ଈଶ୍ୱର ପ୍ରଶିକ୍ଷଣ ଓ ସଂସାରମୂଳକ ମହାନ ଏବଂ ଅନୁପମ କାର୍ଯ୍ୟ ସମ୍ପାଦିତ କରିବାର ଥିଲା ତେଣୁ ଏହି ଜ୍ଞାନ ମହାଭାଗ ସ:ଆ:ସଙ୍କ ଅସ୍ତିତ୍ୱରେ ଏପରି ସନ୍ନିବେଶିତ ଥିଲା ଯେପରି ଗୋଟିଏ ସୁନ୍ଦର ସ୍ପଞ୍ଜ ଖଣ୍ଡକୁ ପାଣିରେ ବୁଡ଼ାଇ ଉଠାଇବା ପରେ ତାହା ପାଣିରେ ଭରି ହୋଇ ରହିଥାଏ । ଏକ ପ୍ରାକୃତିକ ଝରଣା ପରି ସେହି ଜ୍ଞାନର ଅନନ୍ତ ଓ ସ୍ଥାୟୀ ସତ୍ୟଗୁଡ଼ିକୁ ମହାଭାଗ ସ:ଆ:ସଙ୍କଠାରୁ ପ୍ରବାହିତ ହେଉଥିଲା । ଯେହେତୁ ମୋର ଏହି ସଂକ୍ଷିପ୍ତ ନିବନ୍ଧରେ ଏହି ବିଷୟର ସମସ୍ତ ପାର୍ଶ୍ୱକୁ ବର୍ଣ୍ଣନା କରିବା ସମ୍ଭବ ନୁହେଁ ବରଂ କହିବାକୁ ଗଲେ ଗୋଟିଏ ପାର୍ଶ୍ୱକୁ ମଧ୍ୟ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇପାରିବ ନାହିଁ । ତେଣୁ ମୁଁ ଏଠାରେ ଅତ୍ୟନ୍ତ ସଂକ୍ଷିପ୍ତରେ କେବଳ କେତେଗୋଟି ଉଦାହରଣ ମହାଭାଗ ସ:ଆ:ସଙ୍କ ବାଣୀରୁ ବର୍ଣ୍ଣନା କରିବି । ଯହିଁରୁ ଏହା ଜଣାପଡ଼ିଥାଏ ଯେ କିପରି ମହାଭାଗ ସ:ଆ:ସଙ୍କର ପ୍ରତ୍ୟେକ କଥା ମନୋବିଜ୍ଞାନର ଅନନ୍ତ ସିଦ୍ଧାନ୍ତର ଛାଂଚରେ ତିଆରି ହୋଇ ବାହାରୁଥିଲା । ମୁଁ ଏଠାରେ ମହାଭାଗ ସ:ଆ:ସଙ୍କ ବାଣୀ ମଧ୍ୟରୁ କେବଳ ସେହି ଅଂଶକୁ ଉପସ୍ଥାପନ କରିବି ଯାହା ଦୈନନ୍ଦିନ କରାଯାଉଥିବା ବାର୍ତାଳାପ ଓ ସ୍ୱତଃପ୍ରୃତଃ ଭାବରେ ବାହାରୁଥିବା କଥା ସହିତ ସମ୍ପର୍କ ରଖିଥାଏ ।

### ରସୁଲେ୍ କରିମ୍ ସ:ଆ:ସଙ୍କ ବାଣୀର ସିଦ୍ଧତା

ମୁଁ ଏକଥା କହିସାରିଛି ଯେ ସାଧାରଣ ଭାଷାରେ ଇଲ୍‌ମୁନ୍ ନଫସ୍ (ମନୋବିଜ୍ଞାନ) ହେଉଛି ସେହି ଜ୍ଞାନର ନାମ ଯାହା ମଣିଷ ମନର ବ୍ୟାଖ୍ୟା ଏବଂ ତା'ର କର୍ମ ସହିତ ସମ୍ପର୍କ ରଖିଥାଏ । ଏହି ଜ୍ଞାନରେ ମାନସିକ ଓ ଭାବପ୍ରବଣତା ବିଷୟ ଆଲୋଚନା କରାଯାଏ ଏବଂ ଏହା ବତାଯାଇଥାଏ ଯେ ମଣିଷ ନିଜ ପରିବେଶରୁ କିପରି ପ୍ରଭାବିତ ହୋଇ ପ୍ରତିକ୍ରିୟା ଗ୍ରହଣ କରିଥାଏ ଓ ତା ଭାବନାର ବେଗ କିପରି ଓ କେଉଁ ନୀତି ଅନୁଯାୟୀ ପରିଚାଳିତ ହୋଇଥାଏ ଇତ୍ୟାଦି ଇତ୍ୟାଦି । ମୁହମ୍ମଦ ସ:ଆ:ସଙ୍କ ବାଣୀରେ ଏ ଚମତ୍କାର ଥିଲା ଯେ ସେଥିରେ ସମ୍ବୋଧିତ ହେଉଥିବା ଲୋକ ତଥା ଗୋଷ୍ଠି ସମୂହର ମାନସିକ ସ୍ଥିତିକୁ ସମ୍ପୂର୍ଣ୍ଣ ରୂପେ ଧ୍ୟାନ ରଖାଯାଇଥିଲା । କୌଣସି ଲୋକ ବା ଗୋଷ୍ଠିର ମନୋଭାବକୁ ସୁଧାରିବା ପାଇଁ ଯାହା ସର୍ବୋତମ ଶୈଳୀ ହୋଇପାରେ, ତା ମୁତାବକ ତାଙ୍କ ପବିତ୍ର ମୁହଁରୁ ବାଣୀ ନିସୃତ ହେଉଥିଲା । ସେଥିଯୋଗୁଁ ମହାଭାଗ ସ:ଆ:ସଙ୍କ ପ୍ରତ୍ୟେକ କଥା ଏକ ଲୁହା ଛଡ଼ ସଦୃଶ ଶୁଣୁଥିବା ଲୋକର ହୃଦୟ ଭିତରେ ପଶିଯାଉଥିଲା ଓ ଆପଣ ସ:ଆ:ସ ନିଜ ଶ୍ରୋତାଙ୍କ ଚିନ୍ତାଧାରାର ପ୍ରବାହକୁ ଭୂଲ ମାର୍ଗରେ ଯାଉଥିବାର ଦେଖି ଅଥବା ଯଦି ଏହା ଜାଣୁଥିଲେ ଯେ ତା'ର ଭୂଲ ମାର୍ଗରେ ଚାଲିଯିବାର ସମ୍ଭାବନା ରହିଛି, ତତ୍‌କ୍ଷଣାତ୍ ଏପରି କଥା କହୁଥିଲେ ଯେ ତାହା ଶୁଣିବା ଲୋକର ମାନସିକ ପ୍ରବାହକୁ ରୋକ ଦେଇ ତା'ର ଦିଗ ପରିବର୍ତନ କରିଦେଉଥିଲା । ତାଙ୍କ ଜୀବନରେ ଏହିପରି ହଜାର ହଜାର ଉଦାହରଣ ମିଳିଥାଏ । ବରଂ ମହାଭାଗ ସ:ଆ:ସଙ୍କ ସମ୍ପୂର୍ଣ୍ଣ ଜୀବନ ହିଁ ଏହାର ଉଦାହରଣ । କିନ୍ତୁ ମୁଁ ଏଠାରେ କେବଳ କିଛିଟା ଉଦାହରଣ ଦେବାକୁ ଯଥେଷ୍ଟ ମଣିବି । **ୱମା ତୌଫିକି ଇଲ୍ଲା ବିଲ୍ଲାହ** (ଈଶ୍ୱର ଯେତିକି ସାମର୍ଥ୍ୟ ଦେବେ) ।

### ବଦର ଯୁଦ୍ଧର ଉଦାହରଣ

ବଦର ଯୁଦ୍ଧ ଅବସରରେ ଯେତେବେଳେ ମୁସଲମାନ ସେନା କୁଫ୍‌ଫାର (ଅର୍ଥାତ ଅବିଶ୍ୱାସକାରୀ)ମାନଙ୍କୁ ସାମ୍ନା କରିନଥିଲେ ଏବଂ ଅଧିକାଂଶ ମୁସଲମାନ ଏ ବିଷୟରେ ଅବଗତ ନଥିଲେ ଯେ କୁଫ୍‌ଫାର୍‌ମାନଙ୍କର ଏକ ବଡ଼ ସୈନ୍ୟବାହିନୀ ମକ୍କାରୁ ବାହାରି ଆସୁଅଛି ବୋଲି । ମୁସଲମାନମାନେ କେବଳ ଏତିକି ଭାବି ଘରୁ ବାହାରିଥିଲେ ଯେ ଗୋଟିଏ କାଫିଲା ସହିତ ସମ୍ମୁଖୀନ ହେବେ । ସେତେବେଳେ ସାହାବାମାନେ ଅବିଶ୍ୱାସୀମାନଙ୍କର ଜଣେ ସିପାହୀକୁ ଧରି ଆଁ ହଜ୍‌ରତ୍ ସ:ଆ:ସଙ୍କ ନିକଟରେ ପେଶ୍ କରିଦେଲେ, ଯିଏ ତାଙ୍କୁ ଗୋଟିଏ ଝରଣା ନିକଟରେ ମିଳିଥିଲା । ମହାଭାଗ ସ:ଆ:ସ ତାକୁ ଅବିଶ୍ୱାସୀକାରୀମାନଙ୍କ ସେନା ସମ୍ବନ୍ଧରେ କିଛି ପ୍ରଶ୍ନ ପଚାରିଲେ । ପୁଣି ତାକୁ ପଚାରିଥିଲେ ଯେ ମକ୍କାର ସର୍ଦ୍ଦାରମାନଙ୍କ ମଧ୍ୟରୁ କେଉଁମାନେ ସେନା ସହିତ ଅଛନ୍ତି । ସେହି ବ୍ୟକ୍ତିଜଣକ କହିଲା ଉତ୍‌ବାଃ, ଶୈବାଃ, ଉମେୟା, ନଜର୍ ବିନ୍ ହାରିସ୍, ଅକ୍‌ବାଃ,

ଅବୁ ଜହଲ୍, ଅବୁଲ୍ ଜନ୍‌ତରୀ ଏବଂ ହକିମ୍ ବିନ୍ ହଜାମ୍ ଇତ୍ୟାଦି ସମସ୍ତେ ଆସିଛନ୍ତି । ଯେହେତୁ ଏହି ସବୁ ଲୋକମାନେ କୁରୈଶ୍ କବିଲା (ଜନଜାତି)ର ଆତ୍ମା ଥିଲେ, ବହୁତ ସାହାସୀ ଏବଂ ବାହାଦୁର୍ କମାଣ୍ଡର ଭାବରେ ବିବେଚନା ହେଉଥିଲେ, ସେମାନଙ୍କ ନାମ ଶୁଣି ଓ ମକ୍କାର ସମସ୍ତ ପ୍ରସିଦ୍ଧ ଲୋକମାନେ ମୁସଲମାନମାନଙ୍କୁ ମୂଳୋତ୍ପାଟନ କରିବାପାଇଁ ବାହାରିଥିବାର ଜାଣି କେତେକ ଦୃବଳ ସ୍ୱଭାବର ସାହାବାମାନେ କିଛିଟା ଘାବରେଇଗଲେ । ମହାଭାଗ ସ:ଆ:ସ ସେମାନଙ୍କ ଆଡ଼କୁ ଚାହିଁ ତତ୍‌କ୍ଷଣାତ୍ କହିଲେ **ହାଜିହି ମକ୍କତୁ କଦ୍ ଅଲ୍‌କତ୍ ଇଲୈକୁମ୍ ଅଫ୍‌ଲାଜା କବଦିହା ।** ଅର୍ଥାତ:- ମକ୍କା ତୁମମାନଙ୍କ ସମ୍ମୁଖରେ ନିଜର କଳିଜାକୁ କାଢ଼ି ରଖିଦେଇଛି । ଅର୍ଥାତ ତୁମେମାନେ ଖୁସି ହୋଇଯାଅ ଯେ ଅଲ୍ଲାଃ ତୁମମାନଙ୍କ ପାଇଁ ଏତେ ବଡ଼ ଶିକାର ସଂଗ୍ରହ କରିଦେଇଛନ୍ତି । ସାହାବାମାନଙ୍କ ମନୋଭାବର ପ୍ରବାହ ତତକ୍ଷଣାତ୍ ଓଲଟି ଗଲା ଯେ ଏଥିରେ ଭୟଭୀତ ହେବାର କିଛି ଅବକାସ ହିଁ ନାହିଁ ବରଂ ଅଲ୍ଲାଃ ନିଜ ପ୍ରତିଶୃତି ମୁତାବକ ସେହି ଅବିଶ୍ୱାସୀମାନଙ୍କ ସର୍ଦ୍ଦାରମାନଙ୍କୁ ଆମ ହାତରେ ବିନାଶ କରିବା ପାଇଁ ଏଠାରେ ଏକତ୍ରିତ କରିଦେଇଛନ୍ତି । ଏହିପରି ଯେଉଁ ଖବର ସେହି ଦୃବଳ ସ୍ୱଭାବର ମୁସଲମାନମାନଙ୍କ ପାଇଁ ଚିନ୍ତା ଓ ଭୟର କାରଣ ହୋଇଥାଆନ୍ତା, ଆଁ ହଜ୍‌ରତ୍ ସ:ଆ:ସଙ୍କ ମୁଖରୁ ଅବିଳମ୍ୱେ ନିସୃତ ହୋଇଥିବା ଗୋଟିଏ ବାକ୍ୟ ଦ୍ୱାରା ସେମାନଙ୍କ ପାଇଁ ଆନନ୍ଦ ଓ ଶକ୍ତିର ଉତ୍ସ ହୋଇଗଲା । ଆଁ ହଜ୍‌ରତ୍ ସ:ଆ:ସ ସେହି ବାକ୍ୟାଂଶକୁ କୌଣସି ଚିନ୍ତା ବିଚାର କରି କହିନଥିଲେ ବରଂ ଏପଟେ ଆପଣ ସ:ଆ:ସ ମକ୍କାରୁ ଆସିଥିବା ସିପାହୀମାନଙ୍କ ମୁହଁରୁ ସେ କଥା ଶୁଣିଲେ ଓ ସାହାବାମାନଙ୍କ ଚେହେରାରୁ ବ୍ୟତିବ୍ୟସ୍ତତାର ଲକ୍ଷଣ ଦେଖିଲେ ଓ ସେପଟେ ସ୍ୱତଃପ୍ରବୃତ ଭାବରେ ମହାଭାଗ ସ:ଆ:ସଙ୍କ ମୁହଁରୁ ଏ ବାକ୍ୟ ବାହାରିଲା । ଯେମିତି ଗୋଟିଏ ତୀର ଧନୁରୁ ବାହାରି ଚାଲିଯାଇଥାଏ । ସୁତରାଂ ସେହି କଥାକୁ ଶୁଣି ମୁସଲମାନମାନଙ୍କ ଭାବନାର ପ୍ରବାହ ଲେଉଟି ଯାଇ ସଙ୍ଗେ ସେଙ୍ଗେ ନିଜର ମାର୍ଗ ବଦଳାଇ ଦେଲା ।

## ମକ୍କା ବିଜୟ ଅବସରରେ ଉଦାହରଣ

ଫତହ୍ ମକ୍କା ଅର୍ଥାତ ମକ୍କା ବିଜୟ ଅବସରରେ ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କୁ ମକ୍କାର ସର୍ଦ୍ଦାର ଅବୁ ସୁଫିୟାନ୍‌କୁ ସାନ୍ତ୍ୱନା ଦେବାର ଥିଲା ଏବଂ ଏ ସମ୍ୱନ୍ଧରେ ମହାଭାଗ ସ:ଆ:ସ ତାକୁ କିଛି ପ୍ରତିଶୃତି ବି ଦେଇଥିଲେ । ଯେତେବେଳେ ଇସ୍‌ଲାମୀୟ ସୈନ୍ୟବାହିନୀ ନିଜର ପତାକାକୁ ଉତୋଳନ କରି ଅତ୍ୟନ୍ତ ଦର୍ପ ଓ ବୈଭବ ପୂର୍ଣ୍ଣ ଠାଣି ସହିତ ମକ୍କା ଆଡ଼କୁ ଅଗ୍ରସର ହେଲା ସେତେବେଳେ ଅବୁ ସୁଫିୟାନ୍ ଗୋଟିଏ ଉଚ୍ଚ ସ୍ଥାନରେ ବସି ଏହି ବୈଭବକୁ ଅବଲୋକନ କରୁଥିଲା । ତା ସମ୍ମୁଖରେ ଜଣେ ରଇସ୍ ଅନ୍‌ସାରୀ ହଜ୍‌ରତ୍ ସାଆଦ୍ ବିନ୍ ଅବାଦାଃ ଯିଏ ନିଜ କବିଲାର ସର୍ଦ୍ଦାର ମଧ୍ୟ ଥିଲେ, ସେ ନିଜ ହାତରେ ଧ୍ୱଜା ଧରି ଅବୁ ସୁଫିୟାନ୍‌କୁ ଶୁଣାଇ ଏହା କହୁଥିଲେ ଯେ ଆଜି ମକ୍କାବାସୀଙ୍କ ପାଇଁ ଅପମାନର ଦିନ । ଅବୁ ସୁଫିୟାନ୍‌ର ହୃଦୟରେ ଏକଥା ଅସ୍ତୁରା ମାରିବା ପରି ଲାଗିଲା । ସେ ସଙ୍ଗେ ସଙ୍ଗେ ଆଁ ହଜ୍‌ରତ୍ ସ:ଆ:ସଙ୍କୁ କହିଲା: "କଣ ଆପଣ ଶୁଣିଲେ, ସାଆଦ୍ ଯାହା କହିଲା ? ସାଆଦ୍ କହିଲେ ଆଜି ମକ୍କାବାସୀଙ୍କ ପାଇଁ ଅପମାନର ଦିନ ।"

ଏଥିରେ ମହାଭାଗ ସ:ଆ:ସ କହିଲେ: "ସାଆଦ୍ ଭୂଲ୍ କହିଛନ୍ତି । ଆଜି ତ' ମକ୍କାବାସୀଙ୍କ ପାଇଁ ସମ୍ମାନର ଦିନ । ସାଆଦ୍‌ଙ୍କଠାରୁ ସର୍ଦ୍ଦାରୀ ଧ୍ୱଜାକୁ ନେଇ ତାଙ୍କ ପୁଅକୁ ଦେଇ ଦିଆଯାଉ ।"

ଏହା ଏକ ସ୍ୱତଃ ପ୍ରବୃତ ବାଣୀ/କଥା ଥିଲା । କିନ୍ତୁ ଦେଖନ୍ତୁ ଏଥିରେ କେତେମାତ୍ରାରେ ମନୋବିଜ୍ଞାନର ଅନନ୍ତ ସତ୍ୟ ଲୁଚି ରହିଛି । ପ୍ରଥମ କଥା ହେଉଛି ଏହା କି ମକ୍କାବାସୀଙ୍କ ପାଇଁ ଅପମାନର ଦିନ, ଏହି ବାକ୍ୟରୁ ଏକଥା ବୁଝାପଡ଼ିଥାନ୍ତା ଯେ ଯଦି ଆଁ ହଜ୍‌ରତ୍ ସ:ଆ:ସ ମକ୍କାରେ ପ୍ରବେଶ କରନ୍ତି, ତେବେ ମକ୍କାବାସୀଙ୍କ ପାଇଁ ଏହା ଅପମାନ ହେବ । ଯଦିଓ ମକ୍କା ପରିଜିତ ହୋଇଥିବା ସତ୍ୱେ ମଧ୍ୟ ଯେବେ ତାହା ଆଁ ହଜ୍‌ରତ୍ ସ:ଆ:ସଙ୍କ ଧ୍ୱଜା ତଳେ ଆସିଯାଇଛି ତେଣୁ ତା'ର ସମ୍ମାନ ହିଁ ସମ୍ମାନ । ପୁଣି ମକ୍କାର ସ୍ଥିତି ଏପରି ଯେ ତାହାକୁ କୌଣସି ପ୍ରକାରେ ମଧ୍ୟ ଅପମାନିତ କରାଯାଇପାରିବ ନାହିଁ । ଅପର ପକ୍ଷେ ସାଆଦ୍‌ଙ୍କ କଥାରୁ ତଥା ଏପରି ବାକ୍ୟ କହିବାର ଶୈଳୀରୁ ମୁସଲମାନମାନଙ୍କ ମନ ଭିତରେ ଅବୁ ସୁଫିୟାନ୍‌ଙ୍କ ପ୍ରତି ତିରସ୍କାରମୂଳକ ମନୋଭାବ ସୃଷ୍ଟି ହୋଇପାରିଥାନ୍ତି କିନ୍ତୁ ଆଁ ହଜ୍‌ରତ୍ ସ:ଆ:ସଙ୍କ ଉଦ୍ଦେଶ୍ୟ ତାଙ୍କୁ ସାନ୍ତ୍ୱନା ଦେବାର ଥିଲା । ତେଣୁ ମହାଭାଗ ସ:ଆ:ସ ଅବୁ ସୁଫିୟାନର ଅଭିଯୋଗ ଉପରେ ତୁରନ୍ତ ସାଆଦଙ୍କୁ ଚେତାବନୀ ଦେଲେ ଓ ମୁସଲମାନମାନଙ୍କ ଭାବନାକୁ ଭୂଲ ମାର୍ଗରେ ଯିବାକୁ ରୋକିଦେଲେ । ତୃତୀୟରେ ଯେବେ ମହାଭାଗ ସ:ଆ:ସ ଏହା ଦେଖିଲେ ଯେ ସାଆଦ୍‌ଙ୍କ ମୁହଁରୁ ଏକଥା ଅଚାନକ ବାହାରିଛି, ସେ ଏକଥା ଜାଣିଶୁଣି କହିନାହାନ୍ତି, ପୁଣି ଏହା ଦେଖିଲେ ଯେ ସାଆଦ୍ ହେଉଛନ୍ତି ନିଜ କବିଲାର ସର୍ଦ୍ଦାର ତେଣୁ ତାଙ୍କର ଅପମାନ ବି ହେବା ଠିକ୍ ନୁହେଁ । ସୁତରାଂ ମହାଭାଗ ସ:ଆ:ସ ଏ ନିର୍ଦ୍ଦେଶ ତ ଦେଲେ ଯେ ତାଙ୍କ ହାତରୁ ସର୍ଦ୍ଦାରୀ ଧ୍ୱଜାକୁ ନେଇ ନିଆଯାଉ କିନ୍ତୁ ତା ସହିତ ଏ ନିର୍ଦ୍ଦେଶ ବି ଦେଲେ ଯେ ଏହି ଧ୍ୱଜାକୁ ତାଙ୍କଠାରୁ ନେଇ ତାଙ୍କ ପୁତ୍ରକୁ ଦେଇ ଦିଆଯାଉ ଯଦ୍ୱାରା ସାଆଦ୍‌ଙ୍କୁ ବି ସାନ୍ତ୍ୱନା ମିଳିଯିବ ଓ ଅନ୍ୟ କାହାକୁ ତାଙ୍କ ଉପରେ ସମାଲୋଚନା କରିବାର ଅବସର ମିଳିବ ନାହିଁ । ଯେଉଁ ସଂକ୍ଷିପ୍ତ ବାକ୍ୟକୁ ମହାଭାଗ ସ:ଆ:ସ କହିଲେ ତା' ଉପରେ ଚିନ୍ତା ଓ ବିଚାର କରି ଦେଖନ୍ତୁ ଯେ ମହାଭାଗ ସ:ଆ:ସଙ୍କ ନଜର କେଉଁଠି କେଉଁଠି ରହିଛି । ସତେ ଯେପରି ଗୋଟିଏ କ୍ଷଣ ମଧ୍ୟରେ ଆପଣ ସ:ଆ:ସଙ୍କର ସେହି ବାକ୍ୟଟି ଅନେକ କ୍ଷତିକାରକ ମାନସିକ ଚିନ୍ତା ଧାରାର କବାଟକୁ ବନ୍ଦ କରିଦେଲା ଏବଂ ଅନେକ ଲାଭପ୍ରଦ ମାନସିକ ଚିନ୍ତାଧାରାକୁ ଖୋଲିଦେଲା ।

## ହୁନୈନ୍ ଯୁଦ୍ଧ ଅବସରରେ ଗୋଟିଏ ଉଦାହରଣ

ହୁନୈନ୍ ଯୁଦ୍ଧର ପରିସମାପ୍ତିରେ ଯେବେ ଯୁଦ୍ଧରେ ଜିଣାଯାଇଥିବା ସାମଗ୍ରୀଗୁଡ଼ିକର ବଂଟନ କରାଯିବାର କଥା ଉଠିଲା, ଆଁ ହଜ୍‌ରତ୍ ସ:ଆ:ସ ମକ୍କାବାସୀଙ୍କ ମନକୁ ସାନ୍ତ୍ୱନା ଦେବା ପାଇଁ, ସେମାନଙ୍କୁ ଅଧିକ ଭାଗ ଦେଲେ । ଏଥିରେ କିଛି ଭାବପ୍ରବଣ ଓ ଅବୁଝା ଅନ୍‌ସାରୀ ଅଭିଯୋଗ କଲେ ଓ କହିଲେ ଯେ ଆମ ତରବାରୀରୁ ରକ୍ତ ବୋହିଲା ଅଥଚ ମକ୍କାବାସୀ ପୁରସ୍କାର ନେଇଗଲେ । ଯେତେବେଳେ ଏକଥା ଆଁ ହଜ୍‌ରତ୍ ସ:ଆ:ସ ଶୁଣିଲେ, ଆଁ ହଜ୍‌ରତ୍ ସ:ଆ:ସ ଅନ୍‌ସାରମାନଙ୍କୁ ଗୋଟିଏ ଅଲଗା ସ୍ଥାନରେ ଏକତ୍ରିତ କଲେ ଓ ସେମାନଙ୍କୁ କହିଲେ ଯେ ମୋ ନିକଟରେ ଏହି ସବୁ କଥା ପହଂଚିଛି । କଣ ତୁମେମାନେ ଏ କଥାରେ ଆନନ୍ଦ ଅନୁଭବ କରୁନାହଁ ଯେ ଲୋକମାନେ ତ ମେଣ୍ଢା, ଛେଳି ଓ ଓଟ ନେଇ ଯାଉଛନ୍ତି ଯେବେ କି ତୁମମାନଙ୍କ ସହିତ ଅଲ୍ଲାଃଙ୍କ ରସୁଲ୍ ଯାଉଛନ୍ତି । ଏହା ଶୁଣି ଅନ୍‌ସାର୍‌ମାନଙ୍କ ମୁହଁରୁ ଅନିଚ୍ଛାକୃତ ଚିତ୍କାର ବାହାରିଗଲା ଓ କାନ୍ଦି କାନ୍ଦି ସେମାନଙ୍କର ଗଳା ରୁଦ୍ଧ ହୋଇଗଲା । ସେମାନେ କହିଲେ ହେ ଅଲ୍ଲାଃଙ୍କ ରସୁଲ୍ ! ଆମମାନଙ୍କ ମଧ୍ୟରୁ କେତେକ ଅଜ୍ଞ ଯୁବକଙ୍କ ମୁହଁରୁ ଏପରି ବାକ୍ୟ ବାହାରି ପଡ଼ିଥିଲା । ଆମେ ଅଲ୍ଲାଃଙ୍କ ରସୁଲ୍‌ଙ୍କୁ ଆମ ସହିତ ନେଉଅଛୁ । ଆମକୁ ସାଂସାରିକ ଧନସମ୍ପତି ପ୍ରତି ଆଗ୍ରହ ନାହିଁ । ଆଁ ହଜ୍‌ରତ୍ ସ:ଆ:ସ କହିଲେ: "ହେ ଅନ୍‌ସାର୍‌ମାନଙ୍କ ଗୋଷ୍ଠି ! ଏବେ ତୁମେମାନେ ବୈକୁଣ୍ଠରେ ମତେ **ହୌଜେ କୌସର୍** ଠାରେ ହିଁ ସାକ୍ଷାତ କରିବ" ।

ମନୋବିଜ୍ଞାନ ଅନ୍ତର୍ଗତ ଏହି ଘଟଣାର ପ୍ରଥମ ଭାଗର ବ୍ୟାଖ୍ୟା ସ୍ୱଷ୍ଟ ହୋଇଯାଇଛି । କୌଣସି ଟିପ୍ପଣିର ଆବଶ୍ୟକତା ନାହିଁ । କିନ୍ତୁ ଆଁ ହଜ୍‌ରତ୍ ସ:ଆ:ସଙ୍କ ଶେଷ ବାକ୍ୟଟି କିଛି ବ୍ୟାଖ୍ୟା ଆବଶ୍ୟକ କରୁଛି । ଏହା ବହୁତ ସରଳ ଓ ସ୍ୱଷ୍ଟ ବାକ୍ୟ ଅଟେ । କିନ୍ତୁ ଏହା ମନୋବିଜ୍ଞାନର ଛାଂଚରେ କିପରି ଗଢ଼ା ହୋଇ ବାହାରିଥିଲା । ମହାଭାଗ ସ:ଆ:ସଙ୍କ କହିବାର ଉଦ୍ଦେଶ୍ୟ ଏହା ଥିଲା ଯେ ତୁମମାନଙ୍କ ମଧ୍ୟରୁ କିଛି ଲୋକ ସାଂସାରିକ ଲୋଭକୁ ଅଗ୍ରାଧିକାର ଦେଉଛନ୍ତି ତେଣୁ ଏବେ ତୁମେମାନେ ଏହାର ପ୍ରତିବଦଳରେ ଏ ଦୁନିଆରେ ସେହି ଐଶି ପୁରସ୍କାରରୁ ବଂଚିତ ରହିବ, ଯାହା ଦୁନିଆର ପୁରସ୍କାର ମଧ୍ୟରୁ ବଡ଼ ପୁରସ୍କାର ଅଟେ । ଅର୍ଥାତ ସରକାର ଓ ସାମ୍ରାଜ୍ୟ ରୂପକ ପୁରସ୍କାରରୁ (ବଂଚିତ ରହିବ) । କିନ୍ତୁ ଏକଥା ଭାବନାହିଁ ଯେ ତୁମର ଆନ୍ତରିକତା ଓ ତୁମର ବଳିଦାନ ସବୁ ବୃଥା ହୋଇଗଲା ବୋଲି ବରଂ ତାହା ପାଇଁ ତୁମେମାନେ ମତେ ଆଖିରତ୍ (ପରକାଳ)ରେ ହୌଜେ କୌସରଠାରେ ପାଇବ । ସେଠାରେ ତୁମମାନଙ୍କୁ ପରକାଳର ପୁରସ୍କାର ଦ୍ୱାରା ସମୃଦ୍ଧ କରାଯିବ ଏବଂ ଅଲ୍ଲାଃ ତାଲା ତୁମମାନଙ୍କର ସମସ୍ତ ଆଶା ଆକାଂକ୍ଷାକୁ ପୂରଣ କରିଦେବେ । କିନ୍ତୁ ଏବେ ଏ ଦୁନିଆରେ ତୁମକୁ ରାଜତ୍ୱ ଓ ସାମ୍ରାଜ୍ୟର ଶକ୍ତି ମିଳିବ ନାହିଁ । ସତେ ଯେପରି ଏହି ଛୋଟିଆ ବାକ୍ୟରେ ମହାଭାଗ ସ:ଆ:ସ ଅନ୍‌ସାରମାନଙ୍କ ହୃଦୟରେ ଏ ଶିକ୍ଷା ଦୃଢ଼ ଭାବରେ ଜାଗ୍ରତ କରାଇଦେଲେ ଯେ ଯଦି ତୁମେମାନେ ଜାତୀୟ ସ୍ତରରେ ବିକାଶ କରିବାକୁ ଚାହୁଁଅଛ ତେବେ ନିଜର ଦୁର୍ବଳ ସାଥିମାନଙ୍କୁ ସାଙ୍ଗରେ ନେଇ ଚାଲ ଅନ୍ୟଥା ଗୋଟିଏ ଭାଗ ସେଠାରେ ଅନ୍ୟ ଗୋଟିଏ ଭାଗକୁ ବହନ କରିବାକୁ ପଡ଼ିବ ଏବଂ ସେହି ବାକ୍ୟରେ ମହାଭାଗ ସ:ଆ:ସ ଏକଥା ମଧ୍ୟ ବତାଇଛନ୍ତି ଯେ ତୁମେମାନେ ମୋ ପଦାଙ୍କ ଅନୁସରଣ କରି ସାଂସାରିକ ପୁରସ୍କାର ପ୍ରତି ଲୋଭ କଲ ତେଣୁ ଏବେ ତୁମମାନଙ୍କୁ ଏହି ସାଂସାରିକ ପୁରସ୍କାରରୁ ବଂଚିତ ରହିବାକୁ ପଡ଼ିବ । ଯେହେତୁ ଏପରି ଚିନ୍ତାଧାରାର ପ୍ରବାହ ସହିତ ତୁରନ୍ତ ମନରେ ଏକଥା ସୃଷ୍ଟି ହୋଇଥାଏ ଯେ, ସତେ ଯେପରି ଅନ୍‌ସାର୍‌ମାନଙ୍କ ଗୋଷ୍ଠି ଈଶ୍ୱରୀୟ ପୁରସ୍କାରରୁ ବଂଚିତ ରହିଗଲେ । ତେଣୁ ମହାଭାଗ ସ:ଆ:ସ ସଙ୍ଗେ ସଙ୍ଗେ ତାହାକୁ ସଂଶୋଧନ କରି କହିଲେ ନା, ଏପରି ନୁହେଁ । ବରଂ ଅଲ୍ଲାଃ ସେମାନଙ୍କ ଆଖିରତ୍ (ମୃତ୍ୟୁ ପରର୍ବତୀ ଜୀବନ)ରେ ପୁରସ୍କାରର ଉତରାଧିକାରୀ କରିବେ ଏବଂ ଯେହେତୁ ପ୍ରକୃତ ଜୀବନ, ହେଉଛି ଆଖିରତ (ପରକାଳ)ର ଜୀବନ ତେଣୁ ଯଦି ଆଖିରତ୍ ରେ ପୁରସ୍କାର ମିଳିଯିବ ତେବେ ଏହି ସାଂସାରିକ ସାମଗ୍ରୀରୁ ବଂଚିତ ରହିବାରେ କିଛି ଅସୁବିଧା ନାହିଁ । ମହାଭାଗ ସ:ଆ:ସଙ୍କର ଏହି ବାକ୍ୟରେ ଗୋଟିଏ ସୁନ୍ଦର କଥା ହେଉଛି ଏହା କି ଯଦିଓ ମହାଭାଗ ସ:ଆ:ସଙ୍କ ଅସଲ ଉଦ୍ଦେଶ୍ୟ ଏହି ଅବସରରେ ଅନ୍‌ସାର୍‌ମାନଙ୍କୁ ସଚେତନ କରିବାର ଥିଲା କିନ୍ତୁ ମହାଭାଗ ସ:ଆ:ସ ପୁରସ୍କାରର ଅଂଶକୁ ସ୍ୱଷ୍ଟ ଭାବରେ ଶବ୍ଦରେ ତ' ବର୍ଣ୍ଣନା କରିଦେଲେ କିନ୍ତୁ ଦଣ୍ଡ ଏବଂ ବଂଚିତ ରହିବାର ଭାବାର୍ଥକୁ ଶବ୍ଦରେ ବର୍ଣ୍ଣନା କରିନାହାନ୍ତି ।

ବରଂ ତାକୁ ରେଖା ମଧ୍ୟରେ ରଖିଦେଲେ । ଅର୍ଥାତ ଏହା କହିଲେ ନାହିଁ ଯେ ଏବେ ତୁମକୁ ଏ ଦୁନିଆରେ ରାଜତ୍ୱ କରିବାର ପୁରସ୍କାର ମିଳିବ ନାହିଁ ବରଂ କେବଳ ଏତିକି କହି ନୀରବ ହୋଇଗଲେ ଯେ ଠିକ୍ ଅଛି ଏବେ ତୁମେମାନେ ମତେ ଆଖିରତ୍‌ରେ ସାକ୍ଷାତ କରିବ । କିନ୍ତୁ ଯେହେତୁ ଏଠାର ତାଗିଦ୍ କରିବାର ଏକ ମଉକା ଥିଲା ତେଣୁ ଆପଣ ସ:ଆ:ସ ଏକଥା ସ୍ପଷ୍ଟ କଲେନାହିଁ ଯେ ଆଖିରତ୍‌ରେ ତୁମେମାନେ ଈଶ୍ୱରୀୟ ପୁରସ୍କାରର ବହୁତ ବଡ଼ ଭାଗ ପାଇବ ବରଂ କେବଳ ଏତିକି କହିବାକୁ ଯଥେଷ୍ଟ ମଣିଲେ ଯେ ମତେ ତୁମେମାନେ ହୌଜେ କୌସର୍‌ଠାରେ ସାକ୍ଷାତ କରିବ । ଅର୍ଥାତ ସେହି ହୌଜ୍ ନିକଟରେ ମୋ ପାଖକୁ ଆସିବ ଯେଉଁଠି ପ୍ରତ୍ୟେକ ପୁରସ୍କାର ଓ ପ୍ରତ୍ୟେକ ଉତମ ଗୁଣ ପ୍ରଚୁର ପରିମାଣରେ ମିଳିବ । ଯେଉଁଥିରେ ଏହା ସୂଚିତ କରାଯାଇଥଲା ଯେ ଏହି ଦୁନିଆରେ ଯାହା କିଛି ମିଳିନାହିଁ ତାହାର କ୍ଷତିପୂରଣ ପରକାଳରେ ଅତ୍ୟଧିକ ପୁରସ୍କାର ଦ୍ୱାରା କରାଯିବ । ଏହା ହେଉଛି ସେହି ଆରବର ମରୁଭୂମିର ଜଣେ ଉମ୍ମି ନବୀ (ଅର୍ଥାତ ପାଠସାଠ ପଢ଼ିନଥିବା ନିରକ୍ଷର ନବୀ)ଙ୍କ ବାଣୀ ଯିଏ ବାହ୍ୟିକ ଜ୍ଞାନର ଦୃଷ୍ଟିକୋଣରୁ ଅକ୍ଷର ଓ ବର୍ଣ୍ଣମାଳା ମଧ୍ୟ ଜାଣିନଥିଲେ ।

### ଅନ୍ୟ ଏକ ଘଟଣାର ଉଦାହରଣ

ଅଲ୍ଲାଃଙ୍କ ଇଚ୍ଛା ଅନ୍ତର୍ଗତ ଗୋଟିଏ ଯୁଦ୍ଧରେ ମୁସଲମାନମାନେ ପରାସ୍ତ ହେଲେ ଫଳତଃ ଅନେକ ସାହାବି ଯୁଦ୍ଧ କ୍ଷେତ୍ର ଛାଡ଼ି ପଳାୟନ କଲେ । ପରେ ସେମାନେ ଲଜ୍ୟା ଅନୁଭବ କରି ମହାଭାଗ ସ:ଆ:ସଙ୍କ ସାମନାକୁ ଆସୁନଥିଲେ । ମହାଭାଗ ସ:ଆ:ସ ଯେବେ ସେମାନଙ୍କୁ ମସ୍‌ଜିଦ୍‌ର ଗୋଟିଏ କୋଣରେ ଅନ୍ଧାରରେ ମୁହଁ ଲୁଚାଇ ବସିବାର ଦେଖିଲେ । ପଚାରିଲେ ତୁମେମାନେ କିଏ ? ସେମାନେ ଲଜ୍ୟାରେ ବୁଡ଼ି ଯାଇଥିଲେ ଓ କାନ୍ଦି କାନ୍ଦି ନିବେଦନ କଲେ **ୟା ରସୁଲୁଲ୍ଲାଃହି ନହ୍‌ନୁଲ୍ ଫର୍‌ରାରୁନା** ଅର୍ଥାତ:- ଆମେମାନେ ହେଉଛୁ ପଳାତକ ହେ ଅଲ୍ଲାଃଙ୍କ ରସୁଲ୍ ! ଏହା ଶୁଣି ମହାଭାଗ ସ:ଆ:ସ ଅବିଳମ୍ବେ କହିଲେ **ବଲ୍ ଅନ୍‌ତୁମୁଲ୍ ଅକ୍କାରୁନା** ଅର୍ଥାତ:- ନୁହେଁ ନୁହେଁ ତୁମେମାନେ ପଳାତକ ନୁହଁ ତୁମେମାନ ତ ପୂନର୍ବାର ଆକ୍ରମଣ କରିବାକୁ ପ୍ରସ୍ତୁତ ହୋଇରହିଛ" । ଅଲ୍ଲାଃ ! ! କେଡ଼େ ଗୌରବର କଥା । ଯୁଦ୍ଧକ୍ଷେତ୍ରରୁ ପଳାୟନ କରିଥିବା ସିପାହୀମାନେ ଲଜ୍ୟାରେ ବୁଡ଼ି ଯାଉଛନ୍ତି ଓ ଦୁଃଖରେ ମ୍ରିୟମାଣ ହୋଇ କହୁଛନ୍ତି ଯେ ହେ ଅଲ୍ଲାଃଙ୍କ ରସୁଲ ! ଆମେ ଆପଣଙ୍କୁ କଣ ମୁହଁ ଦେଖାଇବୁ, ଆମେ ତ ଯୁଦ୍ଧକ୍ଷେତ୍ରରୁ ପଳାୟନ କରି ଚାଲି ଆସିଛୁ । ସେଠାରେ ମହାଭାଗ ସ:ଆ:ସ ଦେଖୁଛନ୍ତି ଯେ ସେମାନଙ୍କର ସାହାସ ହ୍ରାସ ହେଉଅଛି ତେଣୁ ସେମାନଙ୍କ ମନୋବଳ ବଢ଼ାଇବା ପାଇଁ ତତ୍‌କ୍ଷଣାତ୍ କହିଲେ ତୁମେମାନେ ପଳାତକ ନୁହଁ, ତୁମେମାନେ ପୂନର୍ବାର ଆକ୍ରମଣ କରିବାପା ପାଇଁ ପଛକୁ ଚାଲିଆସିଛ । ମୋ ସହିତ ମିଶି ପୁଣି ଯୁଦ୍ଧ କରିବାକୁ ବାହାରିବ । ଅତଃ ଏହି ଗୋଟିଏ ବାକ୍ୟ ଦ୍ୱାରା ଦୃବଳ ସାହାସ ଯୋଗୁଁ ଭାଙ୍ଗି ପଡ଼ିଥିବା ସିପାହୀମାନଙ୍କୁ ତଳୁ ଉଠାଇ ଉଚ୍ଚତମ ସ୍ତରରେ ପହଂଚାଇ ଦେଲେ ।

***(ମଜାମିନ୍ ବଶିର୍, ପୃ-୧୫୯-୧୬୫)***

*ପୃଷ୍ଠା-୧୪ ର ଅବଶିଷ୍ଟାଂଶ......*

ହେବାପାଇଁ ପ୍ରସ୍ତୁତ ଅଛ ? ସେ କହିଲା ମୁଁ ମୁସଲମାନ ହେବା ପାଇଁ ପ୍ରସ୍ତୁତ ନୁହେଁ । ଏଥିରେ ଆପଣ ସ:ଆ:ସ କହିଲେ ଯେ ମୁଁ କୌଣସି ମୁଶ୍‌ରିକ୍‌ର ସାହାଯ୍ୟ ନେଇପାରିବି ନାହିଁ ।

ଏକେଶ୍ୱରବାଦର ମହାନତାକୁ ପ୍ରକାଶ କରିବା ଏବଂ ଏକେଶ୍ୱରବାଦର ସ୍ଲୋଗାନ୍ ଲଗାଇବାର ଏହି ଦୃଶ୍ୟକୁ ଏ ଜଗତ ମକ୍କା ବିଜୟ ଦିନ ଦେଖିଲା ଯେ ଏହି ବିଜୟର ଖୁସିରେ ଅଲ୍ଲାଃଙ୍କ ମହିମା ଓ ବୈଭବକୁ ପ୍ରକାଶ କରି ମହାଭାଗ ସ:ଆ:ସଙ୍କ ମୁଣ୍ଡ ଓଟର ପାଲାନ ପର୍ଯ୍ୟନ୍ତ ନଇଁଗଲା ଏବଂ ଅପରପକ୍ଷେ ମହାଭାଗ ସ:ଆ:ସ **ଜାଅଲ୍ ହକ୍‌କୁ ୱ୍ ଜହକଲ୍ ବାତିଲୁ ଇନ୍ନଲ୍ ବାତିଲା କାନା ଜହୁକା** ର ଧ୍ୱନି ଉଚ୍ଚାରଣ କରୁଥିଲେ ।

ଏକେଶ୍ୱରବାଦର ଏହି ପ୍ରେମକୁ ଆପଣ ସ:ଆ:ସ ସାହାବାମାନଙ୍କ ମଧ୍ୟରେ ସୃଷ୍ଟି କରିଦେଇଥିଲେ । ସୁତରାଂ ଜଣେ ଅନ୍‌ସାରୀ ସାହାବି, ଯିଏ ମସ୍‌ଜିଦ୍ କୁବାରେ ନମାଜ ପଢ଼ାନ୍ତି, ତାଙ୍କ ସମ୍ବନ୍ଧରେ ବର୍ଣ୍ଣିତ ଅଛି ଯେ ସେ ପ୍ରତ୍ୟେକ ଜହ୍‌ରୀ (ଅର୍ଥାତ ଶବ୍ଦ ଉଚ୍ଚାରଣ କରାଯାଉଥିବା) ନମାଜ୍‌ରେ କେବଳ ସୁରଃ ଏଖ୍‌ଲାସ୍ ଅର୍ଥାତ **କୁଲ୍ ହୁୱ୍‌ଲ୍ଲାହୁ ଅହଦ୍** ପାଠ କରୁଥିଲେ । ସାହାବାମାନେ ଏକଥା ରସୁଲୁଲ୍ଲାଃ ସ:ଆ:ସଙ୍କୁ ଜଣାଇଲେ । ସେହି ସାହାବି ଜଣଙ୍କ କହିଲେ ଯେ ହଜୁର ! ଏହି ସୁରଃ ଅଲ୍ଲାଃଙ୍କ ଏକେଶ୍ୱରବାଦ ଉପରେ ଆଧାରିତ ତେଣୁ ଏହା ମତେ ବହୁତ ପସନ୍ଦ । ହଜୁର ସ:ଆ:ସ କହିଲେ ଏହି ସୁରଃ ସହିତ ଥିବା ତୁମର ପ୍ରେମ ତୁମ ପାଇଁ ବୈକୁଣ୍ଠକୁ ଯିବାର ମାର୍ଗକୁ ସଫା କରିଦେବ ।

ଆଁ ହଜ୍‌ରତ୍ ସ:ଆ:ସ ସାରା ଜୀବନ ଅଲ୍ଲାଃ ତାଲାଙ୍କ ମହିମା, ବୈଭବ ଏବଂ ଏକେଶ୍ୱରବାଦର ଶିକ୍ଷା ଦେଇ ଚାଲିଥିଲେ । ମୃତ୍ୟୁ ସମୟରେ ମଧ୍ୟ ତାଙ୍କ ପବିତ୍ର ଜିହ୍ୱାରୁ ନିମ୍ନଲିଖିତ ବାକ୍ୟ ବାହାରୁ ଥିଲା:- **ଲାଅନଲ୍ଲାହୁଲ୍ ୟହୁଦା ୱ୍‌ନ୍ ନସାରା ଇତ୍‌ତଖଜୁ କୁବୁରା ଅମ୍ବିୟାଇହିମ୍ ମସ୍‌ଜିଦନ୍ (ବୁଖାରୀ)**

ଅର୍ଥାତ:- ଅଲ୍ଲାଃ ତାଲା ଇହୁଦୀ ଏବଂ ନସାରାମାନଙ୍କୁ ଅଭିଷାପ ଦିଅନ୍ତୁ । କାରଣ ସେମାନେ ନିଜ ଅମ୍ବିୟାମାନଙ୍କ ଖବରଗୁଡ଼ିକୁ ସଜ୍‌ଦାଃ ଗାହ୍ (ପୂଜାସ୍ଥଳୀ) ବନାଇ ଦେଇଛନ୍ତି ।

ଏବଂ ମହାଭାଗ ସ:ଆ:ସ ନିଜ ପାଇଁ ଏ ପ୍ରାର୍ଥନା କଲେ ଯେ:-

**ଅଲ୍ଲାହୁମ୍ମା ଲା ତଜ୍‌ଅଲ୍ କବ୍‌ରି ୱ୍‌ସନନ୍ ୟୁବଦୁ** ଅର୍ଥାତ:-ହେ ଅଲ୍ଲାଃ ମୋ କବରକୁ ପୂଜାସ୍ଥଳୀ ଅର୍ଥାତ ପୁଜା କରିବାର ସ୍ଥାନ ବନାଇବ ନାହିଁ ।

ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କ ପ୍ରକୃତ ଅନୁସରଣ କରିବା ଦ୍ୱାରା ଅଲ୍ଲାଃଙ୍କର ଯେଉଁ ପ୍ରେମ ପ୍ରାପ୍ତ ହୋଇଥାଏ, ସେ ସମ୍ବନ୍ଧରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହିଛନ୍ତି:-

ମୋର ନିଜସ୍ୱ ଅନୁଭୂତି ଏହା ଯେ ଆଁ ହଜ୍‌ରତ୍ ସ:ଆ:ସଙ୍କୁ ସହୃଦୟତାର ସହିତ ଅନୁସରଣ କରିବା ଏବଂ ତାଙ୍କୁ ଭଲ ପାଇବା ମଣିଷକୁ ଅଲ୍ଲାଃଙ୍କ ପ୍ରିୟପାତ୍ର ବନାଇ ଦିଏ । ଅଲ୍ଲାଃ ସ୍ୱୟଂ ତା ହୃଦୟରେ ଈଶ୍ୱର ପ୍ରେମର ଏକ ପ୍ରବାହ ସୃଷ୍ଟି କରିଦିଅନ୍ତି । ପୁଣି ଏପରି ବ୍ୟକ୍ତି ପ୍ରତ୍ୟେକ ବସ୍ତୁଠାରୁ ମୋହ ଭଙ୍ଗ କରି ଈଶ୍ୱରଙ୍କ ଆଡ଼କୁ ଢ଼ଳି ଯାଇଥାଏ ଏବଂ ତାହାର ପ୍ରେମ ଓ ଉତ୍ସାହ କେବଳ ଈଶ୍ୱରଙ୍କଠାରେ ରହିଯାଇଥାଏ । ଈଶ୍ୱରୀୟ ପ୍ରେମର ଏକ ବିଶେଷ ପ୍ରକାଶ ତା' ଉପରେ ପଡ଼ିଥାଏ ଏବଂ ତାକୁ ପ୍ରେମ ଓ ସ୍ନେହର ସମ୍ପୁର୍ଣ୍ଣ ରଙ୍ଗ ଦେଇ ଦୃଢ଼ ଆବେଗର ସହିତ ନିଜ ଆଡ଼କ ଟାଣି ନେଇଥାଏ । ସେତେବେଳେ ସେ ମନର ଭାବନା ଉପରେ ବିଜୟ ପ୍ରାପ୍ତ କରିଥାଏ ଏବଂ ତା'ର ସାହାଯ୍ୟ ଓ ସମର୍ଥନ ପାଇଁ ପ୍ରତ୍ୟେକ ପାର୍ଶ୍ୱରୁ ଈଶ୍ୱରଙ୍କ ଆଲୌକିକ କାର୍ଯ୍ୟଗୁଡ଼ିକ ଚିହ୍ନ / ନିଦର୍ଶନ ରୂପେ ପ୍ରକାଶ ହୋଇଥାନ୍ତି ।

***(ହକିକତୁଲ୍ ୱ୍‌ହି, ରୁହାନୀ ଖଜାଇନ୍, ଖଣ୍ଡ-୨୨, ପୃ-୬୭)***

ଅଲ୍ଲାଃ ତାଲା ଆମ ସମସ୍ତଙ୍କୁ ଏକେଶ୍ୱରବାଦ ବିଷୟରେ ଆଁ ହଜ୍‌ରତ୍ ସ:ଆ:ସଙ୍କ ମହାନ ଶିକ୍ଷାକୁ ମନ ପ୍ରାଣ ଦେଇ ଅନୁସରଣ କରିବାକୁ ଶକ୍ତି ଓ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଆମିନ୍ ।

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ତୁମେ ଆପୋଷରେ ଖୁବ୍ ଶିଘ୍ର ସୁଲାହ୍ କର ଓ ନିଜ ଭାଇମାନଙ୍କ ଦୋଷ କ୍ଷମାକର କାରଣ ସେ ବ୍ୟକ୍ତି ହେଉଛି ଦୁଷ୍ଟ ଯିଏ ନିଜ ଭାଇଙ୍କ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ ।'' *(କଶ୍‌ତି ନୁହ୍, ରୁହାନି*

*ତାଲିବେ ଦୁଆ:* ***Abdul Chand & Family, Jamat Ahmadiyya, Kerang (Odisha)***

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ପବିତ୍ର କୋରାନ୍‌କୁ ବୁଝିବା ଓ ତା' ମୁତାବକ ହିଦାୟତ୍ ପାଇବା ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ୍ ଧର୍ମପରାୟଣତା)''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୧୨୧)*

*ତାଲିବେ ଦୁଆ:* ***Idrish Khan, Jamat Ahmadiyya, Kerang***

### ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ

''ଯଦି ତୁମେ ଚାହୁଁଛ ଯେ, ତୁମକୁ ଇହକାଳ ଓ ପରକାଳରେ ସଫଳତା ମିଳୁ ଓ ତୁମେ ଲୋକମାନଙ୍କ ଉପରେ ବିଜୟପ୍ରାପ୍ତ କର, ତେବେ ପବିତ୍ରତା ଅବଲମ୍ବନ କର, ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜ ଉତମ ଚରିତ୍ରର ନମୁନା ଦେଖାଅ, ତେବେ ନିଶ୍ଚିତରୂପେ ସଫଳ ହେବ ।''

*(ଖୁତ୍‌ବା ଜୁମା ପ୍ରଦତ ୧ ଜାନୁୟାରୀ ୨୦୧୬)*

*ତାଲିବେ ଦୁଆ:* ***Anisha Begum, Jamat Ahmadiyya, Kerang***

### ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ

''ଆମେ ଅହେମଦୀମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃ ତାଲାଙ୍କ ସହିତ ସମ୍ପର୍କ ସୃଷ୍ଟି କରିବାକୁ ହେବ । ''

*ତାଲିବେ ଦୁଆ:* ***Sajid Khan S/o Sultan Ahemad & Family, Jamat Ahmadiyya, Madhuban Paradip (Odisha)***

# ଏକଶ୍ୱରବାଦ ସମ୍ବନ୍ଧରେ ମୁହମ୍ମଦ ସ:ଆ:ସଙ୍କ ଶିକ୍ଷା

## (ମୌଲାନା ମୁନୀର ଅହ୍‌ମଦ୍ ଖାଦିମ୍, ନାଜିର୍ ଇସ୍‌ଲାହ୍ ଓ୍ୱ ଇର୍‌ଶାଦ୍ ଜୁନୁବି ହିନ୍ଦ୍)

ଏକେଶ୍ୱରବାଦର ପ୍ରକୃତ ଜ୍ଞାନ, ଏପରି ଜ୍ଞାନ ଯାହା ଏକେଶ୍ୱରବାଦର ଶୀର୍ଷରେ ପହଂଚିଥିଲା ତାହା ଏ ପୃଥିବୀରେ ଆଁ ହଜ୍‌ରତ୍ ସ:ଆ:ସଙ୍କ ଜରିଆରେ ପ୍ରଥମଥର ପାଇଁ ପ୍ରକାଶ ହେଲା । ଏ ସଂସାର ପ୍ରଥମଥର ପାଇଁ "ଓ୍ୱାହିଦ୍" (ଅର୍ଥାତ ଏକ ଓ ଅଦ୍ୱିତୀୟ ଈଶ୍ୱରଙ୍କ) ସମ୍ବନ୍ଧରେ "ଅହଦ୍"ର ବିଶେଷ ଗୁଣ ସହିତ ମଧ୍ୟ ପରିଚିତ ହେଲା । ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ତଫ୍‌ସୀର୍ ସଗୀର୍‌ରେ ସୁରଃ ଇଖ୍‌ଲାସ୍‌ର ଅନୁବଦା କରିବା ବେଳେ ଫୁଟ୍ ନୋଟ୍‌ରେ ଲେଖିଛନ୍ତି ଯେ:-

**କୁଲ୍** ଶବ୍ଦଟିକୁ ଶେଷ ତିନୋଟି ସୁରଃର ପ୍ରାରମ୍ଭରେ ରଖାଯାଇଅଛି । ସେଥିରେ ଏକଥା ସୁଚିତ କରଯାଇଅଛି ଯେ ଆଗକୁ ଆମର ଏହି ବାର୍ତା ଅନ୍ୟ ଲୋକମାନଙ୍କ ନିକଟରେ ପହଂଚାଇ ଦିଅ ଏବେ ଏହା ନିଶ୍ଚିତ କଥା ଯେ, ଯେବେ ମୁହମ୍ମଦ ରସୁଲୁଲ୍ଲାଃ ସ:ଆ:ସ ଈଶ୍ୱରଙ୍କ ବାର୍ତା ଲୋକମାନଙ୍କୁ ପହଂଚାଇ ଦେବେ । ସେତେବେଳେ ତାଙ୍କ ପରେ ଅନ୍ୟ ଲୋକମାନେ ମଧ୍ୟ ସେହି କୁଲ୍ ଶବ୍ଦଟିକୁ ପଢ଼ିବେ । ତେଣୁ ଏହା ନିଶ୍ଚିତ କଥା ଯେ ସେହି ଲୋକମାନଙ୍କ ଉପରେ ଏହା ଧାର୍ଯ୍ୟ ହୋଇଯିବ ଯେ ସେମାନେ ଏହି ବାଣୀକୁ ଅନ୍ୟ ଲୋକମାନଙ୍କ ନିକଟରେ ପହଂଚାନ୍ତୁ । ତେଣୁ **କୁଲ୍** କହି ଏଥିପ୍ରତି ଧ୍ୟାନ ଆକର୍ଷଣ କରାଯାଇଅଛି ଯେ ତୁମେ ଆମର ଏହି ଶିକ୍ଷାକୁ ନିଜ ମଧ୍ୟରେ ସୀମିତ କରି ରଖ ନାହିଁ ବରଂ ଏହାକୁ ଅନ୍ୟମାନଙ୍କ ନିକଟରେ ପହଂଚାଅ । ପୁଣି ତୁମଠାରୁ ଶୁଣିଥିବା ଲୋକେ ଏହାକୁ ଅନ୍ୟମାନଙ୍କ ସମ୍ମୁଖରେ ବର୍ଣ୍ଣନା କରନ୍ତୁ । ପୁଣି ସେ ଆଗକୁ ଅନ୍ୟମାନଙ୍କ ନିକଟରେ ପହଂଚାନ୍ତୁ । ଏହିପରି ହୋଇ ହୋଇ ଈଶ୍ୱରଙ୍କ ବାର୍ତା ସମଗ୍ର ବିଶ୍ୱରେ ପହଂଚିଯିବ । ତେଣୁ ଆମେ ଏହାର ଅନୁବାଦ ଏପରି କରିଛୁ ଯେ "(ଆମ୍ଭେ ପ୍ରତିଯୁଗରେ ମୁସଲମାନମାନଙ୍କୁ ଏ ନିର୍ଦ୍ଦେଶ ଦେଇଥାଉ ଯେ) ତୁମେ (ଅନ୍ୟ ଲୋକମାନଙ୍କୁ) କହି ଚାଲ" ।

ମୁଫ୍‌ରଦ୍ (ଅର୍ଥାତ ଏକ ବଚନ) ପାଇଁ ଆରବୀ ଭାଷାରେ ଦୁଇଟି ଶବ୍ଦ ବ୍ୟବହାର ହୋଇଥାଏ । **ଓ୍ୱାହିଦ୍** ଏବଂ **ଅହଦ୍ ।** ଓ୍ୱାହିଦ୍ ଶବ୍ଦର ଅର୍ଥ ହେଉଛି ଏକ କିନ୍ତୁ ଏ ଶବ୍ଦ ବ୍ୟବହାର କଲେ ଅନ୍ୟ ଆଡ଼କୁ ଚିନ୍ତା ଯାଇଥାଏ ଏବଂ କହୁଥିବା ବ୍ୟକ୍ତି ଜଣକ ଭାବିଥାଏ ଯେ ଗୋଟିଏ ପରେ ଦୁଇ ଅଛି ଓ ଦୁଇ ପରେ ତିନି ଅଛି ଏବଂ ତିନି ପରେ ଚାରି ମଧ୍ୟ ଅଛି । ଯଦିଓ ଏହି ଶବ୍ଦ ଏକକୁ ସୂଚିତ କରୁଥାଏ କିନ୍ତୁ ସଂଖ୍ୟାଗୁଡ଼ିକର ସମ୍ଭାବ୍ୟକୁ ଏଡ଼ାଇ ଦେଉନାହିଁ । ଏହାର ବିପରୀତ **"ଅହଦୁନ"** ଶବ୍ଦର ଅର୍ଥ ହେଉଛି ଏକେଲା ଏବଂ ଏକେଲା ପରେ ଦୋକେଲା ଶବ୍ଦ ବ୍ୟବହାର ହୁଏନାହିଁ ତେଣୁ ଏହି ଶବ୍ଦର ଅର୍ଥ ହେବ ଯେ ଏପରି ଏକ ସତା ତଥା ଅସ୍ତିତ୍ୱ ରହିଛି ତା ସହିତ ଅନ୍ୟ ଏକ ଅସ୍ତିତ୍ୱର କୌଣସି ସମ୍ଭାବନା ହିଁ ନାହିଁ । ଏହି ସୁରଃରେ ଅଲ୍ଲାଃ ତାଲାଙ୍କୁ **"ଅହଦ୍"** କୁହାଯାଇଛି ଏବଂ ଏହା ବତାଯାଇଛି ଯେ ସର୍ବଶକ୍ତିମାନ ଅଲ୍ଲାଃ ସ୍ୱୟଂ ଏକେଲା ଅଟନ୍ତି । ଏ କଳ୍ପନା ମଧ୍ୟ କରାଯାଇ ନପାରେ ଯେ ଏହିପରି ଅନ୍ୟ କୌଣସି ଅସ୍ତିତ୍ୱ ଥିବ । ଅତଃ ଏହି ସୁରଃରେ ଏହି ଶବ୍ଦକୁ ବ୍ୟବହାର କରି ଅଲ୍ଲାଃ ତାଲା ନିଜର ପୂର୍ଣ୍ଣ ଏକେଶ୍ୱରବାଦର ଘୋଷଣା କରିଛନ୍ତ ।

ଏଠାରେ ଆରବୀରେ ଗୋଟିଏ ଶବ୍ଦ "ସମଦ୍" ରହିଛି । ସମଦ୍‌ର ଅର୍ଥ ହେଉଛି ଗନି (ସ୍ୱୟଂ ସମ୍ପନ୍ନ) ଅର୍ଥାତ ସେ କାହାର ଆଶ୍ରିତ ନୁହନ୍ତି (ଅର୍ଥାତ କାହାର ଆବଶ୍ୟକ କରନ୍ତି ନାହିଁ) କିନ୍ତୁ ଅନ୍ୟ କେହି ତା'ଠାରୁ ଗନି ହୋଇନଥିବେ । ଅର୍ଥାତ ଏପରି କୌଣସି ଅସ୍ତିତ୍ୱ ନାହିଁ ଯିଏ ତାହାଙ୍କ ସାହାଯ୍ୟ ବିନା ତିଷ୍ଠି ପାରିବ । ଅତଏବ ଏହି ଶବ୍ଦଟି ମଧ୍ୟ ସିଦ୍ଧ ଏକେଶ୍ୱରବାଦକୁ ବଝାଇଥାଏ ଏବଂ ଏହା ବତାଇଥାଏ ଯେ ସମଗ୍ର ପ୍ରାଣୀଜଗତ ତାହାଙ୍କ ସାହାଯ୍ୟ ବିନା ବଂଚିପାରିବେ ନାହିଁ ଏବଂ ତାହାଙ୍କୁ ପ୍ରାଣୀଜଗତର ସାହାଯ୍ୟର ଆବଶ୍ୟକତା ହିଁ ନାହିଁ । ସମଦ୍ ଶବ୍ଦର ଆଉ ଏକ ଅର୍ଥ ହେଉଛି ସର୍ବଦା ତିଷ୍ଠି ରହିଥିବା ସତା ଏବଂ ବହୁତ ଗୌରବମୟ । ଏହି ଏହି ଦୁଇଟିଯାକ ଅର୍ଥ ବି ପୂର୍ଣ୍ଣ ଏକେଶ୍ୱରବାଦର ପ୍ରମାଣ ଦେଇଥାଏ । ଯିଏ ସଦା ସର୍ବଦା ପାଇ ରହିଥିବେ । କୌଣସି ପ୍ରାଣୀ ତାହାଙ୍କ ସହିତ ମୁକାବିଲା କରିପାରିବେ ନାହିଁ ଏବଂ ତାହାଙ୍କ ଉଚ୍ଚତା ଏତେ ଅଧିକ ଯେ ଅନ୍ୟ କୌଣସି ବସ୍ତୁ ତାହାଙ୍କ ନିକଟକୁ ପହଂଚିପାରିବ ନାହିଁ । ଏଠାରେ ଏହାର ଭାବାର୍ଥ ମଧ୍ୟ ଏହା ହେବ ଯେ ସେ ହେଉଛନ୍ତି ଏକା ।

ଏହି ଆୟତ ବି ଏକେଶ୍ୱରବାଦକୁ ପ୍ରମାଣିତ କରୁଅଛି କାରଣ ଯିଏ କାହାକୁ ଜନ୍ମ କରିନଥିବ ସେ ବାଞ୍ଝ (ବନ୍ଧ୍ୟା) ହୋଇଥିବ ବା ପୁଣି ଏପରି ଅସ୍ତିତ୍ୱ ହୋଇଥିବ ଯେଉଁମାନେ ପରିବର୍ତନ ହୋଇନଥାନ୍ତି । ଉଦାହରଣ ସ୍ୱରୁପ ପାହାଡ଼ ଓ ନଦୀ ଇତ୍ୟାଦି । କିନ୍ତୁ ସର୍ବଶକ୍ତିମାନ ଅଲ୍ଲାଃଙ୍କ ସମ୍ବନ୍ଧରେ କୁହାଯାଏ ଯେ ସେ ହେଉଛନ୍ତି "ରଫିଉନ୍" ଅର୍ଥାତ ସେ ନିଜର ଗୌରବରେ ବହୁତ ଉଚ୍ଚ ଅଟନ୍ତି । ଅତଃ ପାହାଡ଼ ଓ ନଦୀମାନଙ୍କର ଏହା ସହିତ କୌଣସି ସମ୍ବନ୍ଧ ନାହିଁ । "ସେ ଜନ୍ମ ହୋଇନାହାନ୍ତି" ଏହି ବାକ୍ୟ ବି ପୂର୍ଣ୍ଣ ଏକେଶ୍ୱରବାଦର ପ୍ରମାଣ ଦେଉଅଛି କାରଣ ସର୍ବଶକ୍ତିମାନ ଅଲ୍ଲାଃଙ୍କ ବ୍ୟତିତ ଏ ଦୁନିଆରେ ଏପରି କୌଣସି ସତା ଦେଖାଯାଏ ନାହିଁ ଯାହାକୁ କିଏ ସୃଷ୍ଟି କରିନଥିବେ । ସେ ଭଗବାନ ବୋଲାଉଥାଉ ବା ନ ବୋଲାଉଥାଉ ।

ପ୍ରଥମେ ନିଜସ୍ୱ ଏକତାବାଦ ବିଷୟରେ କହିଥିଲେ ଏବେ ଏକତାବାଦର ବିଶେଷଗୁଣ ସମ୍ବନ୍ଧରେ ବର୍ଣ୍ଣନା କରିଛନ୍ତି । ମନେ ରଖିବା ଉଚିତ ଯେ ଗୁଣରେ ଅଂଶଗ୍ରହଣ କରିବାର ଏ ଅର୍ଥ ନୁହେଁ ଯେ ତାଙ୍କ ପରି ଆଚରଣ କରୁଥିବା ମଣିଷ ନାହାନ୍ତି । ମଣିଷ ବି ଦେଖିଥାଏ ଓ ଶୁଣିଥାଏ ଏବଂ ଅଲ୍ଲାଃ ତାଲା ବି ଦେଖିଥାନ୍ତି ଓ ଶୁଣିଥାନ୍ତି । ଅତଃ ଏପରି ଲାଗୁଛି ଯେ ଏଥିରେ ଏକ ସହଭାଗୀତା ଅବଲୋକନ ହେଉଛି । କିନ୍ତୁ ଖୁଦାତାଲା ହେଉଛନ୍ତି ବସିର୍ (ଅର୍ଥାତ ଦେଖିଥାନ୍ତି) କିନ୍ତୁ ଆଖି ଦ୍ୱାରା ଦେଖିନାଥାନ୍ତି ଏବଂ ଖୁଦାତାଲା ହେଉଛନ୍ତି ସମିଇ (ଅର୍ଥାତ ଶୁଣିବାବାଲା) କିନ୍ତୁ କାନ ଦ୍ୱାରା ଶୁଣନ୍ତି ନାହିଁ । ସେ ବିନା ଯନ୍ତ୍ର (ଉପକରଣ)ରେ ଦେଖିଥାନ୍ତି ଓ ବିନା ଉପକରଣରେ ଶୁଣିଥାନ୍ତି । ଅତଃ ଯଦିଓ ମଣିଷ ବି ଦେଖିଥାଏ ଓ ଶୁଣିଥାଏ କିନ୍ତୁ ସେ (ଈଶ୍ୱରଙ୍କ)ଗୁଣରେ ଅଂଶୀଦାର ହୋଇପାରିବ ନାହିଁ ।

ଏତଦ୍ ଭିନ୍ନ ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କ ପୂର୍ବରୁ ତୌହିଦ୍ (ଏକେଶ୍ୱରବାଦ)ର ଧାରଣା ଯୁଗ ଓ ସ୍ଥାନ ମଧ୍ୟରେ ସୀମିତ ଥିଲା । କିନ୍ତୁ ଆଁ ହଜ୍‌ରତ୍ ସ:ଆ:ସଙ୍କ ଉପରେ ଯେଉଁ ଐଶିବାଣୀ ଅବତରଣ ହେଲା, ସେଥିରେ ଅଲ୍ଲାଃ ତାଲାଙ୍କୁ "ରବ୍‌ବୁଲ୍ ଆଲମୀନ୍" ଅର୍ଥାତ ସାରା ଜଗତର ପାଳନ କର୍ତା ରୂପେ ଅଭିହିତ କରାଗଲା । ଏବଂ ତା ମୁତାବକ ତାହାଙ୍କ ସମଗ୍ର ଗୁଣ ବିଶେଷର ସ୍ତରଗୁଡ଼ିକୁ ସ୍ଥାନ ଓ କାଳର ବନ୍ଧନରୁ ଉର୍ଦ୍ଧ୍ୱରେ ଅଭିହିତ କରାଗଲା ।

ଏକେଶ୍ୱରବାଦର ବାସ୍ତବିକତା ଏବଂ ଆଁ ହଜ୍‌ରତ୍ ସ:ଆ:ସଙ୍କ ଦ୍ୱାରା ଉପସ୍ଥାପିତ ଏକେଶ୍ୱରବାଦର ମହାନତା ଏବଂ ବୈଭବ ବିଷୟରେ ଚର୍ଚ୍ଚା କରି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହିଛନ୍ତି:-

"ମନେରଖ ଯେଉଁ ଏକେଶ୍ୱରବାଦର ସ୍ୱୀକାରୋକ୍ତି ଈଶ୍ୱର ଆମଠାରୁ ଚାହୁଁଛନ୍ତି ଏବଂ ଯାହାର ସ୍ୱୀକାର ଦ୍ୱାରା ମୋକ୍ଷ ଜଡ଼ିତ ରହିଛି, ତାହା ହେଉଛି ଏହା କି ଖୁଦାତାଲାଙ୍କୁ ନିଜର ଅସ୍ତିତ୍ୱରେ ଅନ୍ୟ ସମସ୍ତଙ୍କ ସହଭାଗୀତାରୁ ପବିତ୍ର / ମୁକ୍ତ ଜାଣିବା । ସେ ପ୍ରତିମା ହେଉ, ମଣିଷ ହେଉ, ସୂର୍ଯ୍ୟ ହେଉ ବା ଚନ୍ଦ୍ର ହେଉ ନିଜର ମନ ହେଉ ବା ନିଜର ଯୋଜାନ ଓ କୌଶଳ ହେଉ । ତାହାଙ୍କ ବିପକ୍ଷରେ କୌଣସି ଶକ୍ତିକୁ ଉପସ୍ଥାପନ କରନାହିଁ, କୌଣସି ଅନ୍ନଦାତାଙ୍କୁ, କୌଣସି ସମ୍ମାନ ପ୍ରଦାନକାରୀ ଓ ତରିସ୍କୃତକାରୀ ତଥା କୌଣସି ସାହାଯ୍ୟ ଓ ସହଯୋଗକାରୀ ଭାବରେ କାହାକୁ ଅଭିହିତ କରନାହିଁ । ଦ୍ୱିତୀୟତଃ ତୁମର ପ୍ରେମକୁ ତାହାଙ୍କ ପାଇଁ ସ୍ୱତନ୍ତ୍ର କରିବ, ନିଜର ଉପାସନାକୁ ତାହାଙ୍କ ନିମନ୍ତେ ସ୍ୱତନ୍ତ୍ର ରଖିବ, ନିଜର ବିନମ୍ରତାକୁ ତାହାଙ୍କ ପାଇଁ ସ୍ୱତନ୍ତ୍ର ରଖିବ, ନିଜର ଆଶା ତାହାଙ୍କ ପାଇଁ ସ୍ୱତନ୍ତ୍ର କରିବ ଏବଂ ନିଜର ଭୟକୁ ତାହାଙ୍କ ପାଇଁ ସ୍ୱତନ୍ତ୍ର ରଖିବ । ଅତଏବ ଏହି ତିନି ପ୍ରକାରର ବିଶେଷତା ବିନା କୌଣସି ଏକେଶ୍ୱରବାଦ ସମ୍ପୁର୍ଣ୍ଣ ହୋଇପାରିବ ନାହିଁ । ପ୍ରଥମତଃ ଜାତି ଦୃଷ୍ଟିକୋଣରୁ ଏକେଶ୍ୱରବାଦ ଅର୍ଥାତ ତାହା (ଅଲ୍ଲାଃ)ଙ୍କ ଅସ୍ତିତ୍ୱ ବିପକ୍ଷରେ ସମସ୍ତ ପ୍ରାଣୀକୁ ଅବାସ୍ତବ ବୋଲି ବିଚାର କରିବା ଏବଂ ସକଳ ବସ୍ତୁ ନିଜ ନିଜର ଅସ୍ତିତ୍ୱରେ ବିନିଷ୍ଟ ଏବଂ ମିଥ୍ୟା ବାସ୍ତବତା ବୋଲି ବିବେଚନା କରିବା । ଦ୍ୱିତୀୟତଃ ଗୁଣବତା ଦୃଷ୍ଟିରୁ ଏକେଶ୍ୱରବାଦ ଅର୍ଥାତ ପାଳନକର୍ତା ଓ ଈଶ୍ୱରତ୍ୱର ଗୁଣକୁ ପରମେଶ୍ୱରଙ୍କ ବ୍ୟତୀତ ଅନ୍ୟ କାହାଠାରେ ଥିବାର ଅଭିହିତ କରିବ ନାହିଁ । ଯାହା ତୁମକୁ ଏ ପ୍ରାଣୀ ଜଗତର ପାଳନକର୍ତା ରୂପେ ପ୍ରକାଶ୍ୟରେ ଜଣାପଡୁଛି ବା କୃପାର ଧାର ଦିଶୁଅଛି, ଏହା ତାହାଙ୍କ ହାତର ଏକ ପ୍ରଣାଳୀ ବୋଲି ବିଶ୍ୱାସ କରିବା । ତୃତୀୟତଃ ନିଜର ପ୍ରେମ, ଆନ୍ତରିକତା ଓ ନିଷ୍ଠା ଦୃଷ୍ଟିକୋଣରୁ ଏକେଶ୍ୱରବାଦ ଅର୍ଥାତ ପ୍ରେମ ଇତ୍ୟାଦି ଉପାସନାର ରୀତିନୀତିରେ ସର୍ବଶକ୍ତିମାନ ପରମେଶ୍ୱରଙ୍କ ସହିତ ଅନ୍ୟ କାହାରିକୁ ସମକକ୍ଷ ନ କରିବା ଏବଂ ସେଥିରେ ମଗ୍ନ ହୋଇଯିବା ।" ***(ସିରାଜୁଦ୍ଦିନ୍ ଇସାଇ କେ ଚାର ସଓ୍ୱାଲୋଁ କେ ଜଓ୍ୱାବ୍, ରୁହାନୀ ଖଜାଇନ୍, ଖଣ୍ଡ-୧୨, ପୃ-୩୪୯)***

ପୁଣି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହିଛନ୍ତି;- "ଆମେ (ଈଶ୍ୱରଙ୍କ) ଅନୁଗ୍ରହ ଓ ଅନୁକମ୍ପାର ଅବିଶ୍ୱାସକାରୀ ହେବୁ, ଯଦି ଏକଥାକୁ ସ୍ୱୀକାର ନ କରିବୁ ଯେ ପ୍ରକୃତ ଏକେଶ୍ୱରବାଦ ଆମ୍ଭେ ଏହି ନବୀଙ୍କ ଜରିଆରେ ପାଇଲୁ ଏବଂ ଜୀବନ୍ତ ଈଶ୍ୱରଙ୍କୁ ଆମେ ଏହି ସିଦ୍ଧ ନବୀଙ୍କ ଜରିଆରେ ଚିହ୍ନିଲୁ ଓ ତାଙ୍କ ଆଲୋକରେ ପାଇଲୁ । ଅଲ୍ଲାଃଙ୍କ ସହିତ ବାର୍ତାଳାପ କରିବାର ଓ ସମ୍ବୋଧନ ହେବାର ସୌଭାଗ୍ୟ ମଧ୍ୟ ଏହି ମହାନ ନବୀଙ୍କ

ଜରିଆରେ ଆମକୁ ମିଳିଛି, ଯଦ୍ୱାରା ଆମେ ତାହାଙ୍କ ଚେହେରା ଦେଖୁଅଛୁ । ଏହି ମାର୍ଗଦର୍ଶକ ରୂପି ସୂର୍ଯ୍ୟକୀରଣର ରଶ୍ମୀ ଆମ ଉପରେ ପଡୁଅଛି ଏବଂ ଆମେ ସେ ପର୍ଯ୍ୟନ୍ତ ଆଲୋକିତ ହୋଇ ରହିପାରିବା ଯେ ପର୍ଯ୍ୟନ୍ତ ଆମେ ତାହାଙ୍କ ସମ୍ମୁଖରେ ଛିଡ଼ା ହୋଇଥିବା ।" ***(ହକିକତୁଲ୍ ୱହି ରୁହାନୀ ଖଜାଇନ୍, ଖଣ୍ଡ-୨୨, ପୃ-୧୧୯)***

ପୁଣି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହିଛନ୍ତି:

ଆମ୍ଭ ନବୀ ସ:ଆ:ସ ସତ୍ୟ ପ୍ରକାଶ କରିବାରେ ଜଣେ ମହାନ ସଂସ୍କାରକ ଥିଲେ ଯିଏ ହଜିଯାଇଥିବା ସତ୍ୟକୁ ପୂର୍ନବାର ଏ ଦୁନିଆରେ ଫେରାଇ ଆଣିଲେ । ଏହି ଗୌରବ ପ୍ରାପ୍ତ କରିବାରେ ଆମ୍ଭ ନବୀ ସ:ଆ:ସଙ୍କ ସହିତ ଅନ୍ୟ କୌଣସି ନବୀ ଅଂଶୀଦାର ନୁହନ୍ତି ଯେ ମହାଭାଗ ସ:ଆ:ସ ସମଗ୍ର ଜଗତକୁ ଗୋଟିଏ ଅନ୍ଧକାରରେ ପାଇଲେ ଓ ପୁଣି ଆପଣଙ୍କ ପ୍ରକାଶ ହେବାରେ ସେହି ଅନ୍ଧକାର ନୂର ଅର୍ଥାତ ଆଲୋକରେ ପରିବର୍ତନ ହୋଇଗଲା । ଯେଉଁ କୌମ / ଜାତିରେ ମହାଭାଗ ସ:ଆ:ସ ଆବିର୍ଭାବ ହେଲେ, ଆପଣ ସ:ଆ:ସ ସେ ପର୍ଯ୍ୟନ୍ତ ମୃତ୍ୟୁ ବରଣ କରିଲେ ନାହିଁ ଯେ ପର୍ଯ୍ୟନ୍ତ ସେହି ଜାତି ସମ୍ପୁର୍ଣ୍ଣ ରୂପେ ଶିର୍କ (ଅର୍ଥାତ ଅନେକେଶ୍ୱରବାଦ)ର ବସ୍ତ୍ରକୁ ପରିତ୍ୟାଗ କରି ଏକେଶ୍ୱରବାଦର ବସ୍ତ୍ର ନ ପିନ୍ଧିନେଲେ ।

***(ଲେକ୍‌ଚର ସିଆଲ୍‌କୋଟ୍, ରୁହାନୀ ଖଜାଇନ୍, ଖଣ୍ଡ-୨୦, ପୃ-୨୦୬)***

ପ୍ରକୃତ କଥା ହେଉଛି ଏହା ଯେ ସେହି ନବୀ ହେଉଛନ୍ତି ସମସ୍ତ ନବୀମାନଙ୍କ ମଧ୍ୟରେ ଶ୍ରେଷ୍ଠ ନବୀ, ଯିଏ ଏ ଦୁନିଆର ସର୍ବଶ୍ରେଷ୍ଠ ଶିକ୍ଷକ ଅଟନ୍ତି । ଅର୍ଥାତ ଯାହାଙ୍କ ହାତରେ ଏ ଦୁନିଆର ବଡ଼ ବଡ଼ ଦୁଷ୍କର୍ମ ସଂଶୋଧିତ ହୋଇଥିଲା । ଯିଏ ପୃଥିବୀରେ ଲୋପ ପାଇଯାଇଥିବା ଏକେଶ୍ୱରବାଦକୁ ପୁନଃ ପ୍ରତିଷ୍ଠା କଲେ । ***(ବରାହିନେ ଅହ୍‌ମଦୀୟା, ଭାଗ-୨, ରୁହାନୀ ଖଜାଇନ୍, ଖଣ୍ଡ-୧, ପୃ-୯୭ ହାଶିୟା ନଂ-୬)***

ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କ ସମଗ୍ର ଜୀବନ ଅଲ୍ଲାଃଙ୍କ ଏକେଶ୍ୱରବାଦକୁ ପ୍ରତିଷ୍ଠା କରିବା ପାଇଁ ଓ ତାହାଙ୍କ ଉପାସନାରେ ବିତିଛି । ମହାଭାଗ ସ:ଆ:ସ ନିଜ ସୃଷ୍ଟି କର୍ତାଙ୍କୁ ଏତେ ମାତ୍ରାରେ ଭଲ ପାଉଥିଲେ ଯେ ତାହାର ଉଦାହରଣ ଦୁନିଆରେ କେଉଁଠି ବି ମିଳେନାହିଁ । ଏହାର ସାକ୍ଷ୍ୟ ଦେଇ ଅଲ୍ଲାଃ ତାଲା କହିଛନ୍ତି:-

**ୱ ୱଜଦକା ଜ୍ୱାଲ୍ଲନ୍ ଫହଦା** (ଅଜ୍‌ଜୁହା:୮) ଅର୍ଥାତ ଅଲ୍ଲାଃ ତାଲା ତୁମକୁ ନିଜର ପ୍ରେମ ପ୍ରତି ଉର୍ସ୍ଗୀକୃତ ପାଇଲେ ଏବଂ ପୁଣି ହିଦାୟତ୍ (ଅର୍ଥାତ ମାର୍ଗଦର୍ଶନ) କଲେ । ଈଶ୍ୱର ଉପାସନା ଏବଂ ଈଶ୍ୱରଙ୍କୁ ଭଲ ପାଇବାରେ ମହାଭାଗ ଏପରି ଚରମ ସ୍ତରରେ ପହଂଚିଯାଇଥିଲେ ଯେ ଏହାର ଫଳ ସ୍ୱରୂପ ମହାଭାଗ (ସ:ଆ:ସ)ଙ୍କ ଉପରେ ହିରା ନାମକ ଗୁମ୍ଫା ଭିତରେ ଐଶିବାଣୀ ଅବତୀର୍ଣ୍ଣ ହେଲା ଏବଂ ପ୍ରଥମ ଐଶିବାଣୀ ଅବତୀର୍ଣ୍ଣ ହେବାଠାରୁ ହିଁ ମୁଳତଃ ଏକେଶ୍ୱରବାଦର ବାର୍ତା ଦିଆଯାଇଅଛି । ଅଲ୍ଲାଃ କହିଲେ:- **ଇକ୍‌ରା ବିସ୍‌ମି ରବ୍‌ବିକଲ୍ ଲଜି ଖଲକା (ଅଲ୍ ଅଲକ୍:୨)** ଅର୍ଥାତ ନିଜ ସୃଷ୍ଟି କର୍ତାଙ୍କ ନାମରେ ପଢ଼ । ସୁତରାଂ ସାରା ଜୀବନ ମହାଭାଗ ଏହି ବାର୍ତାକୁ ପଢ଼ିଲେ ଓ ପଢ଼ାଇ ଚାଲିଲେ । ପୁଣି ସବୁବେଳେ ନିଜ ସୃଷ୍ଟିକର୍ତାଙ୍କ ଉପରେ ଏପରି ଉତ୍ସର୍ଗ ହୋଇ ରହୁଥିଲେ ଯେ ଶତୃମାନଙ୍କୁ ମଧ୍ୟ ଏକଥା ମାନିବାକୁ ପଡ଼ିଲା ଯେ **ଅଶିକା ମୁହମ୍ମଦ ରବ୍‌ବହୁ** ଅର୍ଥାତ ମୁହମ୍ମଦ ନିଜ ପାଳନକର୍ତା ପ୍ରେମରେ ମଗ୍ନ ହୋଇଯାଇଛି । ମହାଭାଗ ସର୍ବଦା ଅଲ୍ଲାଃ ତାଲାଙ୍କ ପ୍ରେମ ହାସଲ କରିବା ପାଇଁ ଦୁଆ (ପ୍ରାର୍ଥନା) କରୁଥଲେ । ସୁତରାଂ ମହାଭାଗ ସାଧାରଣତଃ ଏହି ପ୍ରାର୍ଥାନ କରୁଥିଲେ ଯେ **ଅଲ୍ଲାହୁମ୍ମା ଇନ୍ନି ଅସ୍‌ଅଲୁକା ହୁବ୍‌ବକା ୱ ହୁବ୍‌ବା ମନ୍ ୟୁହିବ୍‌ବୁକା ୱଲ୍ ଅମଲଲ୍ ଲଜି ୟୁବଲ୍ଲିଗୁନି ହୁବ୍‌ବକା ।** ଅର୍ଥାତ ହେ ଅଲ୍ଲାଃ ! ମୁଁ ତୁମ୍ଭଠାରୁ ତୁମ୍ଭ ପ୍ରେମ ଚାହୁଁଛି ଓ ସେମାନଙ୍କ ପାଇଁ ବି ଚାହୁଁଛି ଯେଉଁମାନେ ତୁମ୍ଭକୁ ପ୍ରେମ କରୁଛନ୍ତି । ମୁଁ ତୁମ୍ଭଠାରୁ ଏପରି କର୍ମ କରିବାକୁ ଶକ୍ତି ମାଗୁଛି ଯାହା ମତେ ତୁମ୍ଭ ପ୍ରେମ ପର୍ଯ୍ୟନ୍ତ ପହଂଚାଇ ଦେବ ।

ଇସ୍‌ଲାମିକ୍ ଶିକ୍ଷାର ପ୍ରଥମ ସିଦ୍ଧାନ୍ତ ହେଉଛି ଏକେଶ୍ୱରବାଦକୁ ସ୍ଥାପନ କରିବା ଏବଂ ଏହାର ମୂଳଦୁଆ କଲ୍‌ମା **ଲା ଇଲାହା ଇଲ୍ଲଲ୍ଲାହୁ** ଉପରେ ଦଣ୍ଡାୟମାନ । ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କୁ ଏହି ଏକେଶ୍ୱରବାଦର କଲ୍‌ମା ଏତେ ମାତ୍ରାରେ ପ୍ରିୟ ଥିଲା ଯେ, ଆପଣ ସ:ଆ:ସ କହିଲେ କି ଯେଉଁ ବ୍ୟକ୍ତି ଆନ୍ତରିକତାର ସହିତ ଏହି କଲ୍‌ମାକୁ ପଢ଼ିଥାଏ ସେ ନିଜ ପାଇଁ ଅଲ୍ଲାଃଙ୍କ ପ୍ରସନ୍ନତା ଓ ତାହାଙ୍କ ବୈକୁଣ୍ଠର ଦ୍ୱାରକୁ ଖୋଲିବାର କାରଣ ହୋଇଯାଏ । ଏହିପରି ଗୋଟିଏ ଅବସରରେ ମହାଭାଗ ସ:ଆ:ସ କହିଲେ: **ଅଫ୍‌ଜଲୁଜ୍ ଜିକ୍‌ର୍ ଲା ଇଲାହା ଇଲ୍ଲଲ୍ଲାହୁ** ଅର୍ଥାତ:- (ଅଲ୍ଲାଃଙ୍କୁ) ସ୍ମରଣ କରିବାର (ଉପାୟ) ଗୁଡ଼ିକ ମଧ୍ୟରେ ସର୍ବୋତମ ଉପାୟ ହେଉଛି ଏକେଶ୍ୱରବାଦର ବାଣୀକୁ ବାରମ୍ବାର ପାଠ କରିବା । ଯେତେବେଳେ କୌଣସି ବିପଦ ବା ଅସୁବିଧାର ସମ୍ମୁଖିନ ହୁଅନ୍ତି ସେତେବେଳେ ମହାଭାଗ ସ:ଆ:ସ ଏହି ଶବ୍ଦ/ବାକ୍ୟ ଦ୍ୱାରା ଏକେଶ୍ୱରବାଦର କଲ୍‌ମାକୁ ପାଠ କରିଥାନ୍ତି: **ଲା ଇଲାହା ଇଲ୍ଲଲ୍ଲାହୁଲ୍ ଅଜିମୁଲ୍ ହଲିମ୍** ଅର୍ଥାତ ଅଲ୍ଲାଃଙ୍କ ବ୍ୟତୀତ ଅନ୍ୟ କୌଣସି ଠାକୁର ନାହାନ୍ତି, ସେ ହିଁ ମହାନ ଓ ସହିଷ୍ଣୁ ଅଟନ୍ତି । ଏହି ଏକେଶ୍ୱରବାଦର କଲ୍‌ମା (ବାଣୀ) ଖାତିର୍ ମହାଭାଗ ସ:ଆ:ସ ସବୁ ପ୍ରକାରର ଯନ୍ତ୍ରଣା ଓ ଦୁଃଖ ସହିଲେ ଏବଂ ସାହାବାମାନଙ୍କର ଏପରି ଏକ ଦଳ ସୃଷ୍ଟି କରିଦେଲେ ଯିଏ **କଲ୍‌ମାଏ ତୌହିଦ୍** ଅର୍ଥାତ ଏକେଶ୍ୱରବାଦର ବାଣୀ ପାଇଁ ଉତ୍ସର୍ଗ ହୋଇଥିଲେ ଓ ତା ଖାତିର୍ ଏକ ଶକ୍ତିଶାଳୀ ଚଟାଣ ସଦୃଶ ଦଣ୍ଡାୟମାନ ରହିଲେ । ମହାଭାଗ ସ:ଆସ ନିଜ ଉମ୍ମତ (ସମ୍ପ୍ରଦାୟ)ର ଲୋକମାନଙ୍କୁ ଏ ଶିକ୍ଷା ଦେଲେ ଯେ ଦିନକୁ ଅତି କମ୍‌ରେ ଶହେ ଥର ଏକେଶ୍ୱରବାଦର ବାଣୀକୁ ନିମ୍ନଲିଖିତ ବାକ୍ୟ ଜରିଆରେ ଆବୃତି କରନ୍ତୁ ।

**ଲା ଇଲାହା ଇଲ୍ଲଲ୍ଲାହୁ ୱହ୍‌ଦହୁ ଲା ଶରିକା ଲହୁ ଲହୁଲ୍ ମୁଲ୍‌କୁ ୱ ଲହୁଲ୍ ହମ୍‌ଦୁ ୱ ହୁୱ ଆଲା କୁଲ୍ଲି ଶୈଇନ୍ କଦିର୍ ।**

ଇସ୍‌ଲାମୀୟ ଏକେଶ୍ୱର ବାଦ ଓ ତା ସିଦ୍ଧାନ୍ତର ମହାନ କାରଣ ହେଉଛି ଏହାକି ଏହା ଦ୍ୱାରା ସମଗ୍ର ବିଶ୍ୱରେ ବସବାସ କରୁଥିବା ଲୋକମାନେ ଗୋଟିଏ ସମାନ ବର୍ଗରେ ରହି ଆପୋଷରେ ଭାଇ ଭାଇ ହୋଇଯାଆନ୍ତି ଏବଂ ସମଗ୍ର ପ୍ରାଣୀ ଅଲ୍ଲାଃଙ୍କର ଗୋଟିଏ ପରିବାର ସଦୃଶ ନା କେବଳ ଏକତା ଓ ସଂହତିର ତାରରେ ଗୁନ୍ଥା ହୋଇଥାଏ ବରଂ ସମସ୍ତଙ୍କର ଦୃଷ୍ଟିକୋଣ ଓ ଅକ୍ଷ ଏକ ହୋଇଯାଇଥାଏ । ଅତଏବ ଏହି ଏକେଶ୍ୱରବାଦର ବାଣୀ ଦ୍ୱାରା ସମଗ୍ର ବିଶ୍ୱକୁ ଗୋଟିଏ ପ୍ଲାଟ୍‌ଫର୍ମରେ ଏକାଠି କରାଯାଇପାରିବ । ଅପର ପକ୍ଷେ ଅନେକ ଈଶ୍ୱରଙ୍କୁ ମାନୁଥିବା ଲୋକମାନେ କଦାପି ଏକ ହୋଇପାରିବେ ନାହିଁ । ସେଥିସକାଶେ ଏହି ଏକେଶ୍ୱରବାଦର ବାଣୀ ଖାତିର୍ ହଜ୍‌ରତ୍ ମୁହମ୍ମଦ ସ:ଆ:ସ ଓ ତାଙ୍କ ସାହାବାମାନେ ଜୀବନ, ଧନ, ସନ୍ତାନ ଓ ମାତୃଭୂମି ଏବଂ ପ୍ରତ୍ୟେକ ପ୍ରକାରର ବଳିଦାନ ଦେଇଥିଲେ । ନିଜଠାରୁ ଅନେକଗୁଣା ବଡ଼ ଶତୃଙ୍କ ସଙ୍ଗେ ଦୃଢ଼ତାର ସହିତ ଲଢ଼ିଲେ ଓ ଶହୀଦ ହେବାର ଗୌରବ ପ୍ରାପ୍ତ କଲେ ।

ମହାଭାଗ ସ:ଆ:ସ ଏକେଶ୍ୱରବାଦର ବାଣୀକୁ ଏତେମାତ୍ରାରେ ଭଲ ପାଉଥିଲେ ଯେ ଯଦି ଜୀବନଶତୃ ବି ଏହି କଲ୍‌ମା (ଅର୍ଥାତ ଏକେଶ୍ୱରବାଦର ବାଣୀ)କୁ ପଢ଼ିନେଉଥିଲା, ତା'ହେଲେ ତାକୁ କ୍ଷମା ଦିଆଯିବାର ଘୋଷଣା କରାଯାଉଥିଲା ଏବଂ ଯଦି କୌଣସି ସାହାବି ଜଣେ ଏକେଶ୍ୱରବାଦର ବାଣୀ ପାଠ କରୁଥିବା ଶତୃକୁ ହତ୍ୟା କରୁଥିଲେ, ତା'ହେଲେ ମହାଭାଗ ସ:ଆ:ସ ସେହି ସାହାବିଙ୍କ ଉପରେ ଭିଷଣ କ୍ରୋଧିତ ହୋଉଥିଲେ ଓ ଅପ୍ରସନ୍ନତା ପ୍ରକାଶ କରୁଥିଲେ । ଅତଃ ହଜ୍‌ରତ୍ ଉସାମା ବିନ୍ ଜୈଦ୍ ର:ଅ ଯେବେ ଗୋଟିଏ ଯୁଦ୍ଧ ସମୟରେ କଲ୍‌ମା ପାଠ କରିସାରିଥିବା ଜଣେ ଶତୃକୁ ହତ୍ୟା କରିଦେଲେ ଓ ମହାଭାଗ ସ:ଆ:ସଙ୍କୁ ଏହି ଘଟଣା ସମ୍ପର୍କରେ ଅବଗତ କଲେ, ଏଥିରେ ଆଁ ହଜ୍‌ରତ୍ ସ:ଆ:ସ ହଜ୍‌ରତ୍ ଉସାମାଙ୍କ ଉପରେ ଅତ୍ୟଧିକ କ୍ରୋଧିତ ହୋଇଥିଲେ । ଉସାମା ର:ଅ କହିଲେ ଯେ ମହାଭାଗ ! ସେ ତ ତରବାରୀର ଭୟରେ କଲ୍‌ମା ପଢୁଥିଲା । ଏଥିରେ ଆଁ ହଜ୍‌ରତ୍ ସ:ଆ:ସ କହିଲେ ଯେ କ'ଣ ତୁମେ ତା'ର ହୃଦୟକୁ ଚିରି ଦେଖିଥିଲେ ଯେ ସେ ପ୍ରକୃତରେ ତରବାରୀର ଭୟରେ କଲ୍‌ମା ପଢୁଥିଲା ବା ନାହିଁ ।

କଲ୍‌ମାଏ ତୌହିଦ୍ (ଏକେଶ୍ୱରବାଦର ବାଣୀ) ପାଇଁ ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କୁ ଏତେମାତ୍ରାରେ ଆତ୍ମ ଅଭିମାନ ଥିଲା ଯେ, ୱହଦ୍ ଯୁଦ୍ଧ ଅବସରରେ ଯେବେ ମୁସଲମାନମାନେ ସାମୟିକ ଭାବରେ ପରାସ୍ତ ହେଲେ ଓ ଆଁ ହଜ୍‌ରତ୍ ସ:ଆ:ସ ଓ ମୁସଲମାନମାନେ ଏକ ପାହାଡ଼ର ପାଦଦେଶରେ ଚୁପ୍‌ଚାପ ହୋଇ ଶରଣ ନେଲେ, ସେତେବେଳେ କୁଫ୍‌ଫାର୍ (ଅବିଶ୍ୱାସକାରୀ)ମାନେ ଏହା ଭାବିଲେ ଯେ, ଆମେ ମୁସଲମାନମାନଙ୍କ ବଡ଼ ବଡ଼ ଲିଡ଼ରମାନଙ୍କୁ ମାରି ଦେଇଛୁ । ତେଣୁ ସେମାନେ ଉଚ୍ଚ ସ୍ୱରରେ ପଚାରିଲେ, କ'ଣ ତୁମମାନଙ୍କ ମଧ୍ୟରେ ମୁହମ୍ମଦ (ସ:ଆ:ସ) ଅଛନ୍ତି ? ଏହା ଶୁଣି ମହାଭାଗ ସ:ଆ:ସ ସାହାବାମାନଙ୍କୁ କହିଲେ ନୀରବ ରୁହ । ପୁଣି ସେମାନେ ପଚାରିଲେ କ'ଣ ତୁମମାନଙ୍କ ମଧ୍ୟରେ ଅବୁବକର୍ ଅଛନ୍ତି ? ଆଁ ହଜ୍‌ରତ୍ ସ:ଆ:ସ ପୁଣି ଚୁପ୍ ରହିବା ପାଇଁ କହିଲେ । ପୁଣି ସେମାନେ ଉଚ୍ଚ ସ୍ୱରରେ କହିଲେ ଯେ କ'ଣ ତୁମମାନଙ୍କ ମଧ୍ୟରେ ଉମର ଅଛନ୍ତି ଉସ୍‌ମାନ୍ ଅଛନ୍ତି ? ଯେବେ ମୁସଲମାନମାନଙ୍କ ତରଫରୁ ବିଲ୍‌କୁଲ୍ ନୀରବତା ଛାଇଗଲା, ସେତେବେଳେ ସେମାନେ (ଅର୍ଥାତ ଅବିଶ୍ୱାସକାରୀମାନେ) ଭାବିଲେ ଯେ ବୋଧ ହୁଏ ଏମାନେ ସମସ୍ତେ ମରିଯାଇଛନ୍ତି । ତେଣୁ ସେମାନେ "**ଉଲୁ ହୁବଲ୍**" ସ୍ଲୋଗାନ୍ ଲଗାଇଲେ । ଅର୍ଥାତ ଆମ ହୁବଲ୍ ଠାକୁରଙ୍କ ଜୟ ହେଉ । ଶିର୍କରେ ପରିପୂର୍ଣ୍ଣ ଏହି ସ୍ଲୋଗାନକୁ ଶୁଣି ଆଁ ହଜ୍‌ରତ୍ ସ:ଆ:ସଙ୍କ ଏକେଶ୍ୱରବାଦର ଆତ୍ମାଭିମାନ ଜାଗି ଉଠିଲା ଓ ଶିର୍କ (ଅନେକେଶ୍ୱରବାଦ)ର ସ୍ଲୋଗାନକୁ ସହ୍ୟ କରିପାରିଲେ ନାହିଁ । ସୁତରାଂ ମହାଭାଗ ସ:ଆ:ସ ସ୍ୱୟଂ ମୁସଲମାନମାନଙ୍କୁ କହିଲେ ଯେ କାହିଁକି ଉତର ଦେଉନାହଁ? ସାହାବାମାନେ କହିଲେ ହଜୁର ! ଆମେ କ'ଣ ଉତର ଦେବୁ ? ମହାଭାଗ କହିଲେ: "**ଅଲ୍ଲାହୁ ଆଲା ୱ ଅଜଲ୍**" କୁହ । ଅର୍ଥାତ ଅଲ୍ଲାଃଙ୍କ ଯଶ ବହୁ ଉଚ୍ଚରେ ।

ବଦର୍ ଯୁଦ୍ଧ ଅବସରରେ ଜଣେ ମୁଶ୍‌ରିକ୍ (ଅର୍ଥାତ ଅନେକେଶ୍ୱରବାଦୀ) କହିଲା ଯେ ଯଦି ଆପଣ ମତେ ମାଲେ ଗନିମତ୍ (ଯୁଦ୍ଧରେ ଜିତା ଯାଇଥିବା ସାମଗ୍ରୀ) ମଧ୍ୟରୁ କିଛି ଭାଗ ଦେବେ ତା'ହେଲେ ମୁଁ ଆପଣଙ୍କ ସହିତ ସାହାଯ୍ୟ କରିବା ପାଇଁ ଯାଇପାରେ । ଏଥିରେ ମହାଭାଗ ସ:ଆ:ସ କହିଲେ: କ'ଣ ତୁମେ ମୁସଲମାନ

*ଅବଶିଷ୍ଟାଂଶ ପୃଷ୍ଠା- ୧୨ ରେ ଦେଖନ୍ତୁ......*

### ଲିୟା ଜୁଲମ୍ କା ଅଫୁ ସେ ଇନ୍‌ତେକାମ୍ * ଆଲୈକସ୍ ସଲାତୁ ଆଲୈକସ୍ ସଲାମ୍

# ହଜ୍‌ରତ୍ ମୁହମ୍ମଦ ସଲଲ୍ଲାହୁ ଆଲୈହେ ଓ୍ୱ ସଲ୍ଲମ୍‌ଙ୍କ ଦୟା ଓ କ୍ଷମାର ମହାନ ଆଦର୍ଶ

(ମନ୍‌ସୁର୍ ଅହ୍‌ମଦ୍ ମସ୍‌ରୁର୍)

ଅଲ୍ଲାଃ ତାଲା ପବିତ୍ର କୁର୍‌ଆନ୍‌ରେ ଏ ଆଦେଶ ଦେଇଛନ୍ତି:

ଖୁଜିଲ୍ ଅଫ୍‌ଓ ଓ୍ୱାମୁର୍ ବିଲ୍ ଉର୍‌ଫି ଓ୍ୱ ଆରିଜ୍ ଅନିଲ୍ ଜାହିଲିନ୍

(ଆରାଫ:୨୦୦)

ଅନୁବାଦ:- (ହେ ନବୀ! ସର୍ବଦା) କ୍ଷମା ରୀତି ଅବଲମ୍ବନ କର ଏବଂ ସ୍ୱଭାବୋଚିତ କାର୍ଯ୍ୟ ସକାଶେ ଆଦେଶ ଦିଅ ଏବଂ ନିର୍ବୋଧମାନଙ୍କଠାରୁ ଦୂରେଇ ରୁହ ।

ମହିମା ମଣ୍ଡିତ ଐଶ୍ୱର୍ଯ୍ୟମୟ ଅଲ୍ଲାଃଙ୍କର ଏହି ଆଦେଶ ଏବଂ ଏହିପରି ଅନ୍ୟାନ୍ୟ ଆଦେଶାବଳୀ ଆଲୋକରେ ଆମ ପ୍ରୀୟ ମୁନୀବ ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସ ଦୟା ଓ କ୍ଷମାର ଏପରି ଅନୁପମ ଉଦାହରଣ ପ୍ରତିଷ୍ଠା କରିଯାଇଛନ୍ତି ଯେ ଅମ୍ବିୟାମାନଙ୍କ ଇତିହାସରେ ଏପରି ଉଦାହରଣ/ଦୃଷ୍ଟାନ୍ତ ଖୋଜିଲେ ମଧ୍ୟ ମିଳିପାରିବ ନାହିଁ । ଜଣେ ସାଧାରଣ ଲୋକର କଳ୍ପନା ବାହାରେ ଏ କଥା ଯେ କଣ ଦୟା ଓ କ୍ଷମାର ଏପରି ଉଦାହରଣ ଏ ବ୍ରହ୍ମାଣ୍ଡରେ ସ୍ଥାପନ ହୋଇପାରେ ଏବଂ କେହି ଜଣେ ଦୟା ଓ କ୍ଷମା କରିବାର ଏତେ ଉଚ୍ଚ ସ୍ତରରେ ବି ପହଂଚିପାରେ । ଛୋଟ ଛୋଟ ଜୁଲମ ଓ ଅତ୍ୟାଚାରର କଥାକୁ ଛାଡ଼ନ୍ତୁ, ମହାଭାଗ ସ:ଆ:ସ ତ ବଡ଼ ବଡ଼ ହତ୍ୟାକାରୀ, ଅତ୍ୟାଚାରୀ ଏବଂ ହିଂସାର ସମସ୍ତ ସୀମା ଅତିକ୍ରମ କରିଥିବା ଲୋକମାନଙ୍କୁ ମଧ୍ୟ କ୍ଷମା କରିଦେଇଛନ୍ତି । ନିମ୍ନରେ ଆମ ପ୍ରୀୟ ଆକା ସୟଦନା ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କ ଅପୂର୍ବ ଦୟା ଓ କ୍ଷମା କରିବାର କିଛି ଉଦାହରଣ ଉପସ୍ଥାପନ କରାଯାଉଅଛି ।

ବଦର ଯୁଦ୍ଧ, ଯାହା କୁରୈଶ୍‌ର କୁଫ୍‌ଫାର୍ (ଅବିଶ୍ୱାସକାରୀ) ଏବଂ ମୁସଲମାନମାନଙ୍କ ମଧ୍ୟରେ ଏକ ବହୁତ ବଡ଼ ଯୁଦ୍ଧ ହୋଇଥିଲା । ଏହି ଯୁଦ୍ଧରେ କୁଫ୍‌ଫାରମାନଙ୍କ ସ୍ଥିତି ଦୋହଲିଯାଇଥିଲା । ସେମାନଙ୍କର ୭୦ ଜଣ ଲୋକ କଏଦି ହୋଇ ଧରାଯାଇଥିଲେ । ସେହି ଜୀବନଶତୃ ଓ ରକ୍ତପିପାସୁମାନଙ୍କ ସହିତ ମହାଭାଗ ସ:ଆ:ସ ଯେଉଁ କ୍ଷମା ଓ ଦୟା ଆଚରଣ କଲେ ତାହା ଅତ୍ୟନ୍ତ ସୁନ୍ଦର ଓ ପ୍ରଶଂସନୀୟ । ହଜ୍‌ରତ୍ ମିର୍ଜା ବଶିର୍ ଅହ୍‌ମଦ୍ ସାହେବ୍ ଏମ୍.ଏ.ର:ଅ ଉଲ୍ଲେଖ କରିଛନ୍ତି ଯେ:-

ସେହି କଏଦିମାନଙ୍କ ମଧ୍ୟରେ ସୁହୈଲ୍ ବିନ୍ ଅମ୍‌ରୋ ବି ଥିଲେ । ସେ ଜଣେ ଉଚ୍ଚକୋଟିର ଭାଷା ଜ୍ଞାନ ରଖିଥିବା ବକ୍ତା ମଧ୍ୟ ଥିଲେ । ସାଧାରଣତଃ ସେ ଆଁ ହଜ୍‌ରତ୍ ସ:ଆ:ସଙ୍କ ଖିଲାଫରେ ଭାଷଣ ଦେଇଥିଲେ । ଯେବେ ସେ ବଦର ଯୁଦ୍ଧରେ ବନ୍ଦୀ ହେଲା, ସେତେବେଳେ ହଜ୍‌ରତ୍ ଉମର୍ ର:ଅ ଆଁ ହଜ୍‌ରତ୍ ସ:ଆ:ସଙ୍କୁ ନିବେଦନ କଲେ ଯେ ହେ ଅଲ୍ଲାଃଙ୍କ ରସୁଲ୍! ସୁହୈଲ୍ ବିନ୍ ଅମ୍‌ରୋର ମୁହଁରେ ଥିବା ସାମନା ଦାନ୍ତଗୁଡ଼ିକୁ ବାହାର କରିଦିଆଯାଉ ଯଦ୍ୱାରା ସେ ଆପଣଙ୍କ ବିରୁଦ୍ଧରେ ବିଷ ବିସ୍ତାର କରିପାରିବ ନାହିଁ । କିନ୍ତୁ ମହାଭାଗ ସ:ଆ:ସ ସେହି ପରାମର୍ଶକୁ ବହୁତ ନାପସନ୍ଦ କଲେ ଏକଥା କହିଲେ ଯେ ଉମର୍! ତୁମେ କ'ଣ ଜାଣିଛ ଯେ ଅଲ୍ଲାଃ ତାଲା ଆସନ୍ତାକୁ ତାଙ୍କୁ ଏପରି ସ୍ଥାନରେ ରଖିବେ ଯାହା ପ୍ରଂଶସାଯୋଗ୍ୟ ହୋଇଥିବ । ଅତଃ ଫତହ୍ ମକ୍କା (ମକ୍କା ବିଜୟ) ଅବସରରେ ସୁହୈଲ୍ ମୁସଲମାନ ହୋଇଗଲେ ଏବଂ ଆଁ ହଜ୍‌ରତ୍ ସ:ଆ:ସଙ୍କ ଦେହାନ୍ତ ସମୟରେ ପ୍ରକମ୍ପିତ ଓ ବିଚଳିତ ଲୋକମାନଙ୍କୁ ବଂଚାଇବା ନିମନ୍ତେ ଇସ୍‌ଲାମ୍‌ର ସମର୍ଥନରେ ଅତ୍ୟନ୍ତ ପ୍ରଭାବଶାଳୀ ଭାଷଣ ଦେଲେ । ଫଳତଃ ଦ୍ୱିବିଧାରେ ପଡ଼ିଥିବା ଅନେକ ଲୋକ ବଂଚିଗଲେ । ସେହି ସୁହୈଲ୍‌ଙ୍କ ସମ୍ବନ୍ଧରେ ଏ ରିଓ୍ୱାୟତ ମଧ୍ୟ ମିଳୁଛି ଯେ ଥରେ ହଜ୍‌ରତ୍ ଉମର୍ ର:ଅଙ୍କ ଖିଲାଫତ୍ ସମୟରେ, ସୁହୈଲ୍, ଅବୁ ସୁଫିୟାନ୍ ଏବ ଅନ୍ୟ କେତେଜଣ ମକ୍କାର ସମ୍ଭ୍ରାନ୍ତ ଲୋକେ ଯେଉଁମାନେ ଫତହ୍ ମକ୍କା ସମୟରେ ମୁସଲମାନ ହୋଇଥିଲେ, ସେମାନେ ହଜ୍‌ରତ୍ ଉମର୍ ର:ଅଙ୍କୁ ଭେଟିବା ପାଇଁ ଗଲେ । ସଂଯୋଗବସତଃ ସେହି ସମୟରେ ବିଲାଲ୍ ର:ଅ, ଅମ୍ମାର ର:ଅ ଏବଂ ସୋହେବ୍ ର:ଅ ଇତ୍ୟାଦି ସାହାବିମାନେ ହଜ୍‌ରତ୍ ଉମର୍ ର:ଅଙ୍କୁ ଭେଟ କରିବାପାଇଁ ଚାଲି ଆସିଥିଲେ । ଏମାନେ ଏପରି ଲୋକ ଥିଲେ ଯେଉଁମାନେ ଗୁଲାମ୍ (କ୍ରୀତଦାସ) ରହିଥିଲେ ଓ ବହୁତ ଗୀରବ ଲୋକ ଥିଲେ । କିନ୍ତୁ ଏମାନେ ସେହି ଲୋକମାନଙ୍କ ମଧ୍ୟରୁ ଅନ୍ୟତମ ଯେଉଁମାନେ ପ୍ରାରମ୍ଭରେ ଇସ୍‌ଲାମ୍ ଗ୍ରହଣ କରିଥିଲେ । ହଜ୍‌ରତ୍ ଉମର୍ ର:ଅଙ୍କୁ ଯେତେବେଳେ ଏତେଲା ଦିଆଗଲା, ସେ ବିଲାଲ୍ ର:ଅ ଇତ୍ୟାଦି ସାହାବାମାନଙ୍କୁ ପ୍ରଥମେ ସାକ୍ଷାତ କରିବାକୁ ଡ଼ାକିଲେ ଏହା ଦେଖି ଅବୁ ସୁଫିୟାନ୍ କ୍ରୋଧରେ ଫାଟି ପଡ଼ିଲା । ତାଙ୍କ ଭିତରେ ବୋଧ ହୁଏ ଏପର୍ଯ୍ୟନ୍ତ କିଛିଟା ମୂର୍ଖାମୀର ଉପାଦାନ ବାକି ରହିଯାଇଥିଲା । ଅତଏବ ସେ କହିବାକୁ ଲାଗିଲା "କଣ ଆମକୁ ଏହି ଅପମାନ ଦେଖିବାର ଥିଲା ଯେ ଆମେ ତ' ଅପେକ୍ଷାରେ ଥିଲୁ କିନ୍ତୁ ଏହି ଗୁଲାମମାନଙ୍କୁ (ପ୍ରଥମେ) ସାକ୍ଷାତ କରିବାର ସୌଭାଗ୍ୟ ମିଳିଲା ।" ସୁହୈଲ୍ ତୁରନ୍ତ ଏ କଥାର ପ୍ରତିକ୍ରିୟା ଦେଇ କହିଲେ ଯେ "ତେବେ ଏହା କାହାର ଦୋଷ ? ମୁହମ୍ମଦ ସ:ଆ:ସ ଆମ ସମସ୍ତଙ୍କୁ ଅଲ୍ଲାଃଙ୍କ ଆଡ଼କୁ ଡ଼ାକିଲେ କିନ୍ତୁ ଏମାନେ ତୁରନ୍ତ ମାନିନେଲେ ଓ ଆମେମାନେ ବିଳମ୍ବ କଲେ । ପୁଣି ଏମାନଙ୍କୁ ଆମ ଉପରେ ଶ୍ରେଷ୍ଠତା ରହିବ କି ନାହିଁ ?"

*(ସିରତ୍ ଖାତ୍‌ମୁନ୍ ନବିୟିନ୍ ଲେଖକ ହଜ୍‌ରତ୍ ମିର୍ଜା ବଶିର୍ ଅହ୍‌ମଦ୍ ସାହେବ୍ ଏମ.ଏ ର:ଅ ପୃ-୩୬୯, ମୁଦ୍ରଣ କାଦିଆନ୍ ୨୦୦୪)*

ସେହିପରି ଉମୈର୍ ବିନ୍ ଓ୍ୱହବ୍ ଯିଏ ଆଁ ହଜ୍‌ରତ୍ ସ:ଆ:ସଙ୍କୁ ହତ୍ୟା କରିବା ପାଇଁ ମକ୍କାରୁ ମଦିନା ଯାଇଥିଲା । ତା ସହିତ ଦୟା ଓ କ୍ଷମାର ଯେଉଁ ଉତମ ବ୍ୟବହାର କରାଯାଇଥିଲା, ତାହା ହେଉଛି ଏପରି । ହଜ୍‌ରତ୍ ମିର୍ଜା ବଶିର୍ ଅହ୍‌ମଦ୍ ସାହେବ ଏମ୍.ଏ ର:ଅ ଲେଖିଛନ୍ତି:-

ବଦର ଯୁଦ୍ଧର କିଛି ଦିନ ପରେ ଉମୈର ବିନ୍ ଓ୍ୱହବ୍ ଏବଂ ସଫ୍‌ଓ୍ୱାନ୍ ବିନ୍ ଉମୈୟା ବିନ୍ ଖଲ୍‌ଫ୍ ଯିଏ କୁରୈଶ୍‌ର ପ୍ରଭାବଶାଳୀ ଲୋକଥିଲା ଦୁହେଁ ଖାନାକାବାର ପ୍ରାଙ୍ଗଣରେ ବସି ସେମାନେ ବଦର ଯୁଦ୍ଧରେ ମୃତ୍ୟୁବରଣ କରିଥିବା ଲୋକମାନଙ୍କ ପାଇଁ ଶୋକ ପ୍ରକାଶ କରିଥିଲେ । ଅଚାନକ ସଫ୍‌ଓ୍ୱାନ୍ ଉମୈର୍‌ଙ୍କୁ କହିଲା "ଏବେ ତ ବଂଚିବାର କିଛି ମଜା ନାହିଁ ।" ସେ ଇସାରାକୁ ବୁଝିଗଲା ଓ ଉତର ଦେଲା ଯେ "ମୁଁ ତ ମୋ ଜୀବନକୁ ବିପଦରେ ପକାଇବା ପାଇଁ ପ୍ରସ୍ତୁତ ଅଛି କିନ୍ତୁ ମୋ ପିଲାମାନଙ୍କର ଚିନ୍ତା ଓ କରଜ ଚିନ୍ତା ମତେ ଘାରୁଛି । ନଚେତ ମଦିନା ଯାଇ ଥିରିକିନା ମୁହମ୍ମଦ (ସ:ଆ:ସ)ଙ୍କୁ ଶେଷ କରିଦେବା ମୋ ପାଇଁ ମାମୁଲି କଥା । ମୋ ପାଇଁ ସେଠାକୁ ଯିବାର ବାହାନା ମଧ୍ୟ ରହିଛି ଯେ ମୋ ପୁଅ ସେମାନଙ୍କ ନିକଟରେ ବନ୍ଦୀ ହୋଇ ରହିଛି ।" ସଫ୍‌ଓ୍ୱାନ୍ କହିଲା "ତୁମ କରଜ ଓ ପିଲାମାନଙ୍କ ଦାୟିତ୍ୱ ମୁଁ ନେଉଛି । ତୁମେ ଯାଇ ଯେ କୌଣସି ପ୍ରକାରେ ମଧ୍ୟ ଏହି କାମକୁ ସମ୍ପାଦନ କର" । ସୁତରାଂ ଯୋଜନା ପ୍ରସ୍ତୁତ ହୋଇଗଲା ଏବଂ ଉମୈର୍ ସଫ୍‌ଓ୍ୱାନ୍ ନିକଟରୁ ବିଦାୟ ନେଇ ଘରକୁ ଆସିଲା ଏବଂ ଗୋଟିଏ ତରବାରୀକୁ ଜହରରେ ବୁଡ଼ାଇ ମକ୍କାରୁ ବାହାରିପଡ଼ିଲା । ଯେବେ ସେ ମଦିନା ପହଂଚିଲା, ହଜ୍‌ରତ୍ ଉମର୍ ର:ଅ ଯିଏ ଏହି ପ୍ରକାର ମାମଲାରେ ବହୁତ ଚତୁର ଥିଲେ, ତାକୁ (ଅର୍ଥାତ ଉମୈର୍‌ଙ୍କୁ) ଦେଖି ଭୟଭୀତ ହୋଇଗଲେ ଓ ତତ୍‌କ୍ଷଣାତ୍ ଯାଇ ଆଁ ହଜ୍‌ରତ୍ ସ:ଆ:ସଙ୍କୁ ଜଣାଇଲେ ଯେ ଉମୈର ଆସିଛି ଓ ତା ସମ୍ବନ୍ଧରେ ମୋ ମନ କିଛି ସନ୍ତୁଷ୍ଟ ନାହିଁ । ଆଁ ହଜ୍‌ରତ୍ ସ:ଆ:ସ କହିଲେ ତାକୁ ମୋ ନିକଟକୁ ନେଇଆସ । ହଜ୍‌ରତ୍ ଉମର୍ ର:ଅ ତାକୁ ଆଣିବାକୁ ଗଲେ । କିନ୍ତୁ ଯିବାବେଳେ କିଛି ସାହାବାଙ୍କୁ ଏକଥା କହିଗଲେ ଯେ ମୁଁ ଉମୈର୍‌କୁ ଆଁ ହଜ୍‌ରତ୍ ସ:ଆ:ସଙ୍କ ସହିତ ସାକ୍ଷାତ କରାଇବା ପାଇଁ ଆଣିବାକୁ ଯାଉଛି କିନ୍ତୁ ମତେ ତା ବିଷୟରେ ସନ୍ଦେହ ଲାଗୁଛି ତେଣୁ ତୁମେମାନେ ଆଁ ହଜ୍‌ରତ୍ ସ:ଆ:ସଙ୍କ ନିକଟରେ ଯାଇ ବସିଥାଅ ଓ ସଚେତ ରୁହ । ତା'ପରେ ହଜ୍‌ରତ୍ ଉମର୍ ର:ଅ ଉମୈର୍‌ଙ୍କୁ ସାଥିରେ ଧରି ଆଁ ହଜ୍‌ରତ୍ ସ:ଆ:ସଙ୍କ ଗୋଚରରେ ଉପସ୍ଥିତ ହେଲେ । ମହାଭାଗ ସ:ଆ:ସ ତାକୁ ନିଜ ପାଖରେ ବସାଇ ନମ୍ର ଭାବରେ ପଚାରିଲେ "ଉମୈର୍! ତୁମେ କଣ ପାଇଁ ଆସିଛ ?" ଉମୈର୍ କହିଲା "ମୋ ପୁଅ ଆପଣଙ୍କ ନିକଟରେ ବନ୍ଦୀ ହୋଇଅଛି ତାକୁ ମୁକୁଳାଇବା ପାଇଁ ଆସିଛି ।" ଆଁ ହଜ୍‌ରତ୍ ସ:ଆ:ସ କହିଲେ:- "ତା'ହେଲେ ପୁଣି ଏହି ତରବାରୀକୁ କାହିଁକି ଧରିଛନ୍ତି" ? ସେ କହିଲା "ଆପଣ ତରବାରୀ ବିଷୟରେ କଣ ପଚାରୁଛନ୍ତି । ବଦର ଯୁଦ୍ଧରେ ଏ ତରବାରୀ କଣ କାମ କଲା ।" ମହାଭାଗ ସ:ଆ:ସ କହିଲେ " ନା ତୁମେ ଠିକ୍ ଠିକ୍ କୁହ ଯେ ତୁମେ କେଉଁ ଉଦ୍ଦେଶ୍ୟରେ ଆସିଛ ?" ସେ କହିଲା ମୁଁ ଯେଉଁଥିପାଇଁ ଆସିଛି ତାହା ମୁଁ କହିସାରିଛି ଅର୍ଥାତ ମୁଁ ମୋ ପୁଅକୁ ମୁକୁଳାଇବା ପାଇଁ ଆସିଛି । ଏହା ଶୁଣି ମହାଭାଗ ସ:ଆ:ସ କହିଲେ "ତା' ହେଲେ ତୁମେ ସଫ୍‌ଓ୍ୱାନ୍ ସହିତ ମିଶି କାବାର ପ୍ରାଗଣରେ କିଛି ଷଡ଼ଯନ୍ତ୍ର କରିନାହଁ ?" ଏହା ଶୁଣି ଉମୈର୍ ସ୍ତବ୍ଧ ହୋଇଗଲା କିନ୍ତୁ ସେ ନିଜକୁ ସମ୍ଭାଳି ଦେଇ ସଜାଡ଼ି ହୋଇ କହିଲା "ନା ମୁଁ କୌଣସି ଷଡ଼ଯନ୍ତ୍ର କରିନାହିଁ" ମହାଭାଗ ସ:ଆ:ସ କହିଲେ "କଣ ତୁମେ ମତେ ମାରିବା ପାଇଁ ଯୋଜନା କରିନାହଁ ? କିନ୍ତୁ ମନେରଖ ଭଗବାନ ତୁମକୁ ମୋ ନିକଟରେ ପହଂଚିବାକୁ ସାମର୍ଥ୍ୟ ଦେବେ ନାହିଁ ।" ଉମୈର ଗଭୀର ଚିନ୍ତାରେ ପଡ଼ିଗଲା ଓ ପୁଣି କହିଲା "ଆପଣ ସତ୍ୟ କହୁଛନ୍ତି । ପ୍ରକୃତରେ ଆମେ ଷଡ଼ଯନ୍ତ୍ର କରିଥିଲୁ । କିନ୍ତୁ ଜଣାପଡୁଛି ଭଗବାନ ଆପଣଙ୍କ ସହିତ ଅଛନ୍ତି ଯିଏ ଆପଣଙ୍କୁ ଆମ ଉଦ୍ଦେଶ୍ୟ ବିଷୟରେ ସୂଚନା ଦେଇଛନ୍ତି । ଅନ୍ୟଥା ସଫ୍‌ଓ୍ୱାନ୍ ସହିତ ଯେତେବେଳେ ମୋର ଏହି ବିଷୟରେ କଥାବାର୍ତା ହୋଇଥିଲା ସେତେବେଳେ କୌଣସି ତୃତୀୟ ଲୋକ ସେଠାରେ ନଥିଲେ । ବୋଧ ହୁଏ ଈଶ୍ୱର ମତେ ବିଶ୍ୱାସ ଆଣିବା ପାଇଁ ଏପରି ଯୋଜନା କଲେ । ମୁଁ ଆନ୍ତରିକତାର ସହିତ ଆପଣଙ୍କ ଉପରେ ଇମାନ୍ ଅର୍ଥାତ ବିଶ୍ୱାସ ଆଣୁଅଛି "ମହାଭାଗ ସ:ଆ:ସ ଉମୈର୍‌ଙ୍କ ଇସ୍‌ଲାମ୍ ଗ୍ରହଣ କରିବା ଯୋଗୁଁ ଖୁସି ହେଲେ ଓ ସାହାବାମାନଙ୍କୁ କହିଲେ: "ବର୍ତମାନ ଇଏ ହେଉଛନ୍ତି ତୁମର ଭାଇ । ତାଙ୍କୁ ଇସ୍‌ଲାମ୍‌ର ଶିକ୍ଷା ସହିତ ପରିଚିତ କରାଅ ଏବଂ ତାଙ୍କ କଏଦୀଙ୍କୁ ମୁକ୍ତ କରିଦିଅ" ଅତଏବ ଉମୈର୍ ବିନ୍ ଓ୍ୱହବ୍ ମୁସଲମାନ ହୋଇଗଲେ ଏବଂ ବହୁତ ଶୀଘ୍ର ସେ ବିଶ୍ୱାସ ଓ ଆନ୍ତରିକତାରେ ଉଲ୍ଲେଖନୀୟ ଅଗ୍ରଗତି କଲେ । ପରିଶେଷରେ ସେ ସତ୍ୟର ଆଲୋକରେ ଏତେମାତ୍ରାରେ ପ୍ରଭାବିତ ହୋଇଗଲେ ଯେ ଆଁ ହଜ୍‌ରତ୍ ସ:ଆ:ସଙ୍କୁ ଜିଦ୍ କରି ନିବେଦନ କଲେ ଯେ ମତେ ମକ୍କା ଯିବା ପାଇଁ ଅନୁମତି ପ୍ରଦାନ କରନ୍ତୁ ଫଳତଃ ମୁଁ ସେଠାକୁ ଯାଇ ସେଠିକାର ଲୋକମାନଙ୍କୁ ତବ୍‌ଲିଗ୍ (ଇସ୍‌ଲାମ୍‌ର ପ୍ରଚାର) କରିବି । ମହାଭାଗ ସ:ଆ:ସ ଅନୁମତି ପ୍ରଦାନ କଲେ । ଉମୈର୍ ମକ୍କାରେ ପହଂଚି

ନିଜର ତବ୍‌ଲିଗ୍ ଉତ୍ସାହ ଯୋଗୁଁ ଗୁପ୍ତଭାବରେ ଅନେକ ଲୋକଙ୍କୁ ମୁସଲମାନ ବନାଇ ଦେଲେ । ସଫୱାନ୍ ଯିଏ ଦିନ ରାତି ଆଁ ହଜ୍‌ରତ୍ ସ:ଆ:ସଙ୍କୁ ହତ୍ୟା କରାଯିବାର ଖବର ଶୁଣିବା ପାଇଁ ଅପେକ୍ଷାରେ ଥିଲା ଓ କୁରୈଶ୍‌ର ଲୋକମାନଙ୍କୁ ସେ ଏକଥା କହୁଥିଲା ଯେ ଏବେ ତୁମେମାନେ ଗୋଟିଏ ଖୁସି ଖବର ଶୁଣିବା ପାଇଁ ପ୍ରସ୍ତୁତ ରୁହ । କିନ୍ତୁ ସେ ଯେତେବେଳେ ଏ ଦୃଶ୍ୟ ଦେଖିଲା, ସେ ବିସ୍ମିତ ହୋଇ ରହିଗଲା ।

***(ସିରତ୍ ଖାତ୍‌ମୁନ୍ ନବୀୟିନ୍.......... ପୃ-୩୭୪)***

ଅହ୍‌ଜାବ୍ ଯୁଦ୍ଧ ଶୱାଲ୍ ମାସ ପାଂଚ ହିଜ୍‌ରୀରେ ହୋଇଥିଲା । କୁଫ୍‌ଫାରମାନଙ୍କ ସଂଖ୍ୟା ପ୍ରାୟ କୋଡ଼ିଏ ହଜାର ପାଖାପାଖି ଥିଲା । ସତେ ଯେପରି ସମଗ୍ର ଆରବ ମଦିନାରେ ପହଂଚିଯାଇଥିଲା । ଏହା ଏତେ ବିପଜ୍ଜନକ ଯୁଦ୍ଧ ଥିଲା ଯେ ପବିତ୍ର କୁର୍‌ଆନ୍ ଏହି ଯୁଦ୍ଧର ତୀବ୍ରତା ଓ ଗମ୍ଭୀରତାକୁ ଗୋଟିଏ ବାକ୍ୟରେ ଏପରି ନକ୍ସା ଟାଣିଛି: **ଇଜ୍ ଜାଉକୁମ୍ ମିନ୍ ଫୌକିକୁମ୍........... ଜିଲ୍‌ଜାଲନ୍ ଶଦିଦା (ଅହ୍‌ଜାବ୍:୧୧, ୧୨)**

ଅନୁବାଦ:- ଏବଂ (ସେହି ସମୟକୁ ସ୍ମରଣ କର) ଯେତେବେଳେ ତୁମମାନଙ୍କ ଶତ୍ରୁମାନେ ତୁମମାନଙ୍କ ଉର୍ଦ୍ଧ୍ୱ ଦେଶରୁ (ଅର୍ଥାତ ପର୍ବତ ତରଫରୁ) ଓ ନିମ୍ନ ଦେଶରୁ ମଧ୍ୟ ଆକ୍ରମଣ କରିଥିଲେ, ଏବଂ ଯେତେବେଳେ ଭୟରେ (ତୁମମାନଙ୍କର) ଚକ୍ଷୁ ବିସ୍ଫାରିତ ହୋଇଯାଇଥିଲା, ଏବଂ ହୃଦୟ (ପ୍ରକମ୍ପିତ ହୋଇ) କଣ୍ଠ ପର୍ଯ୍ୟନ୍ତ ଆସି ଯାଇଥିଲା, ଏବଂ ତୁମେମାନେ ଅଲ୍ଲାଃଙ୍କ ସଂକ୍ରାନ୍ତରେ ବିଭିନ୍ନ ପ୍ରକାର ସନ୍ଦେହର ବଶବର୍ତୀ ହୋଇଥିଲ ସେତେବେଳେ ମୋମିନ୍ (ଅର୍ଥାତ ବିଶ୍ୱାସକାରୀ)ମାନଙ୍କୁ ଦୃଢ଼ ପରୀକ୍ଷାର ସମ୍ମୁଖିନ କରାଯାଇଥିଲା, ଏବଂ ସେମାନଙ୍କୁ ଭୀଷଣ ଭାବରେ ଦୋହଲାଇ ଦିଆଯାଇଥିଲା ।

ଏପରି କଠିନ ଓ ବିପତିମୂଳକ ପରିସ୍ଥିତିରେ ବନୁ କୁରୈଜା ବିଶ୍ୱାସଘାତକତା କଲା ଏବଂ ମୁସଲମାନମାନଙ୍କ ସହିତ କରିଥିବା ଚୁକ୍ତିକୁ ଭାଙ୍ଗି ଦେଲା ଓ କୁଫ୍‌ଫାର୍ (ଅବିଶ୍ୱାସୀ)ମାନଙ୍କ ସହିତ ଯାଇ ମିଶିଗଲା । ତା’ ବିଶ୍ୱାସଘାତକତା ଯୋଗୁଁ ଆଁ ହଜ୍‌ରତ୍ ସ:ଆ:ସ ଅଲ୍ଲାଃଙ୍କ ନିର୍ଦ୍ଦେଶ ମୁତାବକ ସେମାନଙ୍କ ଦୁର୍ଗକୁ ଘେରାଉ କରିନେଲେ ଫଳତଃ ବନୁ କୁରୈଜାଃ ଅସ୍ତ୍ରତ୍ୟାଗ କଲା । ଯଦି ଏମାନେ ମୁହମ୍ମଦ ସ:ଆ:ସଙ୍କ ନିଷ୍ପତିକୁ ମାନିଥାନ୍ତେ ତା’ହେଲେ ନିଶ୍ଚିତ ରୂପେ ସେମାନଙ୍କ ଜୀବନ ରକ୍ଷା ହୋଇଥାଆନ୍ତ କିନ୍ତୁ ସେମାନେ ସାଆଦ୍ ବିନ୍ ମାଆଜ୍‌ଙ୍କ ନିଷ୍ପତିକୁ ମାନିବା ପାଇଁ ଜିଦି ଧରିଲେ । ଫଳତଃ ସାଆଦ୍ ବିନ୍ ମାଆଜ୍ ତୌରାତ୍ ଅନୁଯାୟୀ ସେମାନଙ୍କ ଯୁଦ୍ଧଖୋର ପୁରୁଷମାନଙ୍କ ସପକ୍ଷରେ ମୃତ୍ୟୁଦଣ୍ଡର ନିଷ୍ପତି ଶୁଣାଇଲେ ଓ ତାହା ଜାରି କରାଗଲା । ଏହି ଅବସରରେ ଆଁ ହଜ୍‌ରତ୍ ସ:ଆ:ସଙ୍କ ଦୟା ଓ କ୍ଷମା ଆଚରଣ ସମ୍ବନ୍ଧରେ ବର୍ଣ୍ଣନା କରି ହଜ୍‌ରତ୍ ମିର୍ଜା ବଶିର ଅହେମଦ୍ ସାହେବ ଏମ୍.ଏ ଉଲ୍ଲେଖ କରିଛନ୍ତି:-

ଜୁବୈର୍ ବିନ୍ ବାତ୍‌ୟା ନାମକ କୁରୈଜା ଗୋଷ୍ଠିର ଜଣେ ସମ୍ଭ୍ରାନ୍ତ ବ୍ୟକ୍ତି ଥିଲା ସେ ସାବିତ୍ ବିନ୍ କୈସ୍ ନାମକ ଜଣେ ମୁସଲମାନ ଲୋକ ଉପରେ ପୂର୍ବେ ଗୋଟିଏ ସମୟରେ ଥରେ ଅନୁଗ୍ରହ କରିଥିଲା । ତେଣୁ ସାବିତ୍ ତା ପାଇଁ ଆଁ ହଜ୍‌ରତ୍ ସ:ଆ:ସଙ୍କ ନିକଟରେ ସୁପାରିଶ୍ କଲେ ଯେ ତାକୁ ଛାଡ଼ି ଦିଆଯାଉ । ମହାଭାଗ ସ:ଆ:ସ କହିଲେ “ଉତମ କଥା ! ତାକୁ ଛାଡ଼ିଦିଅ” । ସାବିତ୍ ଯାଇ ଜୁବୈର୍‌କୁ ଖୁସି ଖବର ଶୁଣାଇଲେ ଯେ ତୁମକୁ ଆଁ ହଜ୍‌ରତ୍ ସ:ଆ:ସ ମୋ ସୁପାରିଶ୍ ଯୋଗୁଁ ଛାଡ଼ି ଦେଇଛନ୍ତି । ଜୁବୈର କହିଲା ମୋ ସ୍ତ୍ରୀ ପିଲା ତ କଏଦି ହୋଇ ଅଛନ୍ତି ମୁଁ ମୃତ୍ୟୁ ଦଣ୍ଡରୁ ବଂଚି କଣ କରିବି । ସାବିତ୍ ପୁଣି ଆଁ ହଜ୍‌ରତ୍ ସ:ଆ:ସଙ୍କ ନିକଟକୁ ଗଲେ ଓ କହିଲେ ଯେ ଜୁବୈର୍ ଏମିତି କଥା କହୁଛି । ଏହା ଶୁଣି ମହାଭାଗ ସ:ଆ:ସ କହିଲେ “ତା ସ୍ତ୍ରୀ ପିଲାଙ୍କୁ ବି ମୁକ୍ତ କରିଦିଅ” ସାବିତ୍ ପୁଣି ଜୁବୈର୍ ପାଖକୁ ଯାଇ ଏ ସୁସମାଚାର ଦେଲେ । ଏହା ଶୁଣି ସେ କହିଲା ମୋ ଧନ ସମ୍ପତି ତ ମୁସଲମାନମାନଙ୍କ କବ୍‌ଜାକୁ ଚାଲିଯାଇଛି, ମୁଁ କେବଳ ସ୍ତ୍ରୀ ପିଲାଙ୍କୁ ନେଇ କଣ କରିବି । ସାବିତ୍ ପୁଣି ଆଁ ହଜ୍‌ରତ୍ ସ:ଆ:ସଙ୍କୁ ନିବେଦନ କଲେ ଫଳତଃ ମହାଭାଗ ସ:ଆ:ସ ଜୁବୈରର ସମସ୍ତ ଧନସମ୍ପତି ତାକୁ ଫେରାଇ ଦେବା ପାଇଁ ନିର୍ଦ୍ଦେଶ ଦେଲେ । ଏବେ ସାବିତ୍ ବହୁତ ଖୁସି ହୋଇ ଜୁବୈର ନିକଟକୁ ଗଲେ ଓ କହିଲେ ଯେ ଏବେ ତୁମ ମାଲ୍ ମଧ୍ୟ ତୁମକୁ ଫେରାଇ ଦିଆଯିବ । ସେ କହିଲା ଏକଥା ମତେ ବତାନ୍ତୁ ଯେ ଆମ ସର୍ଦ୍ଦାର କାଆବ୍ ବିନ୍ ଅସଦ୍ ଏବଂ ଆରବର ଇହୁଦୀମାନଙ୍କର ରଇସ (ସମ୍ଭ୍ରାନ୍ତ) ହୟି ବିନ୍ ଅଖ୍‌ତବ୍‌ର ଅବସ୍ଥା କଣ ? ସାବିତ୍ କହିଲେ ସେମାନଙ୍କୁ ହତ୍ୟା କରାଯାଇଛି । ସେ କହିଲା ଯେବେ ଏହି ଲୋକମାନଙ୍କୁ ମୃତ୍ୟୁ ଦଣ୍ଡ ମିଳିସାରିଛି, ଏବେ ମୁଁ ଜୀବିତ ରହି କଣ କରିବି । ଅତଃ ସେ ମକ୍‌ତଲ୍ (ଅର୍ଥାତ ମୃତ୍ୟୁଦଣ୍ଡ ଦିଆଯାଉଥିବା ସ୍ଥାନ)ରେ ପହଂଚି ନିଜ ବେକକୁ ତରବାରୀ ସମ୍ମୁଖରେ ରଖିଦେଲା ।

ଆଉ ଜଣେ ଇହୁଦୀ ଥିଲା ଯାହାର ନାମ ରିଫାଆ ଥିଲା । ସେ ଜଣେ ଦୟାଳୁ ମୁସଲମାନ ମହିଳାଙ୍କୁ ବିନୟପୂର୍ଣ୍ଣ ଅନୁରୋଧ କରି ନିଜର ସୁପାରିଶ୍ ପାଇଁ ଛିଡ଼ା କରାଇଦେଲା । ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସ ସେହି ମହିଳାଙ୍କ ସୁପାରିଶ୍ ଯୋଗୁଁ ରିଫାଆକୁ ମଧ୍ୟ କ୍ଷମା କରିଦେଲେ । ଅତଏବ ସେ ସମୟରେ ଯାହାର ବି ସୁପାରିଶ୍ ମହାଭାଗ ସ:ଆ:ସଙ୍କ ନିକଟରେ କରାଯାଉଥିଲା, ମହାଭାଗ ସ:ଆ:ସ ତାକୁ ତତ୍‌କ୍ଷଣାତ୍ କ୍ଷମା ଦେଇ ଦେଉଥିଲେ । ଏକଥା ପ୍ରମାଣ କରୁଅଛି ଯେ ଆପଣ ସ:ଆ:ସ ସାଆଦ୍‌ଙ୍କ ନିଷ୍ପତି ଦ୍ୱାରା ବିବଶ ଥିଲେ ଅନ୍ୟଥା ମହାଭାଗଙ୍କ ହୃଦୟର କାମନା ସେମାନଙ୍କୁ ହତ୍ୟା କରାଯିବା ସପକ୍ଷରେ ନଥିଲା ।

***(ସିରତ୍ ଖାତ୍‌ମୁନ୍ ନବୀୟିନ୍..... ପୃ-୬୦୨)***

ସୁମାମା ବିନ୍ ଉସାଲ୍‌ଙ୍କ ସହିତ କ୍ଷମା ଆଚରଣ କରାଯିବାର ଘଟଣା ବର୍ଣ୍ଣନା କରି ହଜ୍‌ରତ୍ ମିର୍ଜା ବଶିର ଅହେମଦ୍ ସାହେବ ଏମ୍.ଏ ଉଲ୍ଲେଖ କରିଛନ୍ତି:-

ଏବେ ଏବେ ୬ (ଛଅ) ହିଜ୍‌ରୀ ଆରମ୍ଭ ହିଁ ହୋଇଥିଲା ଏବଂ କମ୍‌ରୀ ବର୍ଷର ପ୍ରଥମ ମାସ ଅର୍ଥାତ ମୋହରମ୍ ମାସର ଆରମ୍ଭ ହିଁ ହୋଇ ତାରିଖ ଥିଲା ଯେ ଆଁ ହଜ୍‌ରତ୍ ସ:ଆ:ସଙ୍କୁ ନଜଦ୍ ବାସୀଙ୍କ ତରଫରୁ ବିପଦ ଥିବାର ସୂଚନା ଦିଆଗଲା । ଏହି ଆଶଙ୍କା କୁର୍‌ତା କବିଲା ତରଫରୁ ଥିଲା ଯିଏ ବନୁ ବକର୍ କବିଲାର ଗୋଟିଏ ଶାଖା ଥିଲା ଏବଂ ନଜଦ୍ ଇଲାକାରେ ଜରିୟା ନାମକ ସ୍ଥାନରେ ବସବାସ କରୁଥିଲା । ଏହା ମଦିନାଠାରୁ ୭ ଦିନର ମୁସାଫତ୍ (ଅର୍ଥାତ ୭ ଦିନ ପର୍ଯ୍ୟନ୍ତ ଚାଲି ଚାଲି ଗଲେ ଯେତେ ସମୟ ଲାଗିଥାଏ ସେତିକି ଦୂରତାରେ) ଅବିସ୍ଥିତ ଥିଲା । ଏହି ଖବର ପାଇ ମୁହମ୍ମଦ ସ:ଆ:ସ ତିରିଶି ଜଣ ବିଶିଷ୍ଟ ଗୋଟିଏ ଛୋଟ ଆରୋହୀ ଦଳକୁ ନିଜର ଜଣେ ସାହାବି ମୁହମ୍ମଦ ବିନ୍ ମୁସ୍‌ଲିମା ଅନ୍‌ସାରୀଙ୍କ ନେତୃତ୍ୱରେ ନଜଦ୍ ଆଡ଼କୁ ପ୍ରେରଣ କଲେ । କିନ୍ତୁ ଅଲ୍ଲାଃ ତାଲା କୁଫ୍‌ଫାରମାନଙ୍କ ମନରେ ଏପରି ଭୟ ସୃଷ୍ଟି କରିଦେଲେ ଯେ ସେମାନେ ମାମୁଲି ପ୍ରତିଯୋଗିତ କରିବା ପରେ ସେଠାରୁ ପଳାୟନ କଲେ । ଯଦିଓ ସେହି ସମୟର ଯୁଦ୍ଧ ପ୍ରଣାଳୀ ଅନୁଯାୟୀ ମୁସଲମାନମାନଙ୍କ ପାଇଁ ଏ ସୁଯୋଗ ଥିଲା ଯେ ସେମାନେ ଶତ୍ରୁପକ୍ଷର ମହିଳା ଓ ପିଲାମାନଙ୍କୁ ବନ୍ଦୀ କରିନେଇଥାନ୍ତେ କାରଣ ଶତ୍ରୁ ସେମାନଙ୍କୁ ଛାଡ଼ି ପଳାୟନ କରିସାରିଥିଲା । କିନ୍ତୁ ମୁହମ୍ମଦ ବିନ୍ ମୁସ୍‌ଲିମା ମହିଳା ଓ ପିଲାମାନଙ୍କ ସହିତ କୌଣସି ବିବାଦ ନ କରି କେବଳ ସାଧାରଣ ମାଲେ ଗନିମତ୍ (ଯୁଦ୍ଧରେ ଜିଣା ଯାଇଥିବା ସାମଗ୍ରୀ) ଯାହା ଓଟ ଓ ଛେଳି ଭିତରେ ସୀମିତ ଥିଲା, ତାହା ଧରି ମଦିନା ଫେରି ଆସିଲେ ।

ଏହି ଅଭିଯାନରୁ ପ୍ରତ୍ୟାବର୍ତନ ସମୟରେ ସୁମାମା ବିନ୍ ଉସାଲଙ୍କୁ କଏଦୀ କରାଯିବାର ଘଟଣା ଘଟିଲା । ସେ ୟମାମାର ବାସିନ୍ଦା ଥିଲା ଏବଂ ବନୁ ହନିଫା କବିଲାର ଜଣେ ପ୍ରଭାବଶାଳୀ ମୁଖିଆ ଥିଲା ଓ ସେ ଇସ୍‌ଲାମ୍‌ର ଶତୃତାରେ ଏତେ ବଢ଼ି ଯାଇଥିଲା ଯେ ସେ ସର୍ବଦା ନିରୀହ ମୁସଲମାନମାନଙ୍କୁ ହତ୍ୟା କରିବା ଆଶାରେ ରହୁଥିଲା । ଅତଃ ଏକଦା ଆଁ ହଜ୍‌ରତ୍ ସ:ଆ:ସଙ୍କର ଜଣେ ଦୂତ ତା ଅଂଚଳକୁ ଯାଇଥିଲେ । ସେ ଯୁଦ୍ଧର ସମସ୍ତ ନିୟମାବଳୀକୁ ଭୂଲିଯାଇ ତାଙ୍କୁ (ଅର୍ଥାତ ଦୂତଙ୍କୁ) ହତ୍ୟା କରିବା ପାଇଁ ଷଡ଼୍‌ଯନ୍ତ୍ର କଲା । ବରଂ ଥରେ ସେ ନିଜେ ମୁହମ୍ମଦ ସ:ଆ:ସଙ୍କୁ ହତ୍ୟା କରିବାପାଇଁ ବି ମନସ୍ଥ କରିଥିଲା । ଯେତେବେଳେ ମୁହମ୍ମଦ ବିନ୍ ମୁସ୍‌ଲିମାଙ୍କ ଦଳ ସେହି ସୁମାମାକୁ ବନ୍ଦୀ କରି ଧରି ଆଣିଲେ, ସେମାନଙ୍କୁ ଏହା ଜଣା ନଥିଲା ଯେ ଏହି ବ୍ୟକ୍ତି ଜଣକ କିଏ ? ବରଂ ସେମାନେ ତାକୁ କେବଳ ସନ୍ଦେହ ଆଧାରରେ ବନ୍ଦୀ କରିନେଇଥିଲେ । ଜଣାପଡୁଛି ବୋଧ ହୁଏ ସୁମାମା ଅତ୍ୟନ୍ତ ଚତୁରତାର ସହିତ ନିଜର ପ୍ରକୃତ ପରିଚୟ ସେମାନଙ୍କ ନିକଟରେ ପ୍ରକାଶ କରିବାକୁ ଦେଇ ନଥିଲା । କାରଣ ସେ ଜାଣିଥିଲା ଯେ ମୁଁ ଇସ୍‌ଲାମ୍ ବିରୁଦ୍ଧରେ ବିପଜନ୍ନକ ଅପରାଧ କରିସାରିଛି । ଯଦି ଇସ୍‌ଲାମ୍‌ର ଏହି ସ୍ୱାଭିମାନୀ ସିପାହୀମାନଙ୍କୁ ଏକଥା ଜଣାପଡ଼ିଯାଏ ଯେ ମୁଁ କିଏ, ତେବେ ବୋଧ ହୁଏ ସେମାନେ ମୋ ଉପରେ କଠୋରତା ଅବଲମ୍ବନ କରିବେ ଅବା ହତ୍ୟା କରିଦେବେ । କିନ୍ତୁ ସେ ନିଜେ ମୁହମ୍ମଦ ସ:ଆ:ସଙ୍କଠାରୁ ଉତମ ବ୍ୟବହାର ପାଇବାକୁ ଆଶା ରଖିଥିଲା । ସୁତରାଂ ମଦିନା ପହଂଚିବା ପର୍ଯ୍ୟନ୍ତ ମୁହମ୍ମଦ ବିନ୍ ମୁସ୍‌ଲିମାଙ୍କ ଦଳ ସୁମାମାର ବ୍ୟକ୍ତିତ୍ୱ ସମ୍ବନ୍ଧରେ ଅବଗତ ନଥିଲା ।

ମଦିନାରେ ପହଂଚି ଯେବେ ସୁମାମାକୁ ଆଁ ହଜ୍‌ରତ୍ ସ:ଆ:ସଙ୍କ ସମ୍ମୁଖରେ ପେଶ୍ କରାଗଲା । ମହାଭାଗ ସ:ଆ:ସ ତାକୁ ଦେଖି ସଙ୍ଗେ ସଙ୍ଗେ ଚିହ୍ନିନେଲେ ଏବଂ ମୁହମ୍ମଦ ବିନ୍ ମୁସ୍‌ଲିମା ଓ ତାଙ୍କ ସାଥିମାନଙ୍କୁ କହିଲେ ଜାଣିଛ ଏହି ବ୍ୟକ୍ତି ଜଣକ କିଏ ? ସେମାନେ ତାକୁ ଜାଣିନାହାନ୍ତି ବୋଲି କହିଲେ । ପୁଣି ମହାଭାଗ ସ:ଆ:ସ ସେମାନଙ୍କୁ ତା’ର ପ୍ରକୃତ ପରିଚୟ ଦେଲେ । ତା’ପରେ ମହାଭାଗ ସ:ଆ:ସ ନିଜ ଅଭ୍ୟାସ ମୁତାବକ ସୁମାମାଙ୍କ ସହିତ ଭଲ ବ୍ୟବହାର କରିବାକୁ ନିର୍ଦ୍ଦେଶ ଦେଲେ, ପୁଣି ଘର ଭିତରକୁ ଯାଇ ଏ ଆଦେଶ ଦେଲେ ଯେ ଯାହା କିଛି ଖାଦ୍ୟ ପ୍ରସ୍ତୁତ ଅଛି, ସୁମାମା ପାଇଁ ପଠାଇ ଦିଅ । ତତ୍‌ସହିତ ଆପଣ ସ:ଆ:ସ ସାହାବାମାନଙ୍କୁ କହିଲେ ଯେ ସୁମାମାଙ୍କୁ ଅନ୍ୟ କୌଣସି କୋଠରୀରେ ରଖିବା ପରିବର୍ତେ ମସ୍‌ଜିଦ୍ ନବୱିର ପ୍ରାଙ୍ଗଣରେ ହିଁ କୌଣସି ଖୁଂଟିରେ ବାନ୍ଧି ବନ୍ଦୀ କରି ରଖାଯାଉ । ଏପରି କରିବାରେ ମହାଭାଗ ସ:ଆ:ସଙ୍କର ଏ ଉଦ୍ଦେଶ୍ୟ ଥିଲା ଯେ ମହାଭାଗା ସ:ଆ:ସଙ୍କ ମଜ୍‌ଲିସ୍ ଏବଂ ମୁସଲମାନମାନଙ୍କ ନମାଜଗୁଡ଼ିକ ସୁମାମାଙ୍କ ଆଖି ଆଗରେ ଅନୁଷ୍ଠିତ ହେଉ ଓ ତା’ର ହୃଦୟ ଏହିସବୁ ଆଧାତ୍ମିକ ଦୃଶ୍ୟ ଦ୍ୱାରା ପ୍ରଭାବିତ ହୋଇ ଇସ୍‌ଲାମ୍ ଆଡ଼କୁ ଢ଼ଳି ଯାଉ । ସେହି ଦିନମାନଙ୍କରେ ଆଁ ହଜ୍‌ରତ୍ ସ:ଆ:ସ ସକାଳୁ ସକାଳୁ ସୁମାମା ନିକଟକୁ ଯାଇ ତାକୁ ଦେଖା କରି ତା ଅବସ୍ଥା ବିଷୟରେ ପଚାରି ବୁଝୁଥିଲେ ଓ କହୁଥିଲେ, “ସୁମାମା ! ବତାଅ ଏବେ ତୁମର କଣ ଉଦ୍ଦେଶ୍ୟ ରହିଛି ?” ସୁମାମା ଉତର ଦିଏ “ହେ ମୁହମ୍ମଦ ! (ସ:ଆ:ସ) ଯଦି ଆପଣ ମତେ ହତ୍ୟା କରିବେ, ତା’ହେଲେ ତୁମର ଏ ଅଧିକାର ରହିଛି କାରଣ ମୋ ବିରୁଦ୍ଧରେ ରକ୍ତପାତ କରିବାର ଅଭିଯୋଗ ରହିଛି କିନ୍ତୁ ଯଦି ଆପଣ ମୋ ଉପରେ ଅନୁଗ୍ରହ କରିବେ ତା’ହେଲେ ଆପଣ ମତେ କୃତଜ୍ଞ ପାଇବେ । ଯଦି ଆପଣ ଫିଦିୟା (ପ୍ରାଣମୂଲ୍ୟ/ମୁକ୍ତିପ୍ରତିଦାନ) ନେବାକୁ ଚାହାନ୍ତି ତା’ହେଲେ ମୁଁ ଫିଦିୟା ଦେବାକୁ ପ୍ରସ୍ତୁତ ଅଛି ।” ତିନିଦିନ ପର୍ଯ୍ୟନ୍ତ ଏହି

ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।

ପ୍ରଶ୍ନୋତର ଜାରି ରହିଲା । ଶେଷରେ ତୃତୀୟ ଦିନ ଆଁ ହଜ୍‌ରତ୍ ସ:ଆ:ସ ସ୍ୱୟଂ ନିଜେ ସାହାବାମାନଙ୍କୁ ନିର୍ଦ୍ଦେଶ ଦେଲେ ଯେ "ସୁମାମାକୁ ସ୍ୱାଧିନ କରିଦିଅ" ସାହାବାମାନେ ତାକୁ ତତ୍‌କ୍ଷଣାତ୍ ମୁକ୍ତ କରିଦେଲେ ଓ ସୁମାମା ଶିଘ୍ର ଶିଘ୍ର ମସ୍‌ଜିଦ୍‌ରୁ ବାହାରକୁ ଚାଲିଗଲା । ବୋଧ ହୁଏ ସାହାବାଗଣ ଏହା ଭାବିଥିବେ ଯେ ଏବେ ସୁମାମା ନିଜ ଦେଶକୁ ଫେରିଯିବ କିନ୍ତୁ ଆଁ ହଜ୍‌ରତ୍ ସ:ଆ:ସ ଏକଥା ବୁଝି ସାରିଥିଲେ ଯେ ସୁମାମାର ହୃଦୟ ପରିବର୍ତନ ହୋଇସାରିଛି । ଅତଃ ସେ ନିକଟସ୍ଥ ଗୋଟିଏ ବଗିଚା ନିକଟକୁ ଗଲା ଓ ସେଠାରୁ ଗାଧୁଆ ପାଧୁଆ କରି ଫେରି ଆସିଲା । ଆସିବା ସଙ୍ଗେ ସଙ୍ଗେ ଆଁ ହଜ୍‌ରତ୍ ସ:ଆ:ସଙ୍କ ହାତରେ ମୁସଲମାନ ହୋଇଗଲା । ତା"ପରେ ସେ ଆଁ ହଜ୍‌ରତ୍ ସ:ଆ:ସଙ୍କୁ ନିବେଦନ କଲା "ହେ ଅଲ୍ଲାଃଙ୍କ ରସୁଲ୍ ! ଏପରି ଏକ ସମୟ ଥିଲା ମତେ ସାରା ସଂସାରରେ ଆପଣଙ୍କ ଅସ୍ତିତ୍ୱ ସହିତ, ଆପଣଙ୍କ ଧର୍ମ ସହିତ ଏବଂ ଆପଣଙ୍କ ସହର ସହିତ ସବୁଠାରୁ ଅଧିକ ଶତ୍ରୁତା ଥିଲା । ବର୍ତମାନ ମତେ ଆପଣଙ୍କ ଅସ୍ତିତ୍ୱ, ଆପଣଙ୍କ ଧର୍ମ ଏବଂ ଆପଣଙ୍କ ସହର ସବୁଠାରୁ ଅଧକ ପ୍ରୀୟ ଲାଗୁଛି ।"

ସେହି ଦିନ ସନ୍ଧ୍ୟାବେଳେ ଯେବେ ସବୁଦିନ ପରି ସୁମାମାଙ୍କ ପାଇଁ ଖାଦ୍ୟ ଅଣାଗଲା, ସେ ଅଳ୍ପ ଟିକିଏ ଖାଇ ବାକି ତକ ଛାଡ଼ିଦେଲା । ଏହା ଦେଖି ସାହାବାମାନେ ବହୁତ ଆଶ୍ଚର୍ଯ୍ୟ ହେଲେ ଯେ ଆଜି ସକାଳ ପର୍ଯ୍ୟନ୍ତ ସୁମାମା ବହୁତ ଖାଦ୍ୟ ଖାଉଥିଲେ । ସତେ ଯେପରି ସେ ଜଣେ ପେଟୁ ଥିଲେ କିନ୍ତୁ ଏବେ ସେ ବହୁତ କମ୍ ଖାଦ୍ୟ ଖାଇଲେ । ଏକଥା ଆଁ ହଜ୍‌ରତ୍ ସ:ଆ:ସଙ୍କ ନିକଟରେ ପହଂଚିଲା । ଏଥିରେ ମହାଭାଗ ସ:ଆ:ସ କହିଲେ "ସକାଳ ପର୍ଯ୍ୟନ୍ତ ସୁମାମା କାଫିର୍‌ମାନଙ୍କ ପରି ଖାଉଥିଲେ ଏବେ ସେ ଜଣେ ମୁସଲମାନ ପରି ଖାଦ୍ୟ ଖାଇଛନ୍ତି ।" ପୁଣି ମହାଭାଗ ସ:ଆ:ସ ଏହି କଥାକୁ ବ୍ୟାଖ୍ୟା କରି ଏପରି କହିଲେ ଯେ "କାଫିର୍ (ଅବିଶ୍ୱାସକାରୀ) ସାତଟି ଅନ୍ତନଳୀରେ ଖାଦ୍ୟ ଖାଇଥାଏ କିନ୍ତୁ ମୁସଲମାନ କେବଳ ଗୋଟିଏ ଅନ୍ତନଳୀରେ ଖାଦ୍ୟ ଖାଇଥାଏ ।" ଏହି କଥାର ଭାବାର୍ଥ ଏହା ଥିଲା ଯେ ଯେଉଁଠି ଜଣେ କାଫିର୍ ସାଂସାରିକ ଭୋଗ ବିଳାସରେ ମଜ୍ଜି ରହିଥାଏ ସେଠି ଜଣେ ସଚ୍ଚା ମୁସଲମାନ ନିଜର ଶାରିରୀକ ଆବଶ୍ୟକତାକୁ କେବଳ ସେତିକିରେ ସୀମିତ ରଖିଥାଏ ଯେତିକି ତାକୁ ଜୀବନ ବଂଚାଇବା ପାଇଁ ଜରୁରୀ ହୋଇଥାଏ । କାରଣ ତାକୁ ପ୍ରକୃତ ଆନନ୍ଦ କେବଳ ଧର୍ମରେ ହିଁ ପ୍ରାପ୍ତ ହୋଇଥାଏ । ଏକଥା ବି ମନେ ରଖିବା ଉଚିତ ଯେ ଏଠାରେ ଯେଉଁ ସାତ ଶବ୍ଦ ବ୍ୟବହାର କରାଯାଇଅଛି, ତାହାର ଅର୍ଥ ଗାଣିତ୍ୟିକ ସଂଖ୍ୟା ନୁହେଁ, ବରଂ ଆରବୀୟ ବାର୍ତାଳାପ ଅନୁଯାୟୀ ସାତ ସଂଖ୍ୟାଟିକୁ ବହୁଳତା ଓ ପୂର୍ଣ୍ଣତା ପ୍ରକାଶ କରିବା ପାଇଁ ମଧ୍ୟ ବ୍ୟବହାର ହୋଇଥାଏ । ଏଠାରେ ଏହାର ଅର୍ଥ ହେଉଛି ଜଣେ କାଫିର୍ (ଅବିଶ୍ୱାସୀ) ସାଂସାରୀକ ଭୋଗ ବିଳାସରେ ବୁଡ଼ି ରହିଥାଏ ଓ ତାହାର ସମସ୍ତ ଧ୍ୟାନ ସାଂସାରିକ କାର୍ଯ୍ୟରେ ମଗ୍ନ ରହିଥାଏ କିନ୍ତୁ ଜଣେ ମୋମିନ୍ ନିଜକୁ ସାଂସାରିକ ଭୋଗ ବିଳାସରୁ ନିଜକୁ ନିବୃତ ରଖିଥାଏ ଏବଂ ପ୍ରକୃତ ଆବଶ୍ୟକତାଠାରୁ ଆଗକୁ ବଢ଼େନାହିଁ । କାରଣ ତା'ର ପ୍ରକୃତ ଆନନ୍ଦର କ୍ଷେତ ହେଉଛି ଅଲଗା । ଏହି ଶିକ୍ଷା ଆଁ ହଜ୍‌ରତ୍ ସ:ଆ:ସଙ୍କ ସ୍ୱାଭାବିକ ପ୍ରବୃତି ଏବଂ ତାଙ୍କ ବ୍ୟକ୍ତିଗତ ଚରିତ୍ରର ଏକ ବହୁତ ସତ୍ୟସିଦ୍ଧ ଦର୍ପଣ ଅଟେ ।

ମୁସଲମାନ ହେବା ପରେ ସୁମାମା ଆଁ ହଜ୍‌ରତ୍ ସ:ଆ:ସଙ୍କୁ ନିବେଦନ କଲା ଯେ "ହେ ଅଲ୍ଲାଃଙ୍କ ରସୁଲ୍ ? ଯେତେବେଳେ ଆପଣଙ୍କ ଲୋକମାନେ ମତେ ବନ୍ଦୀ କଲେ, ସେତେବେଳେ ମୁଁ ଖାନାକାବାର ଉମ୍‌ରାଃ (ପରିକ୍ରମା) କରିବାକୁ ଯାଉଥିଲି । ବର୍ତମାନ ମୋ ପାଇଁ କ'ଣ ଆଦେଶ ରହିଛି ? ମହାଭାଗ ସ:ଆ:ସ ତାଙ୍କୁ ଏହାର ଅନୁମତି ପ୍ରଦାନ କରି ଦୁଆ (ପ୍ରାର୍ଥନା) କଲେ, ତା'ପରେ ସୁମାମା ମକ୍କା ଆଡ଼କୁ ଚାଲିଗଲେ । ମକ୍କାରେ ପହଂଚି ସୁମାମା ଉତ୍ସାହ ପୂର୍ଣ୍ଣ ବିଶ୍ୱାସରେ କୁରୈଶ୍‌ମାନଙ୍କ ଗହଣରେ ଖୋଲାଖୋଲି ଭାବରେ ତବ୍‌ଲିଗ୍ (ଅର୍ଥାତ ଇସ୍‌ଲାମ୍‌ର ପ୍ରଚାର କାର୍ଯ୍ୟ) କରିବା ଆରମ୍ଭ କରିଦେଲେ । ଯେତେବେଳେ କୁରୈଶ୍ ଏହି ଦୃଶ୍ୟ ଦେଖିଲେ, ସେମାନଙ୍କ ଆଖିରେ ରକ୍ତ ଆସିଗଲା ଅର୍ଥାତ କ୍ରୋଧରେ ଜର୍ଜରିତ ହୋଇଗଲେ ଏବଂ ସୁମାମାଙ୍କୁ ଧରି ହତ୍ୟା କରିବାକୁ ଚାହିଁଲେ । କିନ୍ତୁ ସେମାନେ ଯେତେବେଳେ ଏକଥା ଭାବିଲେ ଯେ ସୁମାମା ହେଉଛି ୟମାମା ଇଲାକାର ରଇସ୍ (ଜଣେ ମୁଖିଆ) ଏବଂ ୟମାମା ସହିତ ମକ୍କାର ଗଭୀର ବାଣିଜ୍ୟ ସମ୍ପର୍କ ରହିଛି ସେତେବେଳେ ସେମାନେ ନିଜର ଚିନ୍ତାଧାରାକୁ ପରିବର୍ତନ କଲେ ଅର୍ଥାତ ସୁମାମାଙ୍କୁ ମାରିବାର ଯେଉଁ ମନସ୍ଥ କରିଥିଲେ, ତାହା ପରିତ୍ୟାଗ କଲେ ଓ ତାଙ୍କୁ ଏଣୁ ତେଣୁ କହି ଛାଡ଼ିଦେଲେ । କିନ୍ତୁ ସୁମାମାଙ୍କ ସ୍ୱଭାବ ବହୁତ ତୀବ୍ର ଆବେଗପୂର୍ଣ୍ଣ ଥିଲା ଓ କୁରୈଶ୍‌ର ଲୋକମାନେ ଆଁ ହଜ୍‌ରତ୍ ସ:ଆ:ସ ଓ ତାଙ୍କ ସାହାବାମାନଙ୍କ ଉପରେ ଯେଉଁ ଜୁଲମ ଅତ୍ୟାଚାର କରିଥିଲେ, ତାହା ସବୁ ସୁମାମାଙ୍କ ଆଖି ସାମନାରେ ଥିଲା । ତେଣୁ ସେ ମକ୍କାରୁ ବିଦାୟ ନେବାବେଳେ କୁରୈଶ୍‌ଙ୍କୁ କହିଲେ:-

"ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ଭବିଷ୍ୟତରେ ୟମାମା ଅଂଚଳରୁ ଶସ୍ୟ (ଅନ୍ନ)ର ଗୋଟିଏ ବି ଦାନା ତୁମମାନଙ୍କ ନିକଟକୁ ଆସିବ ନାହିଁ । ଯେ ପର୍ଯ୍ୟନ୍ତ ରସୁଲୁଲ୍ଲାଃ ସ:ଆ:ସ ଏହା କରିବାକୁ ଅନୁମତି ନ ଦେଇଛନ୍ତି ।

ନିଜ ଇଲାକାରେ ସୁମାମା ପହଂଚି ପ୍ରକୃତରେ ୟମାମାରୁ ମକ୍କା ଯାଉଥିବା କାଫିଲା ଗୁଡ଼ିକର ଯାତାୟାତକୁ ରୋକି ଦେଲେ । ଯେହେତୁ ମକ୍କାର ଅଧିକାଂଶ ଖାଦ୍ୟ ଶସ୍ୟ ୟମାମା ଇଲାକାରୁ ଆସୁଥିଲା । ତେଣୁ ସେହି ବାଣିଜ୍ୟ ବନ୍ଦ ହୋଇଯିବା ଯୋଗୁଁ ମକ୍କାର କୁରୈଶ୍ ଭୀଷଣ ଅସୁବିଧାରେ ପଡ଼ିଗଲେ । ଏବେ ଅଳ୍ପଦିନ ବିତିନଥିଲା ଯେ ସେମାନେ ଭୟଭୀତ ହୋଇ ମୁହମ୍ମଦ ସ:ଆ:ସଙ୍କ ନିକଟକୁ ଏକ ଚିଠି ଲେଖିଲେ ଯେ ଆପଣ ସର୍ବଦା ନିଜ ଲୋକମାନଙ୍କ ସହିତ ଦୟା ଆଚରଣ କରିଥାନ୍ତି, ଆମେମାନେ ତ ଆପଣଙ୍କର ଭାଇ ବନ୍ଧୁ ତେଣୁ ଆମକୁ ଏହି ଅସୁବିଧାରୁ ରକ୍ଷା କରନ୍ତୁ । ସେ ସମୟରେ ମକ୍କାର କୁରୈଶ୍ ଏତେମାତ୍ରାରେ ଭୟଭୀତ ହୋଇଯାଇଥିଲେ ଯେ ସେମାନେ କେବଳ ଗୋଟିଏ ଚିଠି ଲେଖି ଅଟକି ଗଲେନାହିଁ ବରଂ ନିଜର ମୁଖିଆ ଅବୁ ସୁଫିୟାନକୁ ମଧ୍ୟ ଆଁ ହଜ୍‌ରତ୍ ସ:ଆ:ସଙ୍କ ନିକଟକୁ ପଠାଇଲେ । ସେ ମୁହମ୍ମଦ ସ:ଆ:ସଙ୍କ ସେବାରେ ଉପସ୍ଥିତ ହୋଇ ବହୁତ ବିଳାପ କଲା ଓ ନିଜ ସମ୍ପ୍ରଦାୟର ଦୁଃଖ ଓ ଅସୁବିଧା କଥା ବଖାଣି ଦୟା ମାଗିଲା । ଏଥିରେ ଆଁ ହଜ୍‌ରତ୍ ସ:ଆ:ସ ସୁମାମା ବିନ୍ ଉସାଲ୍‌ଙ୍କୁ ନିର୍ଦ୍ଦେଶ ପଠାଇଲେ ଯେ କୁରୈଶ୍‌ର ସେହି କାଫିଲାଗୁଡ଼ିକୁ ରୋକି ରଖନ୍ତୁ ନାହିଁ, ଯେଉଁ କାଫିଲାଗୁଡ଼ିକରେ ମକ୍କାବାସୀଙ୍କ ପାଇଁ ଖାଦ୍ୟ ଶସ୍ୟ ରହିଛି । ଅତଃ ସେହି ବାଣିଜ୍ୟର ଧାରା ପୁଣି ଆରମ୍ଭ ହେଲା ଫଳତଃ ମକ୍କାର ଲୋକମାନେ ସେହି ଅସୁବିଧାରୁ ରକ୍ଷା ପାଇଗଲେ । ଏହି ଘଟଣା....... ମୁହମ୍ମଦ ସ:ଆ:ସଙ୍କ ଅପୂର୍ବ ଦୟା ଓ କ୍ଷମାର ଏକ ଜ୍ୱଳନ୍ତ ପ୍ରମାଣ ।

***(ସିରତ୍ ଖାତ୍‌ମୁନ୍ ନବୀୟିନ୍........ପୃ-୬୬୨)***

ପୁଣିଥରେ ଅବୁ ସୁଫିୟାନ ଆଁ ହଜ୍‌ରତ୍ ସ:ଆ:ସଙ୍କୁ ହତ୍ୟା କରିବାକୁ ଷଡ଼ଯନ୍ତ୍ର କରିଥିଲା ଏବଂ ଜଣେ ବେଦୁଇନ୍ (ଜନଜାତିର ଲୋକ)କୁ ମହାଭାଗ ସ:ଆ:ସଙ୍କୁ ହତ୍ୟା କରିବାପାଇଁ ପଠାଇଲା । ମୁହମ୍ମଦ ସ:ଆ:ସଙ୍କୁ ସୁରକ୍ଷା ଦେବା ପାଇଁ ଅଲ୍ଲାଃ ସର୍ବଶକ୍ତିମାନ ସ୍ୱୟଂ ପ୍ରତିଶ୍ରୃତି ଦେଇଥିଲେ । ତେଣୁ ଜଣେ ହତ୍ୟାକାରୀ କିପରି ମହାଭାଗ ସ:ଆ:ସଙ୍କ ନିକଟରେ ପହଂଚିପାରିଥାନ୍ତା । ଏପରି ଷଡ଼ଯନ୍ତ୍ର ହଜାର ଥର କାହିଁକି ନ ହେଉ । ସେ ଯାହା ହେଉ ହତ୍ୟା କରିବାକୁ ଆସିଥିବା ବ୍ୟକ୍ତି ଧରାପଡ଼ିଲା ଓ ଆଁ ହଜ୍‌ରତ୍ ସ:ଆ:ସ ତାକୁ ମଧ୍ୟ କ୍ଷମା ଦେଇଦେଲେ । ହଜ୍‌ରତ୍ ମିର୍ଜା ବଶିର୍ ଅହ୍‌ମଦ୍ ସାହେବ୍ ଏମ୍.ଏ ର:ଅ ଉଲ୍ଲେଖ କରିଛନ୍ତି:-

ଅହ୍‌ଜାବ୍ ଯୁଦ୍ଧରେ ଅପମାନଜନକ ବିଫଳତାର ସ୍ମୃତି ମକ୍କାର କୁରୈଶ୍‌ମାନଙ୍କ ମନ ଓ ଶରୀରରେ ନିଆଁ ଲଗାଇ ଦେଇଥିଲା । ସ୍ୱଭାବିକ ଭାବରେ ଏହି ହୃଦୟର ଅଗ୍ନି ଅଧିକତଃ ଅବୁସୁଫିୟାନର ମନରେ ଜଳିଉଠୁଥିଲା । ସେ ମକ୍କାର ରଇସ୍ (ସମ୍ଭ୍ରାନ୍ତ ଓ ମୁଖିଆ) ଥିଲା ଓ ଅହଜାବ୍ ଯୁଦ୍ଧର ଅଭିଯାନରେ ବିଶେଷ ରୂପେ ଅପମାନିତ ହୋଇଥିଲା । କିଛି ଦିନ ପର୍ଯ୍ୟନ୍ତ ଅବୁ ସୁଫିୟାନ୍ ଏହି ଅଗ୍ନିରେ ଭିତରେ ଭିତରେ ଜଳିବାକୁ ଲାଗିଲା କିନ୍ତୁ ଶେଷରେ ସେ ଧୈର୍ଯ୍ୟହରା ହୋଇଗଲା ଓ ସେହି ଅଗ୍ନିର ଲୁକ୍କାୟିତ ବହ୍ନି ବାହାରକୁ ବାହାରିବା ଆରମ୍ଭ ହେଲା । ସ୍ୱଭାବିକ ଭାବରେ କୁଫ୍‌ଫାର (ଅବିଶ୍ୱାସୀ)ମାନଙ୍କର ସବୁଠାରୁ ଅଧିକ ଶତ୍ରୁତା ବରଂ କହିବାକୁ ଗଲେ ଅସଲ ଶତ୍ରୁତା ଆଁ ହଜ୍‌ରତ୍ ସ:ଆ:ସଙ୍କ ସହିତ ଥିଲା । ତେଣୁ ଅବୁ ସୁଫିୟାନ୍ ଏ ଚିନ୍ତାରେ ପଡ଼ିଗଲା ଯେ ଯେବେ ବାହ୍ୟ ଯୋଜନା ଓ ଷଡ଼ଯନ୍ତ୍ରର କିଛି ଫଳ ବାହାରିଲା ନାହିଁ ତେବେ କିଛି ଗୁପ୍ତ ଉପାୟ ଓ ଯୋଜନା କରି ମୁହମ୍ମଦ (ସ:ଆ:ସ)ଙ୍କୁ କାହିଁକି ଶେଷ କରି ନ ଦିଆଯିବ । ସେ ଜାଣିଥିଲା ଯେ ମୁହମ୍ମଦ ସ:ଆ:ସଙ୍କ ଆଖପାଖରେ କୌଣସି ବିଶେଷ ପହରା ରହେନାହିଁ । ବରଂ ବେଳେବେଳେ ମହାଭାଗ ସ:ଆ:ସ ସମ୍ପୁର୍ଣ୍ଣ ଅସୁରକ୍ଷିତ ଅବସ୍ଥାରେ ଯାଆ ଆସ କରିଥାନ୍ତି । ସହରର ଗଳିକନ୍ଦିରେ ବୁଲିଥାନ୍ତି । ପ୍ରତ୍ୟହ ଅତି କମ୍‌ରେ ପାଚଂବେଳା ନମାଜ ପଢ଼ିବାକୁ ଯାଇଥାନ୍ତି । ଯାତ୍ରା କରିବା ସମୟରେ ସମ୍ପୁର୍ଣ୍ଣ ରୂପେ ବିନା ଦ୍ୱିଧାରେ ଖୋଲାଖୋଲି ଭାବରେ ରହିଥାନ୍ତି । ଏହାଠାରୁ ଭଲ ସୁଯୋଗ ଜଣେ ଭଡ଼ାଟିଆ ହତ୍ୟାକାରୀ ପାଇଁ ଆଉ କଣ ହୋଇପାରିଥାନ୍ତା ? ଏହି ଭାବନା ଆସିବା କ୍ଷଣି ଅବୁ ସୁଫିୟାନ୍ ଭିତରେ ଭିତରେ ଆଁ ହଜ୍‌ରତ୍ ସ:ଆ:ସଙ୍କୁ ହତ୍ୟା କରିବାର ଯୋଜନାକୁ ଦୃଢ଼ କରିବା ଆରମ୍ଭ କରିଦେଲା ।

ଯେତେବେଳେ ସେ ଏହି ଉଦ୍ଦେଶ୍ୟକୁ ଚରିତାର୍ଥ କରିବାକୁ ସମ୍ପୁର୍ଣ୍ଣ ରୂପେ ପ୍ରତିବଦ୍ଧ ହେଲା ଦିନେ ସେ ଏହାର ସୁଯୋଗ ନେଇ କୁରୈଶ୍‌ର କିଛି ଯୁବକମାନଙ୍କୁ କହିଲା ଯେ "କଣ ତୁମମାନଙ୍କ ମଧ୍ୟରେ ଏମିତି କିଏ ବାହାଦୂର ଯୁବକ ନାହିଁ ଯିଏ ମଦିନା ଯାଇ ଗୁପ୍ତ ଭାବରେ ମୁହମ୍ମଦ (ସ:ଆ:ସ)ଙ୍କୁ ଶେଷ କରିପାରିବ ? ତୁମେମାନେ ଏକଥା ଜାଣିଛ ଯେ ମୁହମ୍ମଦ ଖୋଲାଖୋଲି ଭାବରେ ମଦିନାର ଗଳିକନ୍ଦିରେ ବୁଲୁଛନ୍ତି" ସେହି ଯୁବକମାନେ ଏକଥା ଶୁଣିଲେ ଓ ଚାଲିଗଲେ । ଏବେ ଅଳ୍ପଦିନ ବିତିନଥିଲା ଯେ ଜଣେ ବେଦୁଇନ୍ (ଜନଜାତିରେ ବାସ କରୁଥିବା) ଯୁବକ ଅବୁ ସୁଫିୟାନ ନିକଟକୁ ଆସି କହିଲା "ମୁଁ ଆପଣଙ୍କ ଯୋଜନା ବିଷୟରେ ଶୁଣିଲି ଓ ଏଥିପାଇଁ ମୁଁ ଉପସ୍ଥିତ ହୋଇଛି । ମୁଁ ହେଉଛି ଜଣେ ଶକ୍ତ ହୃଦୟଧାରୀ ପରିପକ୍ୱ ବ୍ୟକ୍ତି ଯାହାର ଜାବୁଡ଼ା କଠିନ ଓ ଯାହାର ଆକ୍ରମଣ ତତ୍‌କ୍ଷଣାତ୍ ହୋଇଥାଏ । ଯଦି ଆପଣ ମତେ ଏହି କାର୍ଯ୍ୟ କରିବା ପାଇଁ ନିୟୋଜିତ କରି ମତେ ସାହାଯ୍ୟ କରିବେ ତା'ହେଲେ ମୁଁ ମୁହମ୍ମଦ (ସ:ଆ:ସ)ଙ୍କୁ ହତ୍ୟା କରିବା ଉଦ୍ଦେଶ୍ୟରେ ଯିବା ପାଇଁ ପ୍ରସ୍ତୁତ ଅଛି । ମୋ ନିକଟରେ ଏପରି ଏକ ଖଞ୍ଜର (ଏକପ୍ରକାରର ଛୁରା) ଅଛି ଯାହା ଶିକାରୀ ଶାଗୁଣାର ଲୁକ୍କାୟିତ ପର ସଦୃଶ ରହିବ । ତେଣୁ ମୁଁ ମୁହମ୍ମଦ (ସ:ଆ:ସ)ଙ୍କ ଉପରେ ଆକ୍ରମଣ କରିବି ପୁଣି ପଳାଇଯାଇ କୌଣସି ଏକ କାଫିଲାରେ ମିଶିଯିବି ଓ ମୁସଲମାନମାନେ ମତେ ଧରିପାରିବେ ନାହିଁ ଏବଂ ମୁଁ ମଦିନାର ରାସ୍ତାଘାଟ ବିଷୟରେ ଭଲ ଭାବରେ ଅବଗତ ।" ଏହା ଶୁଣି ଅବୁ ସୁଫିୟାନ୍ କହିଲା "ସେତିକି ସେତିକି, ତୁମେ ଆମ ମତଲବ୍‌ର ଲୋକ" ତା'ପରେ ଅବୁ ସୁଫିୟାନ୍ ତାକୁ ଗୋଟିଏ ଦ୍ରୁତ ଗତିରେ ଧାଉଁଥିବା ଓଟ ଓ କିଛି ଖାଦ୍ୟପେୟ ଜିନିଷ ଦେଇ ବିଦା କଲା ଏବଂ ତାଗିଦ୍ କରି କହିଲା ଯେ ତୁମେ ଏହି ରହସ୍ୟକୁ କାହା ଆଗରେ ପ୍ରକାଶ କରିବ ନାହିଁ ।

ମକ୍କା ଛାଡ଼ିବା ପରେ ଏହି ବ୍ୟକ୍ତି ଜଣକ ଦିନ ବେଳେ ଲୁଚି ରହେ ଓ ରାତ୍ରି ସମୟରେ ଯାତ୍ରା କରି ମଦିନା ଅଭିମୁଖେ ଚାଲେ। ସୁତରାଂ ଷଷ୍ଠ ଦିନରେ ସେ ମଦିନାରେ ପହଂଚିଗଲା ଏବଂ ମୁହମ୍ମଦ ସ:ଆ:ସଙ୍କ ଠିକଣା ବୁଝି ସିଧା ବନି ଅବଦଲ୍ ଅଶ୍‌ହଲ୍ କବିଲାର

ମସ୍‌ଜିଦ୍‌ରେ ପହଂଚିଗଲା ଯେଉଁଠି ମହାଭାଗ ସ:ଆ:ସ ସେତେବେଳେ ଉପସ୍ଥିତ ଥିଲେ । ଯେହେତୁ ସେହି ଦିନମାନଙ୍କରେ ମଦିନାକୁ ନୂଆ ନୂଆ ଲୋକ ଆସୁଥିଲେ, ସେଥିଯୋଗୁଁ କୌଣସି ମୁସଲମାନ ତାକୁ ସନ୍ଦେହ କରିନଥିଲେ । କିନ୍ତୁ ଯେଉଁକ୍ଷଣି ଆଁ ହଜ୍‌ରତ୍ ସ:ଆ:ସ ତାକୁ ନିଜ ଆଡ଼କୁ ଆସିବାର ଦେଖିଲେ, ଆପଣ ସ:ଆ:ସ କହିଲେ ଏହି ଲୋକ ଜଣକ କୌଣସି ଖରାପ ଉଦ୍ଦେଶ୍ୟ ନେଇ ଆସିଛି । ସେ ଏକଥା ଶୁଣି ଆହୁରି ଶିଘ୍ର ଶିଘ୍ର ମହାଭାଗ ସ:ଆ:ସଙ୍କ ଆଡ଼କୁ ମାଡ଼ି ଆସିଲା କିନ୍ତୁ ଜଣେ ଅନ୍‌ସାରୀ ରଇସ୍ ଉସୈଦ୍ ବିନ୍ ହଜୈର୍ ତୁରନ୍ତ ଡ଼େଇଁପଡ଼ି ସେହି ଲୋକକୁ କୁଣ୍ଢାଇ ଧରି ପକାଇଲେ ଏବଂ ଦୁହିଁଙ୍କ ମଧ୍ୟରେ ସଂଘର୍ଷ ଚାଲିଥିବା ସମୟରେ ତାଙ୍କ ହାତ ସେହି ଲୋକଟି ଲୁଚାଇଥିବା ଖଞ୍ଜର୍ (ଏକପ୍ରକାରର ବଡ଼ ଛୁରା) ଉପରେ ପଡ଼ିଗଲା । ଏଥିରେ ସେ ଭୟଭୀତ ହୋଇ କହିବାକୁ ଲାଗିଲା "ମେରା ଖୁନ୍ ମେରା ଖୁନ୍" (ଅର୍ଥାତ ମୋ ରକ୍ତ ମୋ ରକ୍ତ) । ଯେତେବେଳେ ତାକୁ କାବୁ କରିନିଆଗଲା, ଆଁ ହଜ୍‌ରତ୍ ସ:ଆ:ସ ତାକୁ ପଚାରିଲେ "ସତ କୁହ ତୁମେ କିଏ ଓ କ'ଣ ଉଦ୍ଦେଶ୍ୟ ନେଇ ଏଠାକୁ ଆସିଅଛ ?" ସେ କହିଲା ଯଦି ମୋ ଜୀବନ ବଂଚିବ ତା'ହେଲେ ମୁଁ ବତାଇବି । ମହାଭାଗ ସ:ଆ:ସ କହିଲେ ହଁ ଯଦି ତୁମେ ସବୁକଥା ସତ କହିବ ତା'ହେଲେ ତୁମକୁ କ୍ଷମା ଦିଅଯିବ । ଏଥିରେ ସେ ସମ୍ପୁର୍ଣ୍ଣ ଘଟଣାବଳୀ ବତାଇ ଦେଲା ଓ ଏକଥା ମଧ୍ୟ କହିଲା ଯେ, ଅବୁ ସୁଫିୟାନ୍ ତାକୁ ଏହି କାର୍ଯ୍ୟ ପାଇଁ ପୁରସ୍କାର ଦେବ ବୋଲି ପ୍ରତିଶୃତି ଦେଇଥିଲା । ତା'ପରେ ସେହି ଲୋକ ଜଣକ ମଦିନାରେ କିଛିଦିନ ପର୍ଯ୍ୟନ୍ତ ରହିଲା ପୁଣି ନିଜ ଖୁସିରେ ମୁସଲମାନ ହୋଇଗଲା ଓ ଆଁ ହଜ୍‌ରତ୍ ସ:ଆ:ସଙ୍କ ପ୍ରେମୀମାନଙ୍କ ଗହଣରେ ପ୍ରବେଶ କରିଗଲା ।

***(ସିରତ୍ ଖାତ୍‌ମୁନ୍ ନବୀୟିନ୍..... ପୃ-୭୪୧)***

ଖୈବର ଯୁଦ୍ଧ ଅବସରରେ ଜଣେ ଇହୁଦୀ ମହିଳା, ଯାହା ମନ ଭିତରେ ଆଁ ହଜ୍‌ରତ୍ ସ:ଆ:ସଙ୍କ ପ୍ରତି ଅତ୍ୟନ୍ତ ଘୃଣା ଓ ବିଦ୍ୱେଷଭାବ ଭରି ରହିଥିଲା । ସେ ଆପଣ ସ:ଆ:ସଙ୍କୁ ବିଷ ଦେଇ ମାରିବାକୁ ଚାହିଁଲା । ସେହି ବିଷ ଦ୍ୱାରା ମହାଭାଗ ସ:ଆ:ସଙ୍କ ଜଣେ ସାହାବିଙ୍କର ମୃତ୍ୟୁ ମଧ୍ୟ ହୋଇଯାଇଥିଲା । କିନ୍ତୁ ଏହା ସତ୍ୱେ ମଧ୍ୟ ଆଁ ହଜ୍‌ରତ୍ ସ:ଆ:ସ ତା'ଠାରୁ କୌଣସି ପ୍ରତିଶୋଧ ନେଲେ ନାହିଁ ବରଂ କ୍ଷମା କରିଦେଲେ । ସୟଦନା ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ଉଲ୍ଲେଖ କରିଛନ୍ତି:-

ତୃତୀୟ ଘଟଣାଟି ହେଉଛି ଏପରି କି ଜଣେ ଇହୁଦୀ ମହିଳା ଆସି ସାହାବାମାନଙ୍କୁ ପଚାରିଲା ଯେ ରସୁଲେ୍ କରିମ୍ ସ:ଆ:ସ ପଶୁର କେଉଁ ଅଂଶର ମାଂସକୁ ପସନ୍ଦ କରନ୍ତି ? ସାହାବାମାନେ ବତାଇଲେ ଯେ ପଶୁର ଆଗ ଗୋଡ଼ର ମାଂସ ତାଙ୍କୁ ବହୁତ ପସନ୍ଦ । ତା'ପରେ ସେ ଗୋଟିଏ ଖାସି ଜେଭ (ହଲାଲ୍) କଲା ଓ ପଥର ଉପରେ କବାବ୍ ବନାଇଲା । ପୁଣି ସେହି ମାଂସରେ ବିଷ ମିଶାଇ ଦେଲା । ବିଶେଷ ରୂପେ ପଶୁର ଆଗ ଗୋଡ଼ର ମାଂସରେ ବିଷ ମିଶାଇଲା, କାରଣ ତାକୁ ଏକଥା ବତାଯାଇଥିଲା ଯେ ରସୁଲେ୍ କରିମ୍ ସ:ଆ:ସ ଏହି ମାଂସକୁ ଅଧିକ ଭଲ ପାଆନ୍ତି ।

ସୂର୍ଯ୍ୟାସ୍ତ ପରେ ଯେବେ ରସୁଲେ କରିମ୍ ସ:ଆ:ସ ସନ୍ଧ୍ୟା ବେଳର ନମାଜ ପାଠ କରି ନିଜ ଆବାସସ୍ଥଳୀକୁ ଲେଉଟୁ ଥିଲେ, ସେତେବେଳେ ସେ ଦେଖିଲେ ଯେ ତାଙ୍କ ତମ୍ବୁ ନିକଟରେ ଜଣେ ମହିଳା ବସିଛି । ମହାଭାଗ ସ:ଆ:ସ ତାକୁ ପଚାରିଲେ ଯେ ମା ତୁମର କଣ କାମ ଅଛି ? ସେ କହିଲା ହେ ଅବୁଲ୍ କାସିମ୍ ! ମୁଁ ଆପଣଙ୍କ ପାଇଁ ଏକ ଉପହାର ଆଣିଛି । ରସୁଲେ୍ କରିମ୍ ସ:ଆ:ସ ନିଜର ଜଣେ ସାଥି ସାହାବାଙ୍କୁ କହିଲେ ଇଏ ଯାହା ଜିନିଷ ଦେଉଛି, ତାହା ନେଇନିଅ । ତା'ପରେ ମହାଭାଗ ସ:ଆ:ସ ଖାଇବାକୁ ବସିଲେ । ଖାଦ୍ୟରେ ସେହି ଭଜା ମାଂସକୁ ମଧ୍ୟ ରଖାଗଲା । ରସୁଲେ୍ କରିମ୍ ସ:ଆ:ସ ସେହି ମାଂସରୁ ଖଣ୍ଡେ ଖାଇଲେ ଏବଂ ଆପଣ ସ:ଆ:ସଙ୍କ ଜଣେ ସାହାବି ବଶିର୍ ବିନ୍ ବରାଅ ବିନ୍ ଅଲ୍‌ମାରୁର୍ ବି ଖଣ୍ଡେ ଖାଇଲେ । ତା'ପରେ ବାକି ସାହାବାମାନେ ମଧ୍ୟ ମାଂସ ଖାଇବା ପାଇଁ ହାତ ବଢ଼ାଇଲେ । ମହାଭାଗ ସ:ଆ:ସ କହିଲେ ଖାଅ ନାହିଁ କାରଣ ଏହି ହାତ ମତେ ଖବର ଦେଇଛି ଯେ ମାଂସରେ ବିଷ ମିଶାଯାଇଛି । (ଏପରି କହିବାର ଏ ଅର୍ଥ ନୁହେଁ ଯେ ମହାଭାଗ ସ:ଆ:ସଙ୍କୁ ଏ ସମ୍ବନ୍ଧରେ କୌଣସି ଐଶିବାଣୀ ହୋଇଥିଲା ବରଂ ଏହା ଆରବ ଦେଶର ଲୋକମାନଙ୍କର କହିବା ଶୈଳୀ । ତା'ର ଅର୍ଥ ହେଉଛି ଏହା କି ଏହି ମାଂସକୁ ଚାଖି ମତେ ଜଣାପଡ଼ିଲା ଯେ ଏଥିରେ ବିଷ ମିଶାଯାଇଛି । ଅତଏବ ପବିତ୍ର କୁର୍‌ଆନ୍‌ରେ ହଜ୍‌ରତ୍ ମୁସା ଆ:ସଙ୍କ ଯୁଗର ଏକ ଘଟଣା ବର୍ଣ୍ଣିତ ହୋଇଛି । ସେଥିରେ ଗୋଟିଏ କାନ୍ଥ ସମ୍ବନ୍ଧରେ ଆସିଛି ଯେ ସେ ପଡ଼ିବାକୁ ଚାହୁଁଥିଲା । ଯାହାର ଅର୍ଥ କେବଳ ଏତିକି ଯେ ସେଥିରେ ପଡ଼ିଯିବାର ଲକ୍ଷଣ ଦେଖାଯାଉଥିଲା । ଅତଃ ଏଠାରେ ମଧ୍ୟ ମହାଭାଗ ସ:ଆ:ସ ଯେଉଁ କଥା କହିଲେ ଯେ "ସେହି ହାତ କହିଲା" ଅର୍ଥାତ ତା ମାଂସ ଚାଖିବାରେ ମତେ ଜଣାପଡ଼ିଲା । ସୁତରାଂ ତା'ର ପରବର୍ତୀ ବାକ୍ୟ ସେହି ଅର୍ଥକୁ ସ୍ପଷ୍ଟ କରିଦେଇଛି) । ଏହା ଶୁଣି ବଶିର୍ କହିଲେ ଯେଉଁ ଈଶ୍ୱର ଆପଣଙ୍କୁ ସମ୍ମାନ ଦେଇଛନ୍ତି ତାହାଙ୍କ ରାଣ ଖାଇ କହୁଛି ଯେ ମତେ ବି ସେହି ମାଂସ ଖଣ୍ଡରେ ବିଷ ଥିବାର ଜଣାପଡ଼ିଲା ଏବଂ ମୋର ଇଚ୍ଛା ହେଉଥିଲା ଯେ ମୁ ତାକୁ ଫିଙ୍ଗିଦେବି କିନ୍ତୁ ମୁଁ ଭାବିଲି ଯେ ଯଦି ମୁଁ ଏପରି କରେ ତେବେ କାଳେ ଆପଣଙ୍କୁ ଏହା ଖରାପ ଲାଗିବ ଓ ଆପଣଙ୍କ ଖାଦ୍ୟ ଖରାପ ହୋଇଯିବ କିନ୍ତୁ ଯେତେବେଳେ ଆପଣ ସେହି ମାଂସ ଖଣ୍ଡକୁ ଖାଇଦେଲେ ମୁଁ ବି ଆପଣଙ୍କ ଦେଖା ଦେଖି ମୁଁ ଖାଉଥିବା ମାଂସ ଖଣ୍ଡକୁ ଗିଳିଦେଲି । ଯଦିଓ ମୋର ମନ ଏହା କହୁଥିଲା ଯେ, ଯେହେତୁ ମତେ ସନ୍ଦେହ ଲାଗୁଛି ଯେ ଏଥିରେ ବିଷ ମିଶିଛି ତେଣୁ କାଳେ ଆପଣ ଏହି ମାଂସ ଖଣ୍ଡକୁ ନ ଖାଆନ୍ତେ କି । ପୁଣି କିଛି ସମୟ ପରେ ବଶିର୍ ର:ଅଙ୍କ ସ୍ୱାସ୍ଥ୍ୟ ଖରାପ ହୋଇଗଲା । କିଛି ରିଓ୍ୱାୟତ୍‌ରେ ଏହା ଆସିଛି ଯେ ସେ ସେଠାରେ, ଖୈବର୍‌ଠାରେ ହିଁ ମୃତ୍ୟୁ ବରଣ କରିଥିଲେ ଓ ଅନ୍ୟ କେତେକ ରିଓ୍ୱାୟତରେ ଆସିଛି ଯେ ସେ ଏହି ଘଟଣା ପରେ କିଛି ଦିନ ବେମାର ପଡ଼ିଲେ ପୁଣି ମୃତ୍ୟୁବରଣ କଲେ । ପୁଣି ମହାଭାଗ ସ:ଆ:ସ ସେଥିରୁ କିଛି ମାଂସ ଗୋଟିଏ କୁକୁର ସମ୍ମୁଖରେ ପକାଇଦେଲେ, ତାହା ଖାଇ ସେ ମରିଗଲା । ତା'ପରେ ମହାଭାଗ ସ:ଆ:ସ ସେହି ମହିଳାକୁ ଡ଼କାଇଲେ ଓ ପଚାରିଲେ ଯେ କଣ ତୁମେ ସେହି ଛେଳି ମାଂସରେ ବିଷ ମିଶାଇଥିଲ ? ସେ କହିଲା ଆପଣଙ୍କୁ ଏକଥା କିଏ ବତାଇଲା ? ମହାଭାଗ ସ:ଆ:ସ ହାତରେ ସେତେବେଳେ ସେହି ଛେଳିର ଆଗ ଗୋଡ଼ର ମାଂସ ଥିଲା, ତେଣୁ ମହାଭାଗ ସ:ଆ:ସ କହିଲେ:- ଏହି ହାତ ମତେ ବତାଇଲା । ସେହି ମହିଳା ଜଣକ ବୁଝିଗଲା ଯେ ମହାଭାଗ ସ:ଆ:ସଙ୍କ ନିକଟରେ ଏହି ଭଦେ ଖେଳି ଯାଇଛି ତେଣୁ ସେ ସ୍ୱୀକାର କଲା ଯେ ସେ ବିଷ ମିଶାଇ ଥିଲା । ପୁଣି ମହାଭାଗ ସ:ଆ:ସ ତାକୁ ପଚାରିଲେ ଯେ ଏହି ଅବାଞ୍ଛିତ କାର୍ଯ୍ୟ କରିବାକୁ ତୁମକୁ କେଉଁ କଥା ପ୍ରର୍ବତାଇ ଥିଲା ? ସେ ଉତର ଦେଲା ଯେ ମୋ କୌମ୍ (ସମ୍ପ୍ରଦାୟ) ସହିତ ଆପଣଙ୍କର ଯୁଦ୍ଧ ହୋଇଥିଲା ଫଳତଃ ମୋର ସମ୍ପର୍କୀୟମାନେ ସେହି ଯୁଦ୍ଧରେ ନିହତ ହୋଇଥିଲେ । ମୋ ମନରେ ଏ ଧାରଣା ଆସିଲା ଯେ ମୁଁ ତାଙ୍କୁ ବିଷ ଦେଇଦେବି । ଯଦି ତାଙ୍କର ବ୍ୟବସାୟ (ଅର୍ଥାତ ଏହି କାମ) ମଣିଷକୃତ ହୋଇଥିବ ତେବେ ଆମକୁ ସେଥିରୁ ମୁକ୍ତି ମିଳିଯିବ । ଯଦି ସେ ପ୍ରକୃତରେ ନବୀ ହୋଇଥିବେ ତା ହେଲେ ଖୁଦାତାଲା ତାଙ୍କୁ ସ୍ୱୟଂ ବଂଚାଇ ଦେବେ । ରସୁଲେ୍ କରିମ୍ ସ:ଆ:ସ ତା'ର ଏହି କଥା ଶୁଣି ତାକୁ କ୍ଷମା ଦେଇଦେଲେ । ତା'ର ଏପରି କର୍ମ ଯୋଗୁଁ ନିଶ୍ଚିତ ରୂପେ ତାକୁ ମୃତ୍ୟୁଦଣ୍ଡ ମିଳିବା କଥା କିନ୍ତୁ ମହାଭାଗ ସ:ଆ:ସ ଦଣ୍ଡ ଦେଲେ ନାହିଁ । ଏହି ଘଟଣା ଏହା ବତାଉଛି ଯେ ରସୁଲୁଲ୍ଲାଃ ସ:ଆ:ସ କିପରି ତାଙ୍କୁ ମାରୁଥିବା ଲୋକକୁ ଓ ତାଙ୍କ ସାଥିଙ୍କୁ ମାରିଥିବା ଲୋକକୁ କ୍ଷମା ଦେଉଥିଲେ । ମହାଭାଗ ସ:ଆ:ସ ସେତେବେଳେ କାହାକୁ ଦଣ୍ଡ ଦେଉଥିଲେ, ଯେତେବେଳେ ତାହାର ଜୀବିତ ରହିବା ଭବିଷ୍ୟତରେ ଅନେକ ବିଭ୍ରାଟ ସୃଷ୍ଟି କରିବାର କାରଣ ହେଉଥିଲା ।

***(ନବିୟୋଁ କା ସର୍‌ଦାର୍ ପୃ-୧୯୩, ମୁଦ୍ରଣ କାଦିଆନ୍ ୨୦୧୩)***

ଫତହ୍ (ମକ୍କା ବିଜୟ) ଅବସରରେ ଆଁ ହଜ୍‌ରତ୍ ସ:ଆ:ସ କିପରି ନିଜର ଓ ନିଜ ସାହାବାମାନଙ୍କ ସମ୍ପର୍କୀୟମାନଙ୍କୁ ଓ ପ୍ରିୟ ବନ୍ଧୁବାନ୍ଧବମାନଙ୍କୁ କ୍ଷମା କରିଦେଲେ, ଏହା କୌଣସି ଲୁଚାଛପା କଥା ନୁହେଁ । ଏ ପ୍ରସଙ୍ଗରେ ଦୁଇଟି ଘଟଣା ଉପସ୍ଥାପନ କରାଯାଉଅଛି । ସୟଦନା ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ କହିଛନ୍ତି:-ଯେଉଁ ଲୋକମାନଙ୍କ ସମ୍ବନ୍ଧରେ ରସୁଲୁଲ୍ଲାଃ ସ:ଆ:ସ ଏ ନିଷ୍ପତି କରିଥିଲେ ଯେ ସେମାନଙ୍କର କିଛି ହତ୍ୟା, ନିଷ୍ଠୁରତା ଓ ଅତ୍ୟାଚାର ହେତୁ ସେମାନଙ୍କୁ ହତ୍ୟା କରାଯିବା ଉଚିତ । ସେମାନଙ୍କ ମଧ୍ୟରୁ ଅଧିକାଂଶ ଲୋକଙ୍କୁ ମୁସଲମାନମାନଙ୍କ ସୁପାରିଶ୍ କରିବାରେ ଛାଡ଼ି ଦେଇଥିଲେ । ସେହି ଲୋକମାନଙ୍କ ମଧ୍ୟରେ ଅବୁ ଜହଲ୍‌ର ପୁଅ ଅକ୍‌ରମା ବି ଥିଲା । ଅକ୍‌ରମା ର ସ୍ତ୍ରୀ ମନ ଭିତରୁ ମୁସଲମାନ ଥିଲେ । ସେ ରସୁଲୁଲ୍ଲାଃ ସ:ଆ:ସଙ୍କ ନିକଟରେ ନିବେଦନ କଲେ ଯେ ହେ ଅଲ୍ଲାଃଙ୍କ ରସୁଲ୍ ! ଅକ୍‌ରମାକୁ ମଧ୍ୟ ଆପଣ କ୍ଷମା କରିଦିଅନ୍ତୁ । ମହାଭାଗ ସ:ଆ:ସ କହିଲେ ହଁ ହଁ ଆମେ ତାକୁ କ୍ଷମା କରୁଅଛୁ । ଅକ୍‌ରମା ସେତେବେଳେ ପଳାୟନ କରି ୟମନ୍ ଦେଶ ଆଡ଼କୁ ଚାଲି ଯାଉଥିଲେ ଯେ ତାଙ୍କ ସ୍ତ୍ରୀ ନିଜ ସ୍ୱାମୀଙ୍କ ପ୍ରେମରେ ପଛେ ପଛେ ତାଙ୍କୁ ଖୋଜିବାକୁ ଲାଗିଲେ । ଯେତେବେଳେ ସେ ସମୁଦ୍ର କୂଳରେ ଡ଼ଙ୍ଗାରେ ବସି ଆରବ ଦେଶକୁ ସଦାସର୍ବଦା ପାଇଁ ଛାଡ଼ିବାକୁ ପ୍ରସ୍ତୁତ ହେଉଥିଲେ ସେତେବେଳେ ତାଙ୍କ ପତ୍ନୀ ମୁକୁଳା କେଶରେ ବହୁତ ବ୍ୟସ୍ତ ବିବ୍ରତ ହୋଇ ଭୟଭୀତ ଅବସ୍ଥାରେ ସେଠାରେ ପହଂଚିଲେ । କହିଲେ ହେ ମୋ ଚାଚାଙ୍କ ପୁତ୍ର !(ଆରବର ମହିଳାମାନେ ନିଜ ସ୍ୱାମୀଙ୍କୁ ଚାଚାଙ୍କ ପୁତ୍ର କହି ସମ୍ବୋଧନ କରୁଥିଲେ) ତୁମେ ଏପରି ଭଦ୍ର, ସମ୍ଭ୍ରାନ୍ତ, କରୁଣାମୟ ବ୍ୟକ୍ତିଙ୍କୁ ଛାଡ଼ି କେଉଁଠାକୁ ଯାଉଅଛ ? ଅକ୍‌ରମା ଆଶ୍ଚର୍ଯ୍ୟ ହୋଇ ନିଜ ପତ୍ନୀକୁ ପଚାରିଲେ ଯେ କଣ ମୋର ଏହି ସମସ୍ତ ଶତୃତା ପରେ ବି ରସୁଲୁଲ୍ଲାଃ ସ:ଆ:ସ ମତେ କ୍ଷମା କରିଦେବେ ? ଅକ୍‌ରମାର ପତ୍ନୀ କହିଲା ହଁ ହଁ ! ମୁଁ ତାହାଙ୍କଠାରୁ ଏ ପ୍ରତିଶୃତି ପାଇଛି ଓ ସେ ତୁମକୁ କ୍ଷମା କରିସାରିଛନ୍ତି । ଯେତେବେଳେ ସେ ରସୁଲୁଲ୍ଲାଃ ସ:ଆ:ସଙ୍କ ନିକଟରେ ଉପସ୍ଥିତ ହେଲା, କହିଲା ହେ ଅଲ୍ଲାଃଙ୍କ ରସୁଲ୍ ! ମୋ ସ୍ତ୍ରୀ କହୁଛନ୍ତି ଯେ ଆପଣ ମୋ ପରିକା ମଣିଷକୁ ମଧ୍ୟ କ୍ଷମା କରିଦେଇଛନ୍ତି ? ମହାଭାଗ ସ:ଆ:ସ କହିଲେ ତୁମ ସ୍ତ୍ରୀ ଠିକ୍ କହୁଛନ୍ତି, ଆମ୍ଭେ ତୁମକୁ କ୍ଷମା କରିଦେଇଛୁ । ଅକ୍‌ରମା କହିଲେ:- ଯେଉଁ ବ୍ୟକ୍ତି ଏପରି ଭୟଙ୍କର ଶତ୍ରୁଙ୍କୁ କ୍ଷମା କରିପାରେ ସେ ମିଥ୍ୟାବାଦୀ ହୋଇପାରିବ ନାହିଁ । ମୁଁ ସାକ୍ଷୀ ଦେଉଅଛି ଯେ ଅଲ୍ଲାଃ ଏକ ଅଟନ୍ତି ଓ ତାହାଙ୍କର କେହି ସମକକ୍ଷ ନାହାନ୍ତି ଏବଂ ପୁଣି ମୁଁ ଏ ସାକ୍ଷ୍ୟ ଦେଉଅଛି ଯେ ହେ ମୁହମ୍ମଦ ସ:ଆ:ସ ! ତୁମେ ତାହାଙ୍କ ଭକ୍ତ ଓ ତାହାଙ୍କ ରସୁଲ୍ ଅଟ । ତା'ପରେ ସେ ଲଜ୍ଜାରେ ମୁଣ୍ଡ ତଳକୁ କରି ଦେଲେ । ରସୁଲେ୍ କରିମ୍ ସ:ଆ:ସ ତା'ର ଲଜ୍ଜାକୁ ଓ ନମ୍ରତାପୂର୍ଣ୍ଣ ଅବସ୍ଥାକୁ ଦେଖି ତା ହୃଦୟକୁ ସାନ୍ତ୍ୱନା ଦେବା ପାଇଁ କହିଲେ:- ଅକ୍‌ରମା ! ଆମ୍ଭେ ତୁମକୁ କେବଳ କ୍ଷମା କରିନାହୁଁ ବରଂ ତା'ଠାରୁ ଅଧିକା ଏହା ଯେ ଯଦି ତୁମେ ଆଜି ମୋଠାରୁ ଏପରି କୌଣସି ବସ୍ତୁ ମାଗିବ, ଯାହାକୁ ଦେବାପାଇଁ ମୋର ଶକ୍ତି ଥିବ, ମୁଁ ତାହା ମଧ୍ୟ ତୁମକୁ ଦେଇଦେବି । ଅକ୍‌ରମା କହିଲା ହେ ଅଲ୍ଲାଃଙ୍କ ରସୁଲ୍ ! ଏହାଠାରୁ ଅଧିକା ଖୁସି ମୋ ପାଇଁ କଣ ହୋଇପାରେ । ଆପଣ ଅଲ୍ଲାଃଙ୍କ ନିକଟରେ ଏ ପ୍ରାର୍ଥନା କରନ୍ତୁ ଯେ ମୁଁ ଆପଣଙ୍କ ସହିତ ଯେଉଁ ଶତୃତା କରିଥିଲି, ତାହା ସେ ମତେ କ୍ଷମା କରିଦିଅନ୍ତୁ । ରସୁଲୁଲ୍ଲାଃ ସ:ଆ:ସ ସର୍ବଶକ୍ତିମାନ ଅଲ୍ଲାଃଙ୍କୁ ସମ୍ବୋଧନ କରି କହିଲେ:- ହେ ମୋର ଅଲ୍ଲାଃ ! ଅକ୍‌ରମା ମୋ ବିରୁଦ୍ଧରେ କରିଥିବା ସମସ୍ତ ଶତ୍ରୁତାକୁ କ୍ଷମା କରିଦିଅନ୍ତୁ ଏବଂ ତାଙ୍କ ମୁହଁରୁ ବାହାରିଥିବା ସମସ୍ତ ଗାଳି ଗୁଲଜକୁ ବି କ୍ଷମା କରିଦିଅନ୍ତୁ ।

ତା'ପରେ ରସୁଲୁଲ୍ଲାଃ ସ:ଆ:ସ ଉଠିଲେ ଓ ନିଜର ଚାଦରକୁ ବାହାର କରି ତା ଉପରେ ଘୋଡ଼ାଇ ଦେଇ କହିଲେ:- ଯିଏ ଅଲ୍ଲାଃଙ୍କ ଉପରେ ବିଶ୍ୱାସ ଆଣି ଆମ ନିକଟକୁ ଆସିଥାଏ, ଆମ ଘର ହେଉଛି ତା'ର ଘର ଏବଂ ଆମର ସ୍ଥାନ ହେଉଛି ତା'ର ସ୍ଥାନ ।

ଯେଉଁ ଲୋକମାନଙ୍କୁ ହତ୍ୟା କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା, ସେମାନଙ୍କ ମଧ୍ୟରେ ସେହି ବ୍ୟକ୍ତି ମଧ୍ୟ ଥିଲା ଯିଏ ରସୁଲୁଲ୍ଲାଃ ସ:ଆ:ସଙ୍କ ଝିଅ ହଜ୍‌ରତ୍ ଜୈନବ୍ ର:ଅଙ୍କ ମୃତ୍ୟୁର କାରଣ ସାଜିଥିଲା । ସେହି ଲୋକର ନାମ ହବାର୍ ଥିଲା । ସେ ହଜ୍‌ରତ୍ ଜୈନବ୍ ର:ଅଙ୍କ ଓଟର ବେକକୁ କାଟି ଦେଇଥିଲା । ଯଦ୍ୱାରା ହଜ୍‌ରତ୍ ଜୈନବ ର:ଅ ଓଟରୁ ତଳକୁ ଖସି ପଡ଼ିଥିଲେ । ଯାହା ଫଳରେ ତାଙ୍କର ଗର୍ଭ ନଷ୍ଟ ହୋଇଗଲା ଏବଂ କିଛି ଦିନ ପରେ ତାଙ୍କର ମୃତ୍ୟୁ ମଧ୍ୟ ହୋଇଗଲା । ଅନ୍ୟାନ୍ୟ ଅପରାଧ ବ୍ୟତୀତ କେବଳ ଏହି ଅପରାଧ ଯୋଗୁଁ ସେ ମୃତ୍ୟୁ ଦଣ୍ଡରେ ଦଣ୍ଡିତ ହୋଇଥାନ୍ତା । ସେ ମଧ୍ୟ ରସୁଲୁଲ୍ଲାଃ ସ:ଆ:ସଙ୍କ ଗୋଚରେ ଉପସ୍ଥିତ ହୋଇ ଅନୁରୋଧ କଲା ଯେ ହେ ଅଲ୍ଲାଃଙ୍କ ନବୀ ! ମୁଁ ଆପଣଙ୍କଠାରୁ ପଳାୟନ କରି ଇରାନ୍ ଚାଲିଯାଇଥିଲି । ପୁଣି ମୁଁ ମନେ କଲି ଯେ ଅଲ୍ଲାଃ ତାଲା ନିଜ ନବୀଙ୍କ ଜରିଆରେ ଆମର ଶିର୍କ (ବହୁ ଈଶ୍ୱରବାଦର) ଭାବନାକୁ ଦୂର କରିଛନ୍ତି ଏବଂ ଆମକୁ ଆଧ୍ୟାତ୍ମିକ ବିନାଶରୁ ବଂଚାଇଛନ୍ତି । ମୁଁ ଅଜଣା ଲୋକଙ୍କ ପାଖକୁ ଯିବା ପରିବର୍ତ୍ତେ କାହିଁକି ତାଙ୍କ ପାଖକୁ ନ ଯିବି ଓ ନିଜର ପାପକୁ ସ୍ୱୀକାର କରି ତାଙ୍କଠାରୁ କ୍ଷମା ନ ମାଗିବି । ଏଥିରେ ରସୁଲୁଲ୍ଲାଃ ସ:ଆ:ସ କହିଲେ:- ହବାର୍ ! ଯେବେ ଅଲ୍ଲାଃ ତୁମ ହୃଦୟରେ ଇସ୍‌ଲାମ୍ ପ୍ରତି ପ୍ରେମ ଜାଗ୍ରତ କରିଦେଇଛନ୍ତି, ତେବେ ମୁଁ ତୁମର ପାପକୁ କାହିଁକି କ୍ଷମା କରିବି ନାହିଁ ? ଯାଅ ମୁଁ ତୁମକୁ କ୍ଷମା କରିଦେଲି । ଇସ୍‌ଲାମ୍ ତୁମର ସମସ୍ତ ପୂର୍ବ ଦୋଷଗୁଡ଼ିକୁ ଲିଭାଇ ଦେଇଛି ।

***(ନବିୟୋଁ କା ସର୍‌ଦାର୍ ପୃଷ୍ଠା-୨୨୧)***

**ନବୁଓ୍ୱତ୍ କେ ଥେ ଜିସ୍ କଦର୍ ଭି କମାଲ୍**
**ଓ୍ୱହ୍ ସବ୍ ଜମା ହେଁ ଆପ୍ ମେଁ ଲା ମୁହାଲ୍**
**ସିଫାତେ ଜମାଲ୍ ଅଓର୍ ସିଫାତେ ଜଲାଲ୍**
**ହର୍ ଇକ୍ ରଙ୍ଗ ହୈ ବସ୍ ଅଦିମୁଲ୍ ମିସାଲ୍**
**ଲିୟା ଜୁଲମ୍ କା ଅଫୁ ସେ ଇନ୍‌ତେକାମ୍**
**ଆଲୈକସ୍ ସଲାତୁ ଆଲୈକସ୍ ସଲାମ୍**

ଅଲ୍ଲାଃ ତାଲା ଆମକୁ ଆମ ପ୍ରିୟ ମୁନିବ ସୟଦନା ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କ ସହିତ ପ୍ରକୃତ ପ୍ରେମ କରିବାକୁ ଶକ୍ତି ଓ ସାମର୍ଥ୍ୟ ପ୍ରଦାନ କରନ୍ତୁ ଯାହା ଫଳରେ ଆମେ ନିଜ ପ୍ରୀୟ ମୁନୀବଙ୍କ ଶିକ୍ଷା ଉପରେ ମନପ୍ରାଣ ଦେଇ ପରିଚାଳିତ ହୋଇପାରିବା ଏବଂ ତାଙ୍କ ଦ୍ୱାରା ବତାଯାଇଥିବା ପଥରୁ ବିଚ୍ୟୁତ ହେବା ନାହିଁ । ଆମିନ୍ । ***ଓ୍ୱ ଆଖିରୁ ଦାଓ୍ୱାନା ଅନିଲ୍ ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍***

---

*ପୃଷ୍ଠା- ୦୧ ର ଅବଶିଷ୍ଟାଂଶ ......*

ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ କହିଛନ୍ତି:

"ମୋତେ ଆଶ୍ଚର୍ଯ୍ୟ ଲାଗୁଛି ଯେ ଏମାନେ ନିଜକୁ ଶିକ୍ଷିତ ବୋଲାଇ ଓ ଭଦ୍ରଶୀଳ ହେବାର ଦାବୀ କରୁଥିଲେ ସୁଦ୍ଧା କୋଟି କୋଟି ଲୋକଙ୍କର ମୂଖ୍ୟ ଆଧ୍ୟାତ୍ମିକ ଗୁରୁଙ୍କ ଉପରେ ଅନୁମାନ ଭିତିକ କଥାରେ ପଡ଼ି କିପରି ଆକ୍ରମଣ କରି ଦେଉଛନ୍ତି । ଅଥଚ ସେମାନଙ୍କ ଚରିତ୍ର ଓ ନୈତିକ ଆଚରଣ ଏତେ ନିମ୍ନଗାମୀ ହୋଇଯାଇଛି ଯେ ମାନବିକତା ଲଜ୍ୟାରେ ନଇଁ ଯାଉଛି । ସେମାନଙ୍କ ସାହାସ ଏଥିଯୋଗୁଁ ବଢ଼ିଯାଇଛି ଯେ ଏହି ସମୟରେ ଖ୍ରୀଷ୍ଟିଆନମାନଙ୍କ ସରକାର ଚାଲିଛି ।" ***(ତଫ୍‌ସିର୍ କବୀର, ପ୍ରଥମ ଖଣ୍ଡ, ପୃ-୨୫୩)***

**ହଜ୍‌ରତ୍ ଆଇଶା ର:ଅଙ୍କ ୯ ବର୍ଷ ବୟସରେ ବିବାହ ହୋଇଥିବା ଅଭିଯୋଗର ଉତର**

ଏବେ ଆମେ ପାଦ୍ରୀ ଫତେ ମସିହର ଉପରୋକ୍ତ ଅଭିଯୋଗର ଉତର ନିମ୍ନରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଭାଷାରେ ଉପସ୍ଥାପନ କରୁଅଛୁ ।

"ପ୍ରଥମତଃ ନଅ ବର୍ଷର ଉଲ୍ଲେଖ ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କ ମୂଖରୁ ବାହାରି ଥିବାର ପ୍ରମାଣିତ ହୋଇନାହିଁ । ସେ ସଂକ୍ରାନ୍ତରେ ନା କୌଣସି ଦେବୀ ବାଣୀ ହୋଇଥିଲା ନା କୌଣସି ପ୍ରଚଳିତ ଖବର କାଗଜରୁ ଏହାର ପ୍ରମାଣ ମିଳିଛି ଯେ ନିଶ୍ଚିତ ରୂପେ ନଅ ବର୍ଷ ହିଁ ଥିଲା । କେବଳ ଜଣେ ଶୁଣିଥିବା ଲୋକ କହିଥିଲା । ଆରବର ଲୋକମାନେ ନିରକ୍ଷର ଥିବା ଯୋଗୁଁ ଜନ୍ମଗତ ପ୍ରମାଣ ପତ୍ର ରଖୁନଥିଲେ । ଦୁଇ ତିନି ବର୍ଷର ଉଣା ଅଧିକ ହେବା ତାଙ୍କ ପରିସ୍ଥିତିକୁ ଦେଖି ଏକ ସାଧାରଣ କଥା ଥିଲା । ଯେପରିକି ଆମ ଦେଶରେ ମଧ୍ୟ ଆଧିକାଂଶ ନିରକ୍ଷର ଲୋକମାନେ ଦୁଇ ଚାରି ବର୍ଷ ଫରକକୁ ଭଲ ଭାବେ ସୁରକ୍ଷିତ କରି ରଖି ପାରନ୍ତି ନାହିଁ । ପୁଣି ଯଦି କର୍ତବ୍ୟ ସ୍ୱରୁପ ଏହା ମାନି ନେବା ଯେ ଘଟଣା କ୍ରମରେ ଦିନ ପରେ ଦିନ ହିସାବ କଲେ ଏହା ନଅ ବର୍ଷ ହିଁ ଥିଲା, କିନ୍ତୁ ତଥାପି ମଧ୍ୟ କୌଣସି ବୁଦ୍ଧିମାନ ବ୍ୟକ୍ତି ଏପରି ଅଭିଯୋଗ କରିବ ନାହିଁ, ମାତ୍ର ନିର୍ବୋଧତାର କୌଣସି ପ୍ରତିକାର ନାହିଁ । ଆମେ ଆପଣଙ୍କୁ ନିଜ ପତ୍ରିକାରେ ପ୍ରମାଣ କରି ଦେଖାଇ ଦେବୁ ଯେ ବର୍ତମାନ ଡ଼ାକ୍ତରମାନେ ଏଥିରେ ଏକମତ ହୋଇଛନ୍ତି ଯେ ନଅ ବର୍ଷର ବାଳିକା ପ୍ରାପ୍ତ ବୟସ୍କା ହେଉଛନ୍ତି, ଏପରିକି ସାତ ବର୍ଷରେ ମଧ୍ୟ ଗର୍ଭଧାରଣ କରି ସନ୍ତାନ ଜନ୍ମ କରିପାରିବେ । ଏପରି ଅନେକ ଘଟଣା ଘଟୁଥିବାର ଡ଼ାକ୍ତରମାନେ ପ୍ରମାଣ ସିଦ୍ଧ କରିଛନ୍ତି । ନିଜେ ଶହ ଶହ ଲୋକ ଏତାଦୃଶ ଘଟଣା ଚକ୍ଷୁ ସାକ୍ଷୀ ଅଛନ୍ତି ଯେ ଏହି ଦେଶରେ ଆଠ ନଅ ବର୍ଷ ବୟସ୍କା କନ୍ୟାମାନଙ୍କର ସନ୍ତାନ ଅଛନ୍ତି ।

***(ନୂର ଉଲ୍ କୁର୍‌ଆନ୍ ସଂଖ୍ୟା-୨, ରୁହାନୀ ଖଜାଇନ୍, ଗ୍ରନ୍ଥ ଖଣ୍ଡ-୯, ପୃ-୩୭୭)***

**ସରକାରଙ୍କ ଆଇନରେ ବିବାହ କରିବା ବୟସ ହେଉଛି ୧୮ ବର୍ଷ ଏହି ଅଭିଯୋଗର ଉତରରେ**

ପୂଣ୍ୟଶ୍ଳୋକ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହିଛନ୍ତି:

"ଆପଣଙ୍କ ଉପରେ ଦୁଃଖ ପ୍ରକାଶ କରିବାର ନାହିଁ ଏବଂ କରିବା ମଧ୍ୟ ଅନୁଚିତ, ଯେହେତୁ ଆପଣ କେବଳ ବିଦ୍ୱେଷ ସୃଷ୍ଟି କରିନାହାନ୍ତି ବରଂ ପ୍ରଥମ ଶ୍ରେଣୀର ନିର୍ବୋଧ ମଧ୍ୟ । ଆପଣଙ୍କୁ ଏପର୍ଯ୍ୟନ୍ତ ଏତିକି ବି ଜଣାନାହିଁ ଯେ ସରକାରୀ ଆଇନ ଜନସାଧାରଣଙ୍କ ଅନୁରୋଧ କ୍ରମେ ସେମାନଙ୍କର ପ୍ରଥା ଓ ସମାଜର ସାଧାରଣ ଚାଲି ଚଳଣ ଆଧାରରେ ପ୍ରସ୍ତୁତ କରାଯାଇଥାଏ । ସେଥିରେ ଦାର୍ଶନିକଙ୍କ ପରି ଅନୁସନ୍ଧାନ କରାଯାଏ ନାହିଁ । ଆପଣ ବାରମ୍ବାର ଯେଉଁ ଇଂରେଜ ସରକାରଙ୍କର କଥା ଉଠାଉଛନ୍ତି, ଏହା ସମ୍ପୁର୍ଣ୍ଣ ସତ୍ୟ ଯେ ଇଂରେଜ ସରକାରଙ୍କଠାରେ କୃତଜ୍ଞ ଓ ତାଙ୍କର ଶୁଭାକାଂକ୍ଷୀ ହୋଇ ଅମେ ବଂଚିଥିବା ପର୍ଯ୍ୟନ୍ତ ରହିଥିବୁ । କିନ୍ତୁ ଆମେ ତାଙ୍କୁ ଦୋଷ ରହିତ ତଥା ତ୍ରୁଟିହୀନ ଭାବୁନାହୁଁ ଏବଂ ନା ସେମାନଙ୍କ ଆଇନକୁ ଯଥାର୍ଥ ଅନୁସନ୍ଧାନ ଭିର୍ତିକ ବୋଲି ଭାବୁଛୁ । ବରଂ ଆଇନ ତିଆରି କରିବାର ନୀତି ପ୍ରଜାମାନଙ୍କ ସର୍ବସମ୍ମତି ଉପରେ ଆଧାରିତ । ସରକାର ଉପରେ କୌଣସି ଦୈବୀବାଣୀ ଅବତୀର୍ଣ୍ଣ ହୁଏନାହିଁ, ଯଦ୍ୱାରା ସେ ନିଜ ଆଇନରେ କୌଣସି ଭୁଲ କରିବ ନାହିଁ । ଆଉ ଯଦି ଏପରି ଆଇନ ସୁରକ୍ଷିତ ହୋଇ ରହିଥାନ୍ତା ତା'ହେଲେ ସବୁବେଳେ ନୂଆ ନୂଆ ଆଇନ କାହିଁକି ତିଆରି ହେଉଥାନ୍ତା ? ଆପଣ ଯଦି ସରକାରୀ ଆଇନଗୁଡ଼ିକୁ ଆକାଶୀୟ ପ୍ରବାହର ଧାରା ବୋଲି ବୁଝୁଛନ୍ତି ଯେ ସେଥିରେ ଭୂଲ ଥିବାର ଆଶଙ୍କା ଆଦୌ ନାହିଁ । ତେବେ ଆମକୁ ଫେରନ୍ତା ଡ଼ାକରେ ଜଣାନ୍ତୁ, ଯାହା ଫଳରେ ବାଇବଲେ ଓ ଏହି ଆଇନ ମଧ୍ୟରେ କିଛିଟା ତୁଳନାତ୍ମକ ପ୍ରତିଯୋଗିତା କରି ଆପଣଙ୍କ ସେବା କରିବାର ସୁଯୋଗ ପାଇବି । ଯଦିଓ ସରକାର ଏ ପର୍ଯ୍ୟନ୍ତ କୌଣସି ଇସ୍ତେହାର ଦେଇନାହାନ୍ତି ଯେ ଆମ ଆଇନ ମଧ୍ୟ ତୋରାହ ଓ ଇଞ୍ଜିଲ୍ ପରି ଦୋଷ ରହିତ ଓ ତ୍ରୁଟିଶୂନ୍ୟ ଅଛି । ଯଦି ଆପଣଙ୍କ ପାଖରେ କୌଣସି ଇସ୍ତେହାର ପହଂଚିଛି, ତା'ହେଲେ ତାହାର ଏକ ନକଲ ଆମ ପାଖକୁ ବି ପଠାଇ ଦିଅ । ତା'ପରେ ବି ଯଦି ସରକାରଙ୍କ ଆଇନ ଐଶ୍ୱରିକ ପୁସ୍ତକ ସ୍ୱରୁପ ଦୋଷ ଶୂନ୍ୟ ନୁହେଁ, ତେବେ ସେ ବିଷୟରେ ଆଲୋଚନା କରିବା ଆପଣଙ୍କ ନିର୍ବୋଧତା ଯୋଗୁଁ ହୋଇପାରେ ଅଥବା ବିଦ୍ୱେଷ ଭାବ ରଖିବା କାରଣରୁ, କିନ୍ତୁ ଆପଣ ଏହା କରିବାକୁ ବାଧ୍ୟ ହୋଇଛନ୍ତି ।" ***(ଉଦ୍ଧୃତ ପୁସ୍ତକ, ପୃଷ୍ଠା- ୩୭୮)***

**ୟୁରୋପର ଡ଼ାକ୍ତରମାନଙ୍କ ଗବେଷଣା ଲବ୍ଧ ତଥ୍ୟ**

**୯ ବର୍ଷ ଏପରିକି ୭ ବର୍ଷ ମଧ୍ୟରେ ମଧ୍ୟବାଳିକାମାନେ ପ୍ରାପ୍ତ ବୟସ୍କା ହୋଇଯାଆନ୍ତି**

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହିଛନ୍ତି: "ଯଦି ସରକାରକୁ ନିଜ ଆଇନ ଉପରେ ଭରସା ଥିଲା, ତେବେ କାହିଁକି ସେହି ଡ଼ାକ୍ତରମାନଙ୍କୁ ଶାସ୍ତି ଦେଲେ ନାହିଁ ଯେଉଁମାନେ ଏବେ ୟୁରୋପରେ ବଡ଼ ଗବେଷଣା ପରେ ନଅ ବର୍ଷ ଏପରିକି ସାତ ବର୍ଷ ଝିଅମାନଙ୍କୁ ନେଇ ମଧ୍ୟ କେତେକ ନାରୀମାନଙ୍କ ପ୍ରାପ୍ତ ବୟସ୍କା ହେବାର ସମୟ ରୂପେ ଆଖ୍ୟା ଦେଇଛନ୍ତି । ଅଥଚ ୯ (ନଅ) ବର୍ଷ ଆୟୁ ସମ୍ବନ୍ଧରେ ଆପଣ ଅଭିଯୋଗ କରି ପୁଣି ତୋରାହ୍ କିମ୍ବା ଇଞ୍ଜିଲ୍‌ରୁ ଦୃଷ୍ଟାନ୍ତ ଦେଇ ପାରିଲେନାହିଁ । କେବଳ ସରକାରଙ୍କ ଆଇନ ବିଷୟ ଉଠାଇଲେ । ଏଥିରୁ ଜଣାପଡୁଛି ଯେ ଆପଣଙ୍କର ତୋରାହ କିମ୍ବା ଇଞ୍ଜିଲ୍ ଉପରେ ବିଶ୍ୱାସ ରହିଲା ନାହିଁ ନଚେତ ନଅ ବର୍ଷ ପବିତ୍ରତା ଓ ସତୀତ୍ୱ ତୋରାହ ଗ୍ରନ୍ଥରୁ ପ୍ରମାଣ କରିଥାନ୍ତେ ଅଥବା ଇଞ୍ଜିଲ୍‌ରୁ ସାବ୍ୟସ୍ତ କରିବା ଉଚିତ ହୋଇଥାନ୍ତା । ପାଦ୍ରୀ ସାହେବ ଏହାକୁ ତ ଅଜ୍ଞାନତା କହନ୍ତି ଯେ ଐଶି ଗ୍ରନ୍ଥ ତତ୍ତ୍ୱ ଭିତରେ ନ ରହି ଆପଣ ସରକାରଙ୍କର ପ୍ରଚଳିତ ଆଇନକୁ ପେଶ କରିଦେଲେ ।"

***(ଉଦ୍ଧୃତ ପୁସ୍ତକ, ପୃଷ୍ଠା- ୩୭୯)***

**ପାଦ୍ରୀ ଫତା ମସିହଙ୍କୁ ଉପଦେଶ ଯେ ଏପରି ଅଭିଯୋଗରୁ ନିବୃତ ରହିବା ଉଚିତ**

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହିଛନ୍ତି:- "ପାଦ୍ରୀ ସାହେବ ! ଆପଣଙ୍କର ଯେଉଁ ଧାରଣା ରହିଛି ଯେ, ୯ (ନଅ) ବର୍ଷର ଝିଅ ଯୌନ ଆଚରଣ ବ୍ୟଭିଚାର ସମ୍ପର୍କିତ ଆଦେଶର ଅନ୍ତର୍ଭୁକ୍ତ, ସମ୍ପୁର୍ଣ୍ଣ ରୂପେ ଭୁଲ ଓ ଅସତ୍ୟ । ଆପଣଙ୍କର ସ୍ୱଚ୍ଛ ମନୋଭାବ ଏଥିରେ ଥାଆନ୍ତା, ଯଦି ଆପଣ ଇଞ୍ଜିଲ୍ ମଧ୍ୟରୁ ଏହାକୁ ପ୍ରମାଣିତ କରିଥାଆନ୍ତେ । ବାଇବେଲ ଠାରୁ ଧକ୍କା ଖାଇବା ଯୋଗୁଁ ସେଥିରେ ହାତ ନ ବାଜିବାରୁ ସରକାରଙ୍କ ଗୋଡ଼ ତଳେ ଆସି ପଡ଼ିଗଲ । ମନେରଖ ଯେ ଏପରି ଗାଳିଗୁଲଜ କରିବା କେବଳ ଶୈତାନର ବଶବର୍ତୀ ହୋଇ ଧର୍ମାନ୍ଧତା ଓ ଅସହିଷ୍ଣୁତା ଯୋଗୁଁ ହୋଇଛି । ମହାମହିମ ଦିବ୍ୟ ଅବତାର ଶ୍ରେଷ୍ଠଙ୍କ ପ୍ରତି ମିଥ୍ୟାରେ ଲାଂଛନା ଦେବା ଓ କୁତ୍ସିତ ଆରୋପ ଲଗାଇବା ଏବଂ ଅବାନ୍ତର ଅପବାଦର ଗଞ୍ଜଣା ଦେବା, ଦୋଷାରୋପକାରୀ ଶୈତାନମାନଙ୍କ କାର୍ଯ୍ୟ । ଏହି ଦୁଇ ପୂଣ୍ୟାତ୍ମା ମହାନ୍ ନବୀ ଅର୍ଥାତ ହଜ୍‌ରତ୍ ମୁହମ୍ମଦ ସ:ଆ:ସ ଓ ହଜରତ୍ ଯୀଶୁ ମସିହଙ୍କ ଉପରେ କେତେକ ଅଭଦ୍ର ଓ ଦୁଷ୍ଟ ଲୋକ ମାତ୍ରାଧିକ ମିଥ୍ୟା ଦୋଷାରୋପ କରିଛନ୍ତି । ସୁତରାଂ ସେହି କୁତ୍ସିତ ଲୋକମାନଙ୍କ ଉପରେ ଅଭିଶାପ ପଡୁ । ପ୍ରଥମ ନବୀଙ୍କୁ ବ୍ୟଭିଚାରୀ ଆଖ୍ୟା ଦିଆଗଲା ଯେପରିକି ଆପଣ ନିଜେ ଏବଂ ଦ୍ୱିତୀୟ ଉପରେ ଜାରଜ ସନ୍ତାନର ଆରୋପ ଲଗାଗଲା ଯେପରିକି କୁତ୍ସିତ ସ୍ୱଭାବର ଇହୁଦିମାନେ । ଆପଣ ଏଥିରୁ ନିବୃତ ରହିବା ଉଚିତ ।" ***(ଉଦ୍ଧୃତ ପୁସ୍ତକ, ପୃଷ୍ଠା- ୬୮୦)***

## ଏପରି ଧୃଷ୍ଟତାପୂର୍ଣ୍ଣ ପ୍ରଶ୍ନର ପ୍ରକୃତ ତଥା ବୁକୁ ଥରାଇ ଦେଉଥିବା ଉତର ଯେ ହଜରତ ମୁହମ୍ମଦ ସ:ଆ:ସ ଯଦି ଏହି ଯୁଗରେ ଥାଆନ୍ତେ, ତେବେ ଇଂରେଜ ସରକାର ତାଙ୍କ ସହିତ କିପରି ବ୍ୟବହାର କରିଥାଆନ୍ତା ?

ପୂଣ୍ୟଶ୍ଲୋକ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହିଛନ୍ତି:

"ପାଦ୍ରୀ ସାହେବ ଆପଣଙ୍କର ଏହି ପ୍ରଶ୍ନ ଯେ ଯଦି ଆଜି ଏପରି ଜଣେ ବ୍ୟକ୍ତି ଯେପରି ମୁହମ୍ମଦ ସ:ଆ:ସ ଥିଲେ, ଇଂରେଜ ସରକାରଙ୍କ ଅମଳରେ ଥାଆନ୍ତେ, ତା'ହେଲେ ସରକାର ତା' ସହିତ କ'ଣ କରି ଥାଆନ୍ତା ? ଆପଣଙ୍କୁ ଏହା ସ୍ପଷ୍ଟ କରି ଦେଉଛି ଯେ ଯଦି ସେହି ବିଶ୍ୱାତ୍ମା ଗୁରୁଶ୍ରେଷ୍ଠ ଏହି ସରକାରଙ୍କ ଅମଳରେ ଥାଆନ୍ତେ, ତା'ହେଲେ ଏହି ଉତମ କର୍ତବ୍ୟନିଷ୍ଠ ସରକାର ତାଙ୍କର ତୋଷାମଦ କରିବା ନିଜ ପାଇଁ ସୌଭାଗ୍ୟ ମନେ କରିଥାଆନ୍ତ । ଯେପରିକି ରୋମ ସମ୍ରାଟ ଫଟୋଚିତ୍ରକୁ ଦେଖିବା ମାତ୍ରେ ଉଠି ଛିଡ଼ା ହୋଇ ଯାଇଥିଲେ, ଆପଣଙ୍କର ଏହା କିପର ଅପାରଗତା ଓ ଦୁର୍ଭାଗ୍ୟ ଯେ ସେହି ସରକାରଙ୍କ ପ୍ରତି ଏପରି ସନ୍ଦେହ ଓ ଅବିଶ୍ୱାସ ପୋଷଣ କରୁଛ ଯେପରି କି ମହାଭାଗ ଈଶ୍ୱରଙ୍କ ପ୍ରିୟ ସଦାତ୍ମାଙ୍କର ଶତ୍ରୁ । ଏହି ସରକାର ଚଳିତ ସମୟରେ ସାମାନ୍ୟ ଧନୀ ଶ୍ରେଣୀର ମୁସଲମାନ ମାନଙ୍କର ସମ୍ମାନ କରୁଛନ୍ତି । ନସ୍‌ରୁଲ୍ଲା ଖାନକୁ ଦେଖ, ଯିଏ କି ମହାଭାଗଙ୍କ ଛାମୁରେ ଏକ ଛାର ଦାସର ସ୍ତର ବି ରଖେ ନାହିଁ, ଆମ ହିନ୍ଦୁସ୍ତାନର ବ୍ରିଟିଶ ମହାରାଣୀ ଦାମ ଇକବାଲହା କିପରି ତାହାର ସମ୍ମାନ କଲେ ! ଏପରି ସ୍ଥଳେ ସେହି ପବିତ୍ର ବ୍ୟକ୍ତିତ୍ୱଧାରୀ ଯାହାଙ୍କ ଶ୍ରୀଛାମୁରେ ସାଂସାରିକ ସମ୍ରାଟ ମଧ୍ୟ ଆସି ପଡୁଥିଲେ, ଯଦି ସେ ଏହି ସମୟରେ ଥାଆନ୍ତେ, ତେବେ ନିଃସନ୍ଦେହରେ ଏହି ସରକାର ତାଙ୍କ ରାଜ ଦରବାର ପକ୍ଷରୁ ଅତିଥି ସେବା ପରାୟଣ ହୋଇ ତାଙ୍କର ଉତମ ସତ୍କାର କରି ଥାଆନ୍ତା । ଐଶ୍ୱରିକ ସରକାର ଆଗରେ ମାନବକୃତ ପାର୍ଥିବ ସରକାରଙ୍କୁ ବିନମ୍ର ଓ ଆଜ୍ଞାନୁବର୍ତୀତା ହେବା ବ୍ୟତିତ ଅନ୍ୟ କିଛି ଉପାୟ ନଥାଏ । କ'ଣ ଆପଣଙ୍କୁ ଜଣାନାହିଁ ଯେ ରୋମ ସମ୍ରାଟ ଯିଏ ମୁହମ୍ମଦଙ୍କ ସମୟରେ ଏକ ଖ୍ରୀଷ୍ଟିୟାନ୍ ପ୍ରଶାସକ ଥିଲା ଏବଂ ସମୃଦ୍ଧି ଓ ଏହି ସରକାର ଠାରୁ କେଉଁ ଗୁଣରେ କମ ନଥିଲା, ସେ କହୁଛି ଯେ ଯଦି ମୋତେ ସୌଭାଗ୍ୟ ହାସଲ ହୋଇ ପାରାନ୍ତା ଯେ ମୁଁ ମହାନ ଆର୍ଦଶ ନବୀଙ୍କ ସତ୍‌ସଙ୍ଗରେ ରହି ପାରନ୍ତି, ତା'ହେଲେ ମୁଁ ମହାଭାଗଙ୍କ ଶ୍ରୀ ଚରଣ ସ୍ପର୍ଶ କରି ଧୋଇ ଦିଅନ୍ତି । ତେଣୁ ଯାହା ରୋମ ସମ୍ରାଟ କହିଥିଲା, ଏହି ସୌଭାଗ୍ୟଶାଳୀ ସରକାର ମଧ୍ୟ ନିଃସନ୍ଦେହରେ ସେହି କଥା ଅବଶ୍ୟ କହି ଥାଆନ୍ତ, ବରଂ ଏହା ଠାରୁ ଅଧିକ କହି ଥାଆନ୍ତା ।"

### ଏକ ହଜାର ଟଙ୍କାର ତେଜସ୍ୱିନୀ ପୁରସ୍କାର ଭିତିକ ଆହ୍ୱାନ

ପୁଣି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହିଛନ୍ତି: "ଯଦି ହଜ୍‌ରତ୍ ଯୀଶୁ ମସିହଙ୍କ ପାଇଁ ସେହି ସମୟରେ କୌଣସି ଛୋଟ ଜାଗିରଦାର ବି ଏହି ବାକ୍ୟ କହିଥିବ, ଯାହାକୁ ରୋମ ସମ୍ରାଟ ମୁହମ୍ମଦ (ସ:ଆ:ସ)ଙ୍କ ଉଦ୍ଦେଶ୍ୟରେ କହିଥିଲା, ଯାହା କି ଆଜି ପର୍ଯ୍ୟନ୍ତ ଅତ୍ୟନ୍ତ ସଠିକ ଇତିହାସ ଓ ନିର୍ଭର ଯୋଗ୍ୟ ହଦିସଗୁଡ଼ିକରେ ଉଲ୍ଲେଖ ରହିଛି, ତା'ହେଲେ ଆମେ ଆପଣଙ୍କୁ ଏହି କ୍ଷଣି ଏକ ହଜାର ଟଙ୍କା ନଗଦ ରାଶି ପୁରସ୍କାର ସ୍ୱରୁପ ପ୍ରଦାନ କରିବୁ, ଏହି ସର୍ତରେ ଯଦି ଆପଣ ପ୍ରମାଣିତ କରିଦେଇ ପାରିବେ । କିନ୍ତୁ ଯଦି କୌଣସି ପ୍ରମାଣ ଦେବେ ନାହିଁ, ତେବେ ଏହି ହୀନ ଜୀବନ ରଖି ବଂଚି ରହିବା ଅପେକ୍ଷା ଆପଣଙ୍କ ପାଇଁ ମରିଯିବା ହିଁ ଶ୍ରେୟସ୍କର । କାରଣ ଆମେ ପ୍ରମାଣ କରି ଦେଇଛୁ ଯେ ରୋମ ସାମ୍ରାଜ୍ୟ ଏହି ସରକାରଙ୍କ ସମସ୍କନ୍ଧ ଥିଲା । ବରଂ ଇତିହାସରୁ ଜଣାପଡୁଛି ଯେ ସେହି ଯୁଗରେ ଏହାର ଶକ୍ତି ସହିତ ସମାନ ଦୁନିଆରେ ଅନ୍ୟ କୌଣସି ଶକ୍ତି ନଥିଲା । ଆମ ସରାକର ତ ସେହି ସ୍ତର ପର୍ଯ୍ୟନ୍ତ ପହଂଚି ନାହିଁ । ତା'ପରେ ଯେବେ କି ସେ ସମ୍ରାଟ ଏତେ ବଡ଼ ସାମ୍ରାଜ୍ୟର ଅଧିକାରୀ ହୋଇ ମଧ୍ୟ ଆହା ପକାଇ ଏହା କହୁଛି ଯେ ଯଦି ମୁଁ ଏହି ଉଚ୍ଚ ମର୍ଯ୍ୟାଦାସମ୍ପନ୍ନ ଶ୍ରୀଛାମୁଙ୍କ ସେବାରେ ପହଂଚି ପାରନ୍ତି, ତେବେ ଶ୍ରୀ ଛାମୁଙ୍କ ପାବନ ପାଦଦ୍ୱୟକୁ ଧୌତ କରନ୍ତି । ତେବେ କ'ଣ ଏହି ସରକାର ଏହାଠାରୁ କମ୍ ଅଂଶ ଗ୍ରହଣ କରନ୍ତା ? ମୁଁ ଦାବୀ ମାରି କହୁଛି ଯେ ନିଶ୍ଚିତ ରୂପେ ଏହି ସରକାର ମଧ୍ୟ ଏପରି ଆଧାତ୍ମିକ ସମ୍ରାଟଙ୍କର ଶ୍ରୀ ଚରଣରେ ପଡ଼ି ଯିବାକୁ ନିଜର ଅହୋଭାଗ୍ୟ ମନେ କରନ୍ତା ! କାରଣ ଏହି ସରକାର ସ୍ୱର୍ଗୀୟ ସମ୍ରାଟଙ୍କର ଅମାନ୍ୟକାରୀ ନୁହେଁ, ଯାହାଙ୍କ ଶକ୍ତି ଆଗରେ ମନୁଷ୍ୟ ଏକ ମୃତ କୀଟ ସହ ସରି ନୂହେଁ । ......... ହଁ, ଯଦି ଏହି ପ୍ରଶ୍ନ ଉଠାଯାଏ ଯେ ଏପରି ଜଣେ ବ୍ୟକ୍ତି ଏହି ସରକାରଙ୍କର ରାଜ୍ୟରେ ପ୍ରହସନ କରିବ ଯେ ମୁଁ ଈଶ୍ୱର କିମ୍ବା ଈଶ୍ୱରର ପୁତ୍ର, ତା'ହେଲେ ସରକାର ଏହାର ଉପଚାର କ'ଣ ବା କରିବ ? ସିଧା ନେଇ କୌଣସି ଡ଼ାକ୍ତରଙ୍କ ଜିମାରେ ଦେଇ ଦେବ, ଯଦ୍ୱାରା ତାହାର ମାନସିକ ଅବସ୍ଥା ଠିକ୍ ସୁଧୁରିବ ଅଥବା ଏପରି ବଡ଼ ଆକାରର ଘର ଭିତରେ ନେଇ ରଖିବ, ଯହିଁରେ ଲାହୋର ପରି ଜାଗାରେ ଏ ପ୍ରକାର ବହୁତ ଲୋକ ଏକାଠି ଜମା ହୋଇ ରହିଥାଆନ୍ତି ।"

*(ଉଦ୍ଧୃତ ପୁସ୍ତକ, ପୃଷ୍ଠା- ୩୮୨)*

### ହଜ୍‌ରତ୍ ମୁହମ୍ମଦ ଏବଂ ହଜ୍‌ରତ୍ ମସିହଙ୍କର ପଦମର୍ଯ୍ୟାଦାରେ ବିରାଟ ପ୍ରାଥକ୍ୟ: ଏକ ଚମତ୍କାର ତୁଳନା

ପୂଣ୍ୟଶ୍ଲୋକ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହିଛନ୍ତି:

"ଯେତେବେଳେ ଆମେ ହଜ୍‌ରତ୍ ମସିହ ଏବଂ ନବୀ ଶ୍ରେଷ୍ଠଙ୍କ ମଧ୍ୟରେ ଏହି ବିଷୟରେ ମଧ୍ୟ ତୁଳନା କରୁଛେ ଯେ ସାମ୍ପ୍ରତିକ ସରକାର ସେମାନଙ୍କ ସହିତ କିପରି ବ୍ୟବହାର କଲା ଏବଂ କେଉଁ ଧରଣର ସେମାନଙ୍କ ଦୈବୀ ପ୍ରତାପ ବା ଐଶି ସମର୍ଥନ ପ୍ରଭାବ ଦେଖାଇଲା, ସେତେବେଳେ ଆମକୁ ସ୍ୱୀକାର କରିବାକୁ ପଡ଼ିଥାଏ ଯେ ହଜ୍‌ରତ୍ ଯୀଶୁ ମସିହଙ୍କ ଠାରେ ତାଙ୍କ ଅପେକ୍ଷା ପବିତ୍ର ନବୀ ଶ୍ରେଷ୍ଠ ମୁହମ୍ମଦ ସ:ଆ:ସ ଈଶ୍ୱରୀୟ ପରକାଷ୍ଠା କ'ଣ ତାଙ୍କ ଅବତାରତ୍ୱର ମହିମା ମଧ୍ୟ ଦେଖିବାକୁ ମିଳେନାହିଁ ।

କିନ୍ତୁ ବିପରୀତ ପକ୍ଷେ ଅନ୍ୟ ଏକ ଦୁଷ୍ଟ ଓ ଦୁର୍ଦ୍ଧାନ୍ତ ଇରାନର ବାଦଶାହ ଆଦେଶ ବାହକ କ୍ରୋଧରେ ଆସି ମହାଭାଗଙ୍କୁ ଧରିବା ପାଇଁ ସିପାହୀ ପଠାଇଦେଲା । ସଂଧ୍ୟା କାଳରେ ସେ ଉପସ୍ଥିତ ହୋଇ ଗିରଫଦାରୀର ଆଦେଶ ଦେଖାଇବାରୁ ମହାଭାଗ ସ:ଆ:ସ ସେହି କୁତ୍ସିତ କଥା ପ୍ରତି ଧ୍ୟାନ ନ ଦେଇ କହିଲେ, ତୁମେ ଇସ୍‌ଲାମ୍ ଗ୍ରହଣ କର । ସେତେବେଳେ ତାଙ୍କ ପାଖରେ ଦୁଇ ଚାରିଜଣ ଅନୁଚର ମସ୍‌ଜିଦ୍‌ରେ ବସିଥିଲେ । କିନ୍ତୁ ତେଜସ୍ୱି ପ୍ରତାପ ଦେଖି ସେହି ଦୁଇ ଜଣ ଭୟରେ ଥରହର ହୋଇ କାମ୍ପୁଥିଲେ । ଶେଷରେ ସେମାନେ କହିଲେ, ଆମମାନଙ୍କ ଖୁଦାଓ୍ୱନ୍ଦ (ତ୍ରାଣକର୍ତା ଭଗବାନ)ଙ୍କ ଏହି ହୁକୁମ ଉପରେ ମଣିମାଙ୍କର କ'ଣ ଉତର ଅଛି, ଯାହାକୁ ଆମେ ଘେନି ଯିବୁ ? ତହୁଁ ମୁହମ୍ମଦ ସ:ଆ:ସ କହିଲେ, ଏହାର ଉତର କାଲି ତୁମକୁ ମିଳିବ । ସକାଳେ ପୁଣି ହାଜର ହେବାରୁ ମହାଭାଗ ସ:ଆ:ସ କହିଲେ, ସେ ତୁମର ଖୁଦାଓ୍ୱନ୍ଦ ନୁହନ୍ତି । ଖୁଦାଓ୍ୱନ୍ଦ ସିଏ ଯାହା ଉପରେ କେବେ ମୃତ୍ୟୁ ଆସେନାହିଁ ଓ ସେ ଅବିନାଶି । କିନ୍ତୁ ତୁମ ଖୁଦାଓ୍ୱନ୍ଦ ଆଜି ରାତିରେ ମରି ଯାଇଛି । ମୋହର ସତ୍ୟ ଖୁଦାଓ୍ୱନ୍ଦ ତାହାରି ପୁଅ ଶେରୋୟା ଦ୍ୱାରା ତାକୁ ପରାସ୍ତ କରି ଦେଇଛନ୍ତି, ତେଣୁ ଆଜି ରାତିରେ ତା' ହାତରେ ତାକୁ ହତ୍ୟା କରାଯାଇଛି । ଏହା ହିଁ ହେଉଛି ମୋର ଉତର ।

ସୁତରାଂ ଏହା ଏକ ଅଲୌକିକ ନିଦର୍ଶନ ଥିଲା । ଏହାକୁ ଦେଖି ସେହି ଦେଶର ହଜାର ହଜାର ଲୋକ ଇସ୍‌ଲାମ୍ ଉପରେ ବିଶ୍ୱାସ ସ୍ଥାପନ କଲେ । କାରଣ ସେହି ରାତିରେ ହିଁ ପ୍ରକୃତରେ ସେହି ବାଦଶାହ ମୃତ୍ୟୁ ଲାଭ କରିଥିଲା । ମନେ ରଖିବା ଉଚିତ ଯେ ଏହି ବର୍ଣ୍ଣନା ବାଇବେଲର ଆଦି ଅନ୍ତ ନଥିବା କୌଣସି ଅବାସ୍ତବ କଥା ନୁହେଁ, ବରଂ ହଦିସ ଗ୍ରନ୍ଥ ଓ ଇତିହାସର ପ୍ରାମାଣିକ ତଥ୍ୟ ଉପରେ ଆଧାରିତ ସତ୍ୟ ଘଟଣା, ଯାହାକୁ ବିରୁଦ୍ଧାଚରଣ ଗୋଷ୍ଠୀ ମଧ୍ୟ ସ୍ୱୀକାର କରିଛନ୍ତି । ସୁତରାଂ ଡ଼ିୟୋନ ପ୍ରୋଟ ସାହେବ ଏହି ଘଟଣାକୁ ନିଜ ପୁସ୍ତକରେ ଲିପିବଦ୍ଧ କରିଛନ୍ତି । କିନ୍ତୁ ସେ ସମୟରେ ବାଦ୍‌ଶାହମାନଙ୍କ ସାମ୍‌ନାରେ ଯୀଶୁଙ୍କର ଯେଉଁ ସମ୍ମାନ ରହିଥିଲା, ତାହା ଆପଣଙ୍କୁ ଅଛପା ନାହିଁ । ସେହି ଉପାଖ୍ୟାନ ବୋଧ ହୁଏ ଏ ପର୍ଯ୍ୟନ୍ତ ଇଞ୍ଜିଲ୍‌ରେ ବିଦ୍ୟମାନ ଅଛି, ଯହିଁରେ ଲେଖା ଯାଇଛି ରାଜା ହିରୋଡ଼ିସ୍ ଯୀଶୁଙ୍କୁ ଅପରାଧୀଙ୍କ ପରି ଗଭର୍ଣ୍ଣର ପୋଂଟିଅସ୍ ପିଲାଟଙ୍କ ନିକଟକୁ ଚାଲାଣ କରିଥିଲା ଏବଂ ସେ ଏକ ଲମ୍ବା ଅବଧି ପର୍ଯ୍ୟନ୍ତ ରାଜ କାରାଗାରରେ ବନ୍ଦୀ ହୋଇ ରହିଲେ । କୌଣସି ଐଶ୍ୱରିକ ସାହାଯ୍ୟ ଗଲା ନାହିଁ କିମ୍ବା କୌଣସି ରାଜା ଏହା କହିଲେ ନାହିଁ ଯେ ମୋର ଏହା ପରମ ସୌଭାଗ୍ୟ ହେବ ଯଦି ମୁଁ ଏହାଙ୍କର ସେବାରେ ନିୟୋଜିତ ରହିବି ଓ ତାଙ୍କର ପାଦ ଧୌତ କରି କାଳାତିପାତ କରିବି । ବରଂ ପିଲାଟ ଯୀଶୁଙ୍କୁ ଇହୁଦୀମାନଙ୍କ ପାଖରେ ନ୍ୟସ୍ତ କରିଦେଲେ । କ'ଣ ଏହା ଈଶ୍ୱରତ୍ୱର ଦାବୀ ? ବଡ଼ ଅଦ୍ଭୁତ ପ୍ରତିଦ୍ୱନ୍ଦିତା ! ଦୁଇ ଜଣଙ୍କ ପାଇଁ ଏକା ପ୍ରକାରର ଘଟଣା ଘଟିଲା, ଅଥଚ ଏହାର ଫଳାଫଳ ଜଣେ ଅନ୍ୟ ଠାରୁ ସମ୍ପୁର୍ଣ୍ଣ ରୂପେ ଭିନ୍ନ ସାବ୍ୟସ୍ତ ହେଲା ।"

*(ଉଦ୍ଧୃତ ପୁସ୍ତକ, ପୃଷ୍ଠା- ୩୮୪)*

### ସେହି ହଦିସ୍ ଯହିଁରେ କୈସର ସମ୍ରାଟ ପାଦ ପ୍ରକ୍ଷାଳନ କରିବାର ଇଚ୍ଛା ପ୍ରକାଶ କରିଥିଲେ

ପୂଣ୍ୟଶ୍ଲୋକ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହିଛନ୍ତି:

"ଯଦି ଏହା କୁହ ଯେ ପାଦ ପ୍ରକ୍ଷାଳନ କରିବା ସମ୍ବନ୍ଧୀୟ ରୋମ ସମ୍ରାଟଙ୍କ ସଦିଚ୍ଛା କେଉଁ ହଦିସ୍‌ରେ ଲେଖା ହୋଇଛି, ତାହାର ଉତରରେ ମୁଁ ଆପଣଙ୍କ ପାଇଁ ନିର୍ଭୁଲ ତଥ୍ୟ ସମ୍ବଳିତ ହଦିସ ପୁସ୍ତକ 'ସହି ବୁଖାରୀ'ର ଆରବୀ ପଂକ୍ତି ଲେଖୁଛି, ଟିକିଏ ଆଖି ଖୋଲି ପଢ଼ ଏବଂ ତାହା ହେଉଛି ଏହିପରି:


**ଓ୍ୱ କଦ କୁନ୍‌ତୁ ଆଲମୁ ଅନ୍‌ନହୁ ଖାରିଜୁମ ଓ୍ୱ ଲମ ଅକୁ ଅଜୁନ୍ନୁ ଅନ୍‌ନହୁ ମୀନକୁମ୍ ଫଲୌ ଅନ୍‌ନି ଆଲମୁ ଅନ୍‌ନି ଅଖଲୁସୁ ଇଲୈହି ତଜଶଶମତୁ ଲିକାଅହୁ କୁନ୍‌ତୁ ଇନ୍‌ଦହୁ ଲଗସଲତୁ ଅନ କଦମୈହି**

ଅର୍ଥାତ "ଏହା ତ ମୋତେ ଜଣାଥିଲା ଯେ ଅନ୍ତିମ ଯୁଗର ନବୀଙ୍କର ଆଗମନ ହେବ, ମାତ୍ର ମୋତେ ଏହି ସମ୍ବାଦ ପ୍ରାପ୍ତ ହୋଇନଥିଲା ଯେ ସେ ତୁମମାନଙ୍କ ମଧ୍ୟରୁ ହିଁ (ହେ ଆରବର ଅଧିବାସୀ) ଜନ୍ମ ଗ୍ରହଣ କରିବ । ସୁତରାଂ ଯଦି ମୁଁ ତାଙ୍କ ସେବାରେ ପହଂଚି ପାରନ୍ତି, ତେବେ ମୁଁ ଏହି ପ୍ରୟାସ କରନ୍ତି ଯେ ମୋତେ ତାଙ୍କର ଦର୍ଶନ ଲାଭ ହେଉ । ଯଦି ମୁଁ ତାଙ୍କର ସେବାରେ ଉପସ୍ଥିତ ହୁଅନ୍ତି, ତେବେ ମୁଁ ତାଙ୍କ ପାଦ ଧୌତ କରିବାରେ ଲାଗିଥାନ୍ତି । ଏବେ ଯଦି ତୁମର କିଛି ଲଜ୍ୟା ସରମ ଅଛି, ତା'ହେଲେ ମସିହଙ୍କ ସକାଶେ ଏହି ଭକ୍ତିପୂତ ପ୍ରଣତି ଜଣାଇବା କୌଣସି ତତ୍‌କାଳୀନ ବାଦ୍‌ଶାହଙ୍କ ନିକଟରୁ ଉପସ୍ଥାପନ କରି ଏବଂ ନଗଦ ଏକ ହଜାର ଟଙ୍କା ଆମ ଠାରୁ ନେଇ ଯାଅ । ଏବଂ କୌଣସି ଆବଶ୍ୟକ ନାହିଁ ଯେ ଇଞ୍ଜିଲ୍‌ରୁ ହିଁ ଦିଅ, ବରଂ କୌଣସି ଅପରିଷ୍କାର ହୋଇ ପଡ଼ିଥିବା ତାଳପତ୍ର ପୋଥି ମଧ୍ୟ କାଢ଼ି ଦେଖାଇ ଦିଅ । ଯଦି କୌଣସି ରାଜା କିମ୍ବା ଅମୀର ନାହାନ୍ତି, ତେବେ କେଉଁ କ୍ଷୁଦ୍ର ନବାବର ଦୃଷ୍ଟାନ୍ତ ପେଶ କରିଦିଅ । ମନେରଖ କଦାପି ତାହା କରିପାରିବ ନାହିଁ । ସୁତରାଂ ଏହି ଅପରାଧିକ ଶାସ୍ତି କେଉଁ ନର୍କ ଯନ୍ତ୍ରଣାର ଶାସ୍ତି ଠାରୁ ମଧ୍ୟ କମ ନୁହେଁ ଯେ ନିଜେ ହିଁ ନିଜ କଥା ଉଠାଇ ପୁଣି ନିଜେ ହିଁ ଅପରାଧୀ ହୋଇଗଲ । ସାବାସ ! ସାବାସ ! ସାବାସ ! ଖୁବ୍ ପାଦ୍ରୀ ତୁମେ !!!"

*(ଉଦ୍ଧୃତ ପୁସ୍ତକ, ପୃଷ୍ଠା- ୩୮୬)*

*ଆଲେଖ୍ୟ: ମନ୍‌ସୁର୍ ଅହେମଦ୍ ମସ୍‌ରୁର୍*
*ଅନୁବାଦକ: ଇଂ ରୌଶନ୍ ଖାନ୍, କେରଙ୍ଗ (ଓଡ଼ିଶା)*

## ଆମେମାନେ ନିଜର ପ୍ରିୟତମ ମୁନିବଙ୍କୁ ନିଜ ସକାଶେ ସଦାସର୍ବଦା ଉତ୍ତମ ଆଦର୍ଶ କରି ରଖିବୁ




ହଜରତ ଖଲିଫତୁଲ ମସିହ ତୃତୀୟ[ରହ] କହିଛନ୍ତି :

"ଆମେମାନେ ପବିତ୍ର ଅବତାର[ସଅ]ଙ୍କୁ ଆପଣା ପଥ ପ୍ରଦର୍ଶକ ଓ ଆଧ୍ୟାତ୍ମିକ ଗୁରୁ ରୂପେ ଗ୍ରହଣ କରିଅଛୁ ଏବଂ ନିଜର ଦୟାମୟ ପାଳନକର୍ତ୍ତାଙ୍କ ଅଧୀନରେ ଓ ତାହାଙ୍କ ସାନିଧ୍ୟ ତଥା ପ୍ରସନ୍ନତା ପ୍ରାପ୍ତି ସକାଶେ ଏହି ପଣ କରିଛୁ ଯେ ଆମେ ନିଜର ପ୍ରିୟତମ ମୁନିବ ମୁହମ୍ମଦ ରସୁଲୁଲ୍ଲାହ[ସଅ]ଙ୍କୁ ନିଜ ସକାଶେ ସଦାସର୍ବଦା ଉତ୍ତମ ଆଦର୍ଶ କରି ରଖିବୁ ଏବଂ ସେହି ରଙ୍ଗରେ ନିଜର ସ୍ୱଭାବକୁ ରଙ୍ଗାୟିତ କରିବା ତଥା ନିଜ ଜୀବନରେ ପ୍ରତିଫଳିତ କରିବା ପାଇଁ ପ୍ରୟାସ ଜାରି ରଖିଥିବୁ । ଏହି ରଙ୍ଗକୁ ହିଁ ଅଲ୍ଲାହତାଲା ମୁହମ୍ମଦ ରସୁଲୁଲ୍ଲାହଙ୍କର ଆଦର୍ଶ ଗୁଣରେ ବିଭୂଷିତ କରିଥିଲେ ଏବଂ ଏହା ହିଁ ଐଶ୍ୱରିକ ଗୁଣାବଳୀ ସମ୍ପନ୍ନ ଜ୍ୟୋତିର ଉତ୍ତମ ରଙ୍ଗ ଥିଲା ।"

(ଖୁତବା ଜୁମା 24 ଫେବୃୟାରୀ 1967, 'ଖୁତବାତେ ନାସିର' ପ୍ରଥମ ଖଣ୍ଡ, ପୃଷ୍ଠା 584ରୁ

## ଜଗତର ଅନ୍ୟ କୌଣସି ଜ୍ୟୋତି ତାହାଙ୍କ ସମକ୍ଷରେ ଚମକି ଉଠିବାର ଦୁଃସାହସ କରିବ ନାହିଁ



ହଜରତ ଖଲିଫତୁଲ ମସିହ ଚତୁର୍ଥ[ରହ] କହିଛନ୍ତି :

"ଯେପରିକି ପାର୍ଥିବ ବିଶ୍ୱର ବ୍ୟବସ୍ଥାରେ ସୂର୍ଯ୍ୟର ଦୃଷ୍ଟାନ୍ତ ରହିଛି, ତଦନୁରୂପ ଆଧ୍ୟାତ୍ମିକ ବ୍ୟବସ୍ଥାରେ ହଜରତ ମୁହମ୍ମଦ ମୁସ୍ତଫା[ସଅ]ଙ୍କର ଅସ୍ତିତ୍ୱ ବିଦ୍ୟମାନ । ତାହା ହେଉଛି ଈଶ୍ୱରଙ୍କ ଜ୍ୟୋତିର ସେହି ପରଦା, ଯାହାଠାରୁ ଅଧିକ ଉଜ୍ଜ୍ୱଳ ପରଦା ଆମ ପାର୍ଥିବ ବିଶ୍ୱର ମନୁଷ୍ୟକୁ ଦେଖାଦେଇ ନାହିଁ, ନା କେବେ ଦେଖାଦେଇ ପାରିବ । ତାହା ଏପରି ଉଜ୍ଜ୍ୱଳ ଜ୍ୟୋତିର ପରଦା ଯେ ଯେତେବେଳେ ପ୍ରକାଶମାନ ହୁଏ, ସେତେବେଳେ ପ୍ରତ୍ୟେକ ଜ୍ୟୋତିଧାରୀ ତାହା ସମ୍ମୁଖରେ ଲିଭି ଯାଏ । ନା ଚନ୍ଦ୍ରମାର ଅସ୍ତିତ୍ୱ ବାକି ରହେ ନା ନକ୍ଷତ୍ର ଚମକୁଥାଏ, ଏପରିକି ଜଗତର ଅନ୍ୟ କୌଣସି ଜ୍ୟୋତି ତାହା ସମକ୍ଷରେ ଚମକି ଉଠିବାର ଦୁଃସାହସ କରେ ନାହିଁ...... ଏହା ସେହି ଜ୍ୟୋତି ଯାହା ଆଡକୁ ଆମେ ସମଗ୍ର ସଂସାରକୁ ଡାକିବାକୁ ହେବ ଏବଂ ଏଥି ସକାଶେ ଆମକୁ ଅବ୍ୟାହତି ଦିଆଯାଇଛି |"

(ଖୁତବା ଜୁମା 1ମାର୍ଚ୍ଚ 1996, 'ଖୁତବାତେ ତାହିର' ଖଣ୍ଡ 15, ପୃଷ୍ଠା 160ରୁ ଉଦ୍ଧୃତ)

## ବାତାବରଣରେ ଏତେ ମାତ୍ରାରେ ଦରୁଦ ପ୍ରେରଣ, ସ୍ୱଚ୍ଛ ହୃଦୟର ସହିତ ବିଚ୍ଛୁରିତ କରାଯାଉ ଯେ ବାୟୁମଣ୍ଡଳର ପ୍ରତିଟି ଧୂଳିକଣା ଦରୁଦ ଦ୍ୱାରା ମହକି ଉଠିବ



ହଜରତ ଖଲିଫତୁଲ ମସିହ ପଞ୍ଚମ[ଅବ] କହିଛନ୍ତି :

"ଆମମାନଙ୍କର ମଧ୍ୟ କର୍ତ୍ତବ୍ୟ ହେଉଛି......ଯେ ନିଜର ପ୍ରାର୍ଥନାକୁ ଦରୁଦରେ ରୂପାନ୍ତରିତ କରିଦେବା ଏବଂ ବାତାବରଣରେ ଏତେ ମାତ୍ରାରେ ଦରୁଦ ପ୍ରେରଣ କରି (ହଜରତ ମୁହମ୍ମଦ[ସଅ]ଙ୍କ ପ୍ରତି ଆଶୀର୍ବାଦ ସୂଚକ କ୍ଷମାଯାଚନା) ସ୍ୱଚ୍ଛ ହୃଦୟର ସହିତ ବିଚ୍ଛୁରିତ କରିଦେବା ଯେ ବାୟୁମଣ୍ଡଳର ପ୍ରତିଟି ଧୂଳିକଣା ମହକି ଉଠିବ ଏବଂ ଆମର ସମସ୍ତ ପ୍ରାର୍ଥନା ଦରୁଦ ବଳରେ ଈଶ୍ୱରଙ୍କ ଦରବାରରେ ପହଞ୍ଚି ଗୃହୀତ ହେବା ସ୍ତରକୁ ପ୍ରାପ୍ତ କରିବ । ଏହା ହେଉଛି ସେହି ପ୍ରେମ ଓ ଆସକ୍ତିର ପ୍ରଦର୍ଶନ, ଯାହା ଆମମାନଙ୍କ ପକ୍ଷେ ହଜରତ ମୁହମ୍ମଦ[ସଅ]ଙ୍କ ବ୍ୟକ୍ତିତ୍ୱ ପ୍ରତି ଏବଂ ତାହାଙ୍କ ଅନୁଗାମୀମାନଙ୍କ ସହିତ ରହିବା ଉଚିତ ।"

(ଖୁତବା ଜୁମା 24 ଫେବୃଆରୀ 2006, ସମ୍ବାଦପତ୍ର ବଦର 13 ଏପ୍ରିଲ 2006)

EDITOR
Qamarul Haque Khan
SUB EDITOR
Maqsood Ali Khan (M.A.)
Mob (91+) 9437128786
e-mail:odiabadar@gmail.com

Registered with the Registrar of the Newspapers for India at no PUNODI/2016/68750

ସାପ୍ତାହିକ ବଦର Weekly BADAR Qadian
କାଦିୟାନ Qadian - 143516 Distt. Gurdaspur (Pb.) INDIA
Vol.06 Thursday 30 September - 7 October 2021 Issue 39-40

MANAGER
SHAIKH MUJAHID AHMAD
Mobile : +91 99153 79255
e -mail:managerbadrqnd@gmail.com

SUBSCRIPTION
ANNUAL: Rs. 575
(Per issue : Rs.9/-)
(Weight : 20-50 gms/issue)

### ପ୍ରତିଶ୍ରୁତ ମସିହ ଓ ଅଙ୍ଗୀକୃତ ମେହଦୀ[ଅସ]ଙ୍କ ଦିବ୍ୟ କଥନ

## ସକଳ ଅବତାରଙ୍କ ଠାରୁ ଶ୍ରେଷ୍ଠ ହେଉଛନ୍ତି ସେହି ଅବତାର ଯେ କି ସମଗ୍ର ବିଶ୍ୱର ମହାନତମ ପୃଷ୍ଠପୋଷକ

ବାସ୍ତବିକତା ହେଉଛି ଯେ ସମସ୍ତ ଅବତାରଙ୍କ ମଧ୍ୟରେ ଶ୍ରେଷ୍ଠ ସେହି ଅବତାର, ଯିଏକି ବିଶ୍ୱର ମହାନତମ ଗୁରୁ ଓ ପୃଷ୍ଠପୋଷକ । ଅର୍ଥାତ ସେହି ପୁରୁଷ ଯାହାଙ୍କ ହାତରେ ଚରମ ବିଶୃଙ୍ଖଳିତ ବିଶ୍ୱର ସଂସ୍କାର ସମ୍ଭବ ହେଲା, ସେ ଦୁନିଆରୁ ବିଲୁପ୍ତ ଓ ଅପସାରିତ ହୋଇ ଯାଇଥିବା ଏକେଶ୍ୱରବାଦକୁ ପୁନର୍ବାର ଧରାପୃଷ୍ଠରେ ପ୍ରତିଷ୍ଠା କଲେ । ଯେଉଁ ମହାପୁରୁଷ ସମସ୍ତ ବାତିଲ ଧର୍ମକୁ ବଳିଷ୍ଠ ପ୍ରମାଣ ଦ୍ୱାରା ପରାଜିତ କରିବା ସଙ୍ଗେ ସଙ୍ଗେ ପ୍ରତ୍ୟେକ ବିପଥଗାମୀର ସନ୍ଦେହ ମୋଚନ କଲେ ଏବଂ ସକଳ ମିଥ୍ୟାବାଦୀର ଆଶଙ୍କା ଦୂର କଲେ ତଥା ମୋକ୍ଷପ୍ରାପ୍ତିର ଯଥାର୍ଥ ଉପାୟ..... ପ୍ରକୃତ ବିଧାନଗତ ଶିକ୍ଷାକୁ ଏକ ନୂତନ ଦିଗନ୍ତ ପ୍ରଦାନ କଲେ ।

(ବରାହିନେ ଅହମଦୀୟା, ଦ୍ୱିତୀୟ ଭାଗ, ରୁହାନି ଖଜାୟିନ, ଗ୍ରନ୍ଥ ଖଣ୍ଡ 1, ପୃଷ୍ଠା 97, ପାଦଟିକା 6)

## ଉଚ୍ଚ କୋଟିର ସ୍ୱଷ୍ଟବାଦୀ ଓ ସ୍ୱଚ୍ଛମନା ନବୀ

ମହାନୁଭବ ଥିଲେ ଉଚ୍ଚ କୋଟିର ସ୍ୱଷ୍ଟବାଦୀ ଓ ସ୍ୱଚ୍ଛମନା ତଥା ଈଶ୍ୱରଙ୍କ ପାଇଁ ପ୍ରାଣର ବାଜି ଲଗାଉଥିବା ସ୍ୱାଧୀନଚେତା ନବୀ । ସେ କେବଳ ଈଶ୍ୱରଙ୍କ ପ୍ରତି ଅତୁଟ ଭରସା ରଖୁଥିବା ବ୍ୟକ୍ତିତ୍ୱର ଅଧିକାରୀ ଥିଲେ । ଯିଏ ପୁଣି ଈଶ୍ୱରଙ୍କ ଇଚ୍ଛା ଓ ନିର୍ଦ୍ଦେଶରେ ପରିଚାଳିତ ହେବାର ସମର୍ପିତ ଓ ଉତ୍ସର୍ଗୀକୃତ ଭାବନା ରଖିଥିବା ଯୋଗୁଁ ସେହି ପରିଣାମ ପ୍ରତି କୌଣସି ଭ୍ରୂକ୍ଷେପ କଲେ ନାହିଁ ଯେ ଏକେଶ୍ୱରବାଦର ଘୋଷଣା କରିବା ଦ୍ୱାରା ମୋ ଉପରେ କିଭଳି ବିପତ୍ତି ମାଡି ଆସିବ ଏବଂ ମୁଶରିକ(ମୂର୍ତ୍ତିପୂଜକ)ମାନଙ୍କ ହାତରେ ମୋତେ କାହିଁ କେତେ ଯେ ଦୁଃଖ ଯନ୍ତ୍ରଣା ଭୋଗ କରିବାକୁ ପଡିବ । (ବରାହୀନେ ଅହମଦୀୟା, ଦ୍ୱିତୀୟ ଭାଗ, ରୁହାନି ଖଜାୟିନ, ଗ୍ରନ୍ଥ ଖଣ୍ଡ 1, ପୃଷ୍ଠା 111)

## ଏହି ଆରବ ଦେଶୀୟ ନବୀ ଯାହାଙ୍କ ନାମ ମୁହମ୍ମଦ ସେ କେତେ ଉଚ୍ଚ ପଦମର୍ଯ୍ୟାଦା ସମ୍ପନ୍ନ ଅବତାର !

ଏହି ଆରବ ଦେଶୀୟ ରସୁଲ ଯାହାଙ୍କ ନାମ ମୁହମ୍ମଦ[ସଅ] ତାଙ୍କୁ ମୁଁ ସର୍ବଦା ବିସ୍ମୟକର ଦୃଷ୍ଟିରେ ଦେଖେ, (ସହସ୍ର ସହସ୍ର ଶାନ୍ତି ଓ ଆଶିଷ ତାଙ୍କରି ଉପରେ ବିରାଜିତ ହେଉ) ସତରେ ସେ କେତେ ଉଚ୍ଚକୋଟୀର ରସୁଲ ଥିଲେ ! ତାଙ୍କ ସ୍ଥିତିର ସର୍ବଶେଷ ସୀମାକୁ କେହି ଅନୁମାନ କରିପାରିବେ ନାହିଁ । କିନ୍ତୁ ତାଙ୍କର ମହତ୍ତ୍ୱ ପ୍ରଦାନକାରୀ ସେହି ଉତ୍ତୁଙ୍ଗ ପଦମର୍ଯ୍ୟାଦାକୁ ଉପଯୁକ୍ତ ସ୍ୱୀକୃତି ପ୍ରଦାନ କରାଯାଇ ନାହିଁ । ସେହି ମହାବିଜୟୀ ଯୋଦ୍ଧାଙ୍କ ଦ୍ୱାରା ଧରାପୃଷ୍ଠରୁ ଅଦୃଶ୍ୟ ହୋଇ ଯାଇଥିବା ଏକେଶ୍ୱରବାଦକୁ ପୁନଃ ପ୍ରତିଷ୍ଠିତ କରାଯାଇଛି । ସେ ଖୁବ୍ ଗଭୀର ଭାବରେ ଅଲ୍ଲାଃଙ୍କୁ ପ୍ରେମ କରୁଥିଲେ ଓ ସେହିଭଳି ମାନବଜାତି ପାଇଁ ତାଙ୍କର ପ୍ରାଣ କରୁଣାରେ ଜର୍ଜରିତ ହେଉଥିଲା । ସେଥିଲାଗି ଅଲ୍ଲାଃ ଯେ କି ତାଙ୍କ ହୃଦୟରେ ଲୁକ୍କାୟିତ ସଦ୍‌ଗୁଣାବଳୀ ସମ୍ବନ୍ଧରେ ସମ୍ପୂର୍ଣ୍ଣ ଅବହିତ ଥିଲେ, ସେ ତାଙ୍କୁ ସମସ୍ତ ରସୁଲଙ୍କ ଉପରେ ତଥା ଅତୀତ ଓ ଭବିଷ୍ୟତର ସମସ୍ତ ଲୋକଙ୍କ ଉପରେ ଶ୍ରେଷ୍ଠତା ପ୍ରଦାନ କରିଥିଲେ ଏବଂ ତାଙ୍କ ଜୀବଦ୍ଦଶା ମଧ୍ୟରେ ତାଙ୍କ ଆନ୍ତରିକ ଇଚ୍ଛାକୁ ପୂରଣ କରିଥିଲେ ।

(ହକିକତୁଲ ଓହି, ରୁହାନି ଖଜାୟିନ, ଗ୍ରନ୍ଥ ଖଣ୍ଡ 22, ପୃଷ୍ଠା 118)

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab.
And published at office of Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor : Qamrul Haque Khan